# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୧୭/୨୦୨୪ (୨୦ ପୃଷ୍ଠା) | Bhubaneswar, Wednesday, July 17/2024 | Page 20 | ₹ 7.00

୫୦ଶ ଭାଗ ୨୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 | ISSUE 233 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ୧୮ରେ ଖୋଲିବ ଭିତର ରତ୍ନଭଣ୍ଡାର

ପୁରୀ,୧୬।୭
(ଅଜିତ୍ କୁମାର ମହାନ୍ତି)

## ଅଳଙ୍କାର ସ୍ଥାନାନ୍ତର ପରେ ରତ୍ନଭଣ୍ଡାର ମରାମତି ହେବ



ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଉପରୁ ଖୁବଶୀଘ୍ର ରହସ୍ୟ ହଟିବାକୁ ଯାଉଛି। ଦ୍ୱିତୀୟ ଥର ପାଇଁ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଆସନ୍ତା ୧୮ ତାରିଖରେ ଖୋଲିବାକୁ ଯାଉଥିବା ନେଇ ମଙ୍ଗଳବାର ରତ୍ନଭଣ୍ଡାର ତଦାରଖ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ଗୁରୁବାର ସକାଳ ୯ଟା ୫୧ରୁ ମଧ୍ୟାହ୍ନ ୧୨ଟା ୧୫ ମଧ୍ୟରେ ଶୁଭ ମୁହୂର୍ତ୍ତ ରହିଛି। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲାଯିବ। ଏଥିପାଇଁ ପୂର୍ବଭଳି ସମାନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁୟର (ଏସ୍ଓପି) ଲାଗୁ ହେବ। ଭିତର ରତ୍ନଭଣ୍ଡାର ଖୋଲାଯିବାର ଏକଘଣ୍ଟା କିମ୍ବା ଦେଢ଼ ଘଣ୍ଟା ପୂର୍ବରୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ଦର୍ଶନ ଉପରେ କଟକଣା ଜାରି କରାଯିବ ବୋଲି ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ସୂଚନା ଦେଇଛନ୍ତି।

ଭିତର ରତ୍ନଭଣ୍ଡାର ଖୋଲିବା ନେଇ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ରଥ ଅଧ୍ୟକ୍ଷତା କରିଥିବାବେଳେ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ, ଦୀର୍ଘ ୪୬ବର୍ଷ ପରେ ଜୁଲାଇ ୧୪ରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ୧୧ ଜଣିଆ କମିଟି ସଦସ୍ୟ ପ୍ରଥମେ ବାହାର ରତ୍ନଭଣ୍ଡାର ଖୋଲି ଅଳଙ୍କାରଗୁଡ଼ିକୁ ଅନୁଧ୍ୟାନ କରିଥିଲେ। ପରେ ଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଭିତର ରତ୍ନଭଣ୍ଡାର ତାଲା ଭଙ୍ଗାଯାଇଥିଲେ ମଧ୍ୟ ସମୟ ଅଭାବରୁ ଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତର କରାଯାଇପାରି ନ ଥିଲା। ଭିତର ରତ୍ନଭଣ୍ଡାର ତାଲା ନ ଖୋଲିବାରୁ ଏସ୍ଓପି ଅନୁଯାୟୀ ତାଲା କଟାଯାଇ ନୂତନ ତାଲା ପକାଇ ସିଲ୍ କରି କମିଟି ☞ ପୃଷ୍ଠା-୨

## ଆଜି ସୁନାବେଶ

ପୁରୀ,୧୬।୭
(ଅଜିତ୍ କୁମାର ମହାନ୍ତି)

ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ବୁଧବାର ରଥ ଉପରେ ମହାପ୍ରଭୁଙ୍କ ଅନନ୍ୟ ସୁନାବେଶ, ରାଜରାଜେଶ୍ୱର ବେଶ ତଥା ବଡ଼ତଡ଼ାଉ ବେଶ ଅନୁଷ୍ଠିତ ହେବ। ଏହି ପବିତ୍ର ତିଥିରେ ରଥାରୂଢ଼ ଚତୁର୍ଦ୍ଧାବିଗ୍ରହମାନେ ମହଣ ମହଣ ସୁନାରେ ସଜେଇ ହେବେ। ଶ୍ରୀବିଗ୍ରହମାନଙ୍କ ଦୁର୍ଲ୍ଲଭ ସୁନାବେଶ ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ସୂଚନା ଅନୁଯାୟୀ, ରଥ ଉପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ☞ ପୃଷ୍ଠା-୨

## ୨୨ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା

### ୮୩ କେନ୍ଦ୍ରରେ ପରୀକ୍ଷା ଦେବେ ୯୭୨ ପରୀକ୍ଷାର୍ଥୀ

କଟକ,୧୬।୭ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା ଆସନ୍ତା ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟରୁ ମୋଟ୍ ୯୭୨ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି। ଏଥିପାଇଁ ୮୩ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡର ୱେବ୍‌ସାଇଟ୍ www.bseodisha.ac.inରେ ଉପଲବ୍ଧ ହୋଇଛି।

ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ସପ୍ଲିମେଣ୍ଟାରି ପରୀକ୍ଷା ଗୋଟିଏ ସିଟିଂରେ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ। ପ୍ରତିଦିନ ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ରେ ଶେଷହେବ। କେବଳ ଗଣିତ ପରୀକ୍ଷା ପାଇଁ ଅଧିକ ୧୫ ମିନିଟ୍ ସମୟ ଦିଆଯିବ ଅର୍ଥାତ୍ ସେହିଦିନ ପୂର୍ବାହ୍ନ ୧୧ଟା ୪୫ରେ ପରୀକ୍ଷା ଶେଷହେବ। ଆସନ୍ତା ୨୨ ତାରିଖରେ ପ୍ରଥମ ଭାଷା ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ ପରୀକ୍ଷା ହେବ। ସେହିପରି ୨୪ରେ ଦ୍ୱିତୀୟ ଭାଷା ଇଂଲିଶ, ହିନ୍ଦୀ, ପରିବେଶ ଓ ଜନସଂଖ୍ୟା ଶିକ୍ଷା(କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ), ୨୬ରେ ସାଧାରଣ ବିଜ୍ଞାନ, ୨୮ରେ ତୃତୀୟ ଭାଷା ଭିଜୁଆଲ୍ ଆର୍ଟ(ପ୍ରାକ୍ଟିକାଲ), ୨୯ରେ ଗଣିତ, ୩୦ରେ ସାମାଜିକ ବିଜ୍ଞାନ, ୩୧ ତାରିଖରେ ତୃତୀୟ ଭାଷା ହିନ୍ଦୀ, ଓଡ଼ିଆ, ପାର୍ଶି, ସଂସ୍କୃତ, ଭିଜୁଆଲ ଆର୍ଟ ଥିଓରି(ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) ପରୀକ୍ଷା ହେବ। ଭିଜୁଆଲ ଆର୍ଟ ☞ ପୃଷ୍ଠା-୨

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ହେବ ୧୪ ହାଇସ୍କୁଲ

### ଏସ୍‌ଟି,ଏସ୍‌ସି ଉନ୍ନୟନ ବିଭାଗ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୭(ଅନିଲ ଦାସ)

ରାଜ୍ୟରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ୧୪ଟି ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ସ୍କୁଲରେ ପରିଣତ କରିବା ପାଇଁ ଅନୁମତି ମିଳିଛି। ଚଳିତ ବର୍ଷ ଅତିକମ୍‌ରେ ୧୦ଟି ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଡ୍ରପ୍‌ଆଉଟ ହାର କମାଇବା ପାଇଁ ଅଧିକ ହାଇସ୍କୁଲକୁ ଅପ୍‌ଗ୍ରେଡେଶନ କରାଇବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଲୋକସେବା ଭବନରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି। ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ହଷ୍ଟେଲଗୁଡ଼ିକରେ ପିଲାମାନଙ୍କ ଖାଦ୍ୟର ମାନ ବୃଦ୍ଧି,ସ୍ୱାସ୍ଥ୍ୟ, ସୁରକ୍ଷା ଓ ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ ଓ ସଚିବମାନେ ନିୟମିତ ଭାବେ ସ୍କୁଲ ଓ ହଷ୍ଟେଲଗୁଡ଼ିକ ପରିଦର୍ଶନ କରି ଏହାର ପରିଚାଳନା ପଦ୍ଧତି ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସବୁ ଆଦିବାସୀ ଅଞ୍ଚଳଗୁଡ଼ିକରେ ଥିବା ହଷ୍ଟେଲଗୁଡ଼ିକର ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ପରିବା ଚିନ୍ତା

### ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ର ଚୋରି କରିଥିବା ଇଞ୍ଜିନିୟର ଗିରଫ

ପୃଷ୍ଠା-୬






## ନୀତି ଆୟୋଗ ପୁନର୍ଗଠିତ

### ୧୫ କେନ୍ଦ୍ରମନ୍ତ୍ରୀ ସାମିଲ

ନୂଆଦିଲ୍ଲୀ,୧୬।୭

କେନ୍ଦ୍ରର ଏନ୍‌ଡିଏ ସରକାର ମଙ୍ଗଳବାର ନୀତି(ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ) ଆୟୋଗର ପୁନର୍ଗଠନ କରିଛନ୍ତି। ଏଥିରେ ଭାଜପା ଏବଂ ଏହାର ସହଯୋଗୀ ଦଳଗୁଡ଼ିକର ୧୫ ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ସାମିଲ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀତି ଆୟୋଗର ଅଧ୍ୟକ୍ଷ ରହିଛନ୍ତି। ଅର୍ଥନୀତିଜ୍ଞ ସୁମନ କେ. ବେରିଙ୍କୁ ନୂଆ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିବା ଏକ ସରକାରୀ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଏହି ସରକାରୀ ଥିଙ୍କ୍‌ଟ୍ୟାଙ୍କରେ ବୈଜ୍ଞାନିକ ଭି.କେ. ସାରସ୍ୱତ, କୃଷି ଅର୍ଥନୀତିଜ୍ଞ ରମେଶ ଚାନ୍ଦ, ଶିଶୁରୋଗ ବିଶେଷଜ୍ଞ ଭି.କେ. ପଲ୍ ଏବଂ ମାକ୍ରୋ ଇକୋନୋମିଷ୍ଟ ଅରବିନ୍ଦ ବିରମାନିଙ୍କୁ ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ରଖାଯାଇଛି। ସେହିପରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ପୁନର୍ଗଠିତ ନୀତି ଆୟୋଗର ଏକ୍ସ-ଅଫିସିଓ ସଦସ୍ୟ ରଖାଯାଇଛି। ☞ ପୃଷ୍ଠା-୧୧

## ଭାଲୁ ପଶିଯିବାରୁ ସ୍କୁଲ ଛୁଟି

ନନ୍ଦାହାଣ୍ଡି/ପାପଡ଼ାହାଣ୍ଡି, ୧୬।୭ (ପ୍ରତୀପ କୁମାର ଦାଶ/ ସ୍ୱପ୍ନଜିତ ପଟ୍ଟନାୟକ)


ଭାଲୁକୁ ବନ ବିଭାଗ ଅଧିକାରୀ ଟ୍ରାଙ୍କୁଲାଇଜ୍ କରି ଉଦ୍ଧାର କରୁଛନ୍ତି।

ନବରଙ୍ଗପୁର ଜିଲାରେ ଭାଲୁ ଆତଙ୍କ ଦେଖାଦେଇଛି। ବିଭିନ୍ନ କାରଣରୁ ଭାଲୁ ଏବେ ଜଙ୍ଗଲଛାଡ଼ି ଜନବସତି ମୁହାଁ ହେଉଛନ୍ତି। ସୋମବାର ବିଳମ୍ବିତ ରାତିରେ ପାପଡ଼ାହାଣ୍ଡି ଥାନାରେ ପଶି ଆତଙ୍କିତ କରିଥିବାବେଳେ ମଙ୍ଗଳବାର ନନ୍ଦାହାଣ୍ଡି ବ୍ଲକ ଦହଣା ସରକାରୀ ସ୍କୁଲରେ ଭାଲୁ ପଶିଥିଲା। ଫଳରେ ବିଦ୍ୟାଳୟ ବନ୍ଦ କରିବାକୁ ପଡ଼ିଛି। ପିଲାମାନେ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ସ୍କୁଲରେ ପାଚେରି ନ ଥିବାରୁ ବାରମ୍ବାର ଭାଲୁ ପଶୁଥିବା ଅଭିଯୋଗ ହେଉଛି। ତେଣୁ ତୁରନ୍ତ ପାଚେରି ନିର୍ମାଣ କରାଯାଉ ବୋଲି ଅଭିଭାବକ ଦାବି କରିଛନ୍ତି। ଦହଣା ସରକାରୀ ☞ ପୃଷ୍ଠା-୨







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏନ୍‌ସିଡିଏସ୍ ପକ୍ଷରୁ ୱାର୍କଶପ୍, ସ୍ଥାନ: ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେଶନ, ସମୟ: ପୂର୍ବାହ୍ନ ୧୦ଟା।
- ଫିଲ୍ମ 'ଭଗିଆ ଭାରିଯା'ର ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୁରୁ ଦେବପ୍ରସାଦ ଦାସଙ୍କ ୩୮ତମ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ପିପୁଲ୍‌ସ କଲଚରାଲ ସେଣ୍ଟରର ୩୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୪ଟା ୩୦।
- 'ଆମ ଓଡ଼ିଶା'ର ଅଷ୍ଟବିଂଶତିତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା ୩୦।
- ୮ମ ପରିପୂର୍ଣ୍ଣା ନାୟିକା ନୃତ୍ୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀପତିତପାବନ ଦେବଙ୍କ ରଥକୁ ପହଣ୍ଡିରେ ବିଜେ ଓ ସୁନା ବେଶ, ସ୍ଥାନ: ମାଉସୀ ମା' ମନ୍ଦିର ପରିସର, ବାଲିଅନ୍ତା ବ୍ଲକ, ସମୟ: ରାତି ୯ଟା ୩୦।

## ପୁରୀ

- ରଥାରୂଢ଼ ଶ୍ରୀଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରାଙ୍କ ସୁନାବେଶ, ସ୍ଥାନ: ଶ୍ରୀମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ମା'ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପୋଢ଼ାପାଟଣା ଓ ଜରିପଡ଼ା, ବୋଲଗଡ଼, ସମୟ: ପ୍ରାତଃ ୫ଟା।
- ଜାଗୃତି ଅନୁଷ୍ଠାନ ପକ୍ଷରୁ ପରିବେଶ ସଚେତନତା ଓ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭୁଆସୁଣୀ ମନ୍ଦିର, କୁମାରବସ୍ତ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ଭୁଆସୁଣୀ ମନ୍ଦିର, କୁମାରବସ୍ତ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ରେଲୱେ ଶ୍ରମିକ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ସଙ୍ଗଠନ ଓପେନ ଲାଇନ ବ୍ରାଞ୍ଚ, ରେଲୱେ ଗୋଲେଇ ମାର୍କେଟ, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମହରମ ଅବସରରେ ମାତମ ଶୋଭାଯାତ୍ରା, ସ୍ଥାନ: ବାଲିଛକ ମୁଣ୍ଡିଆସାହି, ଜଟଣୀ, ସମୟ: ଅପରାହ୍ନ ୧ଟା ୩୦।
- ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ସୁନାବେଶ, ସ୍ଥାନ: ଜାଗୁଲିପାଟଣା, ଖୋର୍ଦ୍ଧା ଉପକଣ୍ଠ, ସମୟ: ଅପରାହ୍ନ ୫ଟା।
- ମହାପ୍ରଭୁଙ୍କ ଲୀଳାକ୍ଷେତ୍ରର ଦଶମ ବାର୍ଷିକୋତ୍ସବ ଏବଂ ସୁନାବେଶ, ସ୍ଥାନ: ଗଡ଼ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମତଦାତା ଅଭିନନ୍ଦନ ସମାବେଶ, ସ୍ଥାନ: ମଞ୍ଜୁପ୍ଲାଜା, ନନ୍ଦିକା,ବାଇପାସ୍ ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାହୁଡ଼ା ଯାତ୍ରା ଉପଲକ୍ଷେ ଦ୍ୱିତୀୟ ଦିନର ରଥଟଣା, ସ୍ଥାନ: ଗୁଣ୍ଡିଚା ମନ୍ଦିର, ନୀଳଗିରି, ସମୟ: ଅପରାହ୍ନ ୩ଟା।
- ଏମ୍‌ବିଜେ ଷ୍ଟାର କ୍ଲବ ଓ ବିଏସ୍‌କେ କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ସାରସ୍ୱତ ସମାବେଶ ଓ ମୌସୁମୀ କବିତା ଆସର 'ମେଘମହ୍ଲାର', ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଲକ୍ଷ୍ମୀନାରାୟଣ ବନ୍ଦାପନା, ଅଧରପଣା, ଦକ୍ଷିଣାୟନ ବନ୍ଦାପନା, ରାଜାରାଜେଶ୍ୱରୀ ବେଶ, ନିଳାଦ୍ରୀ ବିଜେ, ମା' ଲକ୍ଷୀଙ୍କ ମାନଭଞ୍ଜନ, ରସୋଗଲା ଭୋଗ, ସ୍ଥାନ: ଜଗନ୍ନାଥ ମନ୍ଦିର, ନୀଳଗିରି, ସମୟ: ସନ୍ଧ୍ୟା ୭ଟା।
- ମହାପ୍ରଭୁଙ୍କ ଅଧରପଣା ନୀତି, ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ରାତି ୮ଟା ୩୦।

## ମୟୂରଭଞ୍ଜ

- ସାନି ଜଗନ୍ନାଥ ମହାପ୍ରଭୁଙ୍କ ରଥଟଣା, ସ୍ଥାନ: ଲାଲବଜାର ମାଉସୀମା' ମନ୍ଦିର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବଳିଆ ଟ୍ରଷ୍ଟ ପକ୍ଷରୁ ସଚେତନତା ସଭା, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥଟଣା, ସ୍ଥାନ: ଟାଉନ ଥାନା ସମ୍ମୁଖ, ବାରିପଦା, ସମୟ: ଅପରାହ୍ନ ୨ଟା ୩୦।
- ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ, ସ୍ଥାନ: ଚିତ୍ରଡ଼ା ଧର୍ମକ୍ଷେତ୍ର, ମୋରଡ଼ା, ସମୟ: ଅପରାହ୍ନ ୩ଟା।
- ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥଟଣା, ସ୍ଥାନ: ମାଉସୀମା' ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୪ଟା।
- ରଥରେ ଶ୍ରୀ ଜୀଉଙ୍କ ସୁନାବେଶ,ସ୍ଥାନ: ରାଇରଙ୍ଗପୁର, ସମୟ: ଅପରାହ୍ନ ୪ଟା।
- ମହାପ୍ରଭୁଙ୍କ ଲକ୍ଷ୍ମୀ ଭେଟ, ସ୍ଥାନ: ଦ୍ୱିତୀୟ ଶ୍ରୀକ୍ଷେତ୍ର, ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ନୀଳାଦ୍ରି ବିଜେ, ସ୍ଥାନ: ଦ୍ୱିତୀୟ ଶ୍ରୀକ୍ଷେତ୍ର, ବାରିପଦା, ସମୟ: ରାତି ୧୦ଟା ୩୦।

## ଭଦ୍ରକ

- ମହରମ ପର୍ବ ପାଳନ, ସ୍ଥାନ: ମଦିନା ମଇଦାନ, ଭଦ୍ରକ, ସମୟ: ସକାଳ ୯ଟା।
- ଲକ୍ଷ୍ମୀନାରାୟଣ ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- କାଫେଲା ଶୋଭାଯାତ୍ରା, ସ୍ଥାନ: ଭଦ୍ରକ ସହର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ବକୁଳି ମଠରେ ପୂଜାର୍ଚ୍ଚନା, ସ୍ଥାନ: ବାତୋ ଘସିପୁରା, ସମୟ: ସକାଳ ୬ ଟା।
- ସ୍ୱର ସାଧନା କଳା ପରିଷଦ ଅନୁଷ୍ଠାନ ଲୋକାର୍ପଣ, ସ୍ଥାନ: ଦେଓଗାଁ ଘସିପୁରା, ସମୟ: ପୂର୍ବାହ୍ନ ୧୦ ଟା।
- ମହାବୀର ସେବା ସଂଗଠନ ପକ୍ଷରୁ ଚାରାରୋପଣ, ସ୍ଥାନ: ଜଳସୁଆଁ ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ରଥ ଉପରେ ତିନି ଠାକୁରଙ୍କ ସୁନାବେଶ, ସ୍ଥାନ: ହରିହର ମନ୍ଦିର, ବଡବିଲ, ସମୟ: ସନ୍ଧ୍ୟା ୫ ଟା।

## ବ୍ରହ୍ମପୁର

- ଭଜନ ସମାରୋହ, ସ୍ଥାନ: ଗୋସାଇଁ ନୂଆଗାଁ ଜଗନ୍ନାଥ ମନ୍ଦିର ନିକଟ, ସମୟ: ସନ୍ଧ୍ୟା ୬ଟା ୩୦।
- ସୁନାବେଶ ଭଜନ ସମାରୋହ, ସ୍ଥାନ:ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିର, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ, ସ୍ଥାନ: ରଥ ଛକ, ରାୟଗଡ଼ା, ସମୟ: ସକାଳ ୭ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ସାଇପ୍ରିୟା ନଗର, ରାୟଗଡ଼ା, ସମୟ: ସକାଳ ୭ଟା ୩୦।
- ଭାରତୀୟ ମଜଦୁର ସଂଘ ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବିଏମ୍‌ଏସ୍ କାର୍ଯ୍ୟାଳୟ, ଜେକେପୁର, ସମୟ: ପୂର୍ବାହ୍ନ ୧୦ଟା।
- ରଥ ଉପରେ ମା' ଲକ୍ଷ୍ମୀଙ୍କ ଶ୍ରୀଜୀଉଙ୍କୁ ଦର୍ଶନ ଓ ବଚନିକା, ସ୍ଥାନ: ରଥ ଛକ, ରାୟଗଡା, ସମୟ: ରାତି ୯ଟା ୩୦।
- ପହଣ୍ଡି ପୂର୍ବକ ଚତୁର୍ଦ୍ଧାମୂର୍ତ୍ତିଙ୍କ ରତ୍ନବେଦିକୁ ଆଗମନ, ସ୍ଥାନ: ରଥରୁ ଶ୍ରଦ୍ଧା ଶ୍ରୀକ୍ଷେତ୍ର, ରାୟଗଡ଼ା, ସମୟ: ରାତି ୧୦ଟା।
- ମନ୍ଦିର ଭିତରେ ମା' ଲକ୍ଷ୍ମୀଙ୍କ ମହାପ୍ରଭୁ ଜଗନ୍ନାଥଙ୍କ ସହ ବଚନିକା, ସ୍ଥାନ: ଶ୍ରଦ୍ଧା ଶ୍ରୀକ୍ଷେତ୍ର, ରାୟଗଡ଼ା, ସମୟ: ରାତି ୧୧ଟା।

## କୋରାପୁଟ

- ଶାବର ଶ୍ରୀକ୍ଷେତ୍ରରେ ରଥ ଉପରେ ଶ୍ରୀ ଜୀଉଙ୍କ ସୁନାବେଶ, ସ୍ଥାନ: କୋରାପୁଟ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସନ୍ଧ୍ୟା ୬ ଟା। ଶ୍ରୀଜୀଉଙ୍କ ଅଧରପଣା, ସମୟ: ରାତି ୮ ଟା।

## ନବରଙ୍ଗପୁର

- ମହରମ ଉପଲକ୍ଷେ ଶୋଭାଯାତ୍ରା,ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୫ ଟା।
- ତିନି ଠାକୁରଙ୍କ ରଥ ଉପରେ ସୁନାବେଶ, ସ୍ଥାନ: ନବରଙ୍ଗପୁର, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପାଲି ଗୁଡେଶ୍ୱର ରାସ୍ତା, ସମୟ: ସକାଳ ୯ଟା ୩୦।
- ରଥରେ ସୁନାବେଶ, ସ୍ଥାନ: ମୁଦିପଡା ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ସକାଳ ୯ଟା ୩୦।
- ସରକାରୀ ମହିଳା ମହାବିଦ୍ୟାଳୟର ୬୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସରସ୍ଥ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ରଥାରୂଢ଼ ବ୍ରହ୍ମପୁରା ଠାକୁରଙ୍କ ସୁନାବେଶ, ସ୍ଥାନ: ଝାଡୁଆପଡା, ସମୟ: ସନ୍ଧ୍ୟା ୬ଟା।
- ରଥାରୂଢ଼ ଗୋପାଳଜୀ ଠାକୁରଙ୍କ ସୁନାବେଶ, ସ୍ଥାନ: ଧନୁପାଲି, ସମୟ: ସନ୍ଧ୍ୟା ୬ଟା।
- ରଥାରୂଢ଼ ମଦନଗୋପାଳ ଠାକୁରଙ୍କ ସୁନାବେଶ, ସ୍ଥାନ: ସାକ୍ଷୀଗୋପୀନାଥ ପଡା, ସମୟ: ସନ୍ଧ୍ୟା ୬ଟା।
- ରଥାରୂଢ଼ ଠାକୁରଙ୍କ ସୁନାବେଶ, ସ୍ଥାନ: କ୍ଷେତରାଜପୁର, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ସୁବର୍ଣ୍ଣପୁର

- ସଫେଇ ଅଭିଯାନ, ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ସକାଳ ୯ଟା।
- ସୋନପୁର ଗଡଭିତର ବଡ ଜଗନ୍ନାଥଙ୍କ ରଥଟଣା, ସ୍ଥାନ: ଦୁର୍ଗା ମଣ୍ଡପ ସମ୍ମୁଖ, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ଚକ୍ଷୁ ଡାକ୍ତରଖାନା ଉଦ୍‌ଘାଟନ, ସ୍ଥାନ: ତାଲପାଲି, ଗାଇସିଲେଟ, ସମୟ: ସକାଳ ୯ଟା।
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜଗଡ଼ସ୍ଥିତ ଅଙ୍କିତା ନର୍ସରୀ, ପାଇକମାଳ, ସମୟ: ସକାଳ ୯ଟା।
- ଧନ୍ୱନ୍ତରୀ ଭେଷଜ ଉଦ୍ୟାନ, ବାବା ବାଲୁଙ୍କେଶ୍ୱର ଫଳ ଉଦ୍ୟାନର ଉଦ୍‌ଘାଟନ, ସ୍ଥାନ: ଆୟୁର୍ବେଦ ଚିକିତ୍ସାଳୟ, ଗାଇସୀମା, ବରଗଡ଼, ସମୟ: ସକାଳ ୯ଟା ୩୦।
- ହଜରତ୍ ହୁସେନଙ୍କ ସ୍ମୃତିରେ ସରବତ ବଣ୍ଟନ, ସ୍ଥାନ: ଗାନ୍ଧିଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ୱାଗତ, ସ୍ଥାନ: ଶାସ୍ତ୍ରୀ ଛକ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ରାଜାଜୀ ଟାଉନ ହଲ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦। ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଦ୍ମପୁର, ସମୟ: ଅପରାହ୍ନ ୪ଟା।
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ, ସ୍ଥାନ: ପଦ୍ମପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଓକିଲ ସଂଘ ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଲୋଚନା, ସ୍ଥାନ: ପଦ୍ମପୁର ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କଠାରେ ଜନସାଧାରଣଙ୍କ ଅଭିଯୋଗ, ସ୍ଥାନ: ପିଡବ୍ଲୁଡି ଡାକବଙ୍ଗଳା, ପଦ୍ମପୁର, ସମୟ: ଅପରାହ୍ନ ୪ଟା ୩୦।

## ରାଉରକେଲା

- ରାଉରକେଲା ଗୁରୁକୁଳ ବୈଦିକ ଆଶ୍ରମରେ ସତସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଶ୍ରୀ ଜଗନ୍ନାଥଙ୍କ ସୁନାବେଶ, ସ୍ଥାନ: ବାସନ୍ତୀ ଓ ଉଦିତନଗର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା ୩୦।
- ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଗୋପବନ୍ଧୁ ନଗର, ଟିମ୍ବର କଲୋନୀ, ସମୟ: ସକାଳ ୯ଟା ୩୦।
- ନାଟ୍ୟ ଓ ନାଟ୍ୟକାର ଆଲୋଚନାଚକ୍ର, ସ୍ଥାନ: କଲଚରାଲ ଏକାଡେମୀ, ରାଉରକେଲା,ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ପ୍ରୟାସ ଇଣ୍ଡିଆ ଚାରିଟି ଫାଉଣ୍ଡେସନ ପକ୍ଷରୁ ଦିବ୍ୟାଙ୍ଗ ଫୁଟ ୱେର ଟ୍ରେନିଂ କାର୍ଯ୍ୟକ୍ରମ, ସ୍ଥାନ: ଆରଏଚଏସ କଲୋନୀ, ସରକାରୀ କଲେଜ ରୋଡ, ସମୟ: ପୂର୍ବାହ୍ନ ୧୦ଟା।
- ସୁନ୍ଦରଗଡ଼ ସଦର ମସ୍‌ଜିଦ କମିଟି ପକ୍ଷରୁ ମହରମ ଶୋଭାଯାତ୍ରା, ସ୍ଥାନ: ସଦର ମସଜିଦ ସମ୍ମୁଖ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ଭାଜପା ପକ୍ଷରୁ ମା' ପାଇଁ ଗଛଟିଏ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭାଜପା ଅଫିସ ପୁରୁଣାଗଡ଼, ଦେବଗଡ଼, ସମୟ: ସକାଳ ୭ଟା।
- ଚାଷୀମାନଙ୍କୁ ନେଇ ଫଳ ଓ ପନିପରିବା ଉତ୍ପାଦନ ବୃଦ୍ଧି ନିମନ୍ତେ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରଥଟଣା କାର୍ଯ୍ୟକ୍ରମ ପ୍ରଥମ ଦିନ, ସ୍ଥାନ: ଗୁଣ୍ଡିଚା ମନ୍ଦିର, ପୁରୁଣାଗଡ, ଦେବଗଡ, ସମୟ: ସନ୍ଧ୍ୟା ୫ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ

- ସୁନାବେଶ ପାଇଁ ଭଜନ ସମାରୋହ, ସ୍ଥାନ: ଜଗନ୍ନାଥ ମନ୍ଦିର ସମ୍ମୁଖ ରଥଖଳା, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ଶ୍ରୀଜଗନ୍ନାଥଙ୍କ ସୁନାବେଶ, ସ୍ଥାନ: ସହରସ୍ଥିତ କୁକୁରଝଙ୍ଗା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ହରିଜନ ସମାଜର ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ଶ୍ରୀ ମହାପ୍ରଭୁଙ୍କ ରଥରେ ଏକାଦଶୀ ପାଳନ ଓ ସୁନାବେଶ, ସ୍ଥାନ: ରଥଗଡା, ଢେଙ୍କାନାଳ, ସମୟ: ସକାଳ ୬ଟା।
- ବାହୁଡା ଯାତ୍ରା ଭଜନ ସମାରୋହର ତୃତୀୟ ସନ୍ଧ୍ୟା, ସ୍ଥାନ: ରଥଗଡା ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ମହରମ ଉପଲକ୍ଷେ ସମୂହ ପ୍ରାର୍ଥନା, ସ୍ଥାନ: ଜାମା ମସ୍‌ଜିଦ୍, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୬ ଟା।
- ବନ ମହୋତ୍ସବ, ସ୍ଥାନ: ମହିମା ଅଲେଖ ଆଶ୍ରମ,ବାୟାଁପଡା, ନାଉଗାଁ ବ୍ଲକ. ସମୟ: ସକାଳ ୯ଟା।

## ନୟାଗଡ଼

- ବଡ଼ଏକାଦଶୀରେ ଶ୍ରୀଜୀଉଙ୍କର ରୁପା ବେଶ, ସ୍ଥାନ: ରଣପୁର, ସମୟ: ସକାଳ ୮ଟା୩୦।
- ମା'ଦକ୍ଷୀଣକାଳୀଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ପୁରୁଣା ସହର ନୟାଗଡ଼, ସମୟ: ସକାଳ୯ଟା।
- ସେବା ଉତ୍ସବର ୨ୟ ଦିବସରେ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଗଣିଆ ବ୍ଲକର ରାସଙ୍ଗ, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀଜୀଉଙ୍କର ଅଧରପଣା ନୀତି, ସ୍ଥାନ:ଦଶପଲ୍ଲା ସାତପାଟଣା, ସମୟ: ଅପରାହ୍ନ ୩ଟା।
- ବଡ ଏକାଦଶୀରେ ଶ୍ରୀଜୀଉଙ୍କର ସୁନା ବେଶ, ସ୍ଥାନ:ନୟାଗଡ଼ ପୁରୁଣାସହର, ସମୟ: ଅପରାହ୍ନ ୫ଟା।
- ଶ୍ରୀଜୀଉଙ୍କ ରୁପା ବେଶ, ସ୍ଥାନ:ଦଶପଲ୍ଲା କୁଞ୍ଜବନଗଡ଼, ସମୟ: ସନ୍ଧ୍ୟା ୬ଟା।
- ବଡ଼ଏକାଦଶୀରେ ଶ୍ରୀଜୀଉଙ୍କ ସୁନା ବେଶ, ସ୍ଥାନ:ଖଣ୍ଡପଡ଼ା ରଥଗଡ଼ା ଛକ। ଗୋଡିପଡା। ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।
- ବାହୁଡା ଅବସରରେ ଭଜନ ସମାରୋହ, ସ୍ଥାନ:ନୟାଗଡ଼ ପୁରୁଣା ସହରର ଜିଲା ପାଠାଗାର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଟିପଡା, ଆଳି, ସମୟ: ସକାଳ ୮ଟା।
- ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ଜୟନ୍ତୀ, ସ୍ଥାନ: ଖଡିଅଙ୍ଗ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ସମ୍ବର୍ଦ୍ଧନା ସଭା, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା। ସ୍ଥାନ: ଭୂଇଁପୁର, ଆଳି, ସମୟ: ଅପରାହ୍ନ ୩ଟା।
- ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ, ସ୍ଥାନ: ପୋଖରିଆପଡ଼ା, ପତିତପାବନ ମନ୍ଦିର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା।
- ଭଜନସନ୍ଧ୍ୟା, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ମହରମ ଶୋଭାଯାତ୍ରା, ସ୍ଥାନ: ଦାନଗଦି ମସ୍‌ଜିଦ ପରିସର। ଯାଜପୁର ରୋଡ ମସ୍‌ଜିଦ ପରିସର, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଅଷ୍ଟମଚନ୍ଦ୍ରଜନିତ ମାନସିକ ଅସ୍ଥିରତା ମଧ୍ୟରେ କାମ କରିବାକୁ ପଡ଼ିପାରେ। ଚତୁର୍ଥସ୍ଥ ଶୁକ୍ରଙ୍କ ପ୍ରଭାବରେ ଭୋଗବିଳାସ ଓ ମନୋରଞ୍ଜନ ସକାଶେ ଅନୁକୂଳ ପରିବେଶ ପାଇବେ। ଆନୁଷ୍ଠାନିକ କାମରେ ସଫଳତା ପାଇବା କ୍ଷେତ୍ରରେ ଜଣେ ପୁରାତନ ବନ୍ଧୁଙ୍କ ସାହାଯ୍ୟ ମିଳିବ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହୋଇପାରେ।

**ବୃଷ** – ତୃତୀୟ ସ୍ଥାନରେ ତିନୋଟି ଗ୍ରହ ଯୋଗୁ ଅନ୍ୟମାନଙ୍କୁ ମନେଇ କାମ ହାସଲ କରିପାରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ। ଶିଳ୍ପ, କାରିଗରୀ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ। ବିବାଦୀୟ ଘଟଣାରେ ମନସ୍ତାପ କରିବାକୁ ପଡ଼ିପାରେ।

**ମିଥୁନ** – ଶନିଙ୍କ ପ୍ରଭାବରୁ ନ୍ୟାୟ ଓ ସଚ୍ଚୋଟତା ଦ୍ୱାରା ପ୍ରତ୍ୟେକ ସ୍ତରରେ କାମ ହାସଲ ସହ ପ୍ରଶଂସିତ ହେବେ। ଦୀର୍ଘଦିନ ହେଲା ଆର୍ଥିକ ଅନଟନ ଲାଗି ରହିବା ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସାଙ୍ଗଙ୍କ ନିକଟରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଛୋଟ କଥା ଲାଗି ଯୁକ୍ତତର୍କ କରିବା ଠିକ୍ ହେବ ନାହିଁ।

**କର୍କଟ** – ଏକାଦଶସ୍ଥ ଗୁରୁମଙ୍ଗଳ ଯୋଗରୁ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ କାର୍ଯ୍ୟ ସମ୍ପନ୍ନରେ ଅସୁବିଧା ରହିବ ନାହିଁ। ପରିବାର ଭିତରେ ବିନା କାରଣରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହା କି ଅନର୍ଥର କାରଣ ହୋଇପାରେ। ଆନୁଷଙ୍ଗିକ ସାହାଯ୍ୟ ଲାଭ କରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ସିଂହ** – କର୍ମସ୍ଥ ଗ୍ରହଜନିତ ବ୍ୟସ୍ତ ବହୁଳ କର୍ମକ୍ଷେତ୍ର ମାନସିକ ଅସ୍ଥିରତାର କାରଣ ହେବ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ନୀଚ ମନୋଭାବର ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ବ୍ୟବସାୟିକ ଦୃଷ୍ଟିକୋଣରୁ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**କନ୍ୟା** – ଭାଗ୍ୟସ୍ଥ ବୃହସ୍ପତି ଯୋଗୁ ନିଜର ବୁଦ୍ଧିମତ୍ତାର ପରିଚୟ ଦେଇ ପ୍ରତ୍ୟେକ ସ୍ତରରେ ସୁନାମ ଅର୍ଜନ କରିବେ। କଥା ଓ କାମରେ ଫରକ କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପାରିବାରିକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା କାରଣରୁ ସାହାଯ୍ୟ, ସହାନୁଭୂତି ପାଇପାରନ୍ତି।

**ତୁଳା** – ରାଶିପ୍ରତି ମଙ୍ଗଳଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଏକାଧାରରେ ଆର୍ଥିକ ଅଭିବୃଦ୍ଧି ସଙ୍ଗକୁ ବାଣିଜ୍ୟ, ବ୍ୟବସାୟ ପାଇଁ ଶୁଭପ୍ରଦ ହେବ। ଶାରୀରିକ ଓ ମାନସିକ ସ୍ଥିତି ପାଇଁ ଦିନଟି ମନ୍ଦନୁହେଁ। ବର୍ତ୍ତମାନ ସକାଶେ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ। ସାହିତ୍ୟଚର୍ଚ୍ଚା, ସାମ୍ବାଦିକତା, ପ୍ରଶାସନ, ପ୍ରକାଶନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା** – ଗ୍ରହମାନଙ୍କ ଅନୁକୂଳ ସ୍ଥିତି କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ଆତ୍ମୀୟଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ସକାଶେ ଚୁପ୍ ରହିବାକୁ ଶ୍ରେୟ ମନେକରିବେ।

**ଧନୁ** – ସାମାଜିକ ସ୍ତରରେ ପ୍ରତ୍ୟେକ କଥାରେ ଅତି ସରଳତା ସମସ୍ୟାର କାରଣ ହୋଇପାରେ। ସାଧାରଣ କଥାକୁ ଅତିରଞ୍ଜିତ କରି କହିବା ନିଜ ପାଇଁ ସମସ୍ୟାକୁ ନିମନ୍ତ୍ରଣ ହୋଇପାରେ। ରବିଙ୍କ ଦୃଷ୍ଟି ପ୍ରଭାବରେ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିପାରନ୍ତି। ରାଜନୀତିରେ କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** – ଏକାଧିକ ଗ୍ରହ ସପ୍ତମସ୍ଥ ହେତୁ କୌଣସି ବିବାଦରେ ପଶିବା ଠିକ୍ ହେବ ନାହିଁ। କର୍ମକ୍ଷେତ୍ରରେ ସବୁ ସମୟରେ ନିଜ ପାଖରେ ରହୁଥିବା କର୍ମଚାରୀଟିର ମନୋଭାବ ବଦଳିଯିବାର ସୂଚନା ପାଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** – ଆଜି ରାହୁଙ୍କ ପ୍ରଭାବରୁ ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ନୂତନ କାର୍ଯ୍ୟରେ ହାତ ଦେଇ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବବତ୍ ରହିବ। ଯାତ୍ରାରେ ସତର୍କତା ଅବଲମ୍ବନ ନ କଲେ ହଇରାଣରେ ପଡ଼ିପାରନ୍ତି।

**ମୀନ** – ଷଷ୍ଠସ୍ଥ ଚନ୍ଦ୍ର ହେତୁ ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ସମ୍ପର୍କୀୟଙ୍କ ନିକଟରୁ ସାହାଯ୍ୟ ପାଇଲେ ମଧ୍ୟ କାମ ହାସଲ କଷ୍ଟକର ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରିବ। ସଭାସମିତିରେ ଭାବପ୍ରବଣ ବଶତଃ ଭିନ୍ନ ପ୍ରକାରର କଥାବାର୍ତ୍ତା କରି ଅପଦସ୍ଥ ହୋଇପାରନ୍ତି।

ଆଜି ଜୁଲାଇ ୧୭ ତାରିଖ, ଅର୍ନ୍ତଜାତୀୟ ନ୍ୟାୟ ଦିବସ, ରଥ ଉପରେ ଶ୍ରୀଜୀଉଙ୍କର ସୁନାବେଶ, ଚାତୁର୍ମାସ୍ୟା ବ୍ରତାରମ୍ଭ, ମହରମ ପର୍ବ, ଆସୁରା, ଇମାମ୍‌ହୁସେନ୍‌ଙ୍କ ବଳିଦାନ ଦିବସ, ଆଷାଢ଼ ଶୁକ୍ଳ ପକ୍ଷର ଅଦ୍ୟସର୍ବସମ୍ମତ ହରିଶୟନୀ ବଡ଼ ଏକାଦଶୀ, ବୁଧବାର, ରାଶିନକ୍ଷତ୍ର-ଅନୁରାଧା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୦ମି. ଗତେ ଘ.୦୭.୦୫ମି. ମଧ୍ୟେ, ଘ.୧୦.୧୪ମି. ଗତେ ଘ,୧୧.୨୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୩୦, ମଧ୍ୟେ ରାହୁକାଳ।

## ୨୨ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି...

ଓ ଭୋକେଶନାଲ ଟ୍ରେଡ୍ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର ସବ୍‌ଜେକ୍ଟିଭ ଓ ୫୦ ମାର୍କର ଅବ୍‌ଜେକ୍ଟିଭ ପ୍ରଶ୍ନ ଆସିବ। ଅବ୍‌ଜେକ୍ଟିଭ ପ୍ରଶ୍ନର ଉତ୍ତର ଓଏମ୍‌ଆର୍ ସିଟ୍‌ରେ ଏବଂ ସବ୍‌ଜେକ୍ଟିଭ ପ୍ରଶ୍ନର ଉତ୍ତର ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାରେ ଲେଖିବାକୁ ହେବ। ଭୋକେଶନାଲ ଟ୍ରେଡ୍ ଥିଓରି ବିଷୟଗୁଡ଼ିକରେ ୫୦ ମାର୍କ ଓ ଭିଜୁଆଲ ଆର୍ଟରେ ୨୦ ମାର୍କର ସବ୍‌ଜେକ୍ଟିଭ ପ୍ରଶ୍ନ ଆସିବ। ଭୋକେଶନାଲ ଟ୍ରେଡ୍‌ଗୁଡ଼ିକର ପ୍ରାକ୍ଟିକାଲ ପରୀକ୍ଷା(୫୦ ମାର୍କ) ନିଜ ବିଦ୍ୟାଳୟରେ ଜୁଲାଇ ୧ରୁ ୬ ତାରିଖ ମଧ୍ୟରେ ଓସେପା ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରାକ୍ଟିକାଲ ପରୀକ୍ଷାର ମାର୍କ ହାଇସ୍କୁଲର ପ୍ରଧାନ ଶିକ୍ଷକମାନେ ବୋର୍ଡର ପରୀକ୍ଷା ନିୟନ୍ତ୍ରକଙ୍କ ନିକଟକୁ ଡାକ ଯୋଗେ ପଠାଇବେ। ଏଥିସହ ଭିଜୁଆଲ ଆର୍ଟ ପ୍ରାକ୍ଟିକାଲ ପରୀକ୍ଷା (୮୦ ମାର୍କ) ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ।

## ୨୧ରୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା

ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ୨୦୨୪(୨ୟ) ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ପୂର୍ବରୁ ପ୍ରକାଶିତ କାର୍ଯ୍ୟସୂଚୀ ଅନୁଯାୟୀ ପରୀକ୍ଷା ହେବ। ରାଜ୍ୟରୁ ମୋଟ ୨୪,୫୨୦ ଛାତ୍ରୀଛାତ୍ର ଏହି ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି। ଏଥିପାଇଁ ୧୨୧ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଉପଲବ୍ଧ ହୋଇଛି। ଏନେଇ ବୋର୍ଡ ପକ୍ଷରୁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସ୍ପଷ୍ଟ କରିଛନ୍ତି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ...

ଉନ୍ନତୀକରଣର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଆବଶ୍ୟକତା ଅନୁଯାୟୀ କେତେକ ହଷ୍ଟେଲକୁ ୧୦୦ ଆସନ ବିଶିଷ୍ଟ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ପ୍ରାଥମିକ ସ୍କୁଲର ହଷ୍ଟେଲଗୁଡ଼ିକ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଆଦିବାସୀ ବହୁଳ ଜିଲାଗୁଡ଼ିକରେ ଏହା ବିଶେଷ ଭାବରେ କାର୍ଯ୍ୟକାରୀ ହେଉଛି। ତେବେ ଏହି ହଷ୍ଟେଲଗୁଡ଼ିକର ଅବସ୍ଥା ଭଲ ନ ଥିବାରୁ ଏଗୁଡ଼ିକର ଉନ୍ନତୀକରଣ କରାଯାଇ ନୂଆ ହଷ୍ଟେଲ ନିର୍ମାଣ କରାଯାଉଛି। ଅବିଭକ୍ତ କୋରାପୁଟ ଜିଲାରେ ପ୍ରଥମ ପର୍ଯ୍ୟାୟରେ୩୦୧ ହଷ୍ଟେଲର ଉନ୍ନତୀକରଣ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି।

ବୈଠକରେ ଏକଲବ୍ୟ ମଡେଲ ସ୍କୁଲ ପ୍ରତିଷ୍ଠା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ଓଡ଼ିଶାରେ ୧୧୪ଟି ସ୍କୁଲ ଖୋଲିବାକୁ ଅନୁମୋଦନ ଥିବାବେଳେ ଏବେ ସୁଦ୍ଧା ୩୨ଟି ସ୍କୁଲ କାର୍ଯ୍ୟକାରୀ କରୁଛି। ଏ ବର୍ଷ ଆଉ ୧୫ଟି ସ୍କୁଲ ଖୋଲିବା ନେଇ ସୂଚନା ଦିଆଯାଇଛି। ବିଭିନ୍ନ ବିଦ୍ୟାଳୟ ପାଇଁ ଯାହାସବୁ ଅନୁମୋଦନ ଆବଶ୍ୟକ, ବିଶେଷ କରି ଜଙ୍ଗଲ ଜମି ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଏହି ସ୍କୁଲଗୁଡ଼ିକୁ ଶୀଘ୍ର ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହାସହିତ ବୈଠକରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ପିଲାଙ୍କ ଡ୍ରପ୍‌ଆଉଟ ରୋକିବା ପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ଜଙ୍ଗଲ ଜମି ଅଧିକାର ଯୋଜନା, ଅନ୍ୱେଷା, ପିଏମ୍ ଜନମନ୍, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା।

ବୈଠକରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅନୁସୂଚିତ ଜନଜାତିଓଜାତିଉନ୍ନୟନବିଭାଗସଚିବରୂପାରୋଶନସାହୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାରୁ...

## ୧୮ରେ ଖୋଲିବ...

ସଦସ୍ୟମାନେ ଫେରି ଆସିଥିଲେ। କେବେ ପୁଣି ଖୋଲାଯିବ ତାହା ପରବର୍ତ୍ତୀ ସମୟରେ ବୈଠକ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଥିଲା। ସେହି ଅନୁଯାୟୀ, ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୮ ତାରିଖରେ ପୁନର୍ବାର ଭିତର ରତ୍ନଭଣ୍ଡାର ଖୋଲାଯାଇ ଗଚ୍ଛିତ ଅଳଙ୍କାରଗୁଡ଼ିକୁ ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ଖଟଶେଯ ଘରେ ହୋଇଥିବା ଅସ୍ଥାୟୀ ରତ୍ନଭଣ୍ଡାରରେ ଅଳଙ୍କାର ସବୁ ସୁରକ୍ଷିତ ଭାବେ ରଖାଯିବ। ଏଥିପାଇଁ ଶୁଭ ସମୟ ମଧ୍ୟ ପଞ୍ଜିକା ଅନୁସାରେ ନିର୍ଦ୍ଧାରିତ ହୋଇଛି। ଗୁରୁବାର ସକାଳ ୯.୫୧ରୁ ମଧ୍ୟାହ୍ନ ୧୨ଟା ୧୫ ମଧ୍ୟରେ ଭିତର ରତ୍ନଭଣ୍ଡାର ଖୋଲିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଦିନ ଅଧରପଣା ନୀତି ରହିଥିବାରୁ ଦାରୁବିଗ୍ରହମାନେ ରଥ ଉପରେ ବିଜେ କରିଥିବେ। ତେଣୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯିବ। ଏଥିସହ ଗତଥର ଭଳି ଚଳିତଥର ମଧ୍ୟ ସମାନ ଏସ୍‌ଓପି ଅନୁପାଳନ କରାଯିବା ସହ ସ୍ନେକ୍ ହେଲ୍‌ପ ଲାଇନ୍ ସଦସ୍ୟ, ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ, ହାଇମାଷ୍ଟ ଲାଇଟ୍ ବ୍ୟବସ୍ଥା କରାଯିବ ବୋଲି ସ୍ଥିର ହୋଇଛି। ବୈଠକ ପରେ କମିଟି ଅଧ୍ୟକ୍ଷ ରଥ ସୂଚନା ଦେଇ କହିଛନ୍ତି, ଆସନ୍ତା ୧୮ ତାରିଖରେ ପୁଣିଥରେ ଭିତର ରତ୍ନଭଣ୍ଡାର ଖୋଲିବା ପାଇଁ ଉଦ୍ୟମ ହେବ। ପୂର୍ବ ପ୍ରକ୍ରିୟା ଅନୁଯାୟୀ, କମିଟି ସଦସ୍ୟମାନେ ଚାବି ଖୋଲି ଭିତରକୁ ଯିବେ ଓ ସମସ୍ତ ଜିନିଷ ଦେଖିବେ। ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ଅଳଙ୍କାରଗୁଡ଼ିକ ଖଟଶେଯ ଘରେ ହୋଇଥିବା ଅସ୍ଥାୟୀ ରତ୍ନଭଣ୍ଡାରର ନୂତନ ଆଲମିରା ଓ ସିନ୍ଦୁକକୁ ସ୍ଥାନାନ୍ତର କରାଯିବ। ସେହିପରି ଏଏସ୍‌ଆଇକୁ କିଛି ସମୟ ଦିଆଯିବ। ଏଏସ୍‌ଆଇ ଭିତର ରତ୍ନଭଣ୍ଡାର ସ୍ଥିତି ଅନୁଧ୍ୟାନ କରିବ। ଏହାପରେ ଭିତର ରତ୍ନଭଣ୍ଡାରରେ ତାଲା ପକାଯିବା ସହ ଜଉମୁଦ ଦିଆଯାଇ ସିଲ୍ କରାଯିବ। ନୂତନ ତାଲାର ଚାବି ପୁରୀ ଟ୍ରେଜେରିରେ ରହିବ ବୋଲି ରଥ କହିଛନ୍ତି।



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏବଂ ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ।

## ଆଜି ସୁନାବେଶ...

ମଇଲମ ଓ ଏକାଦଶୀ ସର୍ବାଙ୍ଗ ନୀତି ବଢ଼ିବା ପରେ ଠାକୁରଙ୍କ ସୁନାବେଶ ଆରମ୍ଭ ହେବ। ଅପରାହ୍ନ ୫ଟାରୁ ୬ଟା ୩୦ ମଧ୍ୟରେ ସୁନାବେଶ ହେବା ନେଇ ନୀତି ନିର୍ଘଣ୍ଟ କରାଯାଇଛି। ରାତି ୧୦ରୁ ୧୧ଟା ଭିତରେ ସୁନାବେଶ ମଇଲମ କରାଯିବ। ଅନ୍ୟାନ୍ୟ ନୀତି ବଢି ବଡ଼ସିଂହାର ବେଶ ପରେ ରାତି ୧ଟା ୩୦ରେ ରାତ୍ର ପହୁଡ ଅନୁଷ୍ଠିତ ହେବ। ଅପରପକ୍ଷରେ ବୁଧବାର ଏକାଦଶୀ ହେତୁ ରଥ ଉପରେ ହରିଶୟନ ଏକାଦଶୀ ନୀତି ଅନୁଷ୍ଠିତ ହେବ। ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ସମସ୍ତେ ପ୍ରସ୍ତୁତ ରହିବା ସହ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଅରବିନ୍ଦ ପାଢ଼ୀ କହିଛନ୍ତି।

## ଭାଲୁ ପଶିଯିବାରୁ...

ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଙ୍ଖେସ ତ୍ରିପାଠୀ ମଙ୍ଗଳବାର ସ୍କୁଲ ଖୋଲିବାବେଳେ ସେଠାରେ ଏକ ଭାଲୁ ଶୋଇଥିବା ଦେଖିଥିଲେ। ସେ ଘଟଣା ସମ୍ପର୍କରେ ଏବିଇଓ ହରିହର ବେହେରା ଏବଂ ବନ ବିଭାଗକୁ ଜଣାଇଥିଲେ। ଏବିଇଓଙ୍କ ନିର୍ଦ୍ଦେଶକ୍ରମେ କ୍ଲାସ ସସ୍‌ପେଣ୍ଡ କରାଯାଇ ପିଲାଙ୍କୁ ଘରକୁ ପଠାଯାଇଥିଲା। ଏହା ମଧ୍ୟରେ ବନପାଳ ରିତେଶ ସୁନା ବନରକ୍ଷୀମାନଙ୍କ ସହ ସ୍କୁଲ ପାଖରେ ପହଞ୍ଚି ଥିଲେ। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ସେଠାରେ ପହଞ୍ଚି ବନପାଳଙ୍କ ସହ ଭାଲୁକୁ ଧରିବା ନେଇ ଆଲୋଚନା କରିଥିଲେ। ଭାଲୁ ନିକଟସ୍ଥ ଏକ ବାଡ଼ ଭିତରେ ଶୋଇଥିବା ଜଣାପଡ଼ିବା ପରେ ବନପାଳ ରାପିଡ୍ ରେସ୍‌ପନ୍ସ ଟିମ୍‌କୁ ଜଣାଇଥିଲେ। ଏ. ମନୋଜ କୁମାର ରାପିଡ୍ ରେସ୍‌ପନ୍ସ ଟିମ୍ ସହିତ ପହଞ୍ଚି ଭାଲୁକୁ ଆୟତ୍ତ କରିବାବେଳେ ଭାଲୁଟି ଏକ ଗଛ ଉପରକୁ ଚଢ଼ି ଯାଇଥିଲା। ଅନ୍ୟ ଉପାୟ ନ ପାଇ ଭାଲୁକୁ ଟ୍ରାଙ୍କୁଲାଇଜ କରାଯାଇଥିଲା। ପରେ ଗଛ ଉପରୁ ଭାଲୁକୁ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ନବରଙ୍ଗପୁର ନିଆଯାଇଛି। ଭାଲୁର ସ୍ୱାସ୍ଥ୍ୟାବସ୍ଥା ଠିକ୍ ହେବା ପରେ ତାକୁ ଏକ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି। ପାଚେରି ନ ଥିବାରୁ ସ୍କୁଲ ଭିତରେ ବାରମ୍ବାର ଭାଲୁ ପଶୁଛି ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି। ସ୍କୁଲ ପିଲାଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ତୁରନ୍ତ ପାଚେରି ତିଆରି ବ୍ୟବସ୍ଥା କରାଯିବ ବୋଲି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ କହିଛନ୍ତି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ପରିସରରେ ସୋମବାର ବିଳମ୍ବିତ ରାତିରେ ଏକ ଭାଲୁ ଥାନା ପରିସରରେ ଦୀର୍ଘ ୪ ଘଣ୍ଟା ରହି କର୍ମଚାରୀମାନଙ୍କୁ ନାକେଦମ କରିଥିଲା। ଥାନା କର୍ମଚାରୀ ଭାଲୁକୁ ଦେଖି ଭୟଭୀତ ଅବସ୍ଥାରେ କବାଟ ବନ୍ଦ କରି ରହିଥିଲେ। ସୂଚନାନୁଯାୟୀ, ରାତ୍ର ପ୍ରାୟ ୧୦ଟାରେ ଏକ ଭାଲୁ ଝରିପୋକ ଖାଇବା ପାଇଁ ଥାନା ଭିତରେ ପଶିଯାଇଥିଲା। କର୍ମଚାରୀମାନେ ଭାଲୁକୁ ଦେଖି କବାଟ ବନ୍ଦ କରିଦେଇଥିଲେ। ସେମାନେ ଛାତ ଉପରେ ରହି ଭାଲୁଟିର ଗତିବିଧି ଉପରେ ନଜର ରଖିଥିଲେ। ପ୍ରାୟ ୪ ରୁ ୫ ଥର ଭାଲୁ ଥାନା ଭିତରେ ପଶିଥିଲା। କର୍ମଚାରୀମାନେ ପାଟି କରିବାରୁ ସେ ଚାଲିଯାଇ ପୁଣି ଥରେ ଫେରିଆସୁଥିଲା। ଶେଷରେ ଥାନାର ପ୍ରବେଶ ଦ୍ୱାର ବନ୍ଦ କରିବାରୁ ଭାଲୁଟି ତହସିଲ କାର୍ଯ୍ୟାଳୟ ଭିତରେ ପଶିଥିଲା। ତହସିଲ କାର୍ଯ୍ୟାଳୟ କାନ୍ଥ ଡେଇଁ ପୁଣି ଥାନା ଭିତରେ ପଶି ଝରିପୋକ ଖାଇ ରାତି ପ୍ରାୟ ୨ଟାରେ ଜଙ୍ଗଲ ଆଡ଼କୁ ଯାଇଥିଲା ବୋଲି ଜଣାପଡ଼ିଛି।




# ୧୯ରେ ଲଘୁଚାପ: ୨୨ ଯାଏ ବର୍ଷିବ

- ମହାନଦୀରେ ଆସିପାରେ ବନ୍ୟା
- ୮ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର,୧୬।୭(ଅନିଲ ଦାସ)**

ଆସନ୍ତା ୨୨ ତାରିଖ ଯାଏ ରାଜ୍ୟକୁ ପ୍ରବଳ ବର୍ଷା ମିଳିବ। ସ୍ଥଳ ଭାଗ ଏବଂ ଜଳ ଭାଗରେ ଗୋଟିଏ ପରେ ଗୋଟିଏ ଲଘୁଚାପ ଦାନା ବାନ୍ଧୁଛି। ଗତ କିଛିଦିନ ହେବ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ର ବିଦର୍ଭ ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହେଉଛି। ଏହା ପ୍ରଭାବରେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେଉଛି। ଏପରି କି ଉପକୂଳ ଓଡ଼ିଶାରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। ତେବେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୧୯ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ସେହିଦିନ ସନ୍ଧ୍ୟା କିମ୍ବା ୨୦ ତାରିଖରେ ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହେବ। ଏହାର ପ୍ରଭାବରେ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଲଘୁଚାପ ଯୋଗୁ ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏଥିଯୋଗୁ ମହାନଦୀ ଓ ଏହାର ଶାଖା ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇପାରେ। ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, ନୟାଗଡ଼, ପୁରୀ, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର ଏବଂ କୋରାପୁଟ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଏଥିସହିତ ରାଜ୍ୟର ବିଭିନ୍ନ ଜିଲାରେ ଆସନ୍ତା ୨୨ ତାରିଖ ଯାଏ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ କୋରାପୁଟରେ ୪୫.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ୪୨, ଦେବଗଡ଼ ୨୪, ନବରଙ୍ଗପୁର ୨୩, ବାରିପଦା ୧୧, ତାଳଚେର ୧୫, ଭବାନୀପାଟଣା ୧୪, ସୋନପୁର ୧୪, ନୟାଗଡ଼ ୧୯, ଫୁଲବାଣୀ ୧୯ ଏବଂ ଟିଟିଲାଗଡ଼ରେ ୧୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ଯୁକ୍ତ୨ ନାମଲେଖା: ୨୦ରେ ପ୍ରଥମ ମେଧା ତାଲିକା

**ଭୁବନେଶ୍ୱର, ୧୬।୭(ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀରେ ନାମଲେଖା ପାଇଁ ଗତ ୧୨ ତାରିଖରେ ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ପ୍ରଥମ ମେଧା ତାଲିକା ଆସନ୍ତା ୨୦ ତାରିଖରେ ପ୍ରକାଶ ପାଇବ ବୋଲି ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମନୋନୀତ ଛାତ୍ରୀଛାତ୍ର ଚୟନ ହୋଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମଲେଖା ସଂକ୍ରାନ୍ତ ତଥ୍ୟ ହ୍ୱାଟ୍‌ସଆପ୍ କିମ୍ବା ଏସ୍‌ଏମ୍‌ଏସ୍ ମାଧ୍ୟମରେ ପାଇପାରିବେ। ସେମାନେ ନିଜର ଇଣ୍ଟିମେଶନ ଲେଟର ସାମ୍ସ ପୋର୍ଟାଲରୁ ଡାଉନ୍‌ଲୋଡ୍ କରିପାରିବେ। ଏହାପରେ ମନୋନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆସନ୍ତା ୨୨ ରୁ ୨୭ ତାରିଖ ମଧ୍ୟରେ ନାମ ଲେଖାଇବେ। ଅଗଷ୍ଟ ୫ରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୭ ରୁ ୧୦ତାରିଖ ମଧ୍ୟରେ ନାମଲେଖାଇବେ। ଅଗଷ୍ଟ ୨୦ରେ ସ୍ପଟ୍ ନାମଲେଖା ମେଧା ତାଲିକା ପ୍ରକାଶ ପାଇବ। ୨୨ରୁ ୨୮ ତାରିଖ ମଧ୍ୟରେ ସ୍ପଟ ନାମଲେଖା ଅନୁଷ୍ଠିତ ହେବ। ତେବେ ଅଗଷ୍ଟ ୧ରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ୨,୩୪୩ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ମୋଟ ୫,୪୮,୩୧୩ ସିଟ୍ ରହିଛି। ଚଳିତବର୍ଷ ଯୁକ୍ତ୨ ପ୍ରଥମବର୍ଷ ନାମଲେଖା ପାଇଁ ୪,୭୬,୦୭୪ ଜଣ ଛାତ୍ରୀଛାତ୍ର ଆବେଦନ କରିଛନ୍ତି।

## ଯଥାଶୀଘ୍ର କାମ ଶେଷ କର: ହାଇକୋର୍ଟ

**ଏସ୍‌ସିବି ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ମାମଲା**

**କଟକ,୧୬।୭ (କାର୍ତ୍ତିକ ସାହୁ)**

ଏସ୍‌ସିବି ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସଂକ୍ରାନ୍ତୀୟ ମାମଲାର ଶୁଣାଣି ହାଇକୋର୍ଟରେ ମଙ୍ଗଳବାର ହୋଇଥିଲା। ପୂର୍ବ ଶୁଣାଣିରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାର କାର୍ଯ୍ୟର ଅଗ୍ରଗତି ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିଛନ୍ତି। ତେବେ ମେଡିକାଲର ଅଧିକାଂଶ ସ୍ଥାନରେ ଅଗ୍ନି ନିରାପତ୍ତା କାର୍ଯ୍ୟ ଶେଷ ହୋଇଥିବାବେଳେ କେତେକ ସ୍ଥାନରେ ବାକି ରହିଛି। ସେହିପରି କେତେକ ପ୍ରକଳ୍ପରେ ଟେଣ୍ଡର ପ୍ରକ୍ରିୟା ଜାରି ରହିଥିବା ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ସତ୍ୟପାଠକୁ ଗ୍ରହଣ କରିବା ସହ ଯଥାଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଅଗ୍ନିଶମ ସେବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି।



ସୂଚନା ଅନୁସାରେ, ଏସ୍‌ସିବି ମେଡିକାଲ ଭଳି ବୃହତ୍ ଚିକିତ୍ସା ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ନେଇ ମୈତ୍ରୀ ସଂସଦ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣରେ ବିଳମ୍ବ ହେଉଥିବାରୁ ଖଣ୍ଡପୀଠ ବିରକ୍ତ ହୋଇଥିଲେ। ପୁନଃ ସତ୍ୟପାଠ ଦାଖଲ କରିବା ସହ ଅଗ୍ନିଶମ ଡିଜି ଓ ବିଭାଗୀୟ ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜର ହେବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଅଗ୍ନି ନିରାପତ୍ତା ପାଇଁ ଆବଶ୍ୟକ ଅତିରିକ୍ତ ନିର୍ମାଣ କାର୍ଯ୍ୟ ୬ ମାସ ମଧ୍ୟରେ ଶେଷ ହେବ ବୋଲି ଅଗ୍ନିଶମ ଡିଜି ସମୟ ନେଇଥିଲେ। ମୈତ୍ରୀ ସଂସଦ ପକ୍ଷରୁ ଆଇନଜୀବୀ ଅଜୟ କୁମାର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

**ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ**

# ବିକାଶକୁ ଗୁରୁତ୍ୱ ଦିଅ




**ଭୁବନେଶ୍ୱର,୧୬।୭(ସୁନିତ୍ ମିଶ୍ର)**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନଠାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ୨୦୨୪-୨୫ ସାଧାରଣ ବଜେଟର ଏଥିସହ ରୂପରେଖ କିପରି ରହିବ ସେନେଇ ଆଲୋଚନା କରାଯାଇଛି। ଆସନ୍ତା ଜୁଲାଇ ୨୭ରେ ନୂଆଦିଲ୍ଲୀଠାରେ ନୀତି ଆୟୋଗର ୯ମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ। ଏହାସହ ଆସନ୍ତା ନଭେମ୍ବରରେ ହେବାକୁ ଥିବା ୪ର୍ଥ ଜାତୀୟ ମୁଖ୍ୟ ଶାସନ ସଚିବମାନଙ୍କ ସମ୍ମିଳନୀରେ ଆଲୋଚ୍ୟ ପ୍ରସଙ୍ଗ ବିକଶିତ ଭାରତ@୨୦୪୭ ପରିପ୍ରେକ୍ଷୀରେ ରାଜ୍ୟର କାର୍ଯ୍ୟସୂଚୀ ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି।

ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ 'ନିରନ୍ତର ବିକାଶ ଲକ୍ଷ୍ୟ-ଭାରତ-ସୂଚକାଙ୍କ ୨୦୨୩-୨୪'ରେ ଓଡ଼ିଶାର ସ୍ଥିତି ସମ୍ପର୍କରେ ଉପସ୍ଥାପନ କରାଯିବା ସହ ବିକଶିତ ଭାରତ, ନିରନ୍ତର ବିକାଶ ଓ ସାମଗ୍ରିକ ଅଭିବୃଦ୍ଧି ଲକ୍ଷ୍ୟରେ ରହିଥିବା ବିଭିନ୍ନ ମାନଦଣ୍ଡରେ

### ସାଧାରଣ ବଜେଟ ରୂପରେଖ ନେଇ ଆଲୋଚନା

ପ୍ରଦର୍ଶନରେ ବୃଦ୍ଧି କରିବାକୁ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ କ୍ଷୁଧାମୁକ୍ତ ସମାଜ, ଉତ୍ତମ ସ୍ୱାସ୍ଥ୍ୟ, ଗୁଣାତ୍ମକ ଶିକ୍ଷା, ନାରୀ-ପୁରୁଷ ସମାନତା, ବିଶୁଦ୍ଧ ପାନୀୟ ଜଳ, ସମନ୍ୱିତ ଜଳସେଚନ, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ଗ୍ରହଣ ଆଦି ବିଭିନ୍ନ ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଛି। ଏଥିସହ ୨୦୨୪-୨୫ ଆର୍ଥିକ ବର୍ଷରେ ଜୁନ୍-୨୦୨୪ ସୁଦ୍ଧା ରାଜ୍ୟର ଆର୍ଥିକ ପ୍ରଦର୍ଶନ ବିଷୟରେ ତଥ୍ୟ ଉପସ୍ଥାପନା କରାଯାଇଛି। ୫ ବର୍ଷିଆ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନ, ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି, ୨୦୪୭ରେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତିକୁ ଲକ୍ଷ୍ୟ ରଖି ବିକାଶର ଆଭିମୁଖ୍ୟ କିପରି ରହିବ, ସେଥିପାଇଁ ସହଭାଗୀ ଓ ବିଶେଷଜ୍ଞମାନଙ୍କ ସହ ବିଚାରବିମର୍ଶ କରିବା ପାଇଁ ମୁଖ୍ୟ ଶାସନ ସଚିବ ଆହୁଜା ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ଆର୍ଥିକ ଅଭିବୃଦ୍ଧି, କୃଷି, ଶିକ୍ଷା, ଜଳସେଚନ, ଶିଳ୍ପାନୁକୂଳ ସହଜ ବାତାବରଣ, ଲୋକଙ୍କ କଲ୍ୟାଣ, ଭିତ୍ତିଭୂମିର ବିକାଶ, ନିଯୁକ୍ତି ସୁଯୋଗ ଆଦି ବିଭିନ୍ନ ପ୍ରସଙ୍ଗରେ ଗୁରୁତ୍ୱ ଦେବାକୁ ମୁଖ୍ୟ ଶାସନ ସଚିବ ଏହି ଅବସରରେ ସଚିବମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ବିଭିନ୍ନ କାର୍ଯ୍ୟ ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଯେଉଁଠି ଆନ୍ତଃ ବିଭାଗୀୟ ସମନ୍ୱୟର ଆବଶ୍ୟକତା ରହୁଛି, ସେ କ୍ଷେତ୍ରରେ ପାରସ୍ପରିକ ଆଲୋଚନା ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ଏବଂ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଶୁ ସମାଧାନ ପାଇଁ ସେ ମଧ୍ୟ ସମସ୍ତ ସଚିବଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଓ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।




## ଯୁକ୍ତ୩ : ତୃତୀୟ ମେଧା ତାଲିକା ପ୍ରକାଶ, ୧୮ରୁ ନାମଲେଖା

**ଭୁବନେଶ୍ୱର, ୧୬।୭ (ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖା ପାଇଁ ମଙ୍ଗଳବାର ତୃତୀୟ ମେଧା ତାଲିକା ପ୍ରକାଶ ପାଇଛି। ଏଥିରେ ମୋଟ ୪୪,୦୬୦ ଛାତ୍ରୀଛାତ୍ର ମନୋନୀତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୨୪,୮୭୮ଜଣ ଛାତ୍ରୀ, ୧୯,୧୮୧ଜଣ ଛାତ୍ର ଏବଂ ଜଣେ କିନ୍ନର ରହିଛନ୍ତି। ଏଥିରୁ ବିଜ୍ଞାନ ବିଭାଗରେ ପଢ଼ିବା ପାଇଁ ୧୪,୩୩୨ଜଣ ଚୟନ ହୋଇଥିବାବେଳେ କଳାରେ ୨୫,୭୯୧, ବାଣିଜ୍ୟରେ ୨,୮୮୦, ଶାସ୍ତ୍ରୀରେ ୧୯୮, ସେଲ୍ଫ ଫାଇନାନ୍ସିଂରେ ୮୧୬ ଏବଂ ଆଇନ ବିଭାଗରେ ୪୩ଜଣ ରହିଛନ୍ତି। ମନୋନୀତ ଛାତ୍ରୀଛାତ୍ର ଛୁଟିଦିନ(୨୧ତାରିଖ) ବ୍ୟତୀତ ୧୮ତାରିଖ ସକାଳ ୯ଟାରୁ ୨୨ତାରିଖ ସନ୍ଧ୍ୟା ୬ଟା ମଧ୍ୟରେ ନାମଲେଖାଇବେ। ଅଗଷ୍ଟ ୧ରେ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ୧,୦୫୬ ଡିଗ୍ରୀ କଲେଜରେ ଯୁକ୍ତ୩ ନାମଲେଖା ପ୍ରକ୍ରିୟା ଜାରି ରହିଛି। ଏ ସମସ୍ତ କଲେଜରେ ୨,୭୪,୩୩୧ ସିଟ୍ ଥିବାବେଳେ ଚଳିତବର୍ଷ ମୋଟ ୨,୩୭,୭୯୫ଜଣ ଯୁକ୍ତ୩ ନାମଲେଖା ପାଇଁ ଆବେଦନ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ସୁଦ୍ଧା ମୋଟ ୧,୨୦,୯୮୪ ଛାତ୍ରୀଛାତ୍ର ନାମଲେଖାଇଛନ୍ତି। ବର୍ତ୍ତମାନ ୧,୫୩,୩୪୭ଟି ସିଟ୍ ଖାଲି ପଡ଼ିଛି।



“କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଊର୍ଦ୍ଧ୍ୱକୁ ଉଠିଯାଏ। କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ। –ଶ୍ରୀମା

-ହରିଶୟନ (ବଡ଼)
ଏକାଦଶୀ ଉପବାସ,
ମହରମ ପର୍ବ ଓ ହଳ ନିଷେଧ



# ପରିବା ଚିନ୍ତା

ଆଷାଢ଼ ଶେଷ ହେବାକୁ ବସିଲାଣି, ହେଲେ ପରିବା ଦର କମୁନାହିଁ। ଏହା ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଥିବାବେଳେ ସରକାର ଏ ସମ୍ପର୍କରେ କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ନେଇନାହାନ୍ତି। ମୁଖ୍ୟତଃ ପନିପରିବା ଦରବୃଦ୍ଧି ଯୋଗୁ ଓଡ଼ିଶାରେ ମୁଦ୍ରାସ୍ଫୀତି (ଇନ୍‌ଫ୍ଲେଶନ) ଦେଶର ଅନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ ରହିଛି। ଏବେ ଏକ ପଦକ୍ଷେପ କ୍ରମେ ଏଭଳି ସମସ୍ୟା ଦୂର କରିବା ଲାଗି ସବୁ ଜିଲାରେ ପରିବା ମଣ୍ଡି ଖୋଲିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିଛନ୍ତି। ପ୍ରଥମେ ଏହା କଟକ ଓ ଭୁବନେଶ୍ୱରରେ ଓ ପରେ ଅନ୍ୟ ଜିଲାରେ ଖୋଲାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହା ସହ ଦୋକାନ ଆଗରେ ରେଟ୍ ଚାର୍ଟ ଲଗାଇବା ଲାଗି ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯାଇଛି। କେବଳ ଏତିକି ନୁହେଁ, ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଇ ଆଳୁ ଓ ପିଆଜ ଉତ୍ପାଦନ ବଢ଼ାଇବା ପାଇଁ ସରକାରଙ୍କ ଲକ୍ଷ୍ୟ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ପରିବା ଦରବୃଦ୍ଧି ସମସ୍ୟା ନୂଆ ନୁହେଁ, ବିଗତ ବର୍ଷଗୁଡ଼ିକରେ ବହୁ ସମୟରେ ଏହି ସମସ୍ୟା ଦେଖାଯାଇଛି। ତାହା କୌଣସି ଯୋଜନା କାରଣରୁ ନୁହେଁ, ବରଂ ବଜାରରେ ଅଧିକ ପରିବା ଉପଲବ୍ଧ ହେବା ପରେ ତାହା ଦୂର ହୋଇଛି। ପରିବା ବାହାର ରାଜ୍ୟରୁ ଆମଦାନୀ ହୋଇ ଏଭଳି ସମସ୍ୟା ଦୂରହେବା କଥା ସମସ୍ତେ ଜାଣନ୍ତି। ବର୍ତ୍ତମାନ ସରକାରଙ୍କ ଘୋଷଣାରୁ ବୁଝାପଡୁଛି ଯେ, ମଣ୍ଡି ତିଆରି ହେବ ଓ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁସାରେ କୃଷକମାନେ ସେଠାରେ ପରିବା ବିକ୍ରି କରିବା ଫଳରେ ଖାଉଟି ଉଚିତ ମୂଲ୍ୟରେ ତାହା ପାଇପାରିବେ। କିନ୍ତୁ ସବୁ ବିଷୟ ନିର୍ଭର କରେ ଉତ୍ପାଦନ ଉପରେ। ଉତ୍ପାଦନ ଯଦି କମ୍ ହୁଏ, ତେବେ ପରିବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ରହିବାକୁ ବାଧ୍ୟ ହେବା। ଏ କ୍ଷେତ୍ରରେ ମଣ୍ଡିର ଆବଶ୍ୟକତା କେତେ ତାହା ଅନୁଭବ କରାଯିବା ଦରକାର। ଉଲ୍ଲେଖଯୋଗ୍ୟ ଯେ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଭଳି ରାଜ୍ୟରେ ଯେଉଁ ମଣ୍ଡି ରହିଛି, ସେଠାରେ ଚାଷୀମାନେ ପରିବା ଓ ଫଳଜାତୀୟ ଫସଲ ବିକ୍ରି କରିବା ସହ ଅନ୍ୟ ରାଜ୍ୟକୁ ରପ୍ତାନି କରିଥାନ୍ତି। କିନ୍ତୁ ଏବେ ସରକାର ଯେଉଁ ପ୍ରକାର ମଣ୍ଡି କଥା କହୁଛନ୍ତି, ସେଠାରେ କେବଳ ଖାଉଟିଙ୍କୁ ଚାଷୀ ପରିବା ବିକ୍ରି କରିବା ବ୍ୟତୀତ ରପ୍ତାନି ସୁବିଧାର ସୂଚନା ମିଳୁନାହିଁ। କାରଣ ଆଳୁ, ପିଆଜ, ରସୁଣଠାରୁ ଆରମ୍ଭକରି ପ୍ରାୟ ଅଧିକାଂଶ ପରିବା ପାଇଁ ଓଡ଼ିଶାକୁ ଅନ୍ୟ ରାଜ୍ୟଗୁଡ଼ିକ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ସେସବୁ ରାଜ୍ୟରେ ଉତ୍ପାଦନ ଅଧିକ ଓ ପର୍ଯ୍ୟାପ୍ତ ଶୀତଳଭଣ୍ଡାର ସୁବିଧା ଅଛି। ଓଡ଼ିଶାରେ ପୂର୍ବ ସରକାରଙ୍କ ଅମଳରୁ ଶୀତଳଭଣ୍ଡାର ଖୋଲିବା ସମ୍ପର୍କରେ ଯୋଜନା ହୋଇଥିଲା ଓ ନିକଟରେ ସବୁ ବ୍ଲକରେ ତାହା ଖୋଲାଯିବ ବୋଲି ଏବକାର ସରକାର ଘୋଷଣା କରିଛନ୍ତି। ତେବେ ସରକାରଙ୍କ ଉଭୟ ଘୋଷଣାରୁ ମଣ୍ଡି ଆଗ କି ଶୀତଳଭଣ୍ଡାର ଆଗ ତାହା ଚିନ୍ତା କରି କାର୍ଯ୍ୟ ଆରମ୍ଭ କରାଯିବା ଦରକାର। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୭୦ ଦଶନ୍ଧିର ଆରମ୍ଭରେ ତତ୍କାଳୀନ ଓଡ଼ିଶା ସରକାର ଶୀତଳଭଣ୍ଡାର କଥା ଚିନ୍ତା କରିଥିଲେ ଏବଂ ରାଜ୍ୟର ବିଭିନ୍ନ ବ୍ଲକରେ ଶୀତଳଭଣ୍ଡାର ସ୍ଥାପନ ମଧ୍ୟ କରାଯାଇଥିଲା। ସେତେବେଳେ ପ୍ରଯୁକ୍ତି ବିକାଶ ହୋଇ ନ ଥିବା ଫଳରେ ଶୀତଳଭଣ୍ଡାର କାର୍ଯ୍ୟକ୍ଷମତା ଆଖିଦୃଶିଆ ଭାବେ ସଫଳ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ କଂଗ୍ରେସର ୧୫ ବର୍ଷ ଏବଂ ବିଜୁ ଜନତା ଦଳର ଦୀର୍ଘ ୨୪ ବର୍ଷର ଶାସନ କାଳରେ ଶୀତଳଭଣ୍ଡାର ଏବଂ ଜଳସେଚନ ଭଳି କୃଷିକୁ ସବୁଠାରୁ ଅଧିକ ସାହାଯ୍ୟ କରୁଥିବା କାର୍ଯ୍ୟ ପ୍ରାୟତଃ ବନ୍ଦ କରିଦିଆଯାଇଥିଲା। ଯାହାଫଳରେ ଓଡ଼ିଆ ଚାଷୀ ତାହାର ଜମିକୁ ପଡ଼ିଆ ପକାଇବାକୁ ଏକ ପ୍ରକାର ବାଧ୍ୟ ହୋଇଥିଲା। ଏବେ ପ୍ରଯୁକ୍ତି ଜ୍ଞାନ ବୃଦ୍ଧି ପାଇବା ପରେ ଆଧୁନିକ ଶୀତଳଭଣ୍ଡାର ନିର୍ମାଣ କରାଯାଇପାରିବ, ଯେଉଁଥିରେ ବିଭିନ୍ନ ପ୍ରକାରର ପରିବାକୁ ଭିନ୍ନ ଭିନ୍ନ ତାପମାତ୍ରାରେ ବହୁଦିନ ରଖାଯାଇପାରିବ।

ପରିବା ମଣ୍ଡି ଓ ଶୀତଳଭଣ୍ଡାର ନିର୍ମାଣ କାର୍ଯ୍ୟ ପୂର୍ବରୁ ଉତ୍ପାଦନ ବୃଦ୍ଧି ଲାଗି ଯୋଜନା କେତେ କାର୍ଯ୍ୟକ୍ଷମ ହୋଇପାରିଛି ତାହାର ସମୀକ୍ଷା ହେବା ଜରୁରୀ। କେବଳ ସମସ୍ୟାକୁ ଦେଖି ଘୋଷଣା କରାଗଲେ ତାହା ପରିଣାମ ‘ଆଳୁ ମିଶନ’ ଭଳି ହୋଇପାରେ। ଏକଥା ବି ସତ ଯେ, ଆଳୁ ଦର ଏବେ କେ.ଜି. ପ୍ରତି ୩୦ ଟଙ୍କାରେ ବିକ୍ରି ହେଉଛି। ପରିବା ମଣ୍ଡି କଥା ଶୁଣିବାବେଳକୁ ଗାଁର ସାପ୍ତାହିକ ହାଟ ମନେପଡ଼ିଯାଏ। ଯିଏ ଗାଁ ହାଟକୁ ଯାଇଥିବେ, ସେମାନେ ଏହା ନିଶ୍ଚୟ ଦେଖିଥିବେ ଯେ, ସେଠାରେ ଆଖପାଖ ଗାଁର କୃଷକମାନେ ସେମାନଙ୍କ କୃଷିଜାତ ଶସ୍ୟ ବିକ୍ରି କରିବାକୁ ଆସନ୍ତି। ମୁଖ୍ୟତଃ ହାଟର ଆକର୍ଷଣ ଥାଏ ତଟକା ପରିବା। ଖାଉଟିଙ୍କ ବ୍ୟତୀତ ବ୍ୟବସାୟୀ କିମ୍ବା ମଧ୍ୟସ୍ଥମାନେ ଚାଷୀଙ୍କଠାରୁ ପରିବା କିଣି ଥାଆନ୍ତି। ପ୍ରକୃତରେ ଲାଭ ସେମାନେ ପାଆନ୍ତି, କାରଣ କମ୍ ମୂଲ୍ୟରେ ଚାଷୀ ସେମାନଙ୍କୁ ପରିବା ବିକ୍ରି କରିବାକୁ ବାଧ୍ୟ ହୁଅନ୍ତି। ଚାଷୀଙ୍କୁ ତାଙ୍କର ଉତ୍ପାଦ ରଖିବାକୁ ଶୀତଳଭଣ୍ଡାର ଭଳି କୌଣସି ବ୍ୟବସ୍ଥା ନାହିଁ। ଏମିତିକି ବହୁ ସମୟରେ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ପରିବାକୁ ହାଟ ବାହାରେ ଫିଙ୍ଗି ଦେବା ଦୃଶ୍ୟ ଦେଖିବାକୁ ମିଳେ। ଦୁଃଖର ବିଷୟ ହେଉଛି, ରାଜ୍ୟରେ ପଞ୍ଜୀକୃତ ୧୫ ହଜାରରୁ ଉର୍ଦ୍ଧ୍ୱ ଗାଁ ହାଟ ଅବ୍ୟବସ୍ଥିତ ହୋଇ ରହିଛି। ଏହାର ଭିତ୍ତିଭୂମି ସମ୍ପୂର୍ଣ୍ଣ ଦୁର୍ବଳ। ସାଙ୍ଗଠନିକ ଓ ପରିଚାଳନାଗତ ଏକକ ବ୍ୟବସ୍ଥା ନାହିଁ। ସରକାର ହାଟର କାର୍ଯ୍ୟ, ପରିଚାଳନା ଓ ବଜାର ଚାପ ସମ୍ମୁଖୀନ ହେବା ପାଇଁ ଯେଉଁସବୁ ଆଧୁନିକୀକରଣ ଦରକାର ସେଗୁଡ଼ିକୁ ପ୍ରଥମେ କାର୍ଯ୍ୟକାରୀ କରାଇବାକୁ ଚେଷ୍ଟା କରିବା ଉଚିତ। ଏହାବ୍ୟତୀତ ହାଟଗୁଡ଼ିକରେ ପାନୀୟ ଜଳ ସମସ୍ୟାଠାରୁ ଆରମ୍ଭ କରି ପରିବା ବିକ୍ରି ପାଇଁ ଶେଡ୍ ଓ ବିଶ୍ରାମାଗାର ଅଭାବ ରହିଛି। ଫଳରେ ଖରା ଓ ବର୍ଷାରେ କୃଷକମାନେ ବାହାରେ ବସି ପରିବା ବିକ୍ରି କରୁଛନ୍ତି। ଉଲ୍ଲେଖନୀୟ ଯେ, ୮୦ ଦଶକରେ ରାଜ୍ୟରେ ଖୋଲା ଯାଇଥିବା ସମନ୍ୱିତ କୃଷକ ବଜାର ଅନେକ ସ୍ଥାନରେ ସ୍ଥିତି ହରାଇ ସାରିଲାଣି। ତେବେ ଚାଷୀଙ୍କ ସମସ୍ୟାକୁ ଅଣଦେଖା କରି ଯଦି ଖାଉଟି ସୁବିଧା ପାଇଁ ନୂଆ କରି ପରିବା ମଣ୍ଡି ବ୍ୟବସ୍ଥା କରାଯାଉଥାଏ, ତେବେ ସୁଫଳ ମିଳିବା କଷ୍ଟକର। ଚାଷୀ ସମସ୍ୟା କହିଲେ, ଜଳସେଚନ ଓ କୃଷି ଶ୍ରମିକ ଅଭାବ ରହିଛି। ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟରେ ପରିବା ଚାଷ କରୁଥିବା କ୍ଷୁଦ୍ର, ନାମମାତ୍ର ତଥା ଭାଗଚାଷୀମାନେ କ୍ଷତିର ସମ୍ମୁଖୀନ ହେଲେ ସେମାନେ କ୍ଷତିପୂରଣ ପାଇବାରେ ବିଳମ୍ବ ହେବା ଏକ ଚିରାଚରିତ ଧାରା। ମୃତ୍ତିକା ପରୀକ୍ଷଣ କେନ୍ଦ୍ର ବିଷୟରେ ପ୍ରାୟତଃ ଅଧିକାଂଶ ଚାଷୀ ଜାଣିନାହାନ୍ତି। ବ୍ଲକସ୍ତରର କୃଷି ଅଧିକାରୀମାନେ ରୋଗ ପୋକ କିମ୍ବା ଉନ୍ନତ ଜ୍ଞାନକୌଶଳ ଭିତ୍ତିକ ଚାଷ ସମ୍ପର୍କରେ ଚାଷୀଙ୍କୁ ନିୟମିତ ସାହାଯ୍ୟ ସହଯୋଗ କରିବାକୁ କ୍ଷେତ୍ରକୁ ପ୍ରାୟତଃ ଯାଇନଥା’ନ୍ତି। କେବଳ ଯୋଜନାରେ କିଛି ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଇ ଅଧିକାରୀମାନେ ଚାଷୀମାନଙ୍କଠାରୁ ଦୂରେଇ ରହିଲେ ଉତ୍ପାଦନ ବଢ଼ିବ ନାହିଁ କି ମଣ୍ଡିକୁ ପରିବା ଆସିବ ନାହିଁ, ଦର କମିବା ତ ଦୂରର କଥା।

## ଯୁଦ୍ଧ କରିଛି, ଅସ୍ତ୍ର ଧରିନି



ଡ.ସତ୍ୟନାରାୟଣ ମିଶ୍ର

ଯୁଦ୍ଧର ସୃଷ୍ଟି ଦ୍ୱନ୍ଦ୍ୱରୁ ହୋଇଥାଏ ଓ ଦ୍ୱନ୍ଦ୍ୱ ମଣିଷ ଭିତରେ ଥିବା ଅହଙ୍କାର, ଈର୍ଷା, ଅସହିଷ୍ଣୁତା,ଗର୍ବ ଆଦି ହୀନମନ୍ୟତାରୁ ସୃଷ୍ଟି ହୋଇଥାଏ। ପ୍ରତ୍ୟେକ ଯୁଦ୍ଧରେ ଥାଏ ପକ୍ଷ ଓ ବିପକ୍ଷ ଏବଂ ପରିଣାମ ହୋଇଥାଏ କୌଣସି ଏକ ପକ୍ଷର ଜୟ ଓ ଅନ୍ୟପକ୍ଷର ପରାଜୟ। ତେବେ ଫଳାଫଳକୁ ବିଶ୍ଳେଷଣ କଲେ ଜଣାଯାଏ ପ୍ରତ୍ୟେକ ଯୁଦ୍ଧର ପରିଣାମ ହୋଇଥାଏ ଧ୍ୱଂସ ଓ କ୍ଷତି, ହରେଇବା ଓ ଅନୁଶୋଚନା, ଆତଙ୍କ ଓ ନିଷ୍ଠୁରତା ଇତ୍ୟାଦି। ମାତ୍ର ଯୁଦ୍ଧ କେତେବେଳେ ଥାଏ ଅସ୍ତ୍ରଶସ୍ତ୍ରର ସାହଚର୍ଯ୍ୟରେ ଆଉ କେତେବେଳେ ହୋଇଥାଏ ବିତର୍କର ମୁହାଁମୁହିଁ ଆରୋପ ଓ ପ୍ରତ୍ୟାରୋପରେ। ଯେତେବେଳେ କୌଣସି ବିଷୟବସ୍ତୁ ବା ଶୀର୍ଷକକୁ ନେଇ ବିତର୍କର ତର୍କ ହୋଇଥାଏ, ସେତେବେଳେ ତାହା ଥାଏ ବାକଯୁଦ୍ଧ ବା ମତପାର୍ଥକ୍ୟର ଯୁଦ୍ଧ ; ଯେଉଁଥିରେ ଥାଏ ଶାଳୀନତା ଓ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ। ଏଥିରେ କାହାର କ୍ଷତି ହୋଇ ନ ଥାଏ ବରଂ ବ୍ୟକ୍ତି ବା ସମାଜର ଲାଭ ହୋଇଥାଏ ଏକ ନିଷ୍କର୍ଷରେ ଉପନୀତ ହେବା ପାଇଁ। କିନ୍ତୁ ଯୁଦ୍ଧ ଯେତେବେଳେ ବାହୁବଳ, ଶକ୍ତିବଳ, ଧନବଳର ପ୍ରତିଯୋଗିତା ବା ଆକ୍ରମଣ ହୋଇଥାଏ, ସେତେବେଳେ ସେଥିରେ ଥାଏ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ପ୍ରୟୋଗ ଓ ପରିଣାମ ହୋଇଥାଏ ବିନାଶ। ବର୍ତ୍ତମାନର ସମାଜରେ ଯୁଦ୍ଧ ଏକ ଆଡମ୍ବର ଉପାଦାନ ହୋଇ ସମାଜ ଦେଶ ଗୋଷ୍ଠୀ ଜାତି ମଧ୍ୟରେ ଏକ ପ୍ରାଚୀର ସୃଷ୍ଟି କରୁଛି। ଯୁଦ୍ଧ କେବେ ଭଲ ନୁହେଁ, ଶାନ୍ତି କଦାପି ଖରାପ ନୁହେଁ। ଯୁଦ୍ଧର ଲୋମହର୍ଷଣକାରୀ ଭୟାବହତା ଏତେ ପରିମାଣର ଯେ ତାହା ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ। ଯୁଦ୍ଧ ହେଉଛି ସମସ୍ତ ମାନବିକତା ଓ ମାନବ ସଭ୍ୟତାର ଶତ୍ରୁ। ଏହା କେବଳ ଦେଶର ବିକାଶରେ ବାଧା ସୃଷ୍ଟି କରେ ନାହିଁ ବରଂ ସାମାଜିକ ଏକତାକୁ ଉଚ୍ଛେଦ କରିଥାଏ। ଏହା ମାନବଜାତିର ପ୍ରଗତିର ଗତି ମନ୍ଥର କରିଦିଏ। ଯୁଦ୍ଧ ସମସ୍ୟାର ସମାଧାନ ନୁହେଁ। ଏହା ସମସ୍ୟା ଓ ରାଷ୍ଟ୍ରମାନଙ୍କ ମଧ୍ୟରେ ଘୃଣା ସୃଷ୍ଟି କରିଥାଏ। ଯୁଦ୍ଧ ଗୋଟିଏ ପ୍ରସଙ୍ଗ ସ୍ଥିର କରିପାରିଲେ ଅନେକ ଅହେତୁକ ପ୍ରସଙ୍ଗ ଜନ୍ମ ଦିଏ। ଯୁଦ୍ଧ ମନୁଷ୍ୟ ଦ୍ୱାରା ସୃଷ୍ଟି ହୋଇଥାଏ କିନ୍ତୁ ବର୍ତ୍ତମାନ ଏହା ସମସ୍ତ ମାନବ ଶକ୍ତିର ନିୟନ୍ତ୍ରଣ ବାହାରେ। ବର୍ତ୍ତମାନ ସମଗ୍ର ମାନବ ଜାତିର ମାନବିକତା ପାଇଁ ଏହା ଉପରେ ଚିନ୍ତା କରିବା ପାଇଁ ପୁନଃ ଅନୁସନ୍ଧାନ ଆବଶ୍ୟକ କରେ, ନଚେତ ମାନବିକତା ରହିବ ନାହିଁ। ଆଧୁନିକ ଯୁଗରେ ସମାଜର ସବୁଠାରୁ ବଡ଼ ବିନାଶକାରୀ କାର୍ଯ୍ୟ ହେଉଛି ଯୁଦ୍ଧ। କିଏ ଯୁଦ୍ଧରେ ଜିତେ ନା



କାହିଁକି, ମାନବଜାତି ପ୍ରତ୍ୟେକ କ୍ଷେତ୍ରରେ ହାରିଯାଏ, ମାନବିକ ମୂଲ୍ୟବୋଧର ଅବକ୍ଷୟ ହୋଇଥାଏ।

ଏକ ରାଷ୍ଟ୍ରର ସୁରକ୍ଷା, ସାର୍ବଭୌମତ୍ୱ ଆଦି ପାଇଁ ସାଧାରଣତଃ ଦେଶ ଦେଶ ମଧ୍ୟରେ ଯୁଦ୍ଧ ହୁଏ। ଉଦ୍ଦେଶ୍ୟ ଯାହା ହେଉନା କାହିଁକି, ଏହା ବିପଜ୍ଜନକ ଆଚରଣ, ଯାହା ଦ୍ୱାରା ଲକ୍ଷ ଲକ୍ଷ ଅମୂଲ୍ୟ ନିରୀହ ଜୀବନ ନଷ୍ଟ ହୋଇଯାଏ ଓ ଏହାର ବିପଜ୍ଜନକ ପ୍ରଭାବ ହେଉଛି ଏହା ଭବିଷ୍ୟତ ପିଢ଼ିକୁ ମଧ୍ୟ ସାମ୍ନା କରିବାକୁ ପଡ଼ିଥାଏ। ସାଂପ୍ରତିକ ସମୟରେ ଅନେକ ଯୁଦ୍ଧ ଦେଶ ଦେଶ ମଧ୍ୟରେ ହେଉଛି ଓ ଦେଶର ମୁଖ୍ୟ କେବଳ ନିର୍ଦ୍ଦେଶ ଦେଉଥିବା ବେଳେ ପ୍ରକୃତ ଯୁଦ୍ଧ କରୁଛନ୍ତି ଦେଶର ସୈନ୍ୟମାନେ, ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଛନ୍ତି ସୈନ୍ୟମାନେ ଓ ମୃତ୍ୟୁମୁଖରେ ପଡ଼ନ୍ତି ସୈନ୍ୟମାନେ। କିନ୍ତୁ ଯିଏ ଯୁଦ୍ଧ ନିର୍ଦ୍ଦେଶ ଦେଇଥାନ୍ତି ସେ କେବେ ଅସ୍ତ୍ର ଧରି ନ ଥା’ନ୍ତି ମାତ୍ର ଯୁଦ୍ଧ କରିଥାନ୍ତି ଏକ ନିର୍ଦ୍ଦିଷ୍ଟ ସ୍ୱାର୍ଥର ପ୍ରଚ୍ଛନ୍ନ ଅଭିସନ୍ଧି ପାଇଁ। ଭାରତର ମହାଭାରତ ଯୁଦ୍ଧ ଥିଲା ଦେଶ ଦେଶ ମଧ୍ୟରେ ନୁହେଁ ବରଂ ଏକ ପାରିବାରିକ ଯୁଦ୍ଧ, ଯାହା ସମୟକ୍ରମେ ରୂପାନ୍ତରିତ ହୋଇ ସୃଷ୍ଟି ହେଲା ଦୁଇଟି ରାଷ୍ଟ୍ରର ଯୁଦ୍ଧ ତାହା ପୁଣି ହସ୍ତିନାପୁରର ସିଂହାସନ ପାଇଁ। ଦିନେ ଯେଉଁ ହସ୍ତିନାପୁରରେ କୌରବ ଓ ପାଣ୍ଡବ ଏକତ୍ରିତ ହୋଇ ଜୀବନ ଅତିବାହିତ କରୁଥିଲେ ସେହି ହସ୍ତିନାପୁର ପାଇଁ ସୃଷ୍ଟି ହେଲା ଅନ୍ୟ ଏକ ରାଜ୍ୟ ଇନ୍ଦ୍ରପ୍ରସ୍ଥ ଓ କୁରୁକ୍ଷେତ୍ର ଯୁଦ୍ଧର ସୃଷ୍ଟି ହେଲା କେବଳ କିଛି ପାଇବା ପାଇଁ। ଯୁଦ୍ଧର ନିୟନ୍ତ୍ରକ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି ‘ଯୁଦ୍ଧ ମୁଁ କରିଛି ହେଲେ ଅସ୍ତ୍ର ଧରି ନାହିଁ’। ବାସ୍ତବିକ ଶ୍ରୀକୃଷ୍ଣଙ୍କର ଉକ୍ତ ଘୋଷଣା ସଂପୂର୍ଣ୍ଣ ସତ୍ୟ ଯେ ସେ ଯୁଦ୍ଧ କ୍ଷେତ୍ରରେ ଥିଲେ, ଯୁଦ୍ଧ ଏଡ଼ାଇବା ପାଇଁ ପ୍ରୟାସ କରିଥିଲେ। ମାତ୍ର କୌଣସି ଅସ୍ତ୍ର ଧରି ନ ଥିଲେ ବରଂ ଏକ ସେବକ ହିସାବରେ ନିଜର କର୍ତ୍ତବ୍ୟ ପାଳନ କରୁଥିଲେ। କିନ୍ତୁ ପରୋକ୍ଷରେ ସେ ଯୁଦ୍ଧକୁ ନିୟନ୍ତ୍ରଣ କରୁଥିଲେ ଓ ଉଦ୍ଦେଶ୍ୟ ଥିଲା ଅନ୍ୟାୟ, ଅତ୍ୟାଚାର, ଦୁର୍ନୀତି, ଅହଙ୍କାର ଆଦିର ପରାଜୟ କରି ଧର୍ମ ଓ ନୈତିକତାର ପ୍ଲାବନ ସୃଷ୍ଟି କରିବା ପାଇଁ, ଯାହାଥିଲା ଏକ ମହତ୍ ଉଦ୍ଦେଶ୍ୟ। ଏଠାରେ ଶ୍ରୀକୃଷ୍ଣ ଯୁଦ୍ଧ କ୍ଷେତ୍ରରେ ନିଜକୁ ସମସ୍ତଙ୍କର ମଙ୍ଗଳ କାମନା କରି ପରିବର୍ତ୍ତନ ହେବା ପାଇଁ ସୁଯୋଗ ସୃଷ୍ଟି କରିଥିଲେ।

ମାତ୍ର ଏକବିଂଶ ଶତାବ୍ଦୀର ଯୁଦ୍ଧ ନିୟନ୍ତ୍ରକମାନେ ଅସ୍ତ୍ର ସ୍ପର୍ଶ କରୁ ନାହାନ୍ତି ନିରାଟ ସତ୍ୟ, ହେଲେ କେବଳ ନିର୍ଦ୍ଦେଶ ଦେଇ ନିରୀହ ମଣିଷମାନଙ୍କର ପ୍ରାଣ ଉଜାଡୁଛନ୍ତି କେବଳ ନିଜର ସ୍ପର୍ଦ୍ଧା ଓ ଆଭିଜାତ୍ୟକୁ ଚରିତାର୍ଥ କରିବା ପାଇଁ। ଏଥିରେ ଅନ୍ୟର କ୍ଷତି ସୃଷ୍ଟି ହେଉଛି। ବର୍ତ୍ତମାନ ସମାଜରେ ନିର୍ବାଚନୀ ଯୁଦ୍ଧରେ ଯେଉଁମାନେ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି ସେମାନେ ଯୁଦ୍ଧ କରନ୍ତି ହେଲେ ଅସ୍ତ୍ର ଧରି ନ ଥାନ୍ତି। କିନ୍ତୁ ନିର୍ବାଚନ ଯୁଦ୍ଧରେ ଶହ ଶହ ନିରୀହ ମଣିଷ ହିଂସାରେ ନିହତ ହେଉଛନ୍ତି। ଆକ୍ରୋଶ, ବିବାଦ, ସ୍ୱାର୍ଥ ରକ୍ଷା ଆଦି କାରଣ ପାଇଁ ଯୁଦ୍ଧ ନିର୍ଦ୍ଦେଶ ହୋଇଥାଏ, ହେଲେ ଯୁଦ୍ଧ ଘୋଷଣା କରିଥିବା ବ୍ୟକ୍ତି କେବେ ଅସ୍ତ୍ର ବ୍ୟବହାର କରି ନ ଥାଏ, ଯାହାର ପ୍ରଚ୍ଛନ୍ନ ଛଳନାର ଛାୟା ଯୁଦ୍ଧ ଗୋଟିଏ ନିହିତ ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ କରିଥାଏ। ଦେଶ ଦେଶ ମଧ୍ୟରେ ଦିନ ଦିନ ଧରି ଯେଉଁ ଯୁଦ୍ଧ ସଂଘଟିତ ହେଉଛି ସେଥିରେ ଦେଶର ସମ୍ବଳ, ପରିବେଶ, ଧନ ଜୀବନ ଆଦି ନଷ୍ଟ ହେଉଛି ଏବଂ ଉଦ୍ଦେଶ୍ୟ ଥାଏ କେବଳ ବଶ୍ୟତା ସ୍ୱୀକାର କରିବା ଓ ଅନ୍ୟ ଦେଶର ପ୍ରତିଷ୍ଠାକୁ କ୍ଷୁଣ୍ଣ କରିବା ତଥା ସୀମା ବିବାଦକୁ ପରାହତ କରି ଦେଶକୁ ଦଖଲ କରିବା, ଯାହା ଥାଏ କେବଳ ପାର୍ଥିବ ଆଶା। ମାତ୍ର ଶ୍ରୀକୃଷ୍ଣଙ୍କର ଯୁଦ୍ଧ କରିବାର ଅଭିପ୍ରାୟ ଥିଲା ଭିନ୍ନ ଓ ତାହା ମଣିଷ ସମାଜକୁ ଶିକ୍ଷା ଦେବା ପାଇଁ ଏକ ଦୃଷ୍ଟାନ୍ତ ଥିଲା, ଯାହା ଆଜି ମଣିଷ ଜାଣି ଅଜଣା ହୋଇ ଛଳନାକୁ ଆଲିଙ୍ଗନ କରି କେବଳ ନିଜର କ୍ଷତି କରି ଚାଲିଛି। ନିଜର ପରାକ୍ରମକୁ ସାବ୍ୟସ୍ତ କରିବା ପାଇଁ ଅନେକ ସାଧାରଣ ଜୀବନ କ୍ଷତି ହେଉଛି। ହେଲେ ଫଳ କ’ଣ ମିଳୁଛି ତାହା ମହାଭାରତ ଯୁଦ୍ଧରୁ ଶିକ୍ଷା ମିଳିବା କଥା। ଅତଏବ ବର୍ତ୍ତମାନ ସମାଜରେ ଯୁଦ୍ଧକୁ ନିର୍ଦ୍ଦେଶ ଦେଉଥିବା ନିୟନ୍ତ୍ରକ ନିଜକୁ ପ୍ରଶ୍ନ କରିବା ଉଚିତ ଯେ ଏ ଯୁଦ୍ଧର ପରିଣାମ ଓ ଉଦ୍ଦେଶ୍ୟ କାହା ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ। ତେଣୁ ମହାଭାରତରେ ଶ୍ରୀକୃଷ୍ଣ ଯେଉଁ ଉଦ୍ଦେଶ୍ୟରେ ଘୋଷଣା କରିଥିଲେ ଯେ ଯୁଦ୍ଧ ମୁଁ କରିଛି ହେଲେ ଧରି ନାହିଁ ଅସ୍ତ୍ରର ତାତ୍ପର୍ଯ୍ୟକୁ ବର୍ତ୍ତମାନ ସମାଜ ଗଭୀର ଭାବେ ଅନୁଶୀଳନ କରିବା ଉଚିତ ଯେ ଯୁଦ୍ଧର ଅଭିପ୍ରାୟ କେଉଁ ଉଦ୍ଦେଶ୍ୟରେ ଓ କାହା ସ୍ୱାର୍ଥରେ।

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ଏମ-୭୯, ମଧୁସୂଦନ ନଗର , ଭୁବନେଶ୍ୱର**
**ମୋ:୯୯୩୭୩୪୫୯୦୦**

## ହିଟ୍‌ଲରଙ୍କ ହଲୋକାଷ୍ଟ ଓ ଗାନ୍ଧିଜୀଙ୍କ ଅହିଂସା



ଡ. ପ୍ରଫୁଲ୍ଲ କୁମାର ପାଣି

ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୪୫) ସମୟରେ ହିଟ୍‌ଲରଙ୍କ ନାଜି ବାହିନୀ ଇଉରୋପର ବିଭିନ୍ନ ସ୍ଥାନରୁ ଇହୁଦୀମାନଙ୍କୁ ଧରି ଆଣି ଯେଉଁ ଢଙ୍ଗରେ ଗଣହତ୍ୟା କରୁଥିଲେ ତାହା ହଲୋକାଷ୍ଟ ନାମରେ ଜଣାଶୁଣା। ଇହୁଦୀମାନଙ୍କୁ ବିଭିନ୍ନ କ୍ୟାମ୍ପମାନଙ୍କରେ ବସ୍ତା ଭଳି ଠେସି ଦିଆଯାଉଥିଲା। କେତେବେଳେ ଗ୍ୟାସ ଚ୍ୟାମ୍ବରରେ ପୂରାଇ ତ କେତେବେଳେ ଗୁଳି ମାରି ବା ଲଣ୍ଡା କରି ଷ୍ଟାମ୍ପ ମରାଯାଇ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରମ ଯନ୍ତ୍ରଣା ଦିଆଯାଇ ହତ୍ୟା କରାଯାଉଥିଲା। ଏହି ବର୍ବରତା ଏତେ ଅଧିକ ଥିଲା ଯେ ବୃଦ୍ଧାବୃଦ୍ଧ, ଶିଶୁ କେହି ବାଦ୍ ପଡୁ ନ ଥିଲେ। ପ୍ରାୟ ଷାଠିଏ ଲକ୍ଷ ଇହୁଦୀଙ୍କ ହତ୍ୟା ମଧ୍ୟରେ କେବଳ ପନ୍ଦର ଲକ୍ଷ ଶିଶୁ ଥିଲେ। ପିତୃମାତୃହରା ଯୁବକ ହିଟ୍‌ଲର ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଚିତ୍ର ଅଙ୍କନ କରି ରାଜଧାନୀ ଭିଏନାରେ ଚିତ୍ରକୁ ବିକ୍ରୟ କରିବା ପାଇଁ ଆଶା ପୋଷଣ କରିଥିଲେ। ମାତ୍ର ଭିଏନାର ଲକ୍ଷପତି, ପୁଞ୍ଜିପତି, ଶିଳ୍ପପତି ଏହି ଚିତ୍ରକର ପ୍ରତି ଆଦୌ ଗୁରୁତ୍ୱ ଦେଇ ନ ଥିଲେ ଅଥଚ ମଦ୍ୟପାନ କରି ଅସଂଜତ ଅବସ୍ଥାରେ ପ୍ରମୋଦ କେନ୍ଦ୍ରମାନଙ୍କରେ ସମୟ କଟାଉଥିଲେ। ଏହି ଆଭିଜାତ୍ୟ ସଂପ୍ରଦାୟ ମଧ୍ୟରେ ଅଧିକାଂଶ ପ୍ରଭାବଶାଳୀ ବ୍ୟକ୍ତି ଥିଲେ ଇହୁଦୀ ସଂପ୍ରଦାୟର। ଏହି ସଂପ୍ରଦାୟ ହାତରେ ଭିଏନାର ଶିଳ୍ପ, କଳକାରଖାନା, ବ୍ୟବସାୟ, ଛାପାଖାନା ବ୍ୟବସାୟ, ସମ୍ବାଦପତ୍ର, ରଙ୍ଗଶାଳା ପ୍ରଭୃତି ନିୟନ୍ତ୍ରଣ ହେଉଥିଲା। ଏହିଠାରୁ ହିଟ୍‌ଲରଙ୍କର ମଧ୍ୟ ବଡ଼ ଧାରଣ ହେଲା ଯେ ମୋ ଜର୍ମାନ ଦେଶର ଦୁର୍ଭାଗ୍ୟ ପାଇଁ ବିଶେଷ ଭାବରେ ଇହୁଦୀମାନେ ହିଁ ଦାୟୀ। ଏମାନଙ୍କୁ ସମୂଳେ ଧ୍ୱଂସ କରିବା ପାଇଁ ତାଙ୍କ ଭିତରେ ପ୍ରତିଶୋଧର ବହ୍ନି କୁହୁଳି ଥିଲା। ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୮) ସମୟରେ ହିଟ୍‌ଲର ଜର୍ମାନ ସେନାର ଏକ ସୈନିକ ହେଲେ। ଏହି ଯୁଦ୍ଧରେ ଜର୍ମାନୀ ପରାସ୍ତ ହୋଇଥିଲା। ଅନ୍ୟ ଜର୍ମାନ ସୈନିକଙ୍କ ପରି ହିଟ୍‌ଲର ଜର୍ମାନୀର ପରାଜୟ ସ୍ୱୀକାର କରି ନ ଥିଲେ। ତାଙ୍କର ବିଶ୍ୱାସ ଥିଲା ଯେ ସେମାନେ ଯୁଦ୍ଧରେ ହାରି ନାହାନ୍ତି। ଇହୁଦୀ ଏବଂ କମ୍ୟୁନିଷ୍ଟମାନେ ଦେଶ ସହିତ ବିଶ୍ୱାସଘାତକତା କରି ଦେଶକୁ ହରାଇଛନ୍ତି। ଏହି ପରାଜୟ ନିମନ୍ତେ ସେ ଇହୁଦୀମାନଙ୍କୁ ଦୋଷୀ ଭାବି ଏକ ରୂଢ଼ୀବାଦୀ ବୈରଭାବ ପୋଷଣ କଲେ। ବିଶେଷ ଭାବରେ ଜର୍ମାନ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ସମୟରେ ନାଜିମାନେ ଚିନ୍ତା କଲେ ଇହୁଦୀମାନଙ୍କୁ ଦେଶରୁ ବହିଷ୍କାର କରାଗଲେ ସମସ୍ୟାର ସମାଧାନ ହୋଇଯିବ। ଏହି ଘଟଣାକୁ ରାଜନୈତିକ ପ୍ରସଙ୍ଗ କରି ହିଟ୍‌ଲର ନିର୍ବାଚନରେ ବିଜୟ ଲାଭ କଲେ ଓ ଜର୍ମାନର ସର୍ବେସର୍ବା ହୋଇଗଲେ। ଇହୁଦୀମାନଙ୍କ ବିରୁଦ୍ଧରେ ବିଭିନ୍ନ ଆଇନକାନୁନ ଲଗାଇ କଡ଼ା ଆଭିମୁଖ୍ୟ ଗ୍ରହଣ କଲେ। ସେ ଇହୁଦୀମାନଙ୍କୁ କୀଟ ସହିତ ତୁଳନା କରି କହିଥିଲେ- ରୋଗର କାରଣକୁ ନଷ୍ଟ ନ କରିବା ପର୍ଯ୍ୟନ୍ତ ଯେପରି ରୋଗ ନିୟନ୍ତ୍ରିତ ହେବ ନାହିଁ, ସେହିପରି ଇହୁଦୀମାନଙ୍କୁ ଜର୍ମାନରୁ ନ ତଡ଼ିବା ପର୍ଯ୍ୟନ୍ତ ଜର୍ମାନର କୌଣସି ବିକାଶ ହେବ ନାହିଁ। ଏହି ଭାବନା କ୍ରମଶଃ ହିଟ୍‌ଲରଙ୍କ ଇହୁଦୀ ମାରଣ ଯଜ୍ଞରେ ଘୃତ ଢାଳିଲା ଭଳି ହୋଇଥିଲା।

ଯେତେବେଳେ ଧର୍ମାବଲମ୍ବୀଙ୍କଠାରୁ ଆରମ୍ଭ କରି ପୃଥିବୀର ବିଶିଷ୍ଟ ବ୍ୟକ୍ତିମାନେ ହିଟ୍‌ଲରଙ୍କ ଏହି ବର୍ବରତା ଓ ପୈଶାଚିକ ପ୍ରବୃତ୍ତି ସମ୍ପର୍କରେ ଗାନ୍ଧିଜୀଙ୍କ ଦୃଷ୍ଟି ଆକର୍ଷଣ କଲେ ସେତେବେଳେ ଗାନ୍ଧିଜୀ(୧୯୩୮ନଭେମ୍ବର ୧୧ସଂଖ୍ୟା) ହରିଜନ ପତ୍ରିକାରେ ଲେଖିଥିଲେ-“ବିଶ୍ୱ ସଭ୍ୟତାର



ବିକାଶ ପର୍ଯ୍ୟାୟରେ ଇହୁଦୀମାନଙ୍କ ଯୋଗଦାନ ପ୍ରଣିଧାନ ଯୋଗ୍ୟ। ନାଜିମାନେ ଇହୁଦୀମାନଙ୍କୁ ଯେପରି ହତ୍ୟା କରି ଚାଲିଛନ୍ତି ଏପରି ବର୍ବର କାଣ୍ଡ ବିଶ୍ୱ ଇତିହାସରେ ନାହିଁ। ହିଟ୍‌ଲରଙ୍କ ପରି ପାଗଳ ଶାସକ ଅତୀତରେ ନ ଥିଲେ। ଯଦିଓ ମୁଁ ଯୁଦ୍ଧରେ ବିଶ୍ୱାସ କରେ ନାହିଁ, ଅହିଂସା ମୋର ମନ୍ତ୍ର ତଥାପି ମାନବବାଦର ସୁରକ୍ଷା ପାଇଁ ଯୁଦ୍ଧର ଆବଶ୍ୟକତାକୁ ସର୍ବାଧିକ ମନେକରିଥାଏ।” ଇହୁଦୀଙ୍କ ସଂହାର ସମ୍ପର୍କରେ ଗାନ୍ଧିଜୀ କହିଥିଲେ, ଇହୁଦୀମାନଙ୍କୁ ଲୋପ କରିଦେବା ପାଇଁ ହିଟ୍‌ଲର ଯେପରି ଚାହୁଁଛନ୍ତି ସେହିପରି ଇହୁଦୀମାନେ ସ୍ୱେଚ୍ଛାକୃତ ଭାବରେ ଆତ୍ମ ବଳିଦାନ ଦିଅନ୍ତୁ। ନାଜିମାନଙ୍କ ଗୁଳିରେ କିମ୍ବା ଗ୍ୟାସ ଚ୍ୟାମ୍ବରରେ ମରିବା ଅପେକ୍ଷା ନିଜ ଇଚ୍ଛାରେ ଜୀବନ ଦେବା ଅଧିକ ଶ୍ରେୟସ୍କର ଓ ପ୍ରଭାବଶାଳୀ ହେବ। ସତ୍ୟାଗ୍ରହ ମାଧ୍ୟମରେ ସେମାନଙ୍କ ମଧ୍ୟରୁ ଯେ କେହି ଅହିଂସା ମାର୍ଗରେ ଆଗେଇ ନେତୃତ୍ୱ ନେଲେ ଇହୁଦୀ ଜାତିର ନୈରାଶ୍ୟ ଭଙ୍ଗ ହୋଇ ଆଶାର କିରଣ ଉଜ୍ଜୀବିତ ହୁଅନ୍ତା। ମରଣକୁ ଅସହାୟ ଭାବେ ଭେଟିବା ଅପେକ୍ଷା ଈଶ୍ୱରଙ୍କ ଇଚ୍ଛା ଭାବି ସାହସର ସହିତ ନାଜିମାନଙ୍କୁ ମୁକାବିଲା କରି ମଣିଷର ଗୌରବଗାଥା ବୁଝାଇ ହୁଅନ୍ତା। ଅହିଂସା ମାର୍ଗରେ ଚାଲିବାକୁ ହେଲେ ଅହିଂସ ବ୍ୟକ୍ତି ଶତ୍ରୁକୁ ଭଲପାଇବ ଏବଂ ତା’ ପାଇଁ ମଧ୍ୟ ଈଶ୍ୱରଙ୍କୁ ପ୍ରାର୍ଥନା କରିବ। ତେଣୁ ଇହୁଦୀ ଭାଇଭଉଣୀମାନେ ହିଟ୍‌ଲରଙ୍କ ପାଇଁ ସମୂହ ପ୍ରାର୍ଥନା କରିବା ଦରକାର। ଏପରି କଲେ ଇହୁଦୀମାନଙ୍କର ଆତ୍ମ ମର୍ଯ୍ୟାଦା ବୃଦ୍ଧି ପାଇବ ଓ ବିଶ୍ୱ ସମୁଦାୟକୁ ଅନୁପ୍ରାଣିତ କରିବ। ଗାନ୍ଧିଜୀଙ୍କର ଏପରି ମତାମତକୁ ସମାଲୋଚନା କରି ନିଉୟର୍କର ଏକ ଇହୁଦୀ ପତ୍ରିକା ଲେଖିଥିଲା-‘ଜର୍ମାନରେ ଯଦି ଏହିପରି କିଏ ଇହୁଦୀ ଗାନ୍ଧୀ ହୋଇ ବାହାରନ୍ତି, ମାତ୍ର ପାଞ୍ଚ ମିନିଟ ମଧ୍ୟରେ ତା’କୁ ମାରି ଦିଆଯିବ’। ଏହାର ଉତ୍ତରରେ ଗାନ୍ଧିଜୀ କହିଥିଲେ- ଏପରି ଘଟିଲେ ଅହିଂସା ଶକ୍ତିର ଅଭ୍ୟୁଦୟ ହେବ। ବାକ୍ୟରେ ମରିବା ଅପେକ୍ଷା ନାଜିଙ୍କ ବନ୍ଧୁକ ଆଗରେ ଅହିଂସା ସଂଗ୍ରାମରେ ପ୍ରାଣତ୍ୟାଗ କରିବା ଶ୍ରେୟସ୍କର।

ସେହି ସମୟରେ ମହାତ୍ମା ଗାନ୍ଧୀ ସେବାଶ୍ରମରେ ଥିବା ତାଙ୍କର ଏକାନ୍ତ ପୁରାତନ ଇହୁଦୀ ବନ୍ଧୁ ହରମାନ କାଲେନ ବାକ୍‌ଙ୍କୁ ହିଟଲରଙ୍କ ପାଇଁ ପ୍ରାର୍ଥନା କରିପାରିବେ କି ବୋଲି ପଚାରିଲେ, କାଲେନ ବାକ୍ ତତ୍‌କ୍ଷଣାତ୍ ସ୍ପଷ୍ଟ ମନାକରି ଥିଲେ। ଇହୁଦୀମାନଙ୍କୁ ପିଶାଚ ଭଳି ହତ୍ୟା କରିଥିବା ହିଟ୍‌ଲରଙ୍କୁ ନେଇ ତାଙ୍କ ଭିତରେ କ୍ରୋଧ ସଂଚରିତ ହେବା ସ୍ୱାଭାବିକ। ୧୯୦୪ ମସିହା ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀ ସତ୍ୟାଗ୍ରହ ଚଳାଉଥିବା ସମୟରେ ଧନିକ ବ୍ୟକ୍ତି କାଲେନ ବାକ୍ (ଇହୁଦୀ ଆର୍କିଟେକ୍ଟ) ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିଥିଲେ। ଗାନ୍ଧିଜୀଙ୍କ ନୀତି, ଆଦର୍ଶ ଓ ସରଳପଣରେ ଗଭୀରଭାବେ ଅନୁପ୍ରାଣିତ ହୋଇ ହରମାନ କାଲେନ ବାକ୍ ଜୋହାନ୍‌ସବର୍ଗରେ ଥିବା ନିଜର ଏଗାରଶହ ଏକର ଜମି ଗାନ୍ଧିଜୀଙ୍କୁ ଦାନ କରିଥିଲେ। ଏହି ଜମିରେ ଗାନ୍ଧିଜୀ ବିଖ୍ୟାତ ଟଲଷ୍ଟୟ ଫାର୍ମ ସ୍ଥାପନ କରି ସତ୍ୟାଗ୍ରହୀମାନଙ୍କୁ ରହିବା ପାଇଁ ଆଶ୍ରୟ ଦେଇଥିଲେ। ଗାନ୍ଧିଜୀଙ୍କର ଏକାନ୍ତ ଶିଷ୍ୟ ହରମାନ କାଲେନ ବାକ୍ ସେବାଗ୍ରାମରେ ରହି ଧନଜୀବନ ପରିହାରପୂର୍ବକ ଅହିଂସା ବ୍ରତକୁ ଆପଣାଇଥିଲେ। ମାତ୍ର ହିଟ୍‌ଲରଙ୍କର ଇହୁଦୀ ବର୍ବରତା ପରିପ୍ରେକ୍ଷୀରେ ଗାନ୍ଧିଜୀଙ୍କ ଅହିଂସା ମାର୍ଗକୁ ସମର୍ଥନ କରିପାରି ନ ଥିଲେ। ଶେଷରେ ବାପୁଜୀ ଉପସ୍ଥିତ ସମସ୍ତଙ୍କୁ କହିଥିଲେ- ପ୍ରତିଶୋଧ ବେଶ୍ ସୁଖଦାୟକ ବା ମିଠା, ମାତ୍ର କ୍ଷମାଦେବା ଶାଶ୍ୱତ ଏବଂ ସ୍ୱର୍ଗୀୟ।

**କାମାକ୍ଷାନଗର, ମୋ:୬୩୭୨୪୫୯୯୬୦**

## ଏଇ ଭାରତରେ

ଜଳ ସଙ୍କଟ ଦୂର କରିବା ଲାଗି ବର୍ଷାପାଣି ବ୍ୟବହାରର ଆବଶ୍ୟକତା ଏବେ ଅନୁଭବ କରାଗଲାଣି। ଏଥିପାଇଁ ବର୍ଷାଜଳ ସଂରକ୍ଷଣ ଓ ତାହାର ବ୍ୟବହାର ସମ୍ପର୍କରେ ବହୁ ବ୍ୟକ୍ତି ଓ କମ୍ପାନୀ ଚେଷ୍ଟା କରୁଛନ୍ତି। ତେବେ ଗୁଜରାଟ ସୁରଟର ଯୁବକ ରାହୁଲ କାଚା ବର୍ଷାପାଣି ସଂରକ୍ଷଣ କରିବା ସହ ତାହାକୁ ପାନୀୟଯୋଗ୍ୟ କରି ସେଥିରୁ ଆୟ କରିପାରୁଛନ୍ତି। ବର୍ଷାପାଣି ଅମୃତ ବୋଲି ପ୍ରମାଣ କରିଦେଇଛନ୍ତି। ରାହୁଲ ୨୦୨୧ରେ ଏହାର ବ୍ୟବହାର ସମ୍ପର୍କରେ ବିଚାର କରି କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ସେ ବର୍ଷାପାଣିକୁ ଗଚ୍ଛିତ କରି ତାହାକୁ ଫିଲ୍‌ଟର କରୁଛନ୍ତି ଓ ବୋତଲରେ ଭର୍ତ୍ତି କରି ୧୫୦ ଜଣ ଲୋକଙ୍କୁ ଦେଉଛନ୍ତି। ସେ ଯେଉଁ ପ୍ରଣାଳୀରେ ବର୍ଷାଜଳକୁ ପାନୀୟଯୋଗ୍ୟ କରିପାରୁଛନ୍ତି, ସେ ସମ୍ପର୍କିତ ଜ୍ଞାନକୌଶଳ ଅନ୍ୟମାନଙ୍କୁ ଯୋଗାଇ ଦେଉଛନ୍ତି । ପ୍ରାରମ୍ଭରେ ଏହି କାର୍ଯ୍ୟ ସହଜ ନ ଥିଲା। ଏହା ମଧ୍ୟ ବ୍ୟୟବହୁଳ ଥିଲା। ସେଥିପାଇଁ ରାହୁଲ ତାଙ୍କ ଟେକ୍ନୋଲୋଜି ସମ୍ପର୍କରେ ଅନେକ ଲୋକଙ୍କୁ ଜଣାଇବା ପରେ ସେମାନେ ଆର୍ଥିକ ସହଯୋଗ କରିଥିଲେ। ଏବେ ସେ ୨ ଲକ୍ଷ ଲିଟରର ଷ୍ଟୋରେଜ ଟାଙ୍କି ଓ ୧ ଲକ୍ଷ ଲିଟରର ଟାଙ୍କି ନିର୍ମାଣ କରିଛନ୍ତି। ଏଥିରେ ମୋଟ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। କେବଳ ଏତିକି ନୁହେଁ,ରାହୁଲ ବର୍ଷା ପାଣି ଉପରେ ଲୋକଙ୍କୁ ସଚେତନ କରୁଛନ୍ତି। ଏବେ ସେ ତାଙ୍କ ଘର ଆଖପାଖରେ ଥିବା ୧୫୦ ଘରକୁ ବର୍ଷାପାଣି ପିଇବା ଲାଗି ଯୋଗାଇ ଦେଉଛନ୍ତି। ବର୍ଷାଜଳ ସଂରକ୍ଷଣରେ ମଧ୍ୟ ସେମାନଙ୍କୁ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ଜୁଲାଇ ୧୯୭୫**

- ପ୍ରାଥମିକ ସ୍କୁଲରେ ପଢୁଥିବା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରୁ ପରୀକ୍ଷା ଉଠାଇ ଦେବାପାଇଁ ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି।
- ବାଂଲାଦେଶର ରାଷ୍ଟ୍ରପତି ଶେଖ୍ ମୁଜିବୁର ରହମାନ ଦେଶରେ ୬୧ଟି ଜିଲା ଗଭର୍ଣ୍ଣର ନିଯୁକ୍ତ କରିଥିବାର ଘୋଷଣା କରିଛନ୍ତି।
- ନୋବେଲ ପୁରସ୍କାର ବିଜେତା ପାବ୍‌ଲୋ ନେରୁଦାଙ୍କ ସମ୍ମାନାର୍ଥେ ଚିଲିରେ ଆୟୋଜିତ ହେଉଥିବା ଉତ୍ସବ ବନ୍ଦ କରିବା ଲାଗି ଚିଲି ସାମରିକ ସରକାରଙ୍କ ନିର୍ଦ୍ଦେଶ।

## ଚିରନ୍ତନୀ

କୁଞ୍ଚିତ ତବ ବକ୍ଷବାସରୁ
ଫୁଟିଦିଶୁ ଯଉବନ
ସ୍କନ୍ଧ କନକ ହାର ଝୁଲିପଡୁ
ଫଣୀ ସମ ସଚେତନ !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | 8 | 7 | | | | | 3 |
| | | | | | | | | |
| 4 | | | | 3 | 1 | 8 | | |
| | 2 | | | 8 | | | | 6 |
| 7 | | | | | | | | |
| | | 4 | | | 5 | 7 | 3 | 2 |
| | 1 | | | 2 | 3 | | | |
| | | | | | | | 2 | |
| | 7 | | | | | | 1 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 5 | 2 | 7 | 8 | 6 | 1 | 4 |
| 2 | 1 | 4 | 3 | 6 | 5 | 8 | 7 | 9 |
| 8 | 6 | 7 | 1 | 4 | 9 | 2 | 3 | 5 |
| 7 | 5 | 6 | 9 | 8 | 1 | 4 | 2 | 3 |
| 3 | 8 | 1 | 4 | 2 | 7 | 5 | 9 | 6 |
| 4 | 9 | 2 | 6 | 5 | 3 | 7 | 8 | 1 |
| 1 | 2 | 8 | 5 | 9 | 6 | 3 | 4 | 7 |
| 5 | 7 | 3 | 8 | 1 | 4 | 9 | 6 | 2 |
| 6 | 4 | 9 | 7 | 3 | 2 | 1 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ପ୍ଲାଷ୍ଟିକ୍ ବୋତଲ କିଣନ୍ତୁ

ମହାଶୟ,
ଧରିତ୍ରୀ ସମ୍ପାଦକୀୟ ପୃଷ୍ଠାରେ ‘ଏଇ ଭାରତରେ’ ଠାଣେର ଚିନ୍ମୟ ଗାଡାଙ୍କ ପରିବେଶ ପ୍ରଦୂଷଣ କମାଇବାର ସୁନ୍ଦର ପ୍ରୟାସ ବିଷୟରେ ପାଠ କଲି । ସେ ପ୍ଲାଷ୍ଟିକ୍ ବୋତଲ ଓ ପ୍ଲାଷ୍ଟିକ କଭର ଇତ୍ୟାଦିରୁ ତିଆରି କରୁଛନ୍ତି ବ୍ୟାଗ୍ । ଏହା ଉତ୍ତମ କଥା। ତେବେ ଏବେ ଏତେ ପରିମାଣରେ ପ୍ଲାଷ୍ଟିକ୍ ବୋତଲ ଆବର୍ଜନା ଆକାରରେ ବାହାରୁଛି ଯେ ପରିବେଶରେ ତାହା ସମସ୍ୟା ହୋଇଗଲାଣି । ଯୁଆଡ଼େ ଦେଖିଲେ ପ୍ଲାଷ୍ଟିକ୍ ଓ ପ୍ଲାଷ୍ଟିକ୍ । ଜମିରେ ଏଥିପାଇଁ ଭଲ ଚାଷ ହେଉନାହିଁ । ଜୀବଜନ୍ତୁମାନେ ତାହାକୁ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି । ତେଣୁ ଚିନ୍ମୟଙ୍କ ଭଳି ଉଦ୍ୟୋଗୀଙ୍କୁ ସରକାର ଲୋକଙ୍କଠାରୁ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲ କିଣି ଯୋଗାଇଦିଅନ୍ତୁ । ଦରକାର ହେଲେ ଲୋକେ ମାଗଣାରେ ମଧ୍ୟ ବୋତଲ ଦେବେ । କେବଳ ସରକାର ଏଥିପାଇଁ ପ୍ରୟାସ କରନ୍ତୁ । ଥଣ୍ଡା ପାନୀୟ ବୋତଲଗୁଡ଼ିକୁ ନେଇ କମ୍ପାନୀଗୁଡ଼ିକ ମଧ୍ୟ ପୁନଃ ବ୍ୟବହାରଯୋଗ୍ୟ କରିପାରିବେ । ଏହା ନିଶ୍ଚିତ ଭାବେ ହେଉ । ଏହାକୁ ନେଇ ଲୋକେ ମଧ୍ୟ ସଚେତନ ହୁଅନ୍ତୁ ,ବୋତଲ ଏଣେତେଣେ ନ ପକାନ୍ତୁ ।

**–ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ



ଜୟପୁର, ୧୬।୭(ପବନ ପାଣିଗ୍ରାହୀ)

ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ହୋଇପଡ଼ିଛନ୍ତି। ଫଳରେ ମଙ୍ଗଳବାର ତାଙ୍କୁ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଡାକ୍ତର ଆର୍.ଏନ୍.ମିଶ୍ର, ସୁନୀଲ ଭଦ୍ରା ଓ ମୁକ୍ତିକାନ୍ତ ଖଟୁଆଙ୍କୁ ନେଇ ଗଠିତ ଏକ ଟିମ୍ ତାଙ୍କ ଚିକିତ୍ସା କରୁଛନ୍ତି। ବୟସାଧିକ ଯୋଗୁ ସେ ବାରମ୍ବାର ଅସୁସ୍ଥ ହୋଇପଡୁଛନ୍ତି। ଚଳିତ ବର୍ଷ ଜାନୁୟାରୀ ଏବଂ ମାର୍ଚ୍ଚ ମାସରେ ମଧ୍ୟ କମଳା ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ସେତେବେଳେ ତାଙ୍କୁ କଟକ ଏସ୍‌ସିବି ମେଡ଼ିକାଲ୍ କଲେଜରେ ଭର୍ତ୍ତି କରାଯାଇଥିଲା। ଜୟପୁର ଚିକିତ୍ସାଳୟରେ ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତରୀ ଟିମ୍ ପ୍ରକାଶ କରିଛନ୍ତି।

# ବାଘ ନ ଆସୁଣୁ ହରିଣଙ୍କୁ ଛାଡ଼ିଦେଲେ

ସମ୍ବଲପୁର ପ୍ରାଣୀ ଉଦ୍ୟାନ

■ ପ୍ରଥମ ପର୍ଯ୍ୟାୟରେ ୧୨ ଚିତ୍ରା ହରିଣ ଡେବ୍ରିଗଡ଼ ଅଭୟାରଣ୍ୟକୁ ସ୍ଥାନାନ୍ତର

ସମ୍ବଲପୁର,୧୬।୭(ପ୍ରମୋଦ ବହିଦାର)

ସମ୍ବଲପୁର ପ୍ରାଣୀ ଉଦ୍ୟାନକୁ ମହାବଳ ବାଘ ଆଣିବା ପ୍ରସ୍ତାବ ଥିବାରୁ ସେଠାରୁ ଚିତ୍ରା ହରିଣଙ୍କୁ ଡେବ୍ରିଗଡ଼ ଅଭୟାରଣ୍ୟରେ ଛାଡ଼ି ଦିଆଯାଇଛି। ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଅଧୀନ ସ୍ୱତନ୍ତ୍ର ଚିଡ଼ିଆଖାନା ପ୍ରାଧିକରଣର ଅନୁମୋଦନକ୍ରମେ ସମ୍ବଲପୁର ବନ୍ୟପ୍ରାଣୀ ଉଦ୍ୟାନରୁ ମୋଟ ୧୧୫ ଚିତ୍ରା ହରିଣଙ୍କୁ ସ୍ଥାନାନ୍ତର କରାଯିବାକୁ ଥିବାବେଳେ ମଙ୍ଗଳବାର ଭୋର ୩ଟାରେ ପ୍ରଥମ ପର୍ଯ୍ୟାୟରେ ୧୨ଟି ଚିତ୍ରା ହରିଣ ନିଆଯାଇଛି। ଅବଶିଷ୍ଟ ୧୦୩ ହରିଣଙ୍କୁ ଭୋରରେ ଓ ସନ୍ଧ୍ୟାରେ ପର୍ଯ୍ୟାୟକ୍ରମେ ସ୍ଥାନାନ୍ତର କରାଯିବ। ପ୍ରତି ପର୍ଯ୍ୟାୟରେ ୧୨ରୁ ୧୬ ହରିଣଙ୍କୁ ନିଆଯିବ ବୋଲି ଚିଡ଼ିଆଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

୧୯୮୫ ମସିହାରେ ଡିୟର ପାର୍କ ଭାବେ ବିକଶିତ ସମ୍ବଲପୁରର ବନ୍ୟପ୍ରାଣୀ ଉଦ୍ୟାନକୁ ୨୦୨୩ ମସିହାରେ ରାଜ୍ୟର ଦ୍ୱିତୀୟ ଚିଡ଼ିଆଖାନାର ମାନ୍ୟତା ମିଳିଥିଲା। ଏହାକୁ ଏକ ପୂର୍ଣ୍ଣାଙ୍ଗ ଚିଡ଼ିଆଖାନାରେ ପରିଣତ କରିବା ଉଦ୍ଦେଶ୍ୟରେ ଏଠାରେ ମହାବଳ ବାଘ ଓ କୁମ୍ଭୀର ରଖାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ମହାବଳ ବାଘଙ୍କ ରହିବା ପାଇଁ କାଚ ପାଚେରି ନିର୍ମିତ ସ୍ୱତନ୍ତ୍ର ଯନ୍ତା ବା ଆବଦ୍ଧ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ)ର ଅନୁମତି କ୍ରମେ ସମ୍ବଲପୁର ଚିଡ଼ିଆଖାନାରେ ମହାବଳ ବାଘ ସହିତ କୁମ୍ଭୀର ରଖିବା ଦିଗରେ ଭିତ୍ତିଭୂମି ବିକାଶ କାମ ଆରମ୍ଭ ହୋଇଛି ବୋଲି ସମ୍ବଲପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ତଥା ସମ୍ବଲପୁର ଚିଡ଼ିଆଖାନା ନିର୍ଦ୍ଦେଶିକା ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନନ୍ଦନକାନନରୁ ୧୦ଟି କୃଷ୍ଣସାର ମୃଗ ଓ ୮ଟି ଅଣ୍ଡିରା ହରିଣ ସମ୍ବଲପୁର ପ୍ରାଣୀ ଉଦ୍ୟାନକୁ ଅଣାଯାଇଛି। ଏଠାରେ ବର୍ତ୍ତମାନ ୧୭ ପ୍ରଜାତିର ବନ୍ୟପ୍ରାଣୀ ରହୁଛନ୍ତି। ଆଗକୁ ଆହୁରି ୩୧ ନୂତନ ପ୍ରଜାତିର ବନ୍ୟପ୍ରାଣୀ ରଖି ମୋଟ ସଂଖ୍ୟା ୪୮କୁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। ତେବେ ସ୍ଥାନାନ୍ତର ହେଉଥିବା ହରିଣମାନଙ୍କୁ ଡେବ୍ରିଗଡ଼ ଅଭୟାରଣ୍ୟର ପ୍ରାକୃତିକ ପରିବେଶ ସହିତ ପରିଚିତ ନ ହେବା ଯାଏ ୩ରୁ ୪ ସପ୍ତାହ ପର୍ଯ୍ୟନ୍ତ ୧.୨ ହେକ୍ଟର ପରିମିତ ବିଭିନ୍ନ ପ୍ରଜାତିର ଘାସ ଆଚ୍ଛାଦିତ ତୃଣଭୂମି ମଧ୍ୟରେ ସଙ୍ଗରୋଧରେ ରଖାଯିବ। ପରିବେଶ ସହିତ ଭଲ ଭାବେ ପରିଚିତ ହେବା ପରେ ସେମାନଙ୍କୁ ଡେବ୍ରିଗଡ଼ ଅଭୟାରଣ୍ୟ ମଧ୍ୟରେ ପ୍ରାକୃତିକ ଭାବେ ବିଚରଣ ପାଇଁ ମୁକ୍ତ କରାଯିବ। ଫଳରେ ଡେବ୍ରିଗଡ଼ ଅଭୟାରଣ୍ୟରେ ହରିଣଙ୍କ ସଂଖ୍ୟା ବୃଦ୍ଧି ପାଇବ। ଅପରପକ୍ଷରେ ବର୍ତ୍ତମାନ ଡେବ୍ରିଗଡ଼ ରାଜ୍ୟର ଏକମାତ୍ର ଅଭୟାରଣ୍ୟ, ଯେଉଁଠାରେ ପର୍ଯ୍ୟଟକଙ୍କୁ ଏକ ସୁସ୍ଥ ପରିବେଶ ମଧ୍ୟରେ ଗୟଳ, ସମ୍ବର, ବିଭିନ୍ନ ପ୍ରଜାତିର ହରିଣ, ବାରହା, ଭାଲୁ, କଲରାପତରିଆ ବାଘ, ମୟୂର ଭଳି ବନ୍ୟଜନ୍ତୁଙ୍କୁ ଦେଖିବାର ସୁଯୋଗ ମିଳିଥାଏ ବୋଲି ବନଖଣ୍ଡ ଅଧିକାରୀ ଦାସ କହିଛନ୍ତି। ତେବେ ବାଘ ନ ଆସୁଣୁ ହରିଣଙ୍କୁ ଚିଡ଼ିଆଖାନାରୁ ବିଦା କରିବା କେତେ ଯୁକ୍ତିଯୁକ୍ତ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଲାଣି।



ସମ୍ବଲପୁର ଚିଡ଼ିଆଖାନାରୁ ସ୍ଥାନାନ୍ତର ହେଉଥିବା ଚିତ୍ରା ହରିଣ।

# ଯାଜପୁରରୋଡ୍-ଧାମରା ରେଳପଥର ଡିପିଆର୍ ଦାଖଲ

ଯାଜପୁର,୧୬।୭ (ହର୍ଷବର୍ଦ୍ଧନ ବେହେରା)

ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ଯାଜପୁରରୋଡ୍-ଧାମରା(ଭାୟା ଯାଜପୁର ଟାଉନ ଓ ଆରଡ଼ି) ନୂତନ ରେଳପଥର ଡିପିଆର(ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପୂର୍ବତଟ ରେଳପଥ ପକ୍ଷରୁ ମଞ୍ଜୁରୀ ପାଇଁ ରେଲୱେ ବୋର୍ଡକୁ ପ୍ରେରଣ କରାଯାଇଛି। ଏଥିପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ସମେତ ଅନ୍ୟାନ୍ୟ ସମସ୍ତ କର୍ତ୍ତୃପକ୍ଷଙ୍କ ପ୍ରତି ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ସମିତିର ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଆବାହକ ସନ୍ତୋଷ ଦାସ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ନାୟକ,ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ମଳୟ ପଣ୍ଡା, ସତ୍ୟପ୍ରକାଶ ବେହୁରିଆ, ଦିବ୍ୟସିଂହ ନାୟକ, ପ୍ରଫୁଲ୍ଲ ନାୟକ, ସୁରେନ୍ଦ୍ର କୁମାର ରାୟ, ପ୍ରଫୁଲ୍ଲ ପାଢ଼ୀ, ଦେବେନ୍ଦ୍ର ପଣ୍ଡା, ବିଜୟ ପରିଡ଼ା, ସରୋଜ ବିଶ୍ୱାଳ, ଚନ୍ଦ୍ରଶେଖର ନାୟକ, ଦିଲୀପ ଦଳେଇ, ଦେବେନ୍ଦ୍ର ନାୟକ, ଧନଞ୍ଜୟ ରାଉତରାୟ, ଗୟାଧର ଧଳ, ମଳୟ ଭୋଇ, ଲଳିତ ରାୟ, ଶୁଭ୍ରାଂଶୁଶେଖର ରାୟ, ନିର୍ମଳ ରଥ, ଗଣେଶ ସାହୁ, ରାକେଶ ସାହୁ, ବିଜୟ ନାୟକ, ହରିଶ୍ଚନ୍ଦ୍ର ପଣ୍ଡା, ଅବିନାଶ ମହାପାତ୍ର, ଆଲୋକ ମହାନ୍ତି ଓ କୋଷାଧ୍ୟକ୍ଷ ଦେବବ୍ରତ ମହାନ୍ତି ପ୍ରମୁଖ ଡିପିଆର ଦାଖଲ ଯୋଗୁ ନୂତନ ରେଳପଥ ନିର୍ମାଣ ଦାବି ହାସଲରେ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି ଏବଂ ଆଶା ଜାଗ୍ରତ ହୋଇଛି ବୋଲି କହିଛନ୍ତି। ଏହି ସଂଗ୍ରାମକୁ ଶକ୍ତିଶାଳୀ କରି ନିର୍ଣ୍ଣାୟକସ୍ତରରେ ପହଞ୍ଚାଇବାରେ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ଖବରଦାତା ବନ୍ଧୁମାନେ ତଥା ଜନସାଧାରଣ ଯେଉଁ ଭୂମିକା ଗ୍ରହଣ କରିଛନ୍ତି ସେଥିପାଇଁ ସମିତି ପକ୍ଷରୁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ତେବେ ଡିପିଆର ମଞ୍ଜୁରୀ ଓ ପ୍ରକଳ୍ପ ନିର୍ମାଣ ପାଇଁ ବଜେଟ୍‌ରେ ବ୍ୟୟବରାଦ ସମିତିର ପରବର୍ତ୍ତୀ ପଦକ୍ଷେପ ହେବ ବୋଲି ସୂଚନା ଦିଆଯାଇଛି। ତେଣୁ ଆସନ୍ତା ୧୮ ତାରିଖ ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ଯାଜପୁରସ୍ଥିତ ଶାନ୍ତି ମଣ୍ଡପରେ ଏକ ଜରୁରୀ ବୈଠକର ଆହ୍ୱାନ କରାଯାଇଛି। ଏହି ବୈଠକରେ ଯୋଗଦେବା ପାଇଁ ସଂଗ୍ରାମ ସମିତିର ସମସ୍ତ କର୍ମକର୍ତ୍ତାଙ୍କୁ ଆବାହକ ସନ୍ତୋଷ ଦାସ ନିବେଦନ କରିଛନ୍ତି।

# କିଡ୍‌ନୀ ଦାନକରି ୨ ଜୀବନ ବଞ୍ଚାଇଲେ ବୀରେନ୍ଦ୍ର

■ ପ୍ରଶାସନ ପକ୍ଷରୁ ଦିଆଗଲା ଗାର୍ଡ ଅଫ୍ ଅନର

■ ଶ୍ରଦ୍ଧାଞ୍ଜଳି, ତୁଷାରକାନ୍ତଙ୍କ ଶରୀରରେ ସଫଳ ପ୍ରତିରୋପଣ

କଟକ/ରଘୁନାଥପୁର,୧୬।୭(ଶିଲ୍ପା ପ୍ରିୟଦର୍ଶିନୀ/ରାଜେନ୍ଦ୍ର ନାରାୟଣ ସିଂହ)

ଏସ୍‌ସିବି ମେଡ଼ିକାଲରେ ସୋମବାର ବିଳମ୍ବିତ ରାତିରେ କାଡାଭରିକ ପଦ୍ଧତିରେ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ଦୀର୍ଘବର୍ଷ ଧରି ଜଟିଳ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳର ଶ୍ରଦ୍ଧାଞ୍ଜଳି ପରିଡା(୫୨) ଏସ୍‌ସିବିରେ ନୂଆ ଜୀବନ ପାଇଛନ୍ତି। ସେହିପରି ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ତୁଷାରକାନ୍ତ ବାରିକ(୨୭) ମଧ୍ୟ ନୂଆ ଜୀବନ ପାଇଛନ୍ତି। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତର ବିଜେଡି ସଭାପତି ତଥା ରେଢୁଆ କୃଷି ସମବାୟ ସମିତି ବୋର୍ଡ ନିର୍ଦ୍ଦେଶକ ବୀରେନ୍ଦ୍ର ପ୍ରସାଦ ସ୍ୱାଇଁ(୫୮)ଙ୍କ ବ୍ରେନ୍‌ଡେଡ୍ ଘୋଷଣା ପରେ ତାଙ୍କ ପରିବାର ଲୋକ ଦୁଇଟି କିଡ୍‌ନୀ ଦାନ କରି ଉଦାହରଣ ସୃଷ୍ଟି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ବୀରେନ୍ଦ୍ର ରଘୁନାଥପୁର ବ୍ଲକ ଅଧୀନ ପୂରଣଓଗ୍ରିତ ଏକ ବିବାହ ଭୋଜିରେ ଯୋଗଦେଇ ଫେରୁଥିବାବେଳେ କାର୍ ଧକ୍କାରେ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମେଡିକାଲର ସେଣ୍ଟ୍ରାଲ ଆଇସିୟୁରେ ସେ ଚିକିତ୍ସିତ ହେଉଥିଲେ। ସୋମବାର ଡାକ୍ତର ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିଥିଲେ। ପରେ ମେଡିକାଲ ପକ୍ଷରୁ ଅଙ୍ଗଦାନ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଥିଲା। ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ଉଦ୍ୟମରେ ବୀରେନ୍ଦ୍ରଙ୍କ ଅଙ୍ଗଦାନ ପାଇଁ ପରିବାର ଲୋକେ ସହମତି ଜଣାଇଥିଲେ। ସୋଟୋର ନିୟମାବଳୀ ଅନୁଯାୟୀ ଅଙ୍ଗଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପରେ କାଡାଭରିକ କିଡ୍‌ନୀ ପ୍ରତିରୋପଣ ନେଇ ଏସ୍‌ସିବିରେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏସ୍‌ସିବି ମେଡିକାଲର ଡାକ୍ତରୀ ଟିମ୍ ସମେତ ଏମ୍ସ ହସ୍ପିଟାଲର ଡାକ୍ତରୀ ଟିମ୍ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ରାତି ପ୍ରାୟ ୧ଟାରେ ବୀରେନ୍ଦ୍ରଙ୍କ ଶରୀରରୁ ଦୁଇଟି କିଡ୍‌ନୀ କଢ଼ାଯାଇଥିଲା। ଇତିମଧ୍ୟରେ ଯାଜପୁର ଅଞ୍ଚଳର ଶ୍ରଦ୍ଧାଞ୍ଜଳିଙ୍କୁ ଏସ୍‌ସିବି ମେଡିକାଲକୁ ଡକାଯାଇଥିଲା। ଶ୍ରଦ୍ଧାଞ୍ଜଳି ଗତ ୫ବର୍ଷ ଧରି ଜଟିଳ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ଏସ୍‌ସିବି ନେଫ୍ରୋଲୋଜି ବିଭାଗରେ ତାଙ୍କର ନିୟମିତ ଡାଏଲିସିସ ଚାଲିଥିଲାବେଳେ କିଛିଦିନ ହେବ ସେ ଯାଜପୁରରେ ଡାଏଲିସିସ କରୁଥିଲେ। ଭୋର ୫ଟାରେ ୟୁରୋଲୋଜି ବିଭାଗ ମଡ୍ୟୁଲାର ଓଟିରେ ଶ୍ରଦ୍ଧାଞ୍ଜଳିଙ୍କୁ ଭର୍ତ୍ତି କରାଯାଇଥିଲା। ପ୍ରତିରୋପଣ ଶେଷ ହେବାବେଳକୁ ସକାଳ ୮ଟା ହୋଇଯାଇଥିଲା। ଶ୍ରଦ୍ଧାଞ୍ଜଳି ଓ ତୁଷାରକାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ନେଇ ଏସ୍‌ସିବି ମେଡିକାଲ ପକ୍ଷରୁ ସୂଚନା ରହିଛି। ଉକ୍ତ ପ୍ରତିରୋପଣରେ ଏସ୍‌ସିବି ୟୁରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସମୀର ସ୍ୱାଇଁ, ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡା. ଅରୁଣା ଆଚାର୍ଯ୍ୟ, ଡା. ସବ୍ୟସାଚୀ ପଣ୍ଡା, ଡା. ପ୍ରୀତମ ପଟ୍ଟନାୟକ, ଡା. ସଞ୍ଜୟ ଚୌଧୁରୀ, ଡା. ଅମିୟ ପାଲ ଓ ଅନ୍ୟ ବିଭାଗୀୟ ଡାକ୍ତରମାନେ ସାମିଲ ଥିଲେ। ସେହିପରି ଏମ୍ସ ହସ୍ପିଟାଲରେ ତୁଷାରକାନ୍ତଙ୍କ ଶରୀରରେ ସଫଳତାର ସହ କିଡ୍‌ନୀ ପ୍ରତିରୋପଣ କରାଯାଇଛି।

ମଙ୍ଗଳବାର ପୂର୍ବାହ୍ନରେ ବୀରେନ୍ଦ୍ରଙ୍କ ମୃତଦେହ ବାସଭବନରେ ପହଞ୍ଚିବା ପରେ ଶେଷଦର୍ଶନ ପାଇଁ ଲୋକଙ୍କ ଭିଡ ଜମିଥିଲା। ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ପ୍ରମୁଖ ପହଞ୍ଚି ଶେଷଦର୍ଶନ କରିଥିଲେ। ଏହାପରେ ବୀରେନ୍ଦ୍ରଙ୍କ ମରଶରୀରକୁ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ଅଙ୍ଗଦାନ ଭଳି ମହାନ୍ କାର୍ଯ୍ୟ ପାଇଁ ସେଠାରେ ପ୍ରଶାସନ ପକ୍ଷରୁ ଡିଏସ୍‌ପି ସରୋଜିନୀ ସ୍ୱାଇଁ ଓ ରଘୁନାଥପୁର ଅତିରିକ୍ତ ଆଇଆଇସି ରଶ୍ମିବାଳା ସେଠୀଙ୍କ ନେତୃତ୍ୱରେ ଜିଲା ପୋଲିସ ବାହିନୀ ଦ୍ୱାରା ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହାପରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଶୁଭାଶିଷ ମୁଖାଗ୍ନି ଦେଇଥିଲେ।

# କନିଷ୍ଠ ଶିକ୍ଷକ(ସ୍କିମାଟିକ୍) ନିଯୁକ୍ତି ପ୍ରକ୍ରିୟା ସେପ୍ଟେମ୍ବର ସୁଦ୍ଧା ସରିବ

ଭୁବନେଶ୍ୱର, ୧୬।୭(ଅସମାପିକା ସାହୁ)

ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା କନିଷ୍ଠ ଶିକ୍ଷକ (ସ୍କିମାଟିକ) ନିଯୁକ୍ତି ପ୍ରକ୍ରିୟା ଶେଷ ହେବ। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୨୦ ତାରିଖରେ କାଟେଗୋରି-୧ ଏବଂ ୨୨ ତାରିଖରେ କାଟେଗୋରି-୨ ପାଇଁ ଚୟନ ହୋଇଥିବା ଆଶାୟୀଙ୍କ ପ୍ରମାଣପତ୍ର ଯାଞ୍ଚ ହେବ। ପ୍ରମାଣପତ୍ର ଯାଞ୍ଚ କରାଇ ନ ଥିବା ବା ସମ୍ପୂର୍ଣ୍ଣ ଯାଞ୍ଚ କରାଇ ନ ଥିବା ପ୍ରାର୍ଥୀମାନେ ଏଥିରେ ଅଂଶଗ୍ରହଣ କରିବେ। ପୂର୍ବରୁ ପ୍ରମାଣପତ୍ର ଯାଞ୍ଚ ସାରିଥିବା ପ୍ରାର୍ଥୀଙ୍କୁ ଆଉ ଯାଞ୍ଚ କରାଇବାକୁ ପଡ଼ିବ ନାହିଁ। ସେହିପରି ୨୫ ତାରିଖରେ ପ୍ରୋଭିଜନାଲ ମେରିଟ୍ ଲିଷ୍ଟ ଓ ରିଜେକ୍ସନ୍ ଲିଷ୍ଟ ପ୍ରକାଶ ପାଇବ। ଏହି ପ୍ରକ୍ରିୟାରେ କୌଣସି ଦ୍ୱନ୍ଦ୍ୱ ଥିଲେ ପ୍ରାର୍ଥୀମାନେ ୨୬ରୁ ଅଗଷ୍ଟ ୨ ମଧ୍ୟରେ ଆବେଦନ କରିପାରିବେ। ଅଗଷ୍ଟ ୫ରେ ଜିଲା ଓ ବର୍ଗୱାରୀ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇବ। ୬ ତାରିଖରେ ସମସ୍ତ ଜିଲାରୁ ଓକାକ୍‌କୁ ଚୂଡ଼ାନ୍ତ ତାଲିକା ପଠାଯିବ। ୧୨ରୁ ୧୬ ତାରିଖ ମଧ୍ୟରେ ନିଯୁକ୍ତି ପାଇଁ କାଉନ୍‌ସେଲିଂ ପ୍ରକ୍ରିୟା ହେବ। ୨୨ ତାରିଖରେ ପ୍ରାର୍ଥୀଙ୍କୁ ମିଳିଥିବା ବିଦ୍ୟାଳୟ ଆଲୋକେଶନ୍ ତାଲିକା ଓକାକ୍ ସମସ୍ତ ଜିଲାକୁ ପ୍ରଦାନ କରିବ। ଅଗଷ୍ଟ ୨୩ରୁ ସେପ୍ଟେମ୍ବର ୧୨ ମଧ୍ୟରେ ଜିଲା ପରିଷଦର ଅନୁମୋଦନ ପାଇଁ ପଠାଯିବ। ୧୫ ଦିନ ମଧ୍ୟରେ ଚୂଡ଼ାନ୍ତ ମେଧା ତାଲିକା ଅନୁମୋଦନ କରାଯିବ ବୋଲି ଓସେପା ପକ୍ଷରୁ ପ୍ରକାଶ କରାଯାଇଛି।




WANTED
Caretaker / Security Incharge needed for our Pattamundai and BBSR Building.
Contact: 9778855101/7003751404
BESCO DEVELOPERS PVT. LTD.

ଅଫିସ୍ କାମ କରିବା ପାଇଁ ମହିଳା କର୍ମଚାରୀ ଆବଶ୍ୟକ। ଦରମା ୧୦୦୦୦/- ଏବଂ ରହିବା ଓ ଖାଇବା ମାଗଣା।
ଯୋଗାଯୋଗ – 7809525452



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଟିକା ଦୁଇଟି ଧୋଇ ଥୋଇଲିଲୋ**
**ନିଗିଡ଼ି ପଡ଼ିଲା ଘିଅ**
**ଲୋକେ ପଚାରିଲେ କି ବୋଲି କହିବି**
**ମୁଁ ତ ଗାଁ ମକଦ୍ଦମ ଝିଅ।**

ବାପ ଘର ଲୋକଙ୍କ ଠାଣି ମାଣି ନେଇ ତୁଚ୍ଛା ପ୍ରଶଂସା। ବାପ ଅଜା ଅମଳରେ ସେମାନେ କେତେ ଥିଲାବାଲା ବା ବଡ଼ଲୋକ ଥିଲେ ଦେଖେଇ ହୋଇ କଥା କହିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଦର ନ ଥାଇ ଯେଉଁ ଭୋଜନ,**
**ଗାମୁଛା ନ ଥାଇ ଯେଉଁ ସ୍ନାହାନ,**
**ସିନିହ ନ ଥାଇ ଯେଉଁ ପୀରତି,**
**ଚାନ୍ଦ ନଥାଇ ଯେବଣ ରାତି।**

ଯେଉଁଠି ଆଦର ଅଭ୍ୟର୍ଥନା ବୋଲି କିଛି ନ ଥାଏ, ସେଠି ଖାଇବା ପିଇବାରେ ସନ୍ତୋଷ ମିଳି ନ ଥାଏ। ଗାମୁଛା ବିନା ସ୍ନାନ କରିବା ସୁଖକର ଲାଗି ନ ଥାଏ। ଆନ୍ତରିକ ସ୍ନେହ ଶ୍ରଦ୍ଧା ବିନା ଭଲ ପାଇବାର ମାନେ କିଛି ରହି ନ ଥାଏ। ସେହିପରି ଚାନ୍ଦ ବିନା ଘନରାତି ମନକୁ ଆମୋଦିତ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



## ସଂକ୍ଷେପରେ

### ୩ ଜାହାଜ ଉପରେ ହୁଟି ବିଦ୍ରୋହୀଙ୍କ ଆକ୍ରମଣ

ସାନା, ୧୬।୭

ୟେମେନ୍‌ର ହୁଟି ବିଦ୍ରୋହୀମାନେ ଲୋହିତ ସାଗର ଏବଂ ଭୂମଧ୍ୟସାଗରରେ ଏକ ତେଲ ଟ୍ୟାଙ୍କର ସମେତ ୩ଟି ଜାହାଜକୁ ଟାର୍ଗେଟ କରି ଆକ୍ରମଣ କରିଛନ୍ତି। ଆକ୍ରମଣରେ ସେମାନେ ବାଲିଷ୍ଟିକ୍ ମିଶାଇଲ, ଡ୍ରୋନ୍ ଏବଂ ବୁବି-ଟ୍ରାପ୍‌ଡ ବୋଟ୍ ବ୍ୟବହାର କରିଥିଲେ। ଗାଜାଷ୍ଟ୍ରିପ୍‌ର ଖାନ୍ ୟୁନିସ୍ ସହର ଉପରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ ୯୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିବା ସହ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହାର ଜବାବରେ ଜାହାଜଗୁଡ଼ିକୁ ଆକ୍ରମଣ କରାଯାଇଥିବା ହୁଟି ସାମରିକ ମୁଖପାତ୍ର ୟାହ୍ୟା ସାରି କହିଛନ୍ତି। ଗତବର୍ଷ ଅକ୍ଟୋବରରୁ ଇସ୍ରାଏଲ୍ ଗାଜା ଷ୍ଟ୍ରିପ୍‌ରେ ଆକ୍ରମଣ ଜାରି ରଖିଥିବାବେଳେ ନଭେମ୍ବରରୁ ହୁଟି ବିଦ୍ରୋହୀମାନେ ଅନେକ ଜାହାଜକୁ ଆକ୍ରମଣ କଲେଣି। ସେମାନଙ୍କ ଆକ୍ରମଣରେ ୨ଟି ଜାହାଜ ବୁଡ଼ିଯାଇଥିଲାବେଳେ ଗୋଟିଏ ଜାହାଜକୁ ସେମାନେ ଜବତ କରିଥିଲେ। ଏହି ଆକ୍ରମଣ ଫଳରେ ବିଶ୍ୱ ବାଣିଜ୍ୟ ପ୍ରଭାବିତ ହୋଇଛି। ଜାହାଜ ମାଲିକମାନେ ଲୋକପ୍ରିୟ ସୁଏଜ୍ କେନାଲ ରୁଟ୍ ଛାଡ଼ିବାକୁ ବାଧ ହୋଇଛନ୍ତି।

### ଆଉଥରେ ଆଇଏଏସ୍ ଟ୍ରେନିଂ ନେବେ ପୂଜା



ମୁମ୍ବାଇ, ୧୬।୭

ୟୁପିଏସ୍‌ସି ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଜାଲିଆତି ଦିବ୍ୟାଙ୍ଗ ପ୍ରମାଣପତ୍ର ଦାଖଲ କରିଥିବା ଅଭିଯୋଗ ଆସିବା ପରେ ପ୍ରୋବେଶନାରି ଆଇଏଏସ୍ ଅଧିକାରୀ ପୂଜା ଖେଡ୍‌କରଙ୍କ ଟ୍ରେନିଂକୁ ରଦ୍ଦ କରିଦିଆଯାଇଛି। ତାଙ୍କୁ ମହାରାଷ୍ଟ୍ରର ଡିଷ୍ଟ୍ରିକ୍ଟ ଟ୍ରେନିଂ ପ୍ରୋଗ୍ରାମରୁ ବାଦ୍ ଦିଆଯିବା ସହ ତୁରନ୍ତ ମସୁରୀ ଟ୍ରେନିଂ ଏକାଡେମୀରେ ହାଜର ହେବାକୁ କୁହାଯାଇଛି। ମହାରାଷ୍ଟ୍ର ସରକାରଙ୍କ ଆଡିଶନାଲ ଚିଫ୍ ସେକ୍ରେଟାରି ପୂଜାଙ୍କୁ ଚିଠି ଲେଖି ୱାଶିମ ଜିଲାରୁ ଫେରିଯିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୩ ଜୁଲାଇ ସୁଦ୍ଧା ସେ ମସୁରୀ ଟ୍ରେନିଂ ଏକାଡେମୀରେ ହାଜର ହେବେ। ସୂଚନାଯୋଗ୍ୟ, ପୂଜା କ୍ଷମତାର ଅପବ୍ୟବହାର. ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ର ଦାଖଲ ଆଦି ପ୍ରସଙ୍ଗକୁ ନେଇ ବିବାଦ ଘେରରେ ରହିଥିଲେ। ସେ ପୁଣେର ଆସିଷ୍ଟାଣ୍ଟ କଲେକ୍ଟର ଭାବେ ଯୋଗଦେବା ପୂର୍ବରୁ ସରକାରୀ ଗାଡ଼ି, ଭିଆଇପି ନମ୍ବର ପ୍ଲେଟ୍, ରହିବା ପାଇଁ ଘର, ପର୍ଯ୍ୟାପ୍ତ ଷ୍ଟାଫ୍ ଓ ଜଣେ କନ୍‌ଷ୍ଟେବଳ ଦାବି କରି ବିବାଦ ଘେରକୁ ଆସିଥିଲେ। କ୍ଷମତାର ଏପରି ଅପବ୍ୟବହାର ଯୋଗୁ ପୂର୍ବରୁ ତାଙ୍କୁ ୱାଶିମ୍ ଜିଲାର ଆସିଷ୍ଟାଣ୍ଟ କଲେକ୍ଟର ଭାବେ ବଦଳି କରାଯାଇଥିଲା।

# ଟ୍ରମ୍ପ୍‌ଙ୍କ ରନିଂ ମେଟ୍ ଜେ.ଡି. ଭାନ୍ସ

**୮ ବର୍ଷ ତଳେ ୨୦୧୬ ରାଷ୍ଟ୍ରପତି ନିର୍ବାଚନ ବେଳେ ଜେ.ଡି. ଭାନ୍ସ ରିପବ୍ଲିକାନ୍ ନୋମିନି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଘୋର ସମାଲୋଚକ ଥିଲେ। ସେତେବେଳେ ସେ ଟ୍ରମ୍ପ୍‌ଙ୍କୁ 'ଇଡିଅଟ୍' କହି ସମାଲୋଚନା କରିଥିଲେ। ଏପରି କି ତାଙ୍କୁ ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ଆଡୋଲ୍ଫ ହିଟ୍‌ଲରଙ୍କ ସହ ମଧ୍ୟ ତୁଳନା କରିଥିଲେ। ଓହିଓ ବାସିନ୍ଦା ଭାନ୍ସ ଅନେକ ହାଇପ୍ରୋଫାଇଲ ରିପବ୍ଲିକାନ୍‌ଙ୍କୁ ପଛରେ ପକାଇ ଟ୍ରମ୍ପ୍‌ଙ୍କ ରନିଂ ମେଟ୍ ହୋଇଛନ୍ତି। ଅର୍ଥାତ୍ ଟ୍ରମ୍ପ୍ ପୁନର୍ବାର ରାଷ୍ଟ୍ରପତି ହେଲେ ଓହିଓ ସିନେଟର ଭାନ୍ସ ଉପରାଷ୍ଟ୍ରପତି ହେବେ।**



ରିପବ୍ଲିକାନ୍ କନ୍‌ଭେନ୍ସନରେ ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଓ ଉପରାଷ୍ଟ୍ରପତି ପ୍ରାର୍ଥୀ ଜେ.ଡି.ଭାନ୍ସ।

ମିଲ୍‌ୱାଉକି/ୱାଶିଂଟନ୍, ୧୬।୭

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୨୪ ନଭେମ୍ବର ୫ରେ ହେବାକୁ ଥିବା ନିର୍ବାଚନ ପାଇଁ ରିପବ୍ଲିକାନ୍ ପାର୍ଟିରୁ ଆନୁଷ୍ଠାନିକ ଭାବେ ପ୍ରାର୍ଥୀ ହୋଇଛନ୍ତି। ୭୮ ବର୍ଷୀୟ ଟ୍ରମ୍ପ୍ ଦଳର ଦକ୍ଷିଣପନ୍ଥୀ ଅନୁଗାମୀ ଜେ.ଡି. ଭାନ୍ସଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ବାଛିଛନ୍ତି। ୩୯ ବର୍ଷୀୟ ଭାନ୍ସ ନିର୍ବାଚିତ ହେଲେ ଦେଶର ସର୍ବକନିଷ୍ଠ ଉପରାଷ୍ଟ୍ରପତି ହେବେ।

ପେନ୍‌ସିଲଭାନିଆ ରାଲିରେ ଶନିବାର ହତ୍ୟା ଉଦ୍ୟମରୁ ବର୍ତ୍ତିଯାଇଥିବା ଟ୍ରମ୍ପ୍ ସୋମବାର ରାତିରେ ଆୟୋଜିତ ରିପବ୍ଲିକାନ୍ ନ୍ୟାଶନାଲ କନ୍‌ଭେନ୍ସନରେ ଦଳର ରାଷ୍ଟ୍ରପତି ପ୍ରାର୍ଥିତ୍ୱକୁ ଗ୍ରହଣ କରିଛନ୍ତି। ଗୁଳିମାଡ଼ରେ ତାଙ୍କ ଡାହାଣ କାନରେ କ୍ଷତ ସୃଷ୍ଟି ହୋଇଥିବାରୁ ଦିନକର ବ୍ୟବଧାନ ପରେ ଏକ ବ୍ୟାଣ୍ଡେଜ୍ ଲଗାଇ ମିଲ୍‌ୱାଉକି କନ୍‌ଭେନ୍ସନକୁ ଆସିଥିଲେ। ତାଙ୍କୁ ଦେଖି ସମର୍ଥକମାନେ ଉତ୍ସାହିତ ହୋଇଯାଇଥିଲେ। ଟ୍ରମ୍ପ୍ ଓହିଓ ସିନେଟର ଜେ.ଡି. ଭାନ୍ସଙ୍କୁ ନିଜ ରନିଂ ମେଟ୍ ବା ଉପରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିଥିଲେ। ଜେ.ଡି. ଉପରାଷ୍ଟ୍ରପତି ହେଲେ ଆମ ସମ୍ବିଧାନ ପାଇଁ ଲଢ଼େଇ କରିବେ। ସେ ଆମ ସୈନ୍ୟଙ୍କୁ ମନୋବଳ ଦେବେ ଏବଂ ଆମେରିକାକୁ ପୁଣି ମହାନ୍ କରିବାରେ ମୋତେ ସହଯୋଗ କରିବେ। ଅନେକ ଆଇନଗତ ସମସ୍ୟା ସତ୍ତ୍ୱେ ଟ୍ରମ୍ପ୍‌ଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଥିବାବେଳେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ବୟସଜନିତ ଅକ୍ଷମତା ଯୋଗୁ ସେ ହଟହଟା ହେଉଛନ୍ତି। ଏପରି କି ଅନେକ ଡେମୋକ୍ରାଟ୍ ବାଇଡେନ୍‌ଙ୍କୁ ବଦଳାଇ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କୁ ପ୍ରାର୍ଥୀ କରିବାକୁ ଖୋଲାଖୋଲି ମତ ଦେଉଛନ୍ତି।

### ଭାନ୍ସଙ୍କ ସ୍ତ୍ରୀ ଭାରତୀୟ ବଂଶୋଦ୍ଭବ

ରିପବ୍ଲିକାନ୍ ପାର୍ଟିର ଉପରାଷ୍ଟ୍ରପତି ପ୍ରାର୍ଥୀ ଜେ.ଡି. ଭାନ୍ସଙ୍କ ସ୍ତ୍ରୀ ଉଷା ଚିଲୁକୁରି ଭାନ୍ସ ଜଣେ ଭାରତୀୟ ବଂଶୋଦ୍ଭବ। ଉଷାଙ୍କ ବାପା କ୍ରିସ୍ ସାନ୍ ଡିଆଗୋ ଷ୍ଟେଟ୍ ୟୁନିଭର୍ସିଟିରେ ଅଧ୍ୟାପନା କରନ୍ତି। ମା' ଲକ୍ଷ୍ମୀ ଜଣେ ମେରାଇନ୍ ବାୟୋଲୋଜିଷ୍ଟ। ଉଷା ପେସାରେ ଜଣେ ଆଇନଜୀବୀ। ସେ ୟେଲ୍ ୟୁନିଭର୍ସିଟିରେ ଇତିହାସରେ ସ୍ନାତକ ଏବଂ କ୍ୟାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ୟେଲ୍ ଲ ସ୍କୁଲରେ ପଢ଼ିବାବେଳେ ଉଷା ଓ ଜେ.ଡି.ଙ୍କ ମଧ୍ୟରେ ସହ ଭେଟ ହୋଇଥିଲା। ୨୦୧୪ରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।



ଉଷା ଚିଲୁକୁରି ଭାନ୍ସ

ଏହି ଦମ୍ପତିଙ୍କ ୩ ପିଲା ଅଛନ୍ତି। ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧକୁ ସବୁବେଳେ ଗୁରୁତ୍ୱ ଦେଉଥିବା ଉଷାଙ୍କୁ ତାଙ୍କ ସ୍ୱାମୀଙ୍କ ସଫଳତାର ଶ୍ରେୟ ଦିଆଯାଇଥାଏ।

## ୫୧% ପିଏମ୍ କେୟାର୍ସ ଆବେଦନ ଖାରଜ

ନୂଆଦିଲ୍ଲୀ, ୧୬।୭ (ପି.ଟି.)

କୋଭିଡ୍ ମହାମାରୀରେ ମାଆବାପାଙ୍କୁ ହରାଇ ଅନାଥ ହୋଇଥିବା ପିଲାମାନଙ୍କୁ ସହାୟତା ପାଇଁ କେନ୍ଦ୍ର ସରକାରଙ୍କ ପିଏମ୍ କେୟାର୍ସ ଯୋଜନାରେ ଆସିଥିବା ଅର୍ଦ୍ଧାଧିକ ଆବେଦନପତ୍ର ଖାରଜ ହୋଇଯାଇଛି। ଭାରତରେ କୋଭିଡ୍ ମହାମାରୀ ଉଗ୍ର ରୂପ ନେଇଥିବାବେଳେ ୨୦୨୧ ମେ' ୨୯ରେ କେନ୍ଦ୍ର ସରକାର ପିଏମ୍ କେୟାର୍ସ ଯୋଜନା ଆରମ୍ଭ କରିଥିଲେ। ୨୦୨୦ ମାର୍ଚ୍ଚ ୧୧ରୁ ୨୦୨୩ ମେ' ୫ ମଧ୍ୟରେ ମାଆବାପା, ଆଇନଗତ ଅଭିଭାବକ, ପୋଷ୍ୟ ଗ୍ରହଣ କରିଥିବା ମାଆବାପାଙ୍କୁ ହରାଇଥିବା ପିଲାମାନଙ୍କୁ ସହାୟତା ଯୋଗାଇଦେବା ଏହି ଯୋଜନାର ଲକ୍ଷ୍ୟ। ସରକାରୀ ତଥ୍ୟ ଅନୁଯାୟୀ ଏହି ଯୋଜନାରେ ୩୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୬୧୩ ଜିଲାରୁ ୯,୩୩୧ ଆବେଦନପତ୍ର ମିଳିଥିଲା। ସେଥିରୁ ମାତ୍ର ୪,୫୩୨ ଆବେଦନପତ୍ରକୁ ମଞ୍ଜୁରୀ ମିଳିଥିବାବେଳେ ୪,୭୮୧ ଆବେଦନ (୫୧ ପ୍ରତିଶତ) ଖାରଜ ହୋଇଯାଇଛି। ଅନ୍ୟ ୧୮ଟି ଆବେଦନ ଅନୁମୋଦନ ଅପେକ୍ଷାରେ ପଡ଼ିରହିଥିବା ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ତେବେ ଆବେଦନପତ୍ର ଖାରଜ ହେବାର କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଯାଇ ନାହିଁ।

ରାଜସ୍ଥାନ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶରୁ ସର୍ବାଧିକ ୧,୫୫୩, ୧,୫୧୧ ଏବଂ ୧,୦୦୭ ଆପ୍ଲିକେଶନ ଆସିଥିଲା। ମହାରାଷ୍ଟ୍ରର ୮୫୫ ଆବେଦନପତ୍ର ମଞ୍ଜୁର ହୋଇଥିବାବେଳେ ରାଜସ୍ଥାନରୁ ୨୧୦ ଏବଂ ଉତ୍ତରପ୍ରଦେଶରୁ ୪୬୭ ଆବେଦନକୁ ମଞ୍ଜୁରୀ ମିଳିଛି। କୋଭିଡ୍‌ରେ ଅନାଥ ହୋଇଥିବା ପିଲାମାନଙ୍କୁ ଦୀର୍ଘମିଆଦୀ ଭାବେ ବିସ୍ତୃତ ଯତ୍ନ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଏହି ଯୋଜନାର ଲକ୍ଷ୍ୟ, ଯେଉଁଥିରେ ପିଲାମାନେ ୨୩ ବର୍ଷ ବୟସରେ ପହଞ୍ଚିବା ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ସ୍ୱାସ୍ଥ୍ୟବୀମା, ଶିକ୍ଷାଗତ ସଶକ୍ତୀକରଣ ଏବଂ ଆର୍ଥିକ ସହାୟତା ଯୋଗାଇ ଦିଆଯିବ।

## ଏନ୍‌ଇଇଟି-ୟୁଜି: ପ୍ରଶ୍ନପତ୍ର ଚୋରି କରିଥିବା ଇଞ୍ଜିନିୟର ଗିରଫ

ନୂଆଦିଲ୍ଲୀ, ୧୬।୭

ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଟ୍ରଙ୍କ୍‌ରୁ ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ର ଚୋରି କରିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଙ୍ଗଳବାର ପାଟନାରୁ ଗିରଫ କରିଛି। ଚୋରିରେ ତାଙ୍କୁ ସହଯୋଗ କରିଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ହଜାରିବାଗ୍‌ରୁ ଗିରଫ କରାଯାଇଛି। ପ୍ରଶ୍ନପତ୍ର ଚୋରି କରିଥିବା ପଙ୍କଜ କୁମାର ଓରଫ ଆଦିତ୍ୟ ୨୦୧୭ରେ ଏନ୍‌ଆଇଟି ଜାମଶେଦପୁରରୁ ସିଭିଲ୍ ଇଞ୍ଜିନିୟରିଂ କରିଥିଲେ। ରାଜୁ ସିଂ ଲିକ୍ ପ୍ରଶ୍ନପତ୍ରଗୁଡ଼ିକୁ ବିଭିନ୍ନ ସ୍ଥାନକୁ ପଠାଇଥିବା ଅଭିଯୋଗ ହୋଇଛି। ଏହି ୨ ଜଣ ଗିରଫଙ୍କୁ ମିଶାଇ ସିବିଆଇ ବର୍ତ୍ତମାନ ସୁଦ୍ଧା ଏନ୍‌ଇଇଟି-ୟୁଜି ଅନିୟମିତତା ମାମଲାରେ ୧୪ ଜଣଙ୍କୁ ଗିରଫ କଲାଣି।

ପଙ୍କଜଙ୍କ ଘର ବୋକାରୋ ହୋଇଥିବାବେଳେ ସେ ହଜାରିବାଗ୍‌ରେ ଏନ୍‌ଟିଏ ଟ୍ରଙ୍କ୍‌ରୁ ପ୍ରଶ୍ନପତ୍ର ଚୋରି କରିଥିଲେ। କିଛିଦିନ ପୂର୍ବରୁ ସିବିଆଇ ପେପର ଲିକ୍ ପଛର ମାଷ୍ଟରମାଇଣ୍ଡ ରାକେଶ ରଞ୍ଜନ ଓରଫ ରକିଙ୍କୁ ଗିରଫ କରିବା ପରେ ତଦନ୍ତରେ ଉଲ୍ଲେଖନୀୟ ସଫଳତା ମିଳିଥିଲା। ନାଳନ୍ଦା ଜିଲାର ରକି ଏନ୍‌ଇଇଟି ପ୍ରଶ୍ନପତ୍ର ପାଇବା ପରେ ସେଗୁଡ଼ିକର ସମାଧାନ କରାଇ ଏମ୍‌ବିବିଏସ୍ ଆଶାୟୀମାନଙ୍କ ମଧ୍ୟରେ ପ୍ରସାର କରାଉଥିଲେ। ସିବିଆଇ ତାଙ୍କୁ ୧୦ ଦିନ ରିମାଣ୍ଡରେ ନେଇ ଜେରା କରୁଛି।

ହଜାରିବାଗ୍‌ର ଓଏସିସ୍ ସ୍କୁଲ୍‌ରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଏସ୍‌ବିଆଇ ହଜାରିବାଗରୁ ବିଭିନ୍ନ କେନ୍ଦ୍ରକୁ ୯ ସେଟ୍ ପ୍ରଶ୍ନପତ୍ର ପଠାଯାଇଥିଲା। ଓଏସିସ୍ ସ୍କୁଲ୍‌ରେ ପହଞ୍ଚିଥିବା ଦୁଇ ସେଟ୍ ପ୍ରଶ୍ନପତ୍ରର ସିଲ୍ ଖୋଲାଯାଇଥିଲା। ତେବେ ଏ ସମ୍ପର୍କରେ ସ୍କୁଲ୍ ଷ୍ଟାଫ୍ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ନ ଜଣାଇ ଚୁପ୍ ରହିଥିଲେ। ତେଣୁ ପ୍ରଶ୍ନପତ୍ର ଲିକ୍ ସହ ସ୍କୁଲ୍‌ର ଶିକ୍ଷକ ଓ କର୍ମଚାରୀମାନଙ୍କ ହାତ ଥିବା ସ୍ପଷ୍ଟ ହୋଇଛି। ପାଟନାର ଲର୍ନ ଆଣ୍ଡ ପ୍ଲେ ସ୍କୁଲ୍‌ରୁ ମିଳିଥିବା କେତେକ ପୋଡ଼ା କାଗଜକୁ ସିବିଆଇ ଅନୁଧ୍ୟାନ କରୁଛି। ଓଏସିସ୍ ସ୍କୁଲ୍‌ରୁ ମିଳିଥିବା ପ୍ରଶ୍ନପତ୍ର ସହ କୋଡ୍ ମିଶୁଥିବା ଜୁନ୍ ୨୧ରେ ଏନ୍‌ଟିଏ କହିଥିଲା। ଉକ୍ତ ସ୍କୁଲ୍‌ର ପ୍ରିନ୍ସିପାଲ ଡ. ଏହସାନୁଲ ହକ୍ ଏନ୍‌ଇଇଟି-ୟୁଜି ପରୀକ୍ଷାର ଜିଲା କୋଅର୍ଡିନେଟର ଥିବାବେଳେ ଭାଇସ୍ ପ୍ରିନ୍ସିପାଲ ଇମ୍‌ତିଆଜ୍ ଆଲାମ ସେଣ୍ଟର କୋଅର୍ଡିନେଟର ରହିଥିଲେ। ବର୍ତ୍ତମାନ ସୁଦ୍ଧା ସିବିଆଇ ସମେତ ବିଭିନ୍ନ ରାଜ୍ୟର ତଦନ୍ତକାରୀ ସଂସ୍ଥା ଏହି ମାମଲାରେ ବହୁସଂଖ୍ୟାରେ ଏତଲା ଦାଏର କରିବା ସହ ୬୦ ଜଣଙ୍କୁ ଗିରଫ କରାଗଲାଣି।

## ବିବାହ ଦିନ ଗିରଫ, ହାଜତରେ ଆଦିବାସୀ ଯୁବକଙ୍କ ମୃତ୍ୟୁ

ଭୋପାଳ, ୧୬।୭

ମଧ୍ୟପ୍ରଦେଶର ଗୁନା ଜିଲାରେ ପାରଧି ଜନଜାତିର ଜଣେ ୨୫ ବର୍ଷୀୟ ଯୁବକଙ୍କର ପୋଲିସ ହାଜତରେ ମୃତ୍ୟୁ ଘଟିଛି। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେବା ସହ ଯୁବକଙ୍କ ପରିବାରକୁ ନ୍ୟାୟ ଦାବିରେ ବିକ୍ଷୋଭ ଜୋର୍‌ଦାର ହୋଇଛି। ମୃତକ ଦେବ ପରଧିଙ୍କ ସମ୍ପର୍କୀୟମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉଥିଲେ।

**ମହିଳାଙ୍କ ବିବସ୍ତ୍ର ପ୍ରତିବାଦ**

ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପଶି ବିବସ୍ତ୍ର ପ୍ରତିବାଦ ଜଣାଇଥିଲେ। ପୋଲିସ ସେମାନଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାର କରିବାକୁ ଉଦ୍ୟମ କଲାବେଳେ ସେମାନଙ୍କ ସହ ସଂଘର୍ଷ ଘଟିଥିଲା। ଠେଲାପେଲାରେ କେତେଜଣ ମହିଳାଙ୍କ ଚୁଡ଼ି ଭାଙ୍ଗିଥିବାବେଳେ ଜଣେ ମହିଳାଙ୍କ ମୁଣ୍ଡ ଫାଟିଥିଲା। ହାଜତରେ ଦେବଙ୍କ ମୃତ୍ୟୁକୁ ପୋଲିସ ହୃଦ୍‌ଘାତର ରୂପ ଦେଉଥିବାବେଳେ ପୋଲିସ ତାଙ୍କୁ ପିଟି ମାରିଦେଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଜଣେ ଯୁବକଙ୍କର କିପରି ହୃଦ୍‌ଘାତରେ ମୃତ୍ୟୁ ହେଲା ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଯୁବକଙ୍କ ଦାଦା ଗଙ୍ଗାରାମ ମଧ୍ୟ ପୋଲିସ ମାଡ଼ରେ ଆହତ ହୋଇ ଜିଲା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ଖବର ଅନୁଯାୟୀ, ରବିବାର ଅପରାହ୍ନରେ ଦେବ ବରବେଶରେ ଶୋଭାଯାତ୍ରାରେ ବାହାରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଏକ ପୁରୁଣା ଚୋରି ମାମଲାରେ ତାଙ୍କ ସମେତ ଗାଙ୍ଗୁରାମଙ୍କୁ ପୋଲିସ ଉଠାଇନେଇଥିଲା। ସେହି ରାତିରେ ହାଜତରେ ଦେବଙ୍କ ମୃତ୍ୟୁ ଘଟିଥିଲା। ଆହୁରି ଦୁଃଖଦ ଘଟଣା ହେଲା ଦେବଙ୍କ ମୃତ୍ୟୁ ଖବର ଜାଣିବା ପରେ ତାଙ୍କୁ ବିବାହ କରିବାକୁ ଥିବା କନ୍ୟା ଏବଂ ଦେବଙ୍କ ଖୁଡ଼ୀ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଥାନା ହାଜତରେ ଦେବ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବା କହିଥିଲେ। ତାଙ୍କୁ ଜିଲା ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ବଞ୍ଚାଇ ପାରି ନ ଥିଲେ ବୋଲି ପୋଲିସ କହିଛି। ଦେବଙ୍କ ନାଁରେ ବିଭିନ୍ନ ଥାନାରେ ୭ ଆପରାଧିକ ମାମଲା ରହିଥିବା ଏଏସ୍‌ପି ମାନସିଂ ଠାକୁର କହିଛନ୍ତି। ଭୋପାଳରେ ଶିବଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପରିବାର ପକ୍ଷରୁ ଦାବି ହୋଇଥିବାବେଳେ ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

## ମିହିର ଶାହଙ୍କ ହାଜତ ମିଆଦ ୧୪ ଦିନ ବଢ଼ିଲା

**ମୁମ୍ବାଇ, ୧୬।୭:** ମୁମ୍ବାଇର ୱର୍ଲି ହିଟ୍ ଆଣ୍ଡ ରନ୍ ମାମଲାରେ ଅଭିଯୁକ୍ତ ମିହିର ଶାହଙ୍କ ହାଜତ ମିଆଦକୁ ମୁମ୍ବାଇର ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ କୋର୍ଟ ସ୍ଥାନୀୟ କୋର୍ଟ ୧୪ ଦିନ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ମଙ୍ଗଳବାର ମିହିରଙ୍କ ପୂର୍ବ ହାଜତ ମିଆଦ ସରୁଥିବାରୁ ତାଙ୍କୁ କୋର୍ଟଙ୍କ ସମ୍ମୁଖରେ ହାଜର କରାଯାଇଥିଲା। ମାମଲାକୁ ନେଇ ପଚରାଉଚରା ସମୟରେ ମିହିର ସହଯୋଗ କରୁ ନ ଥିବା କହି ତାଙ୍କ ହାଜତ ମିଆଦ ବଢ଼ାଇବାକୁ ବିଚାରପତିଙ୍କ ସମ୍ମୁଖରେ ମୁମ୍ବାଇ ପୋଲିସ ଆବେଦନ କରିଥିଲା। ଏହି ମାମଲାରେ ଦୁର୍ଘଟଣା ଘଟାଇବାର ୨ ଦିନ ପରେ ଜୁଲାଇ ୯ରେ ମିହିରଙ୍କୁ ଗିରଫ କରାଯାଇଥିଲା। ମିହିରଙ୍କ ବିଏମଡବ୍ଲ୍ୟୁ କାର୍ ଧକ୍କାଦେବାରୁ କାବେରୀ ନଖ୍ୱାଙ୍କେ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ପ୍ରଦୀପ ନଖ୍ୱା ଗୁରୁତର ଆହତ ହୋଇଥିଲେ।

## ରାଶନ କାର୍ଡ ପାଇଁ ଦାଦନ ଶ୍ରମିକଙ୍କ ଯାଞ୍ଚ ମାସକରେ ଶେଷ କର

ନୂଆଦିଲ୍ଲୀ, ୧୬।୭ (ପି.ଟି.)

**ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ରାଶନ କାର୍ଡ ଇସ୍ୟୁ ପାଇଁ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଦାଦନ ଶ୍ରମିକମାନଙ୍କ ଯାଞ୍ଚରେ ବିଳମ୍ବ କରୁଥିବା ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟ ମଙ୍ଗଳବାର ଭର୍ତ୍ସନା କରିଛନ୍ତି। ୪ ସପ୍ତାହ ମଧ୍ୟରେ ଯାଞ୍ଚ ଶେଷ କରିବାକୁ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ରାଜ୍ୟଗୁଡ଼ିକରେ ଦାଦନ ଶ୍ରମିକ ଯାଞ୍ଚ ଶେଷ ହୋଇଛି, ସେଠାକୁ ଖାଦ୍ୟଶସ୍ୟ ପଠାଇବା ନିମନ୍ତେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଯାଞ୍ଚ ପ୍ରକ୍ରିୟା ଶେଷ ନ ହୁଏ, ତେବେ ସମ୍ପୃକ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ ସମନ କରାଯିବ ବୋଲି ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ଅହସାନୁଦ୍ଦିନ ଅମନୁଲ୍ଲାଙ୍କ ଖଣ୍ଡପୀଠ କହିଛନ୍ତି। ୪ ମାସ ସମୟ ଦିଆଯିବା ସତ୍ତ୍ୱେ ଯାଞ୍ଚ ସରିଲାନି କାହିଁକି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। କେବଳ ବିହାର ଏବଂ ତେଲଙ୍ଗାନାରେ ଦାଦନ ଶ୍ରମିକ ଯାଞ୍ଚ ୧୦୦ ପ୍ରତିଶତ ଶେଷ ହୋଇଥିବା ବେଳେ ଅନ୍ୟ ରାଜ୍ୟଗୁଡ଼ିକ ବିଫଳ ହୋଇଛନ୍ତି। ଏପରିକି କେତେକ ରାଜ୍ୟରେ ଏପର୍ଯ୍ୟନ୍ତ ଯାଞ୍ଚ ଆରମ୍ଭ ହୋଇ ନ ଥିବା ଆଇନଜୀବୀ ପ୍ରଶାନ୍ତ ଭୂଷଣ ଅଦାଲତଙ୍କୁ ଜଣାଇଥିଲେ। ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ୮ କୋଟି ଦାଦନ ଶ୍ରମିକଙ୍କୁ ୨ ମାସ ମଧ୍ୟରେ ରାଶନ କାର୍ଡ ଯୋଗାଇଦେବା ପାଇଁ ସୁପ୍ରିମକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ।

## ଦୁର୍ଘଟଣାକୁ ଅପେକ୍ଷା କରିଥିଲା ତ୍ରୁଟି

ନୂଆଦିଲ୍ଲୀ, ୧୬।୭ (ପି.ଟି.)

**କାଞ୍ଚନଜଙ୍ଘା ଟ୍ରେନ୍ ଟ୍ରାଜେଡି: ତଦନ୍ତ ରିପୋର୍ଟ ଦାଖଲକଲା ସିଆର୍‌ଏସ୍**

ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲାରେ ଜୁନ୍ ୧୭ରେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଏକ ମାଲ୍‌ଗାଡ଼ିକୁ ଧକ୍କା ଦେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ବିଭିନ୍ନ ସ୍ତରରେ ତ୍ରୁଟି ଦୁର୍ଘଟଣା ଯେପରି ଅପେକ୍ଷା କରିଥିଲା ବୋଲି ରେଲୱେ ସୁରକ୍ଷା କମିଶନର (ସିଆର୍‌ଏସ୍) କହିଛନ୍ତି। ସ୍ୱୟଂକ୍ରିୟ ସିଗ୍‌ନାଲ ଜୋନ୍‌ଗୁଡ଼ିକରେ ଟ୍ରେନ୍ ଚଳାଚଳ ପରିଚାଳନାରେ ବିଭିନ୍ନ ସ୍ତରରେ ତ୍ରୁଟି ରହିବା ସହ ଲୋକୋ ପାଇଲଟ୍ ଏବଂ ଷ୍ଟେଶନମାଷ୍ଟରମାନଙ୍କ ମଧ୍ୟରେ ପର୍ଯ୍ୟାପ୍ତ ଯୋଗାଯୋଗ ହୋଇପାରି ନ ଥିବା ସିଆର୍‌ଏସ୍‌ଙ୍କ ତଦନ୍ତ ରିପୋର୍ଟରେ କୁହାଯାଇଛି। ସ୍ୱୟଂକ୍ରିୟ ଟ୍ରେନ୍ ସୁରକ୍ଷା



ବ୍ୟବସ୍ଥା (କବଚ) କାର୍ଯ୍ୟକାରିତାକୁ ସର୍ବାଧିକ ପ୍ରାଥମିକତା ଦେବା ପାଇଁ ସିଆର୍‌ଏସ୍ ସୁପାରିସ କରିଛନ୍ତି। ସିଗ୍‌ନାଲରେ ତ୍ରୁଟି ରହିଥିବାରୁ ଟି/ଏ ୯୧୨ ଜରିଆରେ ସିଗ୍‌ନାଲ ଅତିକ୍ରମ କରିବାକୁ ମାଲ୍‌ବାହୀ ଟ୍ରେନ୍‌ର ଲୋକୋ ପାଇଲଟ୍‌ଙ୍କୁ ଭୁଲ୍ ସୂଚନା ଦିଆଯାଇଥିଲା। ତ୍ରୁଟିପୂର୍ଣ୍ଣ ସିଗ୍ନାଲ ଅତିକ୍ରମ କଲାବେଳେ ଟ୍ରେନ୍‌ର ବେଗ କେତେ ରହିବ ତାହା ପେପର ଅଥରିଟି ଦର୍ଶାଇ ନ ଥିଲେ। ଉପଯୁକ୍ତ କର୍ତ୍ତୃତ୍ୱ ନ ଥିବା ଏବଂ ପର୍ଯ୍ୟାପ୍ତ ସୂଚନା ଅଭାବରୁ ଏଭଳି ଏକ ଦୁର୍ଘଟଣା ଘଟିଲା ବୋଲି ସିଆର୍‌ଏସ୍ କହିଛନ୍ତି। ସିଗ୍ନାଲରେ ତ୍ରୁଟି ଥିବାବେଳେ ଉକ୍ତ ସେକ୍ସନ ମଧ୍ୟରେ କାଞ୍ଚନଜଙ୍ଘା, ମାଲ୍‌ବାହୀ ଟ୍ରେନ୍ ସମେତ ୭ଟି ଟ୍ରେନ୍ ଅତିକ୍ରମ କରିଥିଲେ। ତେବେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍‌ର ଲୋକୋ ପାଇଲଟ୍ ଅନୁମୋଦିତ ବେଗ ୧୫ କିଲୋମିଟର ଅନୁପାଳନ କରିଥିବାବେଳେ ଅନ୍ୟମାନେ ଏହାର ଉଲ୍ଲଂଘନ କରିଥିଲେ।

## ଫୁରସତ୍

### 'ଉଲଝ୍'ରେ ଜାହ୍ନବୀଙ୍କ ଆଇଏଫ୍‌ଏସ୍ ଅଫିସର ଅବତାର



ମୁମ୍ବାଇ

ଜାହ୍ନବୀ କପୁରଙ୍କ ଆଗାମୀ ଫିଲ୍ମ 'ଉଲଝ୍'ର ଟ୍ରେଲର ମଙ୍ଗଳବାର ରିଲିଜ୍ ହୋଇଛି। ଜାତୀୟ ପୁରସ୍କାର ବିଜେତା ସୁଧାଂଶୁ ସାରିଆଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଜାହ୍ନବୀଙ୍କ ବ୍ୟତୀତ ଗୁଲ୍‌ଶାନ ଦେବେୟା, ରୋଶନ ମାଥ୍ୟୁ, ରାଜେଶ ତାଇଲାଙ୍ଗ ଏବଂ ଅଦିଲ ହୁସେନ ମଧ୍ୟ ଅଭିନୟ କରିଛନ୍ତି। ଏହି ଟ୍ରେଲରକୁ ଶେୟାର କରି ଜାହ୍ନବୀ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ଲେଖିଛନ୍ତି, 'ସମସ୍ତଙ୍କର ଏକ କାହାଣୀ ରହିଛି। ପ୍ରତ୍ୟେକ କାହାଣୀରେ କିଛି ରହସ୍ୟ ମଧ୍ୟ ଅଛି। ପ୍ରତିଟି ରହସ୍ୟରୁ କିପରି ପରଦା ଉଠେ, ତାହାର ଏକ ଝଲକ୍ 'ଉଲଝ୍' ଫିଲ୍ମର ଟ୍ରେଲରରୁ ସାମ୍ନାକୁ ଆସିଛି।'

ଏହି ଟ୍ରେଲରରେ ଦେଶର ସର୍ବକନିଷ୍ଠ ଡେପୁଟି ହାଇ କମିଶନର ସୁହାନା ଭାଟିଆ ଭାବେ ଜାହ୍ନବୀ ନଜର ଆସିଛନ୍ତି। ତେବେ ସେ ଜଣେ 'ନେପୋ' କିଡ୍ ହୋଇଥିବାରୁ ତାଙ୍କୁ ଏହି ପଦ ମିଳିଥିବା ନେଇ ବହୁ ଚର୍ଚ୍ଚା ହୋଇଛି। କାହାଣୀରେ ଜାହ୍ନବୀଙ୍କ ସୁହାନା ଚରିତ୍ର ଲଣ୍ଡନ ଦୂତାବାସରେ କାର୍ଯ୍ୟରତ ଥିବା ସମୟରେ ତାଙ୍କ ବିରୋଧରେ ଅନେକ ସହକର୍ମୀ ବିଶ୍ୱାସଘାତକତା କରିବା ସହ ଷଡ଼ଯନ୍ତ୍ର ରଚୁଛନ୍ତି। ତଥାପି ସେ ହାର ନ ମାନି ତାଙ୍କ ବିରୋଧରେ ହେଉଥିବା ପ୍ରତ୍ୟେକ ଷଡ଼ଯନ୍ତ୍ରକୁ ଦୃଢ଼ତାର ସହ ମୁକାବିଲା କରୁଥିବା ନେଇ ଏହି ଟ୍ରେଲରରେ ଦେଖିବାକୁ ମିଳିଛି। ଟ୍ରେଲରରେ ଜାହ୍ନବୀଙ୍କ ଅଭିନୟ ଓ ସଂଳାପ ଚମତ୍କାର ରହିଥିବା ଅନେକ ପ୍ରଶଂସକ ମତ ଦେଉଛନ୍ତି। ଆସନ୍ତା ଅଗଷ୍ଟ ୨ରେ ଏହି ଫିଲ୍ମ ରିଲିଜ୍ ହେବ।

### ଶାଢ଼ି ପିନ୍ଧି କବାଡ଼ି ଖେଳ

ଚିତ୍ତୋରଗଡ଼

ପୁରୁଷଙ୍କ ପରି ଅନେକ ମହିଳା ମଧ୍ୟ କବାଡ଼ି ଖେଳିବାକୁ ଭଲ ପାଆନ୍ତି। ତେବେ ରାଜସ୍ଥାନର ଚିତ୍ତୋରଗଡ଼ ଜିଲାର ପାହାଡ଼ିଆ ଅଞ୍ଚଳରେ ଥିବା ଏକ ଗ୍ରାମରେ ଶାଢ଼ି ପିନ୍ଧି କେତେଜଣ ମହିଳା ଉତ୍ସାହର ସହ କବାଡ଼ି ଖେଳୁଥିବା ନେଇ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଚାରିଆଡ଼େ ଗଛ ଏବଂ ବୁଦା ଦ୍ୱାରା ଘେରି ରହିଥିବା ଏକ ବଡ଼ ପଡ଼ିଆରେ ଶାଢ଼ି ପିନ୍ଧିଥିବା ମହିଳାମାନଙ୍କ ମଧ୍ୟରେ ହେଉଥିବା ଏହି ନିଆରା କବାଡ଼ି ମ୍ୟାଚ୍‌ର ରେଫରି ଓ ସମସ୍ତ ଦର୍ଶକ ମଧ୍ୟ ମହିଳା ରହିଛନ୍ତି। କୌଣସି ବିଶେଷ ସୁବିଧା ନ ଥିବା ଏହି ପଡ଼ିଆରେ ମହିଳା ଦର୍ଶକମାନେ ଭୂମିରେ ବସି କବାଡ଼ି ଖେଳକୁ ଉପଭୋଗ କରିବା ସହ ଖେଳୁଥିବା ମହିଳାଙ୍କୁ ଉତ୍ସାହିତ କରିଛନ୍ତି। ଶାଢ଼ି ପିନ୍ଧି ମହିଳାଙ୍କର କବାଡ଼ି ଖେଳକୁ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ପସନ୍ଦ କରିଛନ୍ତି।

### ଲୋକପ୍ରିୟ ହେଉଛି ଲିସାଙ୍କ 'ରକ୍‌ଷ୍ଟାର୍'

ସିଓଲ

ବିଶ୍ୱର ଲୋକପ୍ରିୟ ରାପର୍, ସିଙ୍ଗର, ଡ୍ୟାନ୍ସର ଓ ଷ୍ଟାଇଲ ଆଇକନ ଲିସା (ଲାଲିସା ମାନୋବଲ)ଙ୍କ ନୂଆ ମ୍ୟୁଜିକ୍ ଭିଡିଓ 'ରକ୍‌ଷ୍ଟାର'କୁ ଚଳିତ ମାସର ପ୍ରାରମ୍ଭରେ ରିଲିଜ କରାଯାଇଛି। ଲିସାଙ୍କ ମ୍ୟାନେଜମେଣ୍ଟ କମ୍ପାନୀ 'ଲାଉଡ୍ କୋ' ଓ 'ଆର୍‌ସିଏ ରେକର୍ଡସ୍'ର ସହଭାଗିତାରେ ରିଲିଜ୍ ହୋଇଥିବା 'ରକ୍‌ଷ୍ଟାର୍' ତାଙ୍କ ଦକ୍ଷତାକୁ ପ୍ରଦର୍ଶିତ କରୁଥିବା ନେଇ ତାଙ୍କର ଅନେକ ପ୍ରଶଂସକ ମତ ରଖିଛନ୍ତି। ଏହି ମ୍ୟୁଜିକ୍ ଭିଡିଓରେ ସେ 'ଗୋଲ୍ଡ ଟିଥ୍ ଟିଥ୍ ସିଟିଂ ଅନ୍ ଦି ଡ୍ୟାଶ୍ ସି ଏ ରକ୍‌ଷ୍ଟାର, ମେକ୍ ୟୋର୍ ଫେଭରାଇଟ ସିଙ୍ଗର ୱାନା ରାପ୍ ବେବି ଲାଲା' ସଙ୍ଗୀତ ଗାନ କରୁଛନ୍ତି। ର୍ୟାନ୍ ଟେଡର୍ ଓ ସାମ୍ ହୋମାଇ ଏହି ନୂଆ ଗୀତର ପ୍ରାୟୋଜକ ଅଟନ୍ତି।



ହେନ୍‌ରୀ ସ୍କୋଫିଲ୍ଡଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ସିନ୍ ବ୍ୟାଙ୍କହେଡ୍‌ଙ୍କ ଦ୍ୱାରା କୋରିଓଗ୍ରାଫ୍ କରାଯାଇଥିବା 'ରକ୍‌ଷ୍ଟାର୍' ମ୍ୟୁଜିକ୍ ଭିଡିଓ ପାଇଁ ବ୍ୟାଙ୍କକର ବିଭିନ୍ନ ସ୍ଥାନରେ ଶୁଟ୍ କରାଯାଇଛି। ଏହାପୂର୍ବରୁ ଲିସା ନିଜ ଟିକ୍‌ଟକ୍ ଆକାଉଣ୍ଟ ମାଧ୍ୟମରେ ପ୍ରଥମେ ଏହାର ଟିଜର ଜାରି କରିଥିଲେ, ଯାହାକୁ ତାଙ୍କ ପ୍ରଶଂସକମାନେ ବେଶ୍ ପସନ୍ଦ କରିଥିଲେ।

ଲିସା ଜଣେ କେ-ପପ୍ ଆର୍ଟିଷ୍ଟ ହୋଇଥିବାବେଳେ ସେ ଏମ୍‌ଟିଭି ଭିଡିଓ ମ୍ୟୁଜିକ ଆୱାର୍ଡସ୍ ଓ ଏମ୍‌ଟିଭି ୟୁରୋପିଆନ ମ୍ୟୁଜିକ ଆୱାର୍ଡସ୍‌ରେ ପ୍ରଥମ ସୋଲୋ କେ-ପପ୍ ବିଜେତା ମଧ୍ୟ ଅଟନ୍ତି। ସେପ୍ଟେମ୍ବର ୨୦୨୧ରେ ତାଙ୍କର ପ୍ରଥମ ସିଙ୍ଗଲ ଆଲ୍‌ବମ୍ 'ଲାଲିସା' ରିଲିଜ୍ ହୋଇଥିଲା, ଯାହା ଲିସାଙ୍କୁ ବହୁ ପ୍ରସିଦ୍ଧି ଦେଇଥିଲା। ସଙ୍ଗୀତ କ୍ଷେତ୍ର ବ୍ୟତୀତ ଲିସା ତାଙ୍କର ସ୍ୱତନ୍ତ୍ର ଫ୍ୟାଶନ ସେନ୍ସ ଓ ଟ୍ରେଣ୍ଡସେଟିଂ ଷ୍ଟାଇଲ ପାଇଁ ମଧ୍ୟ ବେଶ୍ ପରିଚିତ। ବର୍ତ୍ତମାନ ସେ ପ୍ରସିଦ୍ଧ ଇଟାଲୀୟ କମ୍ପାନୀ 'ବୁଲ୍‌ଗାରି'ର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ସେହିପରି ଗତବର୍ଷ ଥାଇଲାଣ୍ଡର ସଂସ୍କୃତିକ ମନ୍ତ୍ରଣାଳୟ ପକ୍ଷରୁ ଲିସାଙ୍କୁ ସାଂସ୍କୃତିକ ରାଷ୍ଟ୍ରଦୂତ ଭାବେ ସମ୍ମାନିତ କରାଯାଇଥିଲା।

# ଦୋଷୀଙ୍କୁ ଗିରଫ ଦାବିରେ ରାଜଭବନ ଆଗରେ କଂଗ୍ରେସର ଆନ୍ଦୋଳନ

## ଏଏସ୍‌ଓ ବୈକୁଣ୍ଠ ପ୍ରଧାନଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ଘଟଣା

ଭୁବନେଶ୍ୱର, ୧୬।୭(ସୁନିତ୍ ମିଶ୍ର)



ରାଜଭବନ ସମ୍ମୁଖରେ ମଙ୍ଗଳବାର ପ୍ରଦେଶ ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଧାରଣା।

ପ୍ରଦେଶ ଛାତ୍ର ଓ ଯୁବକଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ପୁଅ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଏଏସ୍‌ଓ ବୈକୁଣ୍ଠନାଥ ପ୍ରଧାନଙ୍କୁ ନ୍ୟାୟ ଦାବିରେ ରାଜଭବନ ସମ୍ମୁଖରେ ମଙ୍ଗଳବାର ୫ ଘଣ୍ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ରାଜ୍ୟପାଳଙ୍କ ପୁଅଙ୍କ ସବୁ ଦୋଷକୁ ମାଫ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଷଡ଼ଯନ୍ତ୍ର କରୁଛନ୍ତି। ଏ ରାଜ୍ୟରେ ସାଧାରଣ ଲୋକଙ୍କ ପାଇଁ ଗୋଟିଏ ଏବଂ କ୍ଷମତାଶାଳୀ ଲୋକଙ୍କ ପାଇଁ ଆଉ ଗୋଟିଏ ଆଇନ ସୃଷ୍ଟି କରାଯାଉଛି। କାରଣ କର୍ତ୍ତବ୍ୟରତ ଏଏସ୍‌ଓ ବୈକୁଣ୍ଠଙ୍କୁ ମରଣାନ୍ତକ ଆକ୍ରମଣ କରିବାର ଗୋଟିଏ ସପ୍ତାହ ପରେ ମଧ୍ୟ ରାଜ୍ୟପାଳଙ୍କ ପୁଅ ଲଲିତ କୁମାର ଓ ତାଙ୍କର ୫ ଜଣ ଝାଡ଼ଖଣ୍ଡ ସହଯୋଗୀଙ୍କୁ ପୋଲିସ ଗିରଫ କରିପାରି ନାହିଁ। ରାଜ୍ୟପାଳଙ୍କ ପୁଅ ବୈକୁଣ୍ଠଙ୍କୁ ତାଙ୍କ ଚପଲ ଚାଟିବାକୁ କହିବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଅସହ୍ୟ କଥା। ଲୋକସେବା ଭବନର ସରକାରୀ କର୍ମଚାରୀ ସଂଗଠନଗୁଡ଼ିକ କେବଳ ଚିଠି ନ ଲେଖି ନିଜର ଜଣେ ନିରୀହ ସହଯୋଗୀଙ୍କ ପ୍ରତି ହୋଇଥିବା ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରନ୍ତୁ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି, ଯେଉଁମାନେ ନିର୍ବାଚନ ସମୟରେ ଓଡ଼ିଆ ଅସ୍ମିତାର କଥା କହି ଘଣ୍ଟ ପିଟୁଥିଲେ, ଚିତ୍କାର କରୁଥିଲେ ଆଜି ସେମାନେ ଜଣେ ଅସହାୟ ଓଡ଼ିଆ ପାଇଁ ସ୍ୱର ଉତ୍ତୋଳନ ନ କରିବା ଦୁର୍ଭାଗ୍ୟଜନକ। ରାଜ୍ୟପାଳଙ୍କ ପ୍ରମୁଖ ସଚିବଙ୍କୁ ଅଭିଯୋଗ ଦେବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେ ଘଟଣାକୁ ଘଣ୍ଟ ଘୋଡ଼ାଇବା କାମରେ ବ୍ୟସ୍ତ ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ଗୃହ ବିଭାଗ ସରକାରୀ ଚାକିରିଆଙ୍କୁ ନ୍ୟାୟ ଦେବାରେ ଅସମର୍ଥ। ବୈକୁଣ୍ଠ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଏବଂ ରାଜ୍ୟପାଳଙ୍କ ପୁଅ ଗିରଫ ନ ହେବା ଯାଏ ଛାତ୍ର ଓ ଯୁବ କଂଗ୍ରେସ ଆନ୍ଦୋଳନ ଜାରି ରଖିବେ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ସରକାର ଓଡ଼ିଶାର ଆଇନ ବ୍ୟବସ୍ଥାକୁ ଦୁର୍ବଳ କରିଦେଇଛନ୍ତି। ରାଜ୍ୟପାଳଙ୍କ ପୁଅ ଉପରେ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନ ନେବା ଦୁର୍ଭାଗ୍ୟଜନକ। ଓଡ଼ିଆ ଜାତି ଓ ଓଡ଼ିଆ ଅସ୍ମିତାର କଥା କହୁଥିବା ସୌଦାଗରମାନେ ଏବେ ନୀରବ କ'ଣ ପାଇଁ ଅଛନ୍ତି। ଜଣେ ଅସହାୟ ଓଡ଼ିଆକୁ ନ୍ୟାୟ ଦେବାରେ ମୁଖ୍ୟମନ୍ତ୍ରୀ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ଭୂମିକା ସନ୍ଦେହପୂର୍ଣ୍ଣ ରହିଛି। ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ରାଜ୍ୟପାଳଙ୍କ ପୁଅ ଦଣ୍ଡ ନ ପାଇବା ପର୍ଯ୍ୟନ୍ତ ଚାଲୁ ରହିବ। ଏହି କାର୍ଯ୍ୟକ୍ରମରେ ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ, ବିଜୟ ପଟ୍ଟନାୟକ ପ୍ରମୁଖ ବରିଷ୍ଠ ନେତାମାନେ ଯୋଗଦେଇଥିଲେ।

# ଭାଜପାର ଓଡ଼ିଆ ଅସ୍ମିତା ମିଛ ନାଟକ: ବିଜେଡି

## ରାଜ୍ୟପାଳଙ୍କ ପୁଅଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି

ଭୁବନେଶ୍ୱର, ୧୬।୭(ଅନିଲ ଦାସ)


ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର।

ରାଜଭବନରେ କାର୍ଯ୍ୟରତ ଏଏସ୍‌ଓଙ୍କୁ ଯେଉଁଭଳି ଭାବେ ତରବରିଆ ବଦଳି କରାଗଲା, ଏହା ସ୍ପଷ୍ଟ ପ୍ରମାଣିତ କରୁଛି, ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆଙ୍କ ଆତ୍ମସମ୍ମାନଙ୍କୁ ଦଳିମକଚି ଦେବାକୁ ରାଜ୍ୟ ସରକାର ଠିକା ନେଇଛନ୍ତି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ଏଭଳି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଜଣେ ଝାଡ଼ଖଣ୍ଡ ଲୋକଙ୍କ ଦ୍ୱାରା ଓଡ଼ିଆ ଏଏସ୍‌ଓ ମାଡ଼ଖାଇ ରକ୍ତାକ୍ତ ହେଲେ। ତାଙ୍କ ଆତ୍ମସମ୍ମାନ ଉପରେ ଆଞ୍ଚ ଆସିଲା। ଅଧିକାରୀ ଜଣଙ୍କ ନ୍ୟାୟ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୋଲିସ ପ୍ରଶାସନଙ୍କୁ ଜଣାଇଲେ। ହେଲେ କିଛି ହେଲାନି। ଅଧିକାରୀ ଜଣଙ୍କ ଏବଂ ତାଙ୍କ ପରିବାର ଏତେ ଅସହାୟ ହୋଇଗଲେ ଯେ ଶେଷରେ ବାଧ୍ୟ ହୋଇ ରାଜଭବନ କାର୍ଯ୍ୟରୁ ବାହାରିବାକୁ ଇଚ୍ଛା ଦେଖାଇଲେ। ରାଜ୍ୟପାଳଙ୍କ ପୁଅ ବୋଲି କ'ଣ ସେ ଯାହା ଦୋଷ କରିବେ ଖସିଯିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି। ଏହାର ଜବାବ ସରକାରଙ୍କୁ ଦେବାକୁ ପଡ଼ିବ। ଭାଜପା ସରକାରରେ ଆଇନ ଦୁଇପ୍ରକାର କି। ସାଧାରଣ ଲୋକଙ୍କ ପାଇଁ ଆଇନ ଅଲଗା, ରାଜନୈତିକ ଲୋକଙ୍କ ପାଇଁ ଆଇନ ଅଲଗା। ବିଜେଡି ସରକାର ସମୟରେ ଯିଏ ଗୁଣ୍ଡାଗିରି କରୁଥିଲେ ସେ ବିଧାୟକ, ଏମ୍‌ପି କିମ୍ବା ମନ୍ତ୍ରୀ ହୁଅନ୍ତୁ, କାହାକୁ ବି ନବୀନ ପଟ୍ଟନାୟକ ଛାଡ଼ି ନ ଥିଲେ। ଆଇନ ସମସ୍ତଙ୍କ ପାଇଁ ସମାନ ଥିଲା, ହେଲେ ମୋହନ ସରକାରରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସାରା ଭାରତରେ ଓଡ଼ିଶାର ଛବିକୁ ମଳିନ କରିଥିବା ଏହି ଘଟଣାକୁ ନେଇ ରାଜ୍ୟ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବା ଦରକାର ବୋଲି ସେ କହିଛନ୍ତି। ଜଣେ ପୀଡ଼ିତ ପରିବାର ସମସ୍ତଙ୍କୁ ଗୁହାରି କରିଥିଲେ ବି ନ୍ୟାୟ ପାଇଲେନି। ଅସହାୟ ଅବସ୍ଥାରେ ପୀଡ଼ିତ ଓଡ଼ିଆ ଲୋକଙ୍କ ବଦଳି ହେଉଛି। ଏହା କ'ଣ ଓଡ଼ିଆ ଅସ୍ମିତା ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି।

# ୧୯, ୨୦ରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ

## ଯୋଗଦେବେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା

ଭୁବନେଶ୍ୱର, ୧୬।୭(ସୁନିତ୍ ମିଶ୍ର)



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ(ବାମ) ରାଜ୍ୟ କାର୍ଯ୍ୟକାରିଣୀ ନେଇ ସୂଚନା ଦେଉଛନ୍ତି।

ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ଆସନ୍ତା ୧୯ ଓ ୨୦ ତାରିଖରେ ଭାଜପାର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପୁରୀଠାରେ ହେବାକୁ ଯାଉଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସଭାପତିତ୍ୱରେ ୧୯ ତାରିଖ ସକାଳେ ପ୍ରଥମେ ରାଜ୍ୟ ପଦାଧିକାରୀ ବୈଠକ ହେବ। ଏହାପରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଉଦ୍‌ଘାଟନ କରିବେ। ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଯୋଗଦେବେ ବୋଲି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି।

କେନ୍ଦ୍ରରେ ଲଗାତର ୩ୟ ଥର ଏବଂ ରାଜ୍ୟରେ ପ୍ରଥମ ଥର ପାଇଁ ଭାଜପା ଏକାକୀ ସରକାର ଗଠନ କରିବା ପରେ ହେବାକୁ ଥିବା ଏହି କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୨ ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସମସ୍ତ ଏମ୍‌ପି ଓ ବିଧାୟକ, ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲା ସଭାପତି ଓ ସାଧାରଣ ସମ୍ପାଦକ, ଲୋକ ସଭା ସଂଯୋଜକ ଓ ପ୍ରଭାରୀ, ବିଧାନସଭା ସଂଯୋଜକ ଓ ପ୍ରଭାରୀ, ବିଭିନ୍ନ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀମାନେ ଯୋଗଦେବେ ବୋଲି ବିରଞ୍ଚି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟବାସୀଙ୍କ ଆଶୀର୍ବାଦରୁ ଭାଜପା ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିବାର ସୁଯୋଗ ପାଇଛି। ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣକରି ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ଏହି କାର୍ଯ୍ୟକାରିଣୀ ବୈଠକରେ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରାଯାଉ

## ବଳଭଦ୍ରଙ୍କୁ ପକାଇଦେବା ଘଟଣା

## ରତ୍ନଭଣ୍ଡାର ଅଳଙ୍କାର ତାଲିକାଭୁକ୍ତକରି ଶ୍ୱେତପତ୍ର ଜାରି କରାଯାଉ: ପ୍ରସାଦ

ଭୁବନେଶ୍ୱର, ୧୬।୭(ସୁନିତ୍ ମିଶ୍ର)


ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଓ ଦଳୀୟ ନେତା।

ରଥଯାତ୍ରା ସମୟରେ ଯେଉଁସବୁ ଅଭାବନୀୟ ଘଟଣା ଘଟିଗଲା ତାହାକୁ ନେଇ କଂଗ୍ରେସ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଆଡ଼ପ ମଣ୍ଡପ ପହଣ୍ଡି ସମୟରେ ଚାରମାଳ ଉପରେ ମହାପ୍ରଭୁ ବଳଭଦ୍ରଙ୍କୁ ପକାଇଦେବା ଘଟଣା ଅନେକ କୋଟି ଜଗନ୍ନାଥପ୍ରେମୀଙ୍କୁ ଗଭୀର ମାନସିକ ଆଘାତ ଦେଇଛି। ସରକାର ଏହି ଘଟଣାକୁ ମହାପ୍ରଭୁଙ୍କ ଲୀଳା ବୋଲି କହି ଦୋଷ ଲୁଚାଇବାକୁ ଯେଉଁ ଅପଚେଷ୍ଟା କରିଛନ୍ତି ତାହା ଦୁର୍ଭାଗ୍ୟଜନକ। ତେଣୁ ଏହି ଘଟଣା ପାଇଁ ଦାୟୀ କିଏ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଉକ୍ତ ଘଟଣାରେ ସରକାର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତକରି ସତ ସାମ୍ନାକୁ ଆଣନ୍ତୁ ଓ ସମ୍ପୃକ୍ତ ଦୋଷୀଙ୍କୁ ଉଚିତ ଦଣ୍ଡ ଦିଆଯାଉ ବୋଲି ଶରତ କହିଛନ୍ତି। କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଓ ରତ୍ନଭଣ୍ଡାରର ଗଣତି, ମଣତି ଓ ମରାମତି ପ୍ରସଙ୍ଗରେ କଂଗ୍ରେସ ସର୍ବପ୍ରଥମେ ଦାବିକରି ଆସୁଥିଲା। ଏଥିପାଇଁ ତୁଳସୀ ଯାତ୍ରା ଏବଂ ସତ୍ୟାଗ୍ରହ କରି ଅନେକ କାର୍ଯ୍ୟକ୍ରମ କରିଥିଲା। ରାଜ୍ୟ ସରକାର ଚାରିଦ୍ୱାର ଖୋଲିଛନ୍ତି ସତ, ମନ୍ଦିର ଭିତରେ ଭିଡ଼ ପରିଚାଳନା କରିବା ଦିଗରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କେବେ ସୁଦ୍ଧା ଗଣତି ମଣତି କାମ ସାରିବେ ତାହା ସ୍ପଷ୍ଟ କରନ୍ତୁ। ରାଜ୍ୟପାଳଙ୍କ ପୁଅ ଜଣେ ଓଡ଼ିଆ କାର୍ଯ୍ୟରତ ଏଏସ୍‌ଓଙ୍କୁ ଯେଭଳି ସଂଘବଦ୍ଧ ଆକ୍ରମଣକରି ଲହୁଲୁହାଣ କଲେ ତାହା କ'ଣ ଓଡ଼ିଆ ଅସ୍ମିତାର ପରିଚୟ କି। ରକ୍ଷକ ଯେତେବେଳେ ଭକ୍ଷକ ହୁଏ ସେତେବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ। ଅଣଓଡ଼ିଆ ଲୋକ ଓଡ଼ିଆ ଲୋକଙ୍କୁ ବାଡ଼େଇଥିବାରୁ ମୁଖ୍ୟମନ୍ତ୍ରୀ ଏ କ୍ଷେତ୍ରରେ ନୀରବଦ୍ରଷ୍ଟା ରହିବା କି ପ୍ରକାର ଓଡ଼ିଆ ଅସ୍ମିତା ବୋଲି ସେ ପ୍ରଶ୍ନ କରିଛନ୍ତି।

ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ଚାରମାଳ ଉପରେ ମହାପ୍ରଭୁ ବଳଭଦ୍ର ପଡ଼ିବା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜଣେ ଅବସରପ୍ରାପ୍ତ ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କ ଦ୍ୱାରା ତଦନ୍ତକରି ବିହିତ ପଦକ୍ଷେପ ନିଆଯାଉ। ରତ୍ନଭଣ୍ଡାରର ଗଣତି ମଣତି ସହ ଅଳଙ୍କାରଗୁଡ଼ିକ ତାଲିକାଭୁକ୍ତ କରାଯାଇ ଏ ସମ୍ପର୍କରେ ସରକାର ତୁରନ୍ତ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ହରିଚନ୍ଦନ ଦାବି କରିଛନ୍ତି।

# ଗରିବ, ପଛୁଆବର୍ଗଙ୍କୁ ସଶକ୍ତ କରୁଛନ୍ତି ମୋଦି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୬।୭ (ସୁନିତ୍ ମିଶ୍ର)

ଗତ ୧୦ ବର୍ଷର କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତରତ୍ନ ବାବା ସାହେବ ଡ. ବି.ଆର୍. ଆମ୍ବେଡକରଙ୍କ ଆଦର୍ଶ ପଥରେ ଦଳିତ, ଗରିବ ଏବଂ ପଛୁଆବର୍ଗଙ୍କୁ ସଶକ୍ତ କରିବାର କାମ କରିଛନ୍ତି। ପଛୁଆବର୍ଗ ଆୟୋଗଙ୍କୁ ସାମ୍ବିଧାନିକ ମାନ୍ୟତା ଦେବାରେ ଐତିହାସିକ ନିର୍ଣ୍ଣୟ ନିଆଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ହରିୟାଣାର ମହେନ୍ଦ୍ରଗଡ଼ରେ ସେଣ୍ଟ୍ରାଲ ୟୁନିଭର୍ସିଟି ପାଲିଠାରେ ଆୟୋଜିତ ପଛୁଆବର୍ଗ ସମ୍ମାନ ସମ୍ମିଳନୀରେ ଯୋଗଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀଙ୍କ ଉପସ୍ଥିତିରେ ଓବିସି ସମାଜର ଲୋକଙ୍କୁ ସମ୍ବୋଧନକରି ଧର୍ମେନ୍ଦ୍ର କହିଛନ୍ତି, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସୈନିକ ସ୍କୁଲ ଏବଂ ନିଟ୍ ପରୀକ୍ଷାରେ ୨୭% ସଂରକ୍ଷଣ ଦେବାର କାମ ମୋଦି ସରକାରରେ ହୋଇଛି। କେନ୍ଦ୍ର ସରକାର ପଛୁଆବର୍ଗର କଲ୍ୟାଣ ପାଇଁ ଅଭୂତପୂର୍ବ ପ୍ରଚେଷ୍ଟା କରିଛନ୍ତି। ପଞ୍ଚାୟତ ଏବଂ ମ୍ୟୁନିସିପାଲ କର୍ପୋରେଶନରେ ଗ୍ରୁପ୍ 'ଏ' କର୍ମଚାରୀମାନଙ୍କୁ ୮% ସଂରକ୍ଷଣ ସହ ଗ୍ରୁପ୍ 'ବି'ରେ ମଧ୍ୟ ୫% ଆରକ୍ଷଣ ଭଳି ବ୍ୟବସ୍ଥା କରାଯାଇଛି। ଚାକିରି କ୍ଷେତ୍ରରେ ଓବିସି ସଂରକ୍ଷଣରେ କ୍ରିମିଲେୟରର ସୀମାକୁ ୬ ଲକ୍ଷରୁ ୮ ଲକ୍ଷ କରିବା ନେଇ ମୁଖ୍ୟମନ୍ତ୍ରୀ ନାୟବ ସାଇନି ନିର୍ଣ୍ଣୟ ନେଇଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ହରିୟାଣାର ଜନତାଙ୍କୁ ବହୁ ବଡ଼ ଲାଭ ଭାଗ ମିଳିବ। ମୋଦି ଏବଂ ମୁଖ୍ୟମନ୍ତ୍ରୀ ନାୟବ ସୈନିଙ୍କ ଡବଲ ଇଞ୍ଜିନ ସରକାର ସାମାଜିକ ନ୍ୟାୟ ଏବଂ ହରିୟାଣାର ପଛୁଆ ବର୍ଗଙ୍କ ଉତ୍ଥାନ ପାଇଁ ପ୍ରତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି।



ହରିୟାଣାର ମହେନ୍ଦ୍ରଗଡ଼ରେ ସେଣ୍ଟ୍ରାଲ ୟୁନିଭର୍ସିଟି ପାଲିଠାରେ ମଙ୍ଗଳବାର ଆୟୋଜିତ ପଛୁଆବର୍ଗ ସମ୍ମାନ ସମ୍ମିଳନୀରେ ଯୋଗଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀ ଓ ଅନ୍ୟମାନେ।

# 'ଏକତା ଅବ୍ୟାହତ ରହିବ'

## ଦଳବଦଳ ନେଇ ଅପପ୍ରଚାରକୁ ବ୍ଲକ ଅଧ୍ୟକ୍ଷାଙ୍କ ଖଣ୍ଡନ

ତିହିଡ଼ି, ୧୬।୭ (ସଞ୍ଜିତ ବଳ)

ଶାସନ କ୍ଷମତାରେ ଥିବାବେଳେ ସେମାନେ ଏକାଠି ଥିଲେ। ଆଗକୁ ମଧ୍ୟ ସଙ୍ଗଠିତ ରହି ବିରୋଧୀ ଭୂମିକା ଠିକ୍ ରୂପେ ତୁଲାଇବା ସହ ସବୁପ୍ରକାର ପରିସ୍ଥିତିର ସାମ୍ନା କରିବେ ବୋଲି ତିହିଡ଼ି ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ବିଜେଡି ସମର୍ଥିତ ସମିତିସଭ୍ୟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମଙ୍ଗଳପୁର ପଞ୍ଚାୟତର କମାରିଆସ୍ଥିତ ବିଜୟଶ୍ରୀ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମିତିସଭ୍ୟମାନେ ଏହା କହିଛନ୍ତି। ତାଳପଦା ପଞ୍ଚାୟତ ସମିତିସଭ୍ୟ ଚିନ୍ତାମଣି ଦାସ କହିଥିଲେ, ଦଳ ସହ ୧୬ଜଣ ସମିତିସଭ୍ୟ ରହିଛନ୍ତି। ପରସ୍ପର ମଧ୍ୟରେ ପୂର୍ବରୁ ଥିବା ସହଯୋଗ ଆଗକୁ ମଧ୍ୟ ଅବ୍ୟାହତ ରହିବ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ କହିଛନ୍ତି, ସେ ଦଳ ବଦଳ କରିବା ନେଇ ଅପପ୍ରଚାର କରାଯାଉଛି। ଏପରିକି ସାମାଜିକ ଗଣମାଧ୍ୟମରେ ଏହି ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେ ଏହାକୁ ଖଣ୍ଡନ କରିବା ସହ ବିଜେଡିରେ ଅଛନ୍ତି ଓ ଆଗକୁ ମଧ୍ୟ ଦଳରେ ରହି ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିବେ। ଦଳ ସମର୍ଥନରେ ବିଭିନ୍ନ ପଞ୍ଚାୟତରେ ଥିବା ସମିତିସଭ୍ୟ ଯୋଗ ଦେଇଥିଲେ। ସେମାନେ ଅଧ୍ୟକ୍ଷାଙ୍କ ସହ ପୂର୍ବରୁ ଥିଲେ, ଏବେ ଅଛନ୍ତି ଏବଂ ଆଗକୁ ରହି ସବୁପ୍ରକାର କଠିନ ପରିସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ ଥିବା କହିଥିଲେ। ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ କହିଥିଲେ, ଆଗକୁ ପଞ୍ଚାୟତ ସମିତି ବୈଠକ ରହିଛି। ବିଜେଡି ବିରୋଧୀ ଭୂମିକାରେ ଥିବାରୁ କେଉଁ ରଣନୀତି ଅବଲମ୍ବନ କରାଯିବ ସେନେଇ ଖୁବ୍‌ଶୀଘ୍ର ଦଳର ଜିଲା ପରିଷଦ ସଭ୍ୟ, ସରପଞ୍ଚ ଏବଂ ସମିତିସଭ୍ୟଙ୍କ ଏକ ବୈଠକ ଅନୁଷ୍ଠିତ ହେବ।

# ଅଧ୍ୟକ୍ଷଙ୍କ ନାଁରେ ଅନାସ୍ଥା ପ୍ରସ୍ତାବ ଆଣିଲେ ବିଜେଡି କାଉନସିଲର

## ଭବାନୀପାଟଣା ପରେ ଜୁନାଗଡ଼ରେ ହଟଚମଟ

ଭବାନୀପାଟଣା, ୧୬।୭(ଉତ୍ତମ କୁମାର ଦାଶ)


ଜିଲାପାଳଙ୍କୁ ଅଭିଯୋଗପତ୍ର ଦେଉଛନ୍ତି ୯ ବିଜେଡି କାଉନସିଲର, ଉପାଧ୍ୟକ୍ଷା।

କଳାହାଣ୍ଡି ଜିଲା ଭବାନୀପାଟଣା ପୌରାଧ୍ୟକ୍ଷାଙ୍କ ବିରୋଧରେ ଗତ ଜୁନ୍ ଶେଷରେ ୨୦ କାଉନସିଲର ଅନାସ୍ଥା ପ୍ରସ୍ତାବ ଆଣି ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ଏହାର କିଛିଦିନ ପରେ ଜୁନାଗଡ ଏନ୍‌ଏସିରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। ମଙ୍ଗଳବାର ଜୁନାଗଡ ଏନ୍‌ଏସିର ୯ଜଣ ବିଜେଡି କାଉନସିଲର ଓ ଉପାଧ୍ୟକ୍ଷା ସ୍ଥାନୀୟ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ଫଳରେ ଭବାନୀପାଟଣା ପରେ ଏବେ ଜୁନାଗଡରେ ହଟଚମଟ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ମନମୁଖି କାର୍ଯ୍ୟ କରୁଥିବା ଓ କାଉନସିଲର, ଉପାଧ୍ୟକ୍ଷାଙ୍କୁ କୌଣସି ଉନ୍ନୟନ କାର୍ଯ୍ୟ ବିଷୟରେ ସୂଚନା ଦେଉ ନ ଥିବା ସେମାନେ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ଏନ୍‌ଏସି ଉପାଧ୍ୟକ୍ଷା ହିମାଦ୍ରି ନାଏକଙ୍କ ଅଧ୍ୟକ୍ଷତାରେ ୯ ବିଜେଡି କାଉନସିଲର ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଅନ୍ୟପକ୍ଷରେ ବିଜେଡି କାଉନସିଲରଙ୍କ ଏହି ଅଭିଯୋଗକୁ ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ଖଣ୍ଡନ କରିଛନ୍ତି। ସେମାନେ ମୋତେ ନୁହେଁ, ଜୁନାଗଡ ଜନମତକୁ ବିରୋଧ କରୁଛନ୍ତି। ଆଗାମୀ ଦିନରେ ସ୍ଥାନୀୟ ଲୋକେ ଏହାର ଉତ୍ତର ଦେବେ ବୋଲି କହିଥିଲେ। ପ୍ରକାଶ ଯେ, ଗତ ପୌର ନିର୍ବାଚନରେ ଜୁନାଗଡ ଏନ୍‌ଏସିର ୧୨ ୱାର୍ଡ ମଧ୍ୟରୁ ୧୦ଟିରେ ବିଜେଡି କାଉନସିଲର ଓ ୨ଟିରେ ଭାଜପା କାଉନସିଲର ବିଜୟୀ ହୋଇଥିଲେ। ଅଧ୍ୟକ୍ଷ ନିର୍ବାଚନରେ କିନ୍ତୁ ଏହାର ଫଳ ଓଲଟା ଦେଖିବାକୁ ମିଳିଥିଲା। ଏଠାରେ ବିଜେଡି ପ୍ରାର୍ଥୀଙ୍କୁ ହରାଇ ଭାଜପାର ମୁକେଶ ଅଗ୍ରୱାଲ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ।

# ବଲେ ବଲେ ଢାବା ଭଙ୍ଗା ହେବନାହିଁ: ବିଡିଓ

## ହାଇକୋର୍ଟଙ୍କ ଦ୍ୱାରସ୍ଥ ଲିଜ୍‌ଧାରୀ

ଧର୍ମଶାଳା, ୧୬।୭(ବଟକୃଷ୍ଣ ପରିଡ଼ା)




ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ନେଉଳପୁରସ୍ଥିତ ଧର୍ମଶାଳା ଭବନ ପରିସରରେ ଥିବା ବିବାଦୀୟ ବଲେ ବଲେ ଢାବା ଭଙ୍ଗାଯିବ ନାହିଁ। ଏନେଇ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ଲିଜ୍‌ଧାରୀ ଅକ୍ଷୟ ନାୟକ ନିଜ ଓକିଲଙ୍କ ସହ ବିଡିଓଙ୍କୁ ଭେଟି ଧର୍ମଶାଳା ଭବନ ପରିସରରେ ଥିବା ଫୁଡ୍ କୋର୍ଟ ତାଙ୍କ ହେପାଜତରେ ଥିଲା ବୋଲି ଅବଗତ କରିଛନ୍ତି। ଏନେଇ ଲିଜଧାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ତେଣୁ ମାମଲା ସମାଧାନ ନ ହେବା ପର୍ଯ୍ୟନ୍ତ ଲିଜଧାରୀଙ୍କ ନାମରେ ଧର୍ମଶାଳା ଭବନ ରହିବ ବୋଲି କୋର୍ଟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

ଲିଜଧାରୀ ନାୟକ ବ୍ଲକ ପ୍ରଶାସନଠାରୁ ୨୦୨୧ରେ ଧର୍ମଶାଳା ଭବନକୁ ୧୦ ବର୍ଷ ପାଇଁ ବାର୍ଷିକ ୪ ଲକ୍ଷ ୧୦ ହଜାର ଟଙ୍କାରେ ଲିଜ୍ ନେଇଥିଲେ। ଏହା ପରେ କରୋନା ହୋଇଥିଲା। ତେବେ ୨୦୨୨ ମାର୍ଚ୍ଚରୁ ବିଧିବଦ୍ଧ ଭାବେ ଲିଜ କାର୍ଯ୍ୟକାରୀ ହୋଇଥିଲା। ଲିଜଧାରୀ ଦୁଇବର୍ଷର ବାର୍ଷିକ ଦେୟ ପ୍ରଦାନ କରିଥିବା ତାଙ୍କ ଓକିଲ ଗୌରବ ମହାନ୍ତି ସୂଚନା ଦେଇଛନ୍ତି। ତେବେ ଧର୍ମଶାଳା ଭବନ ପରିସରରେ ଥିବା ଏହି ଢାବା ନିୟମ ଅନୁସାରେ ହୋଇଥିବାବେଳେ ଏହାର ମାଲିକାନା ଲିଜ୍‌ଧାରୀଙ୍କ ବୋଲି ତାଙ୍କ ଓକିଲ ଯୁକ୍ତି ବାଢ଼ିଛନ୍ତି। ଲିଜଧାରୀଙ୍କୁ କାରଣଦର୍ଶାଅ ନୋଟିସ ନ ଦେଇ ସର୍ବସାଧାରଣରେ ଢାବା ଖାଲି କରିବାକୁ ନୋଟିସ ଜାରି କରିବା ଓ ପରବର୍ତ୍ତୀ ସମୟରେ ଏହାକୁ ସିଲ କରିବା ଆଇନ ବିରୁଦ୍ଧ ବୋଲି ଓକିଲ ମହାନ୍ତି କହିଛନ୍ତି। ଅନ୍ୟପଟେ ମାମଲା ସମାଧାନ ନ ହେବାଯାଏ ଢାବା ବନ୍ଦ ନ କରିବା କିମ୍ବା ନ ଭାଙ୍ଗିବା ପାଇଁ ବିଡିଓଙ୍କୁ ଲିଜ୍‌ଧାରୀଙ୍କ ଓକିଲ ଜଣାଇଛନ୍ତି।

ସୂଚନାଯୋଗ୍ୟ, ସରକାରଙ୍କ ଆମ ଗାଁ ଆମ ବିକାଶ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପାଣ୍ଠିରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇ ଧର୍ମଶାଳା ଭବନ ପରିସର ଫୁଡ୍ କୋର୍ଟରେ ବ୍ଲକ ପ୍ରଶାସନ ପକ୍ଷରୁ ଏହାକୁ ନିର୍ମାଣ କରାଯାଇଥିଲା। ଏହା ବେଆଇନ ଭାବେ ନିର୍ମାଣ କରାଯାଇଥିବାରୁ ତଦନ୍ତ କରିବାକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ଉକ୍ତ ଢାବା ୩ ଦିନ ମଧ୍ୟରେ ଖାଲି କରିବାକୁ ବିଡିଓ ନୋଟିସ ଜାରି କରିଥିଲେ। ତିନି ଦିନ ପରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଢାବା ସିଲ କରାଯାଇଥିଲା। ଏ ସମ୍ପର୍କରେ ବିଡିଓ ବଳଙ୍କୁ ପଚାରିବାରେ ସେ କହିଛନ୍ତି, ଧର୍ମଶାଳା ଭବନ ଲିଜ ନେଇଥିବା ଅକ୍ଷୟ ନାୟକ ତାଙ୍କୁ ଅନ୍ତର୍ଭୁକ୍ତ କରି କୋର୍ଟରେ ମାମଲା ଦାୟର କରିଛନ୍ତି, ଯାହାର ନୋଟିସ ମିଳିବ ବୋଲି ଲିଜଧାରୀଙ୍କ ଓକିଲ ଆସି ସୂଚନା ଦେଇଛନ୍ତି। ତେବେ ସେ କୌଣସି ନୋଟିସ ପାଇନାହାନ୍ତି। ଧର୍ମଶାଳା ଭବନ କିମ୍ବା ଫୁଡ୍ କୋର୍ଟ ସରକାରୀ ଟଙ୍କାରେ ତିଆରି ହୋଇଥିବାରୁ ଏହା ଭଙ୍ଗାଯିବାର କୌଣସି ପ୍ରସ୍ତାବ ନାହିଁ ବୋଲି ବିଡିଓ ପ୍ରକାଶ କରିଛନ୍ତି।



ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଥିବା ତିନିରଥ ସମ୍ମୁଖରେ ମଙ୍ଗଳବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତମାନେ ଦୀପ ଜାଳୁଛନ୍ତି ।



ଦାରୁଦିଅଁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ‘ଶ୍ରୀମନ୍ଦିରକୁ ଲୋକନାଥଙ୍କ ଆଜ୍ଞାମାଳ ଆସିବା ଶାସ୍ତ୍ର ବିରୋଧ’

ପୁରୀ, ୧୬।୭ (ଅଜିତ୍ କୁମାର ମହାନ୍ତି)

ଦୀର୍ଘ ୪୬ବର୍ଷର ଅପେକ୍ଷା ପରେ ରାଜ୍ୟ ସରକାରଙ୍କ ଅନୁମତି କ୍ରମେ ଗତ ୧୪ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିଛି। ରତ୍ନଭଣ୍ଡାର ଖୋଲାହେବା ପୂର୍ବରୁ ରତ୍ନଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀଲୋକନାଥଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇଥିଲା। ତଦାରଖ କମିଟିର ନିଷ୍ପତ୍ତି ଅନୁଯାୟୀ ପ୍ରଭୁ ଶ୍ରୀଲୋକନାଥଙ୍କ ସେବାୟତମାନେ ପୂଜାର୍ଚ୍ଚନା କରି ପଟୁଆରରେ ଶ୍ରୀମନ୍ଦିରକୁ ଅଜ୍ଞାମାଳ ବିଜେ କରିଥିଲେ। ଏହାକୁ ନେଇ ଶ୍ରୀମନ୍ଦିର ପୂଜାପଣ୍ଡା ନିଯୋଗ ଅସନ୍ତୋଷ ବ୍ୟକ୍ତ କରିବା ସହ ଶାସ୍ତ୍ର ବିରୋଧୀ ବୋଲି କହିଥିଲେ। ଏନେଇ ପୂଜାପଣ୍ଡା ନିଯୋଗ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ବରିଷ୍ଠ ପୂଜାପଣ୍ଡା ସେବାୟତ ହରେକୃଷ୍ଣ ପୂଜାପଣ୍ଡା ସାମନ୍ତ, ନିଯୋଗ ସଭାପତି ଜଗନ୍ନାଥ ପୂଜାପଣ୍ଡା, ସମ୍ପାଦକ ମାଧବ ପୂଜାପଣ୍ଡା, ସୁଦର୍ଶନ ପୂଜାପଣ୍ଡା, ରବିଶଙ୍କର ପୂଜାପଣ୍ଡା ଏବଂ ନରସିଂହ ପୂଜାପଣ୍ଡା ସାମନ୍ତ ପ୍ରମୁଖ ସୂଚନା ଦେଇ କହିଥିଲେ, ପୂର୍ବରୁ ଯେବେ ବି ରତ୍ନଭଣ୍ଡାର ଖୋଲାଯାଇଛି, କେବେ ମଧ୍ୟ ଶ୍ରୀଲୋକନାଥଙ୍କ ନିକଟରୁ ଆଜ୍ଞାମାଳ ଶ୍ରୀମନ୍ଦିରକୁ ଆସିନାହିଁ। ଶ୍ରୀମନ୍ଦିରରୁ ଆଜ୍ଞାମାଳ ଯାଇଥାଏ। କେବେ ଅନ୍ୟ ସ୍ଥାନରୁ ଆଜ୍ଞାମାଳ ଶ୍ରୀମନ୍ଦିରକୁ ଆସି ନ ଥାଏ। ତେବେ କିଛି ନୀତିରେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଗଲେ ପ୍ରତିବଦଳରେ ଶ୍ରୀମନ୍ଦିରକୁ ଆଜ୍ଞାମାଳ ଆସିଥାଏ। ଆଜ୍ଞାମାଳ ଶ୍ରୀମନ୍ଦିର ନୀତି ପରମ୍ପରା ସହ ଜଡ଼ିତ। ମହାପ୍ରଭୁ ତାଙ୍କ କାର୍ଯ୍ୟ



ଖବରଦାତା ସମ୍ମିଳନୀରେ ଶ୍ରୀମନ୍ଦିର ପୂଜାପଣ୍ଡା ନିଯୋଗର କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

ସମ୍ପାଦନ ନିମନ୍ତେ ତାଙ୍କ ପ୍ରତିନିଧିମାନଙ୍କୁ ଆଜ୍ଞାମାଳ ପ୍ରଦାନ କରିଥାନ୍ତି। ଏପରିକି ଶୀତଳଷଷ୍ଠୀ ସମୟରେ ପଞ୍ଚମହାଦେବଙ୍କୁ ମହାପ୍ରଭୁ ଆଜ୍ଞାମାଳ ପ୍ରଦାନ କରିଥାନ୍ତି। ଅପରପକ୍ଷରେ ପ୍ରଭୁ ଲୋକନାଥ ହେଉଛନ୍ତି ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ। ତେଣୁ ତାଙ୍କଠାରୁ ଆଜ୍ଞାମାଳ ଶ୍ରୀମନ୍ଦିରକୁ କିପରି ଆସିପାରିବ। ଏହା ଶାସ୍ତ୍ରବିରୋଧୀ। ଶ୍ରୀଲୋକନାଥଙ୍କ ପୀଠରୁ ଶ୍ରୀମନ୍ଦିରକୁ ଆଜ୍ଞାମାଳ ଆସିବା ନେଇ କୌଣସି ଶାସ୍ତ୍ରରେ ଉଲ୍ଲେଖ ନାହିଁ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଓ ପରମ୍ପରାରେ ମଧ୍ୟ ଏକଥା ଉଲ୍ଲେଖ ନାହିଁ। ତେବେ ଏପରି ଘଟଣା ଶ୍ରୀମନ୍ଦିର ଇତିହାସରେ ପ୍ରଥମ ଥର ହୋଇଛି ବୋଲି ପୂଜାପଣ୍ଡା ନିଯୋଗ ପକ୍ଷରୁ କୁହାଯାଇଛି। ଲୋକନାଥଙ୍କ ନିକଟରୁ ଆସିଥିବା ଆଜ୍ଞାମାଳ କାହାକୁ ଦିଆଗଲା ବୋଲି ନିଯୋଗ ପ୍ରଶ୍ନ କରିଛି।

### ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କଲା ଶ୍ରୀମନ୍ଦିର ପୂଜାପଣ୍ଡା ନିଯୋଗ

ଆଜ୍ଞାମାଳ ଆଣିବାକୁ କେଉଁମାନେ କହିଥିଲେ ତଦନ୍ତ ହେବା ଆବଶ୍ୟକ। ଏ ସମ୍ପର୍କରେ ପୂଜାପଣ୍ଡା ନିଯୋଗ ସହ କୌଣସି ଆଲୋଚନା କରାଯାଇନାହିଁ। ନୀଳାଦ୍ରି ବିଜେ ପରେ ଯଦି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ନିଯୋଗ ପକ୍ଷରୁ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ମହାପ୍ରଭୁଙ୍କ ନୀତିରେ କୌଣସି ତ୍ରୁଟି ହେବ ନାହିଁ ବୋଲି ପୂଜାପଣ୍ଡା ନିଯୋଗ ପକ୍ଷରୁ କୁହାଯାଇଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରଙ୍କ ମୃତ୍ୟୁ

ଅସ୍ତରଙ୍ଗ, ୧୬।୭
(ମମତା ଜେନା/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନଇଗୁଆଁ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡାସାହି ଗ୍ରାମର ସାହାଜୀ ନାୟକଙ୍କ ସାନପୁଅ ଟିଟନ ନାୟକ (୧୮) ଘର ଛାତ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ସେ ସ୍ଥାନୀୟ ଅଞ୍ଚଳରେ ଥିବା ଏକ କଲେଜର ଛାତ୍ର ଥିଲେ।

ସୂଚନାନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ଘରଛାତ ପଡ଼ିବା ପାଇଁ ମିସ୍ତ୍ରୀ ରଡ୍ ବାନ୍ଧୁଥିଲେ। ଏହି ସମୟରେ ଟିଟନ ସେଠାରେ ଉପସ୍ଥିତ ରହି ତାଙ୍କୁ ସହଯୋଗ କରୁଥିଲେ। ରଡ୍ ବିଛେଇବାବେଳେ ଅସାବଧାନତାବଶତଃ ଟିଟନ ଧରିଥିବା ରଡ୍ ଘର ଉପର ଦେଇଯାଇଥିବା ଉଚ୍ଚଶକ୍ତି ସମ୍ପନ୍ନ ୧୧ କେଭି ବିଦ୍ୟୁତ ତାରରେ ଲାଗିଯାଇଥିଲା। ଫଳରେ ସେ ବିଦ୍ୟୁତ ଆଘାତରେ ଛାତ ଉପରୁ ଛିଟିକି ତଳକୁ ଖସିପଡ଼ିଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଖଣ୍ଡାସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇବା ପରେ ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୭।୨୦୨୪

| ୩,୭୪,୩୮୨ ଟଙ୍କା | |
|---|---|
| ସୁନା | ୩.୨୦୦ ଗ୍ରାମ୍ |
| ରୁପା | ୧୧.୫୦୦ ଗ୍ରାମ୍ |




ମହାପ୍ରଭୁଙ୍କ ସୁନାବେଶ ଉପଲକ୍ଷେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ।

# ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

ପୁରୀ, ୧୬।୭ (ଅଜିତ କୁମାର ମହାନ୍ତି)

ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଶ୍ରୀମନ୍ଦିର ଭିତରେ ସେଲ୍‌ଫି ଉଠାଇ ନିଜ ସୋସିଆଲ ମିଡିଆରେ ଫଟୋ ଭାଇରାଲ୍ କରିଛନ୍ତି ରାଜା ସାକାର। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ସମ୍ପୃକ୍ତ ବ୍ୟକ୍ତି କିଭଳି ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେଲେ ଏବଂ ସେଲ୍‌ଫି ଉଠାଇବାକୁ ସାହସ କଲେ ସେନେଇ ପ୍ରଶ୍ନ ଉଠିଛି। ଏହି ଫୋଟୋ କେବେ ଉଠିଛି ତାହା ସ୍ପଷ୍ଟ ହୋଇନାହିଁ। ତୁରନ୍ତ ସମ୍ପୃକ୍ତ ବ୍ୟକ୍ତି ଏବଂ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ଅବହେଳା କରିଥିବା ସୁରକ୍ଷା କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି।

# ଶୁଦ୍ଧବାରିମୂଳ ଗ୍ରାମରେ ତ୍ରିନାଥ ଦେବଙ୍କ ପ୍ରାଣପ୍ରତିଷ୍ଠା




ଚାରିଛକ, ୧୬।୭ (ଶିଶିର ସ୍ୱାଇଁ)

ଚାରିଛକ ନିକଟସ୍ଥ ଶୁଦ୍ଧବାରିମୂଳ ଗ୍ରାମରେ ତ୍ରିନାଥ ଦେବଙ୍କ ପ୍ରାଣ ପ୍ରତିଷ୍ଠା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ହେବ ଗୋଟିଏ ବରଗଛ ମୂଳରେ ଥିବା ଛୋଟ ମଣ୍ଡପରେ ତ୍ରିନାଥ ଦେବ ପୂଜା ପାଇଆସୁଥିଲେ। ଗତ ଫନି ମହାବାତ୍ୟାରେ ମଣ୍ଡପଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ନୂତନ ମଣ୍ଡପ ସ୍ଥାପନ କରାଯାଇ ପୂଜକ ନୃସିଂହ ମିଶ୍ରଙ୍କ ଦ୍ୱାରା ତ୍ରିନାଥ ଦେବଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଆଖପାଖ ଅଞ୍ଚଳର କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଏହି ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଭକ୍ତ ଉପସ୍ଥିତ ରହି ଦର୍ଶନ କରିବା ସହ ପ୍ରସାଦସେବନ କରିଥିଲେ।

# ୨୨ରୁ ପାଳନ ହେବ ଶିକ୍ଷା ସପ୍ତାହ

ଭୁବନେଶ୍ୱର, ୧୬।୭
(ଅସମାପିକା ସାହୁ)

ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଆସନ୍ତା ୨୨ରୁ ୨୮ତାରିଖ ପର୍ଯ୍ୟନ୍ତ ଶିକ୍ଷା ସପ୍ତାହ ପାଳନ ହେବ। ଏ ନେଇ ଓସେପା ପକ୍ଷରୁ ଚିଠି କରାଯାଇଛି। ଜାତୀୟ ଶିକ୍ଷା ନୀତି–୨୦୨୦ର ଚତୁର୍ଥ ବାର୍ଷିକୀ ଅବସରରେ ଏହା ପାଳନ କରାଯିବ। ଶିକ୍ଷାର୍ଥୀ, ଶିକ୍ଷାବିତ୍, ନୀତି ପ୍ରଣେତା ଓ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ସହଯୋଗିତା ଏବଂ ନୂତନତ୍ୱ ଭାବନା ବୃଦ୍ଧି କରିବା ଶିକ୍ଷା ସପ୍ତାହର ପ୍ରମୁଖ ଉଦ୍ଦେଶ୍ୟ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ, ଶିକ୍ଷକମାନଙ୍କୁ ଉତ୍ସାହିତ କରିବା ପାଇଁ ୨୨ ତାରିଖରେ ଟିଏଲ୍ଏମ୍ ବା ଶିକ୍ଷକ ଶିକ୍ଷା ସାମଗ୍ରୀ ଦିବସ ପାଳନ କରାଯିବ। ସେହିପରି ୨୩ ତାରିଖରେ ଏଫ୍ଏଲ୍ଏନ୍ ଦିବସ ବା ଏଫ୍ଏଲ୍ଏନ୍ ମିଶନକୁ ସଫଳ କରିବା ପାଇଁ ସଚେତନ କରାଯିବ। ସେହିଭଳି ୨୪ରେ ଖେଳ ଦିବସ ବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ୨୫ରେ ପିଲାଙ୍କ ମଧ୍ୟରେ ଏକତା ଓ ବିବିଧତା ରକ୍ଷା କରିବା ପାଇଁ ସାଂସ୍କୃତିକ ଦିବସ, ୨୬ରେ ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ଓ ୨୭ରେ ପୋଷଣ ଦିବସ ପାଳନ ହେବ। ୨୮ତାରିଖରେ ‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଚାରାରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ଭାର୍ଗବୀ ନଦୀଘାଟରେ ସନ୍ଧ୍ୟା ଆଳତି

ବଳଙ୍ଗା, ୧୬।୭ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ହରିପୁର ଗ୍ରାମଦେବୀ ମା’ ବିଶେଶ୍ୱରୀ ପୀଠ ଭାର୍ଗବୀ ନଦୀଘାଟରେ ମଙ୍ଗଳବାର ପବିତ୍ର କର୍କଟ ସଂକ୍ରାନ୍ତି ଉପଲକ୍ଷେ ହରିପୁର ନଦୀ ସୁରକ୍ଷା ମଞ୍ଚ ପକ୍ଷରୁ ସନ୍ଧ୍ୟା ଆଳତି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ସୋମନାଥ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମଞ୍ଚର ସମସ୍ତ ସଭ୍ୟ ଯୋଗଦେଇ ପୂଜାର୍ଚ୍ଚନା ସହ ଘଣ୍ଟ ଘଣ୍ଟା ବଜାଇ ମଙ୍ଗଳଆଳତି କରାଯାଇ ନଦୀର ସୁରକ୍ଷା କାମନା କରିଥିଲେ। ନଦୀ ସହିତ ମାନବ ସମାଜର ସମ୍ପର୍କ ଯୋଡ଼ି ହେଲେ ନଦୀ ସୁରକ୍ଷା ସହିତ ନଦୀ ପଠାଗୁଡ଼ିକରେ ବ୍ୟାପକ ଚାରାରୋପଣ କରାଗଲେ ପରିବେଶ ସୁରକ୍ଷା ସହିତ କୃଷିର ଉନ୍ନତି ହେବ ବୋଲି ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଦାଶ କହିଛନ୍ତି। ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ନଦୀ ସୁରକ୍ଷା ସମିତି ଗଠନ କରାଯାଇ ଲୋକଙ୍କୁ ସଚେତନ କରାଇବା ଏହାର ମୂଳ ଲକ୍ଷ୍ୟ ବୋଲି ଦାଶ ପ୍ରକାଶ କରିଛନ୍ତି।



ଭାର୍ଗବୀ ନଦୀଘାଟରେ ସନ୍ଧ୍ୟା ଆଳତି କରାଯାଉଛି ।

# ‘ରାଜନୀତିରେ ସୁରେନ୍ଦ୍ରନାଥ ନାୟକ ଥିଲେ ପ୍ରମୁଖ ସ୍ତମ୍ଭ’

### ସ୍ମରଣିକା ‘ସ୍ମୃତିର ଶାମୁକା-ସେବାର ସାରଥି’ ଉନ୍ମୋଚିତ

ଅସ୍ତରଙ୍ଗ, ୧୬।୭
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା):

ଓଡ଼ିଶା ରାଜନୀତିରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ ଥିଲେ ଏକ ପ୍ରମୁଖ ସ୍ତମ୍ଭ। ତାଙ୍କ ଆବର୍ତ୍ତମାନ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ସେ ମନ୍ତ୍ରୀ ଓ ବିଧାୟକ ଭାବେ କାକଟପୁର ବିଧାନସଭା ଅଞ୍ଚଳରେ ବହୁ ବିକାଶମୂଳକ କାର୍ଯ୍ୟ କରିଯାଇଛନ୍ତି, ଯାହା ତାଙ୍କୁ ଲୋକଙ୍କ ହୃଦୟରେ ଅମର କରି ରଖିବ ବୋଲି ଅତିଥିମାନେ କହିଛନ୍ତି। ମଙ୍ଗଳବାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ ବାଲିଯାତ୍ରା ପଡ଼ିଆରେ ସ୍ୱର୍ଗତ ନାୟକଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟପାଳ ରଘୁବର ଦାସ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ ସହ ଏହା ମତବ୍ୟକ୍ତ କରିଛନ୍ତି।

ସଭାରେ ବୈଦିକ ଆଚାର୍ଯ୍ୟ ପ୍ରବୀର କୁମାର ଦାଶ, ଶିବ ପ୍ରସାଦ ନନ୍ଦ, ଶଶୀ ଭୂଷଣ ତ୍ରିପାଠୀ, ସୋମନାଥ ମହାପାତ୍ର, ଭଗବାନ ପରିଚ୍ଛା, ଆଲୋକ ଦାଶ, ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଭଗବଦ୍ ଗୀତା ଆବୃତ୍ତି କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାମଞ୍ଚରେ ‘ସ୍ମୃତିର ଶାମୁକା–ସେବାର ସାରଥି’ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଥିଲେ, ମୁଁ ଏହି ମହାନ ମଣିଷଙ୍କୁ ଦେଖିନାହିଁ। କିନ୍ତୁ ଏତିକି ଜାଣିଛି, ସୁରେନ୍ଦ୍ର ବାବୁ ସର୍ବଦା ଜନତାଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେ ଜଣେ ଜନପ୍ରିୟ ନେତା ଥିଲେ। ସେ ସର୍ବଦା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ବିକାଶ ଚାହୁଁଥିଲେ ଏବଂ ଏଥିଲାଗି ଜୀବନର ଶେଷପର୍ଯ୍ୟନ୍ତ ଉଦ୍ୟମ କରିଚାଲିଥିଲେ। ସେ ୧୯୬୦ରେ ପଞ୍ଚାୟତ ଅଧ୍ୟକ୍ଷ ଭାବେ ରାଜନୀତି ଜୀବନ ଆରମ୍ଭ କରିଥିଲେ। ପରେ ତାଙ୍କ ଦକ୍ଷତା ବଳରେ ବିଧାୟକ ଓ ମନ୍ତ୍ରୀ ହୋଇପାରିଥିଲେ। ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସଭା ପରେ ସ୍ୱର୍ଗତ ନାୟକଙ୍କ ଜୀବନୀ ଏବଂ ଅବଦାନ ସମ୍ପର୍କିତ ଫଟୋ ପ୍ରଦର୍ଶନୀକୁ ରାଜ୍ୟପାଳ ଏବଂ ଅନ୍ୟ ଅତିଥିମାନେ ବୁଲି ଦେଖିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସେହିପରି ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ କୁମାର ରାଉତରାୟ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନ୍‌ଗୋ, କଂଗ୍ରେସ କୃଷକ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ପୂର୍ବତନ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, କମ୍ୟୁନିଷ୍ଟ ନେତା ଆଶିଷ କାନୁନ୍‌ଗୋ, ଭାଜପା ନେତା କୃଷ୍ଣ ଜଗଦ୍ଦେବ, ଯୁବନେତା ସୁବ୍ରତ ଛାଟୋଇ, ଅମିୟ ପଟ୍ଟନାୟକ, ଅଂଶୁମାନ ମହାନ୍ତି, ବିଶ୍ୱଭୂଷଣ ଦାଶ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ନାୟକଙ୍କ ବଡ଼ପୁଅ ସ୍ୱାଧୀନ ନାୟକଙ୍କ ସମେତ ପରିବାରବର୍ଗ ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ।



ସ୍ମୃତି ସଭାରେ ରାଜ୍ୟପାଳ ରଘୁବର ଦାସ ଏବଂ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

**ରଥରେ ମୋବାଇଲ ବ୍ୟବହାର ନେଇ ଏତଲା**

ପୁରୀ,(ଅଜିତ କୁମାର ମହାନ୍ତି):ବାହୁଡ଼ା ଯାତ୍ରା ସମୟରେ ସୋମବାର ତାଳଧ୍ୱଜ ରଥ ଉପରେ ମୋବାଇଲ ଫୋନ୍ ବ୍ୟବହାର ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଜଣେ ସେବକଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଅଭିଯୋଗ ଦାଖଲ କରିଛି।ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଆଉ କେତେଜଣ ସେବକଙ୍କ ବିରୋଧରେ ମଧ ମୋବାଇଲ ବ୍ୟବହାର ନେଇ ଚିତ୍ର ଏବଂ ଭିଡିଓ ହସ୍ତଗତ ହୋଇଛି। ଏନେଇ ପର୍ଯ୍ୟାୟକ୍ରମେ ଅଭିଯୋଗ ଦାଖଲ କରାଯିବା ସହିତ ପୋଲିସ ପକ୍ଷରୁ ଚିହ୍ନଟ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।



## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜଙ୍କ ଶ୍ରାବଣୀ ସେବା ପ୍ରସ୍ତୁତି ବୈଠକ

ପୁରୁଣା ଭୁବନେଶ୍ୱର,୧୬।୭ (ସୁବାସ ଚନ୍ଦ୍ର ପ୍ରଧାନ)

ଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟରେ ଏଡିଏମ୍‌ଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସ୍ୱେଚ୍ଛାସେବୀମାନଙ୍କୁ ନେଇ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଶ୍ରାବଣୀ ସେବା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ହେଉଥିବା ସେବା କାର୍ଯ୍ୟ କରାଯିବ ବୋଲି ସ୍ଥିର କାରାଯାଇଥିଲା। ଉତ୍ତର ଦ୍ୱାର ବାହାରେ ସ୍ୱେଚ୍ଛାସେବୀମାନେ ବିନା ପିଆଜ ରସୁଣରେ ପ୍ରସ୍ତୁତ ଜଳଖିଆ ଖାଇବାକୁ ଦେବା ସହିତ ମଧୁ ଚିଗରୁଆଲଙ୍କ ଦ୍ୱାରା ଭକ୍ତମାନଙ୍କ ନିମନ୍ତେ ଗରମ କ୍ଷୀର, ବିସ୍କୁଟ ଓ କଦଳୀ ବଣ୍ଟନ କରାଯିବ। ଆସନ୍ତା ୧୮ତାରିଖରେ ଏଡିଏମ ସ୍ୱେଚ୍ଛସେବୀମାନଙ୍କୁ ନେଇ କେଉଁ ଜାଗାରେ କ'ଣ କରିବେ ଜାଗା ନିରୂପଣ କରାଯିବ। ଏଥିସହିତ ମନ୍ଦିର ସାଇଟ୍ ଖୋଲା ହୋଇଥିବାରୁ ବ୍ୟାରିକେଡ୍ କେଉଁ ଜାଗାରେ ପୋତାଯିବ ନିର୍ଣ୍ଣୟ କରାଯିବ। ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ ଆମ୍ବୁଲାନ୍ସ ସେବା, ଫାଷ୍ଟେଡ୍, ଜଳ ବଣ୍ଟନ, ଜଳ ସିଞ୍ଚନ, ଶୃଙ୍ଖଳିତ ଭାବେ ଭକ୍ତଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରାଇବା, ପଲିଥିନ, ବ୍ଲେଡ, ମାଟି ଆଦିକୁ ଏକ ସ୍ଥାନରେ ବାହାର କରାଯାଇ ମନ୍ଦିର ଭିତରକୁ ଛଡ଼ାଯିବ ବୋଲି ନିଷ୍ପତ୍ତି ହୋଇଛି।

### ୨୨ରୁ ପାଳନ ହେବ ଶିକ୍ଷା ସପ୍ତାହ

ଭୁବନେଶ୍ୱର, ୧୬।୭(ଅସମାପିକା ସାହୁ)

ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଆସନ୍ତା ୨୨ରୁ ୨୮ତାରିଖ ପର୍ଯ୍ୟନ୍ତ ଶିକ୍ଷା ସପ୍ତାହ ପାଳନ ହେବ। ଏ ନେଇ ଓସେପା ପକ୍ଷରୁ ଚିଠି କରାଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ର ଚତୁର୍ଥ ବାର୍ଷିକୀ ଅବସରରେ ଏହା ପାଳନ କରାଯିବ। ଶିକ୍ଷାର୍ଥୀ, ଶିକ୍ଷାବିତ୍, ନୀତି ପ୍ରଣେତା ଓ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ସହଯୋଗିତା ଏବଂ ନୂତନତ୍ୱ ଭାବନା ବୃଦ୍ଧି କରିବା ଶିକ୍ଷା ସପ୍ତାହର ପ୍ରମୁଖ ଉଦ୍ଦେଶ୍ୟ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ, ଶିକ୍ଷକମାନଙ୍କୁ ଉତ୍ସାହିତ କରିବା ପାଇଁ ୨୨ ତାରିଖରେ ଟିଏଲ୍ଏମ୍ ବା ଶିକ୍ଷକ ଶିକ୍ଷା ସାମଗ୍ରୀ ଦିବସ ପାଳନ କରାଯିବ। ସେହିପରି ୨୩ ତାରିଖରେ ଏଫ୍ଏଲ୍ଏନ୍ ଦିବସ ବା ଏଫ୍ଏଲ୍ଏନ୍ ମିଶନକୁ ସଫଳ କରିବା ପାଇଁ ସଚେତନ କରାଯିବ। ସେହିଭଳି ୨୪ରେ ଖେଳ ଦିବସ ବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ୨୫ରେ ପିଲାଙ୍କ ମଧ୍ୟରେ ଏକତା ଓ ବିବିଧତା ରକ୍ଷା କରିବା ପାଇଁ ସାଂସ୍କୃତିକ ଦିବସ, ୨୬ରେ ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ଓ ୨୭ରେ ପୋଷଣ ଦିବସ ପାଳନ ହେବ। ୨୮ତାରିଖରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଚାରାରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ଭୁବନେଶ୍ୱରରେ ୧୦୦ ପାର୍ କଲା ଡେଙ୍ଗୁ ସଂକ୍ରମଣ

ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)

**ଖୋର୍ଦ୍ଧା ଜିଲାରେ ଆକ୍ରାନ୍ତ ହେଲେଣି ୩୨୦**

ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ସଂକ୍ରମଣ ୧୦୦ ପାର୍ କରିଛି। ଗତ ୨୪ ଘଣ୍ଟାରେ କ୍ୟାପିଟାଲ ହସ୍ପିଟାଲରେ ୯୩ ନମୁନା ପରୀକ୍ଷଣ ହୋଇଥିବାବେଳେ ଆଉ ୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ୧୬ ତାରିଖ ସୁଦ୍ଧା ସହରରୁ ମୋଟ୍ ୧୧୫ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ସେହିପରି ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନେଇ ହସ୍ପିଟାଲ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଦୈନିକ ହସ୍ପିଟାଲକୁ ୨୦୦ରୁ ୩୦୦ ଥଣ୍ଡା ଜ୍ୱର ରୋଗୀ ଆସୁଛନ୍ତି, ଏବଂ ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ରୋଗୀଙ୍କ ମଧ୍ୟରେ ଡେଙ୍ଗୁ ଲକ୍ଷଣ ରହୁଥିବା ସେ କହିଛନ୍ତି।

ଜାନୁଆରୀରୁ ଜୁଲାଇ ୧୫ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ପ୍ରାୟ ୩୨୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅପରପକ୍ଷେ ଟେଷ୍ଟିଂ ସମୟରେ ଯୋଗାଯୋଗ ନମ୍ବର ଓ ଠିକଣା ଭୁଲ୍ ଦେବା ଫଳରେ ଶତାଧିକ ରୋଗୀଙ୍କୁ ଚିହ୍ନଟ କରିବା ସମ୍ଭବପର ହେଉନାହିଁ। ତେଣୁ ଏଥିପ୍ରତି ବିଶେଷ ଭାବେ ଧ୍ୟାନ ଦେବା ଲାଗି ମଙ୍ଗଳବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଆୟୋଜିତ ଏକ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାଦିନ ଆରମ୍ଭ ହେବା ପରେ ସହରରେ ମଶା ଉତ୍ପତ୍ତି ସ୍ଥଳ ଖୋଜିବା ସହ ଏହାକୁ ନଷ୍ଟ କରିବା ସହ ବୁସ କଟିଂ, ମଶା ତେଲ ସିଞ୍ଚନ ଆଦି କାର୍ଯ୍ୟ ଆରମ୍ଭ ହୋଇଛି। ଜୁଲାଇ ୨୦ରୁ ସହରରେ ଫଗିଂ ଆରମ୍ଭ ହେବ ବୋଲି ଅନୁଷ୍ଠିତ ବୈଠକରେ ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଦୀପକ ବିଷୋୟୀ କହିଛନ୍ତି। ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ୭ଦିନରେ ଥରେ ଘର ଆଖପାଖ ସଫା ରଖିବାକୁ ବିଏମସି ସ୍ୱାସ୍ଥ୍ୟ ଅଧିକାରୀ ପରାମର୍ଶ ଦେଇଛନ୍ତି। ବିଶେଷକରି ସଫା ପାଣି ଯେଉଁଠି ଜମିଥିବା ଜାଗାକୁ ସଫା କରିବାକୁ କହିଛନ୍ତି। ତେବେ ବାହାରୁ ଆସି ଭୁବନେଶ୍ୱରରେ ଚିହ୍ନଟ ହେଉଥିବା ମାମଲା ଉଭୟ ଜିଲା ପ୍ରଶାସନ ଓ ବିଏମ୍‌ସି ଲାଗି ଚିନ୍ତାର କାରଣ ପାଲଟିଥିବା ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ମହାପ୍ରଭୁଙ୍କ ସୁନାବେଶ ଉପଲକ୍ଷେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ।

## ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

ପୁରୀ,୧୬।୭(ଅଜିତ କୁମାର ମହାନ୍ତି)

ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଶ୍ରୀମନ୍ଦିର ଭିତରେ ସେଲ୍‌ଫି ଉଠାଇ ନିଜ ସୋସିଆଲ ମିଡିଆରେ ଫଟୋ ଭାଇରାଲ୍ କରିଛନ୍ତି ରାଜା ସାକାର। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ସମ୍ପୃକ୍ତ ବ୍ୟକ୍ତି କିଭଳି ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେଲେ ଏବଂ ସେଲ୍‌ଫି ଉଠାଇବାକୁ ସାହସ କଲେ ସେନେଇ ପ୍ରଶ୍ନ ଉଠିଛି। ଏହି ଫୋଟୋ କେବେ ଉଠିଛି ତାହା ସ୍ପଷ୍ଟ ହୋଇନାହିଁ। ତୁରନ୍ତ ସମ୍ପୃକ୍ତ ବ୍ୟକ୍ତି ଏବଂ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ଅବହେଳା କରିଥିବା ସୁରକ୍ଷା କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି।

# ଗ୍ରାମାଞ୍ଚଳରେ ଅଣସଂକ୍ରାମକ ରୋଗୀ ସଂଖ୍ୟା ବଢୁଛି




ଭୁବନେଶ୍ୱର, ୧୬।୭ (ଅସମାପିକା ସାହୁ)

ଦେଶ ତଥା ରାଜ୍ୟରେ ଅଣସଂକ୍ରାମକ ରୋଗ ସ୍ଥିତି ଜଟିଳ ହେବାରେ ଲାଗିଛି। କେବଳ ସହରାଞ୍ଚଳରେ ନୁହେଁ, ଏବେ ଗ୍ରାମାଞ୍ଚଳରେ ବି ଅଣସଂକ୍ରାମକ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସରକାର ଏହାର ମୁକାବିଲା ପାଇଁ ବିଭିନ୍ନ ଯୋଜନା ସହ ଚିକିତ୍ସା ସେବା କ୍ଷେତ୍ରକୁ ବ୍ୟାପକ କରିଥିଲେ ମଧ୍ୟ ସଚେତନତା ଅଭାବରୁ ରୋଗ ବ୍ୟାପୁଛି। 'ଅଣସଂକ୍ରାମକ ରୋଗ: ବିଜ୍ଞାନ ଓ ଗଣମାଧ୍ୟମକୁ ଏକାଠି କରିବା' ଶୀର୍ଷକ ଗୋଲଟେବୁଲ ବୈଠକରେ ଏହି ମତପ୍ରକାଶ ପାଇଛି। 'ରିଚ୍' ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ବୈଠକରେ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡା. ସ୍ୱୀକୃତି ଜେନା ଯୋଗଦେଇ କହିଲେ, ଲୋକେ ଅଣସଂକ୍ରାମକ ରୋଗ ସମ୍ପର୍କରେ ଜାଣିଥିଲେ ମଧ ଅବହେଳା କରିଥାନ୍ତି। ତେଣୁ ସରକାରୀ, ଅନୁଷ୍ଠାନ ସ୍ତରରେ ବ୍ୟାପକ ସଚେତନତା ହେବା ଦରକାର। ଏଥିସହ ଆମର ଜୀବନଶୈଳୀରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ସପ୍ତାହକୁ ୧୫୦ ମିନିଟ୍ ଫିଜିକାଲ ଆକ୍ଟିଭିଟି କରିବା ଉଚିତ। ମହିଳାମାନେ ବାହାରକୁ ନ ଯାଇପାରିଲେ ବି ଘରେ ଫିଜିକାଲ ଆକ୍ଟିଭିଟି କରିବା ଉଚିତ ବୋଲି ଡା. ଜେନା କହିଛନ୍ତି। ପେଡିଆଟ୍ରିକ ଅଙ୍କୋଲୋଜିଷ୍ଟ ଡା. ନିର୍ମାଲ୍ୟ ଦେଓ ପ୍ରଧାନ କହିଲେ, ଠିକ୍ ସମୟରେ ରୋଗ ଚିହ୍ନଟ ହୋଇପାରିଲେ କର୍କଟ ରୋଗ ଭଲ ହୋଇପାରିବ। ଆମ ଜୀବନଶୈଳୀର ବହୁ ପ୍ରଭାବ କର୍କଟ ରୋଗ ଉପରେ ପଡ଼ିଥାଏ। ଏଥିପାଇଁ ସଚେତନତା ଆବଶ୍ୟକ ରହିଛି। ସରକାର ବିଭିନ୍ନ ଯୋଜନା କରିବା ସହିତ ଚିକିତ୍ସା ସେବା ଯୋଗଦେଉଛନ୍ତି। କିନ୍ତୁ କ୍ଷେତ୍ରସ୍ତରରେ ତାହା ପ୍ରତିଫଳନ ହେଉନାହିଁ ବୋଲି ଡା. ପ୍ରଧାନ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏଲ୍ଏସ୍‌ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା. ବି. ରବୀନ୍ଦ୍ରନ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଅମ୍ବରୀଶ ଦତ୍ତ ପ୍ରମୁଖ ଯୋଗଦେଇଥିଲେ। 'ରିଚ୍'ର ମୟଙ୍କ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ।

# 'ଶ୍ରୀମନ୍ଦିରକୁ ଲୋକନାଥଙ୍କ ଆଜ୍ଞାମାଳ ଆସିବା ଶାସ୍ତ୍ର ବିରୋଧ'

ପୁରୀ,୧୬।୭(ଅଜିତ୍ କୁମାର ମହାନ୍ତି)

ଦୀର୍ଘ ୪୬ବର୍ଷର ଅପେକ୍ଷା ପରେ ରାଜ୍ୟ ସରକାରଙ୍କ ଅନୁମତି କ୍ରମେ ଗତ ୧୪ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲଛି। ରତ୍ନଭଣ୍ଡାର ଖୋଲାହେବା ପୂର୍ବରୁ ରତ୍ନଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀଲୋକନାଥଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇଥିଲା। ତଦାରଖ କମିଟିର ନିଷ୍ପତ୍ତି ଅନୁଯାୟୀ ପ୍ରଭୁ ଶ୍ରୀଲୋକନାଥଙ୍କ ସେବାୟତମାନେ ପୂଜାର୍ଚ୍ଚନା କରି ପଟୁଆରରେ ଶ୍ରୀମନ୍ଦିରକୁ ଅଜ୍ଞାମାଳ ବିଜେ କରିଥିଲେ। ଏହାକୁ ନେଇ ଶ୍ରୀମନ୍ଦିର ପୂଜାପଣ୍ଡା ନିଯୋଗ ଅସନ୍ତୋଷ ବ୍ୟକ୍ତ କରିବା ସହ ଶାସ୍ତ୍ର ବିରୋଧୀ ବୋଲି କହିଥିଲେ। ଏନେଇ ପୂଜାପଣ୍ଡା ନିଯୋଗ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ବରିଷ୍ଠ ପୂଜାପଣ୍ଡା ସେବାୟତ ହରେକୃଷ୍ଣ ପୂଜାପଣ୍ଡା ସାମନ୍ତ, ନିଯୋଗ ସଭାପତି ଜଗନ୍ନାଥ ପୂଜାପଣ୍ଡା, ସମ୍ପାଦକ ମାଧବ ପୂଜାପଣ୍ଡା, ସୁଦର୍ଶନ ପୂଜାପଣ୍ଡା, ରବିଶଙ୍କର ପୂଜାପଣ୍ଡା ଏବଂ ନରସିଂହ ପୂଜାପଣ୍ଡା ସାମନ୍ତ ପ୍ରମୁଖ ସୂଚନା ଦେଇ କହିଥିଲେ, ପୂର୍ବରୁ ଯେବେ ବି ରତ୍ନଭଣ୍ଡାର ଖୋଲାଯାଇଛି, କେବେ ମଧ ଶ୍ରୀଲୋକନାଥଙ୍କ ନିକଟରୁ ଆଜ୍ଞାମାଳ ଶ୍ରୀମନ୍ଦିରକୁ ଆସିନାହିଁ। ଶ୍ରୀମନ୍ଦିରରୁ ଆଜ୍ଞାମାଳ ଯାଇଥାଏ। କେବେ ଅନ୍ୟ ସ୍ଥାନରୁ ଆଜ୍ଞାମାଳ ଶ୍ରୀମନ୍ଦିରକୁ ଆସି ନ ଥାଏ। ତେବେ କିଛି ନୀତିରେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଗଲେ ପ୍ରତିବଦଳରେ ଶ୍ରୀମନ୍ଦିରକୁ ଆଜ୍ଞାମାଳ ଆସିଥାଏ। ଆଜ୍ଞାମାଳ ଶ୍ରୀମନ୍ଦିର ନୀତି ପରମ୍ପରା ସହ ଜଡ଼ିତ। ମହାପ୍ରଭୁ ତାଙ୍କ କାର୍ଯ୍ୟ ସମ୍ପାଦନ ନିମନ୍ତେ ତାଙ୍କ ପ୍ରତିନିଧିମାନଙ୍କୁ ଆଜ୍ଞାମାଳ ପ୍ରଦାନ କରିଥାନ୍ତି। ଏପରିକି ଶୀତଳଷଷ୍ଠୀ ସମୟରେ ପଞ୍ଚମହାଦେବଙ୍କୁ ମହାପ୍ରଭୁ ଆଜ୍ଞାମାଳ ପ୍ରଦାନ କରିଥାନ୍ତି। ଅପରପକ୍ଷରେ ପ୍ରଭୁ ଲୋକନାଥ ହେଉଛନ୍ତି ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ। ତେଣୁ ତାଙ୍କଠାରୁ ଆଜ୍ଞାମାଳ ଶ୍ରୀମନ୍ଦିରକୁ କିପରି ଆସିପାରିବ। ଏହା ଶାସ୍ତ୍ରବିରୋଧୀ।

ଶ୍ରୀଲୋକନାଥଙ୍କ ପୀଠରୁ ଶ୍ରୀମନ୍ଦିରକୁ ଆଜ୍ଞାମାଳ ଆସିବା ନେଇ କୌଣସି ଶାସ୍ତ୍ରରେ ଉଲ୍ଲେଖ ନାହିଁ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଓ ପରମ୍ପରାରେ ମଧ ଏକଥା ଉଲ୍ଲେଖ ନାହିଁ। ତେବେ ଏପରି ଘଟଣା ଶ୍ରୀମନ୍ଦିର ଇତିହାସରେ ପ୍ରଥମ ଥର ହୋଇଛି ବୋଲି ପୂଜାପଣ୍ଡା ନିଯୋଗ ପକ୍ଷରୁ କୁହାଯାଇଛି। ଲୋକନାଥଙ୍କ ନିକଟରୁ ଆସିଥିବା ଆଜ୍ଞାମାଳ କାହାକୁ ଦିଆଗଲା ବୋଲି ନିଯୋଗ ପ୍ରଶ୍ନ କରିଛି। ଆଜ୍ଞାମାଳ ଆଣିବାକୁ କେଉଁମାନେ କହିଥିଲେ ତଦନ୍ତ ହେବା ଆବଶ୍ୟକ। ଏ ସମ୍ପର୍କରେ ପୂଜାପଣ୍ଡା ନିଯୋଗ ସହ କୌଣସି ଆଲୋଚନା କରାଯାଇନାହିଁ। ନୀଳାଦ୍ରି ବିଜେ ପରେ ଯଦି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ନିଯୋଗ ପକ୍ଷରୁ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ମହାପ୍ରଭୁଙ୍କ ନୀତିରେ କୌଣସି ତ୍ରୁଟି ହେବ ନାହିଁ ବୋଲି ପୂଜାପଣ୍ଡା ନିଯୋଗ ପକ୍ଷରୁ କୁହାଯାଇଛି।


ଖବରଦାତା ସମ୍ମିଳନୀରେ ଶ୍ରୀମନ୍ଦିର ପୂଜାପଣ୍ଡା ନିଯୋଗର କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

## ସୁନାବେଶ ପାଇଁ ଟ୍ରାଫିକ୍ କଟକଣା

କଟକ,୧୬।୭ (କାର୍ତ୍ତିକ ସାହୁ)

ରଥଯାତ୍ରା ଅବସରରେ ଶ୍ରୀଜୀଉଙ୍କ ସୁନାବେଶ ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଗାଡ଼ି ଚଳାଚଳ ନିମନ୍ତେ କଟକଣା ଜାରି କରାଯାଇଛି। ଭୁବନେଶ୍ୱର ପାର୍ଶ୍ୱରୁ ପୁରୀ ଯାଉଥିବା ରିଜର୍ଭ ଓ ଟୁରିଷ୍ଟ ବସ୍‌ଗୁଡ଼ିକ ମାଳତୀପାଟପୁର ବସ୍ ଷ୍ଟାଣ୍ଡରେ ରହିବ। ସେଗୁଡ଼ିକ ସତ୍ୟବାଦୀ, ପିପିଲି ଓ ଉତ୍ତରା ଦେଇ ପ୍ରତ୍ୟାବର୍ତ୍ତନ କରିବ। କୋଣାର୍କ ପାର୍ଶ୍ୱରୁ ଯାଉଥିବା ରିଜର୍ଭ ଓ ଟୁରିଷ୍ଟ ବସ୍‌ଗୁଡ଼ିକ ନାଗପାଟଣା ପାର୍କିଂରେ ରହିବ ଓ ସେଠାରୁ ଆସିଥିବା ଦିଗରେ ପ୍ରତ୍ୟାବର୍ତ୍ତନ କରିବ। ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ରିଜର୍ଭ ଓ ଟୁରିଷ୍ଟ ବସ୍ ମଙ୍ଗଳାଘାଟ ନିକଟ ଫ୍ଲୋରିସ୍ ଇଣ୍ଡିଆ ପର୍ଯ୍ୟନ୍ତ ଆସିବେ ଓ ସେଠାରୁ ପ୍ରତ୍ୟାବର୍ତ୍ତନ କରିବ।

ନିୟମିତ ଚଳାଚଳ କରୁଥିବା ଯାତ୍ରୀବାହୀ ବସ୍, କ୍ୟାଣ୍ଟର, ମୋ ବସ୍ ଏବଂ ଓଏସ୍ଆର୍‌ଟିସି ବସ୍‌ଗୁଡ଼ିକ ପୁରୀ ମ୍ୟୁନିସିପାଲିଟି ବସ୍‌ଷ୍ଟାଣ୍ଡକୁ ଆସିବା ପାଇଁ ଅନୁମତି ନାହିଁ। ଭୁବନେଶ୍ୱର ଓ ବ୍ରହ୍ମଗିରି ପାର୍ଶ୍ୱରୁ ଯାଉଥିବା ସମସ୍ତ ବସ୍ ମାଳତୀପାଟପୁର, ବୈଦୋସନଗର ଛକ, ଗ୍ରୀଡ୍ ଷ୍ଟେଶନ ଛକ ଓ ଭୂଦାନ ଛକ ଦେଇ ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିବ। ନିୟମିତ ଚଳାଚଳ କରୁଥିବା ବସ୍‌ଗୁଡ଼ିକ ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରୁ ସେଣ୍ଟ୍ରାଲ ସ୍କୁଲ ଛକ, ଭୂଦାନ ଛକ, ଗ୍ରୀଡ୍ ଷ୍ଟେଶନ ଛକ, ବାଲିଘାଟ, ଗୋପାଳପୁର, ସମଙ୍ଗରା ଗ୍ରାମ, ବୀରହରେକୃଷ୍ଣପୁର ବଜାର ଓ ବାଟଗାଁ ଦେଇ ୩୧୬ ଜାତୀୟ ରାଜପଥରେ ପ୍ରତ୍ୟାବର୍ତ୍ତନ କରିବ। କୋଣାର୍କ ପାର୍ଶ୍ୱରୁ ଆସୁଥିବା ଯାତ୍ରୀବାହୀ ବସ୍ ଗ୍ରୀଡ୍ ଷ୍ଟେଶନ କ୍ରସିଂ ନିକଟରୁ ତାଳବଣିଆ ପାର୍କିଂସ୍ଥଳକୁ ଯିବ ଓ ସେଠାରୁ ସମାନ ରାସ୍ତାରେ ଫେରିବ।

ବିନା ପାସ୍‌ରେ ୩୧୬ ଜାତୀୟ ରାଜପଥରେ ପୁରୀ ଯାଉଥିବା ହାଲୁକା ଯାନଗୁଡ଼ିକ ମାଳତୀପାଟପୁରଠାରୁ ବୁଲି ପାର୍କିଂସ୍ଥଳ ୟୁନିଭର୍ସିଟି କ୍ୟାମ୍ପସ୍, ଆଇଟିଆଇ ପାର୍କିଂ, ହେଲିପ୍ୟାଡ୍, ଇନ୍‌ଡୋର ଷ୍ଟାଡିୟମ, ମାଛ ମାର୍କେଟ, ହର୍ଟିକଲଚର ପାର୍କ ଅଭିମୁଖେ ଗତି କରିବ। ଜାତୀୟ ରାଜପଥରେ ପାସ୍ ସହିତ ଯାଉଥିବା ହାଲୁକା ଯାନଗୁଡ଼ିକ ବାଟଗାଁ ନିକଟରେ ବୁଲି ଶ୍ରୀ ସେତୁ ଦେଇ ଜେବିପିସି ପାର୍କିଂରେ ରହିବ। ପୁଣି ସେଗୁଡ଼ିକ ସମାନ ରାସ୍ତାରେ ଫେରିବ। ଅପରପକ୍ଷରେ ମୃତଦେହ ନେଇ ଯାଉଥିବା ଯାନ ସହ କେବଳ ଗୋଟିଏ ଗାଡ଼ିକୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଯିବାକୁ ଅନୁମତି ମିଳିବ। ପୁରୁଣା ଜେବିପିସି ପାର୍କିଂରୁ ଦୁଇଚକିଆ ଗାଡ଼ିଗୁଡ଼ିକ ଜଟିଆ ବାବା ଛକ, କୁମ୍ଭାରପଡ଼ା ଥାନା, ଅଠରନଳା, ଚାରିନଳା, ବାଟଗାଁ ଦେଇ ପ୍ରତ୍ୟାବର୍ତ୍ତନ କରିବ। କୋଣାର୍କ ପାର୍ଶ୍ୱରୁ ଯାଉଥିବା ଦୁଇଚକିଆ ଗାଡ଼ି ଗ୍ରୀଡ୍ ଷ୍ଟେଶନ, ସିଟି ରୋଡ୍ ଓ ସୁଭାଷ ବୋଷ ଛକ ଦେଇ ବ୍ଲୁ ଫ୍ଲାଗ୍ ବିଚ୍ ପାର୍କିଂରେ ରହିବ। ତାଳବଣିଆଠାରୁ ସଦର ବ୍ଲକ ଅଫିସ, ଓଡ଼ିଶା ବେକେରି ଛକ ଦେଇ ରାମମନ୍ଦିର ଛକ ଦିଗରେ ସମସ୍ତ ଅଟୋ ଯିବ। ସେହିପରି ମାଳତୀପାଟପୁର ବସ୍‌ଷ୍ଟାଣ୍ଡରୁ ଅଠରନଳାକୁ ଅଟୋରିକ୍ସା ଯାତାୟାତ କରିବ ବୋଲି ସୂଚନା ଦିଆଯାଇଛି।

# 'ରାଜନୀତିରେ ସୁରେନ୍ଦ୍ରନାଥ ନାୟକ ଥିଲେ ଅନ୍ୟତମ ବିନ୍ଧାଣୀ'

ଅସ୍ତରଙ୍ଗ,୧୬।୭ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଓଡ଼ିଶା ରାଜନୀତିରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ ଥିଲେ ଅନ୍ୟତମ ବିନ୍ଧାଣୀ। ତାଙ୍କ ଆବର୍ତ୍ତମାନ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ସେ ମନ୍ତ୍ରୀ ଓ ବିଧାୟକ ଭାବେ କାକଟପୁର ବିଧାନସଭା ଅଞ୍ଚଳରେ ବହୁ ବିକାଶମୂଳକ କାର୍ଯ୍ୟ କରିଯାଇଛନ୍ତି, ଯାହା ତାଙ୍କୁ ଲୋକଙ୍କ ହୃଦୟରେ ଅମର କରି ରଖିବ ବୋଲି ଅତିଥିମାନେ କହିଛନ୍ତି। ମଙ୍ଗଳବାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ ବାଲିଯାତ୍ରା ପଡ଼ିଆରେ ସ୍ୱର୍ଗତ ନାୟକଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟପାଳ ରଘୁବର ଦାସ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ ସହ ଏହା ମତବ୍ୟକ୍ତ କରିଛନ୍ତି। ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପରେ 'ସ୍ମୃତିର ଶାମୁକା-ସେବାର ସାରଥି' ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ରାଜ୍ୟପାଳ କହିଥିଲେ, ସୁରେନ୍ଦ୍ର ବାବୁ ଜନପ୍ରିୟ ନେତା ଥିଲେ। ସେ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ବିକାଶ ଲାଗି ଜୀବନର ଶେଷପର୍ଯ୍ୟନ୍ତ ଉଦ୍ୟମ କରିଚାଲିଥିଲେ। ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସଭା ପରେ ସ୍ୱର୍ଗତ ନାୟକଙ୍କ ଜୀବନୀ ଓ ଅବଦାନ ସମ୍ପର୍କିତ ଫଟୋ ପ୍ରଦର୍ଶନୀକୁ ରାଜ୍ୟପାଳ ଏବଂ ଅନ୍ୟ ଅତିଥିମାନେ ବୁଲିଦେଖିଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ନାୟକଙ୍କ ବଡ଼ପୁଅ ସ୍ୱାଧୀନ ନାୟକ ଓ ପରିବାରବର୍ଗ ଉପସ୍ଥିତ ଥିଲେ।


ସଭାରେ ରାଜ୍ୟପାଳ ରଘୁବର ଦାସ ଏବଂ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

# ମନ୍ତ୍ରୀଙ୍କୁ ଅସନ୍ତୋଷ ଜାହିର କଲେ ଲୋକେ



ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଅଧିକାରୀମାନେ ଫିସରି ଟ୍ୟାଙ୍କ ସମ୍ପର୍କରେ ବୁଝାଉଛନ୍ତି ।

ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)

**ତୁରନ୍ତ ସମସ୍ୟାର ସମାଧାନ ପାଇଁ ବିଏମ୍‌ସି କମିଶନରଙ୍କୁ ନିର୍ଦ୍ଦେଶ**

ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ବିଏମ୍‌ସି ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଲକ୍ଷ୍ମୀସାଗରସ୍ଥିତ ଫିସରି ଟ୍ୟାଙ୍କ ବୁଲି ଦେଖିବା ସମୟରେ ମନ୍ତ୍ରୀ ଚାଲିଚାଲି ଅଞ୍ଚଳର ସ୍ଥିତି ପରଖିଥିଲେ। ମନ୍ତ୍ରୀଙ୍କୁ ପାଖରେ ପାଇ ଜନସାଧାରଣ ବିଏମ୍‌ସି ଉପରେ ଥିବା ସବୁତକ ରାଗ ଶୁଝାଇ ଦେଇଥିଲେ। ଐତିହାସିକ ଧୋବା ପୋଖରୀ ପରିଦର୍ଶନ ସମୟରେ ମେୟର ସୁଲୋଚନା ଦାସଙ୍କୁ ଅଞ୍ଚଳବାସୀଙ୍କ ରୋଷର ଶିକାର ହେବାକୁ ପଡିଥିଲା। ଲକ୍ଷ୍ମୀସାଗର ଚିନ୍ତାମଣିଶ୍ୱର ଅଞ୍ଚଳରେ ବର୍ଷା ଦିନରେ ରାସ୍ତା ଓ ପରିମଳର ଦୁରବସ୍ଥା କଥା ଶୁଣାଇଲେ ସ୍ଥାନୀୟ ଲୋକେ। ଅଭିଯୋଗ ଅନୁଯାୟୀ, ପୋଖରିଟି ୨୨ ଏକର ଜମିରେ ରହିଥିଲା। ବିଲ୍ଡର ଓ ଜମି ମାଫିଆ ଜବରଦଖଲ କରିବାରୁ ଏବେ ପୋଖରୀ ମାତ୍ର ୯ଏକରରେ ସୀମିତରହିଛି। ସେହିପରି ୨୦୧୬ରେ ୮କୋଟି ଟଙ୍କା ବ୍ୟୟ ଅଟକଳରେ ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହୋଇଥିଲା। ୮ବର୍ଷ ବିତିବାକୁ ବସିଥିବାବେଳେ କାମ ଅଧପନ୍ତରିଆ ରହିଛି। ଏହାବାଦ୍ ଲୋକେ ଷ୍ଟ୍ରିଟ୍ ଲାଇଟ୍ ଠାରୁ ଆରମ୍ଭ କରି କାଦୁଅ ରାସ୍ତା ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାକୁ ନେଇ ଅଭିଯୋଗ କରିଥିଲେ। ସବୁ ଶୁଣିବା ପରେ କାହିଁକି କାମ ହୋଇପାରି ନାହିଁ ବୋଲି ମନ୍ତ୍ରୀ ବିଏମ୍‌ସି ଅଧିକାରୀଙ୍କୁ ପ୍ରଶ୍ନ କରିବା ସହ ତୁରନ୍ତ ଏହାର ସମାଧାନ ପାଇଁ କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ରୋଷର ଶିକାର ହୋଇ ମେୟର ହଟହଟା ହେବା ସହ ସମ୍ପୃକ୍ତ ସ୍ଥାନ ଛାଡି ଚାଲି ଯାଇଥିଲେ। ଅପରପକ୍ଷେ ୧୬.୬୯ ଏକର ଜମିରେ ଅବସ୍ଥିତ ଫିସେରୀ ଟ୍ୟାଙ୍କର ପୁନଃଉଦ୍ଧାର ସହ ୫ ବର୍ଷ ପର୍ଯ୍ୟନ୍ତ ତା'ର ରକ୍ଷଣାବେକ୍ଷଣ କରିବା ପାଇଁ ମୋଟ ୬.୫୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ସେଥିମଧ୍ୟରୁ ବିଭିନ୍ନ ପର୍ଯ୍ୟାୟରେ ଏବେସୁଦ୍ଧା ୪.୯୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ବାକି କାମ ଚାଲୁ ରହିଥିବା ମେୟର ସୂଚନା ଦେଇଥିଲେ।

**ବିଡିଏ ଦୁଆରୁ ଫେରିଲେ ମନ୍ତ୍ରୀ, ଭେଟିଲେନି ଅଧିକାରୀ**

ମନ୍ତ୍ରୀ ଡ. ମହାପାତ୍ର ବିଭିନ୍ନ ଅଞ୍ଚଳ ଗସ୍ତ ସହିତ ବିଡିଏ ଅଫିସ ପରିଦର୍ଶନରେ ଯିବାର କାର୍ଯ୍ୟକ୍ରମ ଥିଲା। ଏଥିପାଇଁ ସମସ୍ତ ବରିଷ୍ଠ ଅଧିକାରୀଙ୍କ ସହ କର୍ମଚାରୀମାନେ ସକାଳ ସାଢେ ୯ଟାରୁ ଅଫିସ୍‌ରେ ପହଞ୍ଚିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ମନ୍ତ୍ରୀ ବିଡିଏ ମୁଖ୍ୟ ଫାଟକ ନିକଟରେ ପହଞ୍ଚିଥିଲେ। ସେଠାରେ ବିଡିଏ କର୍ମଚାରୀ ୟୁନାଇଟେଡ୍ ଫୋରମ ପକ୍ଷରୁ ଫୁଲତୋଡା ଓ ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଇଥିଲା। ମାତ୍ର କାର୍ଯ୍ୟାଳୟ ଭିତରେ ଉଚ୍ଚପଦସ୍ଥ ଅଧିକାରୀ ମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଥିବାବେଳେ ସେ ଭିତରକୁ ନ ଯାଇ ଦୁଆର ମୁହଁରୁ ଫେରିଯାଇଥିଲେ। ମନ୍ତ୍ରୀ ଭିତରୁ ନ ଆସି କାହିଁକି ଫେରିଗଲେ, ସେ ନେଇ ଚର୍ଚ୍ଚା ଜୋର୍ ଧରିବା ସହ ଅଧିକାରୀଙ୍କୁ ମନ୍ତ୍ରୀ କାହିଁକି ଭେଟିବାକୁ ଚାହିଁଲେ ନାହିଁ, ସେନେଇ ବିଡିଏରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ପୂର୍ବତନ ସରକାରଙ୍କୁ ଖୁସି କରିବାକୁ ଯାଇ ନିକଟରେ ଗୃହ ଓ ନଗର ଉନ୍ନୟନ ବିଭାଗର ପୂର୍ବତନ ସଚିବ ଜି. ମାଥିଭାଥନନଙ୍କ ଏକାନ୍ତ ସହଯୋଗୀ କୁହାଯାଉଥିବା ବିଡିଏ ଉପାଧ୍ୟକ୍ଷ ବିଭିନ୍ନ ପ୍ରକଳ୍ପରେ କୋଟିକୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏବେ ବି ସେହିସବୁ ପ୍ରକଳ୍ପର ପରିଚାଳନା ବାବଦ ଖର୍ଚ୍ଚକୁ ବିଡିଏ ମାସକୁ କୋଟିକୋଟି ଟଙ୍କା ଭରଣା କରୁଛି। ଏହାବାଦ୍ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ତତ୍କାଳୀନ ସରକାରଙ୍କୁ ଖୁସି କରିବାକୁ କୋଟି କୋଟି ଟଙ୍କା ପାଣିରେ ପକାଯାଇଛି, ଯାହାକୁ ନେଇ ଦୀର୍ଘଦିନ ହେବ ବିଭିନ୍ନ ମହଲରେ ଅସନ୍ତୋଷ ଲାଗି ରହିଛି। ଏସବୁ ଅସନ୍ତୋଷ ଅଭିଯୋଗର ରୂପ ନେଇ ନୂଆ ସରକାରଙ୍କ ପାଖରେ ପହଞ୍ଚିବା ପରେ ବିଡିଏ ଏବେ ପ୍ରଥମ ଟାର୍ଗେଟରେ ରହିଛି।

## ସଂକ୍ଷେପରେ

### ଦଳ ଛାଡିଲେ ପୂର୍ବତନ ଜିଲା ବିଜେଡି ସାଧାରଣ ସମ୍ପାଦକ



ନିଶ୍ଚିନ୍ତକୋଇଲି,୧୬।୭ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ବିଜେଡିର ପୂର୍ବତନ ସାଧାରଣ ସମ୍ପାଦକ ବିଜୟ କୁମାର ବଳ ଦଳରୁ ଇସ୍ତଫା ଦେଇଛନ୍ତି। ଦଳ ତରଫରୁ ତାଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କୁ ସେ ଲିଖିତଭାବେ ଜଣାଇଛନ୍ତି। ନିକଟରେ ନିଶ୍ଚନ୍ତକୋଇଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାହୁ ଓ ବନ୍ଧକାଟିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କଟକ ଜିଲା ବିଜେଡି ଉପସଭାପତି ରବୀନ୍ଦ୍ରନାଥ ତ୍ରିପାଠୀ ଦଳରୁ ଇସ୍ତଫା ଦେଇଥିଲେ।

### ଗ୍ରାମାଞ୍ଚଳରେ ଅଣସଂକ୍ରାମକ ରୋଗୀ ସଂଖ୍ୟା ବଢୁଛି

ଭୁବନେଶ୍ୱର, ୧୬।୭(ଅସମ୍ପିକା ସାହୁ)

ଦେଶ ତଥା ରାଜ୍ୟରେ ଅଣସଂକ୍ରାମକ ରୋଗ ସ୍ଥିତି ଜଟିଳ ହେବାରେ ଲାଗିଛି। କେବଳ ସହରାଞ୍ଚଳରେ ନୁହେଁ, ଏବେ ଗ୍ରାମାଞ୍ଚଳରେ ବି ଅଣସଂକ୍ରାମକ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସରକାର ଏହାର ମୁକାବିଲା ପାଇଁ ବିଭିନ୍ନ ଯୋଜନା ସହ ଚିକିତ୍ସା ସେବା କ୍ଷେତ୍ରକୁ ବ୍ୟାପକ କରିଥିଲେ ମଧ୍ୟ ସଚେତନତା ଅଭାବରୁ ରୋଗ ବ୍ୟାପୁଛି। 'ଅଣସଂକ୍ରାମକ ରୋଗ: ବିଜ୍ଞାନ ଓ ଗଣମାଧ୍ୟମକୁ ଏକାଠି କରିବା' ଶୀର୍ଷକ ଗୋଲଟେବୁଲ ବୈଠକରେ ଏହି ମତପ୍ରକାଶ ପାଇଛି। 'ରିଚ୍' ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ବୈଠକରେ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡା. ସ୍ୱୀକୃତି ଜେନା ଯୋଗଦେଇ କହିଲେ, ଲୋକେ ଅଣସଂକ୍ରାମକ ରୋଗ ସମ୍ପର୍କରେ ଜାଣିଥିଲେ ମଧ୍ୟ ଅବହେଳା କରିଥାନ୍ତି। ତେଣୁ ସରକାରୀ, ଅନୁଷ୍ଠାନ ସ୍ତରରେ ବ୍ୟାପକ ସଚେତନତା ହେବା ଦରକାର। ଏଥିସହ ଆମର ଜୀବନଶୈଳୀରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ସପ୍ତାହକୁ ୧୫୦ ମିନିଟ୍ ଫିଜିକାଲ ଆକ୍ଟିଭିଟି କରିବା ଉଚିତ। ବିଭିନ୍ନ କାରଣରୁ ୫୦ପ୍ରତିଶତ ମହିଳା ଫିଜିକାଲ ଆକ୍ଟିଭିଟି କରନ୍ତି ନାହିଁ। ବାହାରକୁ ନ ଯାଇପାରିଲେ ବି ଘରେ ଫିଜିକାଲ ଆକ୍ଟିଭିଟି କରିବା ଉଚିତ ବୋଲି ଡା. ଜେନା କହିଛନ୍ତି। ପେଡିଆଟ୍ରିକ ଅଙ୍କୋଲୋଜିଷ୍ଟ ଡା. ନିର୍ମାଲ୍ୟ ଦେଓ ପ୍ରଧାନ କହିଲେ, ଠିକ୍ ସମୟରେ ରୋଗ ଚିହ୍ନଟ ହୋଇପାରିଲେ କର୍କଟ ରୋଗ ଭଲ ହୋଇପାରିବ। ଆମ ଜୀବନଶୈଳୀର ବହୁ ପ୍ରଭାବ କର୍କଟ ରୋଗ ଉପରେ ପଡ଼ିଥାଏ। ଏଥିପାଇଁ ସଚେତନତା ଆବଶ୍ୟକ ରହିଛି। ସରକାର ବିଭିନ୍ନ ଯୋଜନା କରିବା ସହିତ ଚିକିତ୍ସା ସେବା ଯୋଗାଇଦେଉଛନ୍ତି। କିନ୍ତୁ କ୍ଷେତ୍ରସ୍ତରରେ ତାହା ପ୍ରତିଫଳନ ହେଉନାହିଁ ବୋଲି ଡା. ପ୍ରଧାନ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏଲ୍ଏସ୍‌ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା. ବି. ରବୀନ୍ଦ୍ରନ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଅମ୍ବରୀଶ ଦତ୍ତ ପ୍ରମୁଖ ଯୋଗଦେଇଥିଲେ। 'ରିଚ୍'ର ମୟଙ୍କ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ।

# ମରଣଯନ୍ତା ପାଲଟିଛି ଢଳେଇ ରାସ୍ତା

- ଜରୁରିକାଳୀନ ସେବା ପହଞ୍ଚିପାରୁନି
- ମରାମତି ହେଉ ନାହିଁ
- ଅନେକ ସମୟରେ ଛୋଟ, ବଡ଼ ଦୁର୍ଘଟଣା ଘଟୁଛି

ନିଶ୍ଚିନ୍ତକୋଇଲି,୧୬।୭ (ଅଶୋକ କୁମାର ମହାପାତ୍ର):

ଗ୍ରାମାଞ୍ଚଳ ରାସ୍ତାକୁ ସହରାଞ୍ଚଳ ଭଳି କରିବା ପାଇଁ ସରକାର ଓ ସ୍ଥାନୀୟ ବିଧାୟକ ପ୍ରତିଶ୍ରୁତି ଦେଉଥିବା ବେଳେ ଗ୍ରାମାଞ୍ଚଳର ବହୁ ରାସ୍ତା ମରଣଯନ୍ତା ପାଲଟିଛି। ବିଭାଗୀୟ ଉଦାସୀନତା ଓ ରାଜନୈତିକ ବ୍ୟକ୍ତିଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ପଞ୍ଚାୟତରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଏଠାରେ ଏକ ଢଳେଇ ରାସ୍ତା ଭାଙ୍ଗିଯାଇଥିଲେ ମଧ୍ୟ ମରାମତି କରାଯିବା ନିମନ୍ତେ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ରାସ୍ତା ମରାମତି ନିମନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ଢଳେଇ ରାସ୍ତା ଫାଟି ଆଁ କରିଛି।

ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରୁ ପାଟପାରୀ ପର୍ଯ୍ୟନ୍ତ ଯାଇଥିବା ଢଳେଇ ରାସ୍ତା ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏହି ରାସ୍ତାର ଅବସ୍ଥା ଏପରି ହୋଇଛି ଯେ, ଯାନବାହନ ଚଳାଚଳ କରିବା ତ ଦୂରର କଥା ଖାଲି ପାଦରେ ଚାଲିକି ଯିବା କାଠିକର ପାଠ ହୋଇଯାଇଛି। ରାସ୍ତା ଉପରେ ସ୍ଥାନୀୟ ୩ ରୁ ୪ ପଞ୍ଚାୟତର ଲୋକ ନିର୍ଭରଶୀଳ। ଜନସାଧାରଣଙ୍କ ସମେତ ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ଅଙ୍ଗନୱାଡ଼ିର ଶିଶୁମାନେ ଏହି ବାଟଦେଇ ଯାତାୟାତ କରିଥାନ୍ତି। ମାତ୍ର ଦୈନନ୍ଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଛି। ରାସ୍ତାର ଦୁରବସ୍ଥା ଯୋଗୁ ଜରୁରିକାଳୀନ ପରିସ୍ଥିତିରେ ଗାଁକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଆସି ପାରୁନାହିଁ। ଫଳରେ ବହୁ ସମୟରେ ଲୋକେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇ ନ ପାରି ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତାକୁ ମରାମତି ନିମନ୍ତେ ପଦକ୍ଷେପ ନିଆ ନ ଗଲେ ଆଗାମୀଦିନରେ ଲୋକେ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ବିଡିଓ ବିରଞ୍ଚି ନାରାୟଣ ବେହେରା କୁହନ୍ତି, ରାସ୍ତା ଦୁରବସ୍ଥା ସମ୍ପର୍କରେ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତେବେ ପଞ୍ଚାୟତ ଓ ବ୍ଲକସ୍ତରରେ ଅନୁଦାନ ଆସିଲେ ରାସ୍ତା ପୁନରୁଦ୍ଧାର କରାଯିବ।

# ଶାଶୁଘରେ ଜଳିଗଲେ ବୋହୂ

ନିଶ୍ଚିନ୍ତକୋଇଲି,୧୬।୭ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ପଞ୍ଚାୟତର ବ୍ରଜରାଜ ପାଟଣା ଗ୍ରାମରେ ଶାଶୁ ଘରେ ଜଣେ ବୋହୂ ଜଳିଯାଇଛନ୍ତି। ସେ ଏହି ଗ୍ରାମର ପ୍ରଶାନ୍ତ ବେହେରାଙ୍କ ସ୍ତ୍ରୀ ଗୌରୀ ଜେନା(୪୦)। ତେବେ ଝିଅକୁ ଯୋଜନାବଦ୍ଧ ଭାବେ ପୋଡ଼ି ମାରି ଦିଆଯାଇଛି ବୋଲି ଗୌରୀଙ୍କ ବାପା ତଥା କେନ୍ଦ୍ରାପଡ଼ା ଜିଲା ଭରତପୁର ଗ୍ରାମର ରାଜକିଶୋର ଜେନା ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୧୭ ବର୍ଷ ତଳେ ପ୍ରଶାନ୍ତଙ୍କ ସହ ବୈଦିକ ରୀତିରେ ଗୌରୀଙ୍କ ବିବାହ ହୋଇଥିଲା। ସୋମବାର ରାତି ପ୍ରାୟ ୧୧ଟା ବେଳେ ଗୌରୀ ହୁତୁହୁତୁ ହୋଇ ଜଳୁଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଗ୍ରାମବାସୀ ଗୌରୀଙ୍କୁ ଉଦ୍ଧାରକରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦ୍‌ବେଗଜନକ ହେବାରୁ ଗୌରୀଙ୍କୁ ଜଗତପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ଗୌରୀଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷରେ ପାରିବାରିକ କଳହକୁ କେନ୍ଦ୍ରକରି ଗୌରୀ ନିଜ ଦେହରେ ନିଆଁ ଲଗାଇ ଦେଇଛନ୍ତି ବୋଲି ଶାଶୁଘର ଲୋକେ କହିଛନ୍ତି। ଅଭିଯୋଗକୁ ଭିତ୍ତିକରି ନିଶ୍ଚିନ୍ତକୋଇଲି ଥାନାରେ ପୋଲିସ ମାମଲା (ନଂ. ୧୭୦/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଗୌରୀଙ୍କ ମୃତ୍ୟୁ ସମ୍ପର୍କିତ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି।

# ୧୩ ଚୋରି ଗ୍ୟାସ୍ ସିଲିଣ୍ଡର ଜବତ: ଅଭିଯୁକ୍ତ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ସିଲିଣ୍ଡର।

ନିଶ୍ଚିନ୍ତକୋଇଲି,୧୬।୭ (ଅଶୋକ କୁମାର ମହାପାତ୍ର)

ବିଭିନ୍ନ ଗ୍ରାମରୁ ଗ୍ୟାସ୍ ସିଲିଣ୍ଡର ଚୋରି ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିଶ୍ଚିନ୍ତକୋଇଲି ଥାନା କଟିକଟା ପଞ୍ଚାୟତ ଅନ୍ତର୍ଗତ ଭୋଳ ଗ୍ରାମର ଦୀପକ କୁମାର ସାମଲ(୩୬)। ତାଙ୍କଠାରୁ ପୋଲିସ ୧୩ଟି ଗ୍ୟାସ ସିଲିଣ୍ଡର ଓ ଚୁଲା ଜବତ କରିଛି। ଦୀପକ ଦୀର୍ଘ ଦିନ ହେଲା ସ୍ଥାନୀୟ ନିଶ୍ଚିନ୍ତକୋଇଲି, ନେମାଳ,ସାଲେପୁର ଓ ମାହାଙ୍ଗା ଆଦି ଅଞ୍ଚଳରୁ ଗ୍ୟାସ୍ ସିଲିଣ୍ଡର ଓ ଚୁଲା ଚୋରି କରି ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଥିଲା। ଏନେଇ ଦୀପକଙ୍କୁ ପୋଲିସ ଧରିବା ପାଇଁ ଜାଲ ବିଛାଇଥିଲା। ସେ ଧରା ପଡ଼ିବା ପରେ ପୋଲିସ ଥାନାରେ ମାମଲା (ନଂ. ୧୬୮/୨୪) ରୁଜୁ କରିଛି।

# ବୃଦ୍ଧ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୧୬।୭ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ଫଗୋଳ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମର ଏକ ଦମ୍ପତିଙ୍କର ରହସ୍ୟଜନକ ଭାବେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଏହି ଗ୍ରାମର ଧୀର ମଲିକ(୬୦) ଓ ସ୍ତ୍ରୀ କୁନି ମଲିକ(୫୪)। ଧୀର ଦିନ ମଜୁରିଆଭାବେ କାର୍ଯ୍ୟ କରନ୍ତି। ତାଙ୍କର ଏକମାତ୍ର କନ୍ୟା ବିବାହ କରିସାରିଛନ୍ତି। ସୋମବାର ରାତିରେ ଏହି ଦମ୍ପତି ଖାଇସାରି ଶୋଇଥିଲେ। ବିଳମ୍ବିତ ରାତିରେ ଘରୁ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବା ବେଳକୁ କୁନି ଓ ଧୀର ଯନ୍ତ୍ରଣାରେ ଚିତ୍କାର କରୁଥିବା ଦେଖିଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନକୁ



କୁନି ମଲିକ



ଧୀର ମଲିକ

ଯୋଗାଯୋଗ କରିଥିଲେ। ମାତ୍ର ଆମ୍ବୁଲାନ୍ସ ନ ଆସିବାରୁ ଶେଷରେ ଅଟୋ ସାହାଯ୍ୟରେ ଉଭୟଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୁନିଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷେ ଧୀରଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କୁନିଙ୍କ ମୃତ୍ୟୁ ପରେ ନିଶ୍ଚିନ୍ତକୋଇଲି ଡାକ୍ତରଙ୍କ ରିପୋର୍ଟକୁ ଆଧାରକରି ସାଲେପୁର ଥାନାରେ ପୋଲିସ ମାମଲା (ନଂ.୧୭/୨୪) ରୁଜୁ କରିଛି।

### ୧୧ କେଭି ବିଦ୍ୟୁତ୍ ତାର ଚୋରି

ବାରଙ୍ଗ,୧୬।୭(ଲିଙ୍ଗରାଜ ରାଉତ)

କଟକ ମହାନଗର ନିଗମ ୩ନଂ. ୱାର୍ଡର ବେଣ୍ଟକାରପଡ଼ା ବିଦ୍ୟାଧରପୁର ଗ୍ରାମ ନିକଟରୁ ୧୧ କେଭି ବିଦ୍ୟୁତ୍ ତାର ଚୋରି ହୋଇଥିବା ଜଣାପଡ଼ିଛି। ନରାଜ ବ୍ୟାରେଜ ନିକଟରୁ ନରଣପୁର କୁଆଖାଇ ସେତୁ ପର୍ଯ୍ୟନ୍ତ ନଦୀବନ୍ଧ ସଂପ୍ରସାରିତ ହେଉଛି। ଏହି ସମ୍ପ୍ରସାରିତ କାର୍ଯ୍ୟ ଚାଲୁ ରହିଥିବାବେଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଠିକାଦାର ମାଧ୍ୟମରେ ଆଗରୁ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ତାରକୁ କଢାଯାଇ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଥିବାବେଳେ ନୂତନ ଭାବରେ ବିଦ୍ୟୁତ୍ ଖୁଣ୍ଟ ଓ ନୂତନ ୧୧ କେଭି ବିଦ୍ୟୁତ୍ ତାର ଲଗାଯାଇଛି। ସୋମବାର ବିଳମ୍ବିତ ରାତିରେ ଗୋଡ଼ିସାହି ବିଦ୍ୟୁତ୍ କାର୍ଯ୍ୟାଳୟ ଅଧୀନରେ ଥିବା ବେଣ୍ଟକାରପଡ଼ା ବିଦ୍ୟାଧରପୁର ଗ୍ରାମ ନିକଟରୁ କେହି ଦୁର୍ବୃତ୍ତ ୪ଟି ଖୁଣ୍ଟ ମଝିରେ ଥିବା ୧୧ କେଭି ବିଦ୍ୟୁତ୍ ତାର ଚୋରି କରିଥିବା ମଙ୍ଗଳବାର ସକାଳୁ ଜଣାପଡ଼ିଥିଲା। ଏ ସଂକ୍ରାନ୍ତରେ ବାରଙ୍ଗ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# 'ସମସ୍ୟାର ସମାଧାନକୁ ଗୁରୁତ୍ୱ ଦିଆଯିବ'

ବଡ଼ମ୍ବା/ନିଶ୍ଚିନ୍ତକୋଇଲି/ନରସିଂହପୁର/୧୬।୭(ମାୟାଧର ମଲ୍ଲିକ/ଅଶୋକ କୁମାର ମହାପାତ୍ର/ନିରଞ୍ଜନ ଦେବ କୁମାର)

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମଙ୍ଗଳବାର ବଡ଼ମ୍ବା ନରସିଂହପୁର ଓ ନିଶ୍ଚିନ୍ତକେଇଲି ବ୍ଲକର ବିଭିନ୍ନ ଅଞ୍ଚଳ କରିଥିଲେ। ଏହି ଅବସରରେ ତାଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଇଛି। ସେ ବଡ଼ମ୍ବା ମାଣିଆବନ୍ଧସ୍ଥିତ ମାଣିଆବନ୍ଧ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେଇଥିଲେ। ବଡ଼ମ୍ବା ଓକିଲ ସଂଘ ପରିଦର୍ଶନ ଆସିଥିଲେ। ଏହି ଅବସରରେ ଓକିଲ ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସମ୍ବ ସଭା ଆୟୋଜନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ବିଜୟ କୁମାର ଦଳ ବେହେରା ଯୋଗଦେଇଥିଲେ। ଏହି ଅବସରରେ ମହତାବ କହିଥିଲେ



ନିଶ୍ଚିନ୍ତକୋଇଲିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭର୍ତ୍ତୃହରି ମହତାବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଲୋକଙ୍କ ସମସ୍ୟାର ସମାଧାନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ସେହିପରି ନିଶ୍ଚିନ୍ତକୋଇଲ ବ୍ଲକର ସାନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏମ୍‌ପି ମହତାବଙ୍କ ସମ୍ବର୍ଦ୍ଧନା ଉତ୍ସବରେ ସରପଞ୍ଚ ରମାକାନ୍ତ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତାଭାବେ ଭାଜପା କଟକ ଜିଲା ସଭାପତି ରାମନାରାୟଣ ମହାନ୍ତି, ସମ୍ମାନିତ ଅତିଥିଭାବେ କଟକ ସଦର ଭାଜପା ସଂଯୋଜକ ହୃଷିକେଶ ଜେନା ଉପସ୍ଥିତ ଥିଲେ। ଏହାଛଡ଼ା ନରସିଂହପୁର ଓକିଲ ସଂଘ ପାଠାଗାର ସମ୍ମିଳନୀ ଗୃହରେ ଓକିଲ ସଂଘ ତରଫରୁ ଏମ୍‌ପି ମହତାବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓକିଲ ସଂଘର ସଭାପତି ନିର୍ମଳେନ୍ଦୁ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ।

### ଘର ତାଲା ଭାଙ୍ଗି ଟଙ୍କା, ଅଳଙ୍କାର ଚୋରି

ଭୁବନେଶ୍ୱର,୧୬।୭(ସତ୍ୟଜିତ୍ ରାଉତ):

ପାହାଳ ଥାନା ଅନ୍ତର୍ଗତ ନହରକଣ୍ଟା ଜୟଦେବନଗରରେ ଦୁର୍ବୃତ୍ତମାନେ ସୋମବାର ବିଳମ୍ବିତ ରାତିରେ ଘର ତାଲା ଭାଙ୍ଗି ଚୋରି କରିଛନ୍ତି। ଜଣେ ଭଡ଼ାଟିଆଙ୍କ ଘରୁ ପ୍ରାୟ ୧୨ରୁ ୧୩ହଜାର ଟଙ୍କା ଓ ନିଜ ଘରୁ ଏକ ରୁପା ପାଉଁଜି ସହ ବିଭିନ୍ନ ଜିନିଷ ଚୋରି ହୋଇଥିବା ନେଇ ଘର ମାଲିକ ସଂଗ୍ରାମ କେଶରୀ ପଣ୍ଡା ପାହାଳ ଥାନାରେ ମଙ୍ଗଳବାର ଏତଲା ଦେଇଛନ୍ତି। ପୋଲିସ ଏସଂକ୍ରାନ୍ତରେ ଏକ ମାମଲା (ନଂ.୩୦୮/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘରେ କେହି ନ ଥିବାବେଳେ ଜଣେ ଚୋର ତାଲା ଭାଙ୍ଗି ଘରେ ପଶି କଳାକନା ବୁଲାଇଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ପୋଲିସ ତାଙ୍କୁ ଧରିବାକୁ ଖୋଜାଖୋଜି ଚଳାଇଛି।

# ନାବାଳିକା ଗର୍ଭବତୀ ହେବା ଘଟଣା: ପ୍ରଶାସନର ତଦନ୍ତ ଆରମ୍ଭ

ନିଶ୍ଚିନ୍ତକୋଇଲି,୧୬।୭ (ଅଶୋକ କୁମାର ମହାପାତ୍ର):

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ୧୫ ବର୍ଷିୟା ନାବିଳକାଙ୍କୁ ୬ ମାସର ଗର୍ଭବତୀ ହେବା ଘଟଣାରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସମ୍ପୃକ୍ତା ନାବାଳିକାଙ୍କ ବାପା କିଛି ଦିନ ତଳେ ମୃତ୍ୟୁବରଣ କରିଛନ୍ତି। ସେ ତାଙ୍କର ବିଧବା ମା'ଙ୍କ ସହ ରହି ଆସୁଛନ୍ତି। ସମ୍ପୃକ୍ତା ନାବାଳିକାଙ୍କୁ କୌଣସି ବ୍ୟକ୍ତି ବିବାହ ପ୍ରଲୋଭନ ଦେଖାଇ ଗର୍ଭବତୀ କରିଥିବା ଚର୍ଚ୍ଚା ହେଉଛି। ଅପରପକ୍ଷେ ତାଙ୍କୁ ବଳାତ୍କାର କରାଯାଇଥିବା ବିଷୟକୁ ମଧ୍ୟ ଏଡ଼ାଇ ଦିଆଯାଇ ନପ ।ରେ । ତେବେ ପୀଡିତା ଜଣକ ଲୋକ ଲଜ୍ଜାକୁ ଡରି ଏହି ଘଟଣା ସମ୍ପର୍କରେ ବାହାରେ ପରିପ୍ରକାଶ କରିପାରି ନ ଥିଲେ। ଏସମ୍ପର୍କରେ ସ୍ଥାନୀୟ ଅଙ୍ଗନୱାଡିକର୍ମୀ, ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ସତ୍ୟଭାମା ବିଶୋଇଙ୍କୁ ଅବଗତ କରାଇଥିଲେ। ସିଡିପିଓ ବିଶୋଇଙ୍କ ନିର୍ଦ୍ଦେଶ କ୍ରମେ ନାବାଳିକାଙ୍କୁ ପରୀକ୍ଷା କରାଯିବା ସେ ଗର୍ଭବତୀ ଥିବା ଜଣାପଡ଼ିଛି। ଏବେ ନାବାଳିକାଙ୍କୁ କଟକର ବସୁନ୍ଧରା ଆଶ୍ରମରେ ଆଶ୍ରୟ ଦେବାକୁ ଯୋଜନା କରାଯାଇଛି। ଏସମ୍ପର୍କରେ ସିଡିପିଓ ମହାନ୍ତି କୁହନ୍ତି ଏ ବିଷୟରେ ଜିଲା ଶିଶୁ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି। ଆଇନ ଅନୁଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗଳ କିଶୋର ଦାସ କୁହନ୍ତି ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ପରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମହିଳା ଏନ୍‌ସିସି ତରଫରୁ ବିଶ୍ୱ ଯୁବ କୌଶଳ ଦିବସ ପାଳିତ ହୋଇଯାଇଛି।



ବାଙ୍କୀର ପ୍ରକୃତିବନ୍ଧୁ ସଂଗଠନ ଓ ପଟନୀର ମା'ଜୟମଙ୍ଗଳା ପଟ୍ଟଚିତ୍ର କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

## ସଂକ୍ଷେପରେ

### କାର୍ ଧକ୍କାରେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ

**ଝାଁଳା,୧୬।୭(ବୁଲା ବାରିକ):** ୧୬ନଂ. ଜାତୀୟ ରାଜପଥର ଝାଁଳା ଓଭରବ୍ରିଜ ଉପରେ ମଙ୍ଗଳବାର କାର୍ ଧକ୍କାରେ ଜଣେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳର କାଳନ୍ଦୀ ଚରଣ



ମହାପାତ୍ର। ଜଟଣୀ ବ୍ଲକ ଦେଉଳିଆ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ମଦନପୁର ଗ୍ରାମରେ ଭଡ଼ାରେ ରହୁଥିଲେ। ସୂଚନା ମୁତାବକ, ଜଟଣୀ ପିଏନ୍ ହାଇସ୍କୁଲରେ କାଳନ୍ଦୀ ଚରଣଙ୍କ ସ୍ମାର୍ଟ କ୍ଲାସ ନେଇ ଏକ ଟ୍ରେନିଂ ଚାଲିଥିଲା। ଅପରାହ୍ନ ୪ଟାରେ ଟ୍ରେନିଂ ସାରି ସେ ବାଇକ୍‌ରେ ମଦନପୁର ଫେରୁଥିଲେ। ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାର୍ ଝାଁଳା ଓଭରବ୍ରିଜ ଉପରେ କାଳନ୍ଦୀଙ୍କ ବାଇକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ଫଳରେ କାଳନ୍ଦୀ ଗାଡିରୁ ଛିଟିକି ତଳେ ପଡିଥିଲେ। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପୋଲିସ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା କାର୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। କାଳନ୍ଦୀଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶିକ୍ଷକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

### ୨୨ରୁ ପାଳନ ହେବ ଶିକ୍ଷା ସପ୍ତାହ

**ଭୁବନେଶ୍ୱର, ୧୬।୭(ଅସମାପିକା ସାହୁ):** ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଆସନ୍ତା ୨୨ରୁ ୨୮ତାରିଖ ପର୍ଯ୍ୟନ୍ତ ଶିକ୍ଷା ସପ୍ତାହ ପାଳନ ହେବ। ଏ ନେଇ ଓସେପା ପକ୍ଷରୁ ଚିଠି କରାଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ର ଚତୁର୍ଥ ବାର୍ଷିକୀ ଅବସରରେ ଏହା ପାଳନ କରାଯିବ। ଶିକ୍ଷାର୍ଥୀ, ଶିକ୍ଷାବିତ୍, ନୀତି ପ୍ରଣେତା ଓ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ସହଯୋଗିତା ଏବଂ ନୂତନତ୍ୱ ଭାବନା ବୃଦ୍ଧି କରିବା ଶିକ୍ଷା ସପ୍ତାହର ପ୍ରମୁଖ ଉଦ୍ଦେଶ୍ୟ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ, ଶିକ୍ଷକମାନଙ୍କୁ ଉତ୍ସାହିତ କରିବା ପାଇଁ ୨୨ ତାରିଖରେ ଟିଏଲ୍ଏମ୍ ବା ଶିକ୍ଷକ ଶିକ୍ଷା ସାମଗ୍ରୀ ଦିବସ ପାଳନ କରାଯିବ। ସେହିପରି ୨୩ ତାରିଖରେ ଏଫ୍ଏଲ୍ଏନ୍ ଦିବସ ବା ଏଫ୍ଏଲ୍ଏନ୍ ମିଶନକୁ ସଫଳ କରିବା ପାଇଁ ସଚେତନ କରାଯିବ। ସେହିଭଳି ୨୪ରେ ଖେଳ ଦିବସ ବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ୨୫ରେ ପିଲାଙ୍କ ମଧ୍ୟରେ ଏକତା ଓ ବିବିଧତା ରକ୍ଷା କରିବା ପାଇଁ ସାଂସ୍କୃତିକ ଦିବସ, ୨୬ରେ ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ ଓ ୨୭ରେ ପୋଷଣ ଦିବସ ପାଳନ ହେବ। ୨୮ତାରିଖରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଚାରାରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ବିନା ଅଗ୍ନି ନିରାପତ୍ତାରେ ଚାଲିଛି ଘରୋଇ ଚିକିତ୍ସାଳୟ

**ଖୋର୍ଦ୍ଧା,୧୬।୭(ପ୍ରଭାତ ପାଣିଗ୍ରାହୀ)**

- ଡିଏଚ୍‌ଏଚ୍‌ରେ ଅଗ୍ନି ନିରାପତ୍ତା ଯଥେଷ୍ଟ ନୁହେଁ
- ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର ପାଇଁ ରିପୋର୍ଟ ଦିଆଯାଇଛି

ଖୋର୍ଦ୍ଧା ଜିଲାର ବିଭିନ୍ନ ଘରୋଇ କ୍ଲିନିକ, ଚିକିତ୍ସାଳୟ, ଡାଇଗ୍ନୋଷ୍ଟିକ କେନ୍ଦ୍ରରେ ଫାୟାର ସେଫ୍ଟି ସୁବିଧା ନ ଥିବା ଜଣାପଡିଛି। ଘରୋଇ ଚିକିତ୍ସାଳୟ ଖୋଲିବା ପାଇଁ ଡିଏମ୍ଇଟି ଗାଇଡ୍‌ଲାଇନ ଅନୁସାରେ ଫାୟାର ସେଫ୍ଟି ପ୍ରମାଣପତ୍ର ବାଧ୍ୟତାମୂଳକ ରହିଛି। ତେବେ ବିନା ଅଗ୍ନିଶମ ବିଭାଗ ଅନୁମୋଦନରେ ଖୋର୍ଦ୍ଧାରେ ଛତୁ ଫୁଟିବା ଭଳି ଘରୋଇ ଚିକିତ୍ସାଳୟ ଚାଲିଛି। କୌଣସି ଅଘଟଣ ଘଟିଲେ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ଫାୟାର ସେଫ୍ଟି ବ୍ୟବସ୍ଥା ସନ୍ତୋଷଜନକ ନୁହଁ। କୋଠା ପରେ କୋଠା ନିର୍ମାଣ ଚାଲିଥିବା ବେଳେ ଡିଏଚ୍‌ଏଚ୍‌ରେ ଫାୟାର ସେଫ୍ଟି ଉପରେ ସେଭଳି ଗୁରୁତ୍ୱ ଦିଆଯାଉନାହିଁ ବୋଲି ଖୋର୍ଦ୍ଧା ଜନଜାଗରଣ ମଞ୍ଚ ଆବାହକ ରଣଜିତ ମହାପାତ୍ର କହିଛନ୍ତି। ଏଠାରେ କେବଳ ଫାୟାର ସିଲିଣ୍ଡର ରଖାଯାଇଛି। ଅଧିକାଂଶ ସମୟ ଅବଧି ସରିଯାଇଥିବା ବେଳେ ଏହାକୁ ନିୟମିତ ସମୟରେ ପରିବର୍ତ୍ତନ କରାଯାଉନାହିଁ। କୌଣସି ମୁହୂର୍ତ୍ତରେ ଅଘଟଣ ଘଟିଲେ ଏହା କାର୍ଯ୍ୟକ୍ଷମ ହେବ କି ନାହିଁ ସନ୍ଦେହ ଉପୁଜୁଛି। ମେଡିକାଲରେ ଦୈନିକ ଶହ ଶହ ରୋଗୀ ଚିକିତ୍ସିତ ହେଉଛନ୍ତି। ଏମ୍‌ସିଏଚରେ ଶିଶୁ ୱାର୍ଡ, ଏସ୍ଏନ୍‌ସିୟୁ, ପ୍ରସୂତି ୱାର୍ଡ ଆଦି ରହିଥିବା ବେଳେ ୩ ମହଲା ବିଶିଷ୍ଟ ମାତୃମଙ୍ଗଳ କେନ୍ଦ୍ର ଫାୟାର ସେଫ୍ଟି ବ୍ୟବସ୍ଥା ସନ୍ତୋଷଜନକ ନୁହଁ ବୋଲି ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି। ଏ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ମୀନକେତନ ବେହେରା କହିଛନ୍ତି, ଖୋର୍ଦ୍ଧାରେ କେବଳ ନ୍ୟୁ ଆରୋଗ୍ୟ ହସ୍ପିଟାଲକୁ ଫାୟାର ସେଫ୍ଟି ପ୍ରମାଣପତ୍ର ଦିଆଯାଇଥିବା ବେଳେ ଅନ୍ୟ କୌଣସି ଘରୋଇ ହସ୍ପିଟାଲକୁ ଦିଆଯାଇନାହିଁ। ଏଥିଲାଗି ଅନ୍‌ଲାଇନ ଆବେଦନ କରିବାକୁ ପଡ଼େ। ପରେ ଯାଞ୍ଚ କରାଯାଇ ଅନୁମତି ଦିଆଯାଇଥାଏ। ଦେଢ଼ମାସ ତଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ଯାଞ୍ଚ କରାଯାଇ ଏକ ରିପୋର୍ଟ ସିଡିଏମ୍‌ଓଙ୍କୁ ଦିଆଯାଇଛି। ଅତ୍ୟାବଶ୍ୟକ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହୃତ ପାଇଁ ସବିଶେଷ ରିପୋର୍ଟ ଦିଆଯାଇଛି। ଡିଏଚ୍‌ଏଚ୍ ପାଇଁ ଏହା ଆବଶ୍ୟକ ରହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଏନେଇ ସିଡିଏମଓ ରାଜଶ୍ରୀ ପଟ୍ଟନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।




ମହାପ୍ରଭୁଙ୍କ ସୁନାବେଶ ଉପଲକ୍ଷେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

## ୩ଜଣ ପାଇଲେ 'ପରିପୂର୍ଣ୍ଣା ସମ୍ମାନ'

**ଭୁବନେଶ୍ୱର,୧୬।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ୮ମ ନୃତ୍ୟ ସମାରୋହ 'ପରିପୂର୍ଣ୍ଣା – ୨୦୨୪' ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଆରମ୍ଭ ହୋଇଛି। ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ଯୁଗ୍ମ ସମ୍ପାଦକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକା ଶୈଳଭାମା ମିଶ୍ର, ମାଲେସିଆରୁ ଆସିଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ ଗୀତା ଶଙ୍କରନ ଏବଂ ବରିଷ୍ଠ ଅଭିନେତ୍ରୀ ବନ୍ଦନା ମହାନ୍ତିଙ୍କୁ 'ପରିପୂର୍ଣ୍ଣା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଗୁରୁ ଦେବପ୍ରସାଦ ଦାସଙ୍କ କନ୍ୟା ବିପଞ୍ଚି ଦାସଙ୍କ ଏକକ ନୃତ୍ୟ 'ମିଳନ'ରୁ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରାଧାକୃଷ୍ଣଙ୍କ ଶାଶ୍ୱତ ପ୍ରେମକୁ ସେ ବେଶ୍ ଜୀବନ୍ତ ଭାବେ ପ୍ରଦର୍ଶନ କରିଥିଲେ। ପରେ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ଗୁରୁ ଗୀତା ଶଙ୍କରନ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଏହାପରେ ସୁଶ୍ରୀ ଅରୁଣିମା ଆଚାର୍ଯ୍ୟ ଓ ଜ୍ୟୋତିର୍ମୟୀ ଦାସ ଓଡ଼ିଶୀ ନୃତ୍ୟାଭିନୟ କରିଥିଲେ। ଶେଷ ପରିବେଷଣ ଥିଲା ବର୍ଷା ମୋହିନୀଙ୍କ ଓଡ଼ିଶୀ ନୃତ୍ୟାଭିନୟ, ଯାହା ଦର୍ଶକଙ୍କ ମନକୁ ବେଶ୍ ଛୁଇଁପାରିଥିଲା। ଫାଉଣ୍ଡେଶନ ଉପସଭାପତି ନମ୍ରତା ଚଢ଼ା, ସିନେ ଅଭିନେତା ତଥା ନୃତ୍ୟାଙ୍ଗନା ସଙ୍ଗୀତା ଦାସ, ଉପଦେଷ୍ଟା ଡ. ଆଶିଷ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ। ସଭାପତି ଗୋପାଳ କୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## 'ଓଡ଼ିଆ ପଦାବଳୀ ସାହିତ୍ୟରେ ଶ୍ରୀଚୈତନ୍ୟ' ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା,୧୬।୭(ପ୍ରଭାତ ପାଣିଗ୍ରାହୀ)**

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀଚୈତନ୍ୟ ବିହାରଠାରେ 'ଓଡ଼ିଆ ପଦାବଳୀ ସାହିତ୍ୟରେ ଶ୍ରୀଚେତନ୍ୟ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗବେଷକ ଜନାକୀ ବଲ୍ଲଭ ପଟ୍ଟନାୟକ କହିଥିଲେ, ଶ୍ରୀଜୟଦେବ ପ୍ରଥମେ ସଂସ୍କୃତ ଗୀତ ଗୋବିନ୍ଦରେ କୋମଳ କାନ୍ତ ପଦାବଳୀ ରଚନା କରିବା ପରେ ରାୟ ରାମାନନ୍ଦ ଓ ପରେ ତାଙ୍କୁ ଅନୁସରଣ କରି ଅନ୍ୟ କବିମାନେ ପ୍ରାୟତଃ ବ୍ରଜବୋଲି ଏବଂ ଓଡିଆ ଭାଷାରେ ଭକ୍ତି ପଦାବଳୀମାନ ରଚନା କରିଥିଲେ। ଏହି ଆଲୋଚନାଚକ୍ରରେ ଶ୍ରୀଭକ୍ତି ଦୟିତ ବୋଧାୟନ ମହାରାଜ, ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଅନନ୍ତ ହରି ଦାସ, ଶିକ୍ଷାବିତ୍ ଜଗଦୀଶ ପଟ୍ଟନାୟକ, ଯୋଗେଶ୍ୱର ସିଂହ, ସନ୍ତୋଷୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆସୋସିଏଶନ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ଆଲୋଚନାଚକ୍ରରେ ସଂଯୋଜନା କରିଥିବା ବେଳେ ବ୍ରଜ ବାବା ଧନ୍ୟବାଦ ଦେଇଥିଲେ।

## ଚକ୍ରଧର ବେହେରା ଜଣେ ସ୍ୱର୍ଦ୍ଧିତ ଅନନ୍ୟ ବ୍ୟକ୍ତିତ୍ୱ



ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

**ଭୁବନେଶ୍ୱର,୧୬।୭(ଶର୍ମିଷ୍ଠା ପାଣିଗ୍ରାହୀ)**

**ରାଜ୍ୟସ୍ତରୀୟ ଜୟନ୍ତୀ**

କନିକା ପ୍ରଜା ଆନ୍ଦୋଳନର ମହାନାୟକ ଚକ୍ରଧର ବେହେରା ଥିଲେ ଜଣେ ସ୍ୱର୍ଦ୍ଧିତ ତଥା ଅନନ୍ୟ ବ୍ୟକ୍ତିତ୍ୱ। ସଂଗ୍ରାମୀ ବାମଦେବ ପାଇଯୋଶୀ ଚକ୍ରଧର ବେହେରାଙ୍କ ଆଦର୍ଶ ଥିଲେ । କନିକା ପ୍ରଜା ଆନ୍ଦୋଳନ ପାଇଁ କେବଳ ଚକ୍ରଧର ନୁହନ୍ତି, ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ କାରାବରଣ କରିଥିଲେ । ତାଙ୍କ ଜୀବନର ଅନାଲୋଚିତ ଦିଗଗୁଡିକୁ ଲୋକଲୋଚନକୁ ଆଣିବା ଆମମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । ଏଣୁ ଚକ୍ରଧର ବେହେରାଙ୍କ ଜୀବନୀ ଉପରେ ଅଧିକ ଗବେଷଣା କରି ତାଙ୍କ ଆଦର୍ଶ ଓ କର୍ମମୟ ଜୀବନକୁ ଉତ୍ତରପିଢ଼ିଙ୍କ ନିକଟରେ ପହଞ୍ଚାଯାଇପାରିଲେ ତାହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଡ. ଗୌରହରି ଦାସ କହିଲେ, ଚକ୍ରଧର ବେହେରା ଥିଲେ କନିକାର ସୂର୍ଯ୍ୟ । କନିକା ମାଟି ଆଜି ବି ତାଙ୍କୁ ଖୁଜୁଛି। ତାଙ୍କ ନେତୃତ୍ୱରେ ପାଞ୍ଚମୂକାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସେ ଜଣେ ସଚ୍ଚା ଦେଶପ୍ରେମୀ, ନିଃସ୍ୱାର୍ଥପର ଦେଶସେବକ ଓ ସ୍ୱାଧୀନତାର ପୂଜାରୀ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ଦେଇ କହିଲେ, ଚକ୍ରଧର ବେହେରା ଥିଲେ ଜଣେ କ୍ରାନ୍ତିପୁରୁଷ। କନିକା ଜନଆନ୍ଦୋଳନକୁ ସେ ସାମାଜିକ କ୍ରାନ୍ତିରେ ପରିଣତ କରିଥିଲେ। ସଙ୍ଗୀତଜ୍ଞ ସିତାଂଶୁ ରାଉତ ଏବଂ ସାଥୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଚକ୍ରଧର ବେହେରାଙ୍କ ନାତି ପ୍ରଭାକର ପରିଡ଼ା ଉତ୍ତରୀୟ ଦେଇ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ସକାଳେ ରାଜଭବନସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ବୃଦ୍ଧଙ୍କୁ ଖଣ୍ଡାରେ ହାଣି ହତ୍ୟା

**କଣ୍ଟାପଡା, ୧୬।୭(ସୁରନାରାୟଣ ସାହୁ)**

କଟକ ଜିଲା ଓଲଟପୁର ଥାନା ଅଧୀନ ସଲେଇ ବେଦପୁର(୨) ଗ୍ରାମରେ ସୋମବାର ରାତିରେ ଜଣେ ବୃଦ୍ଧଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଉକ୍ତ ଗ୍ରାମର ବନ୍ଧୁ ଦାସ(୬୦)। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ ମୃତକଙ୍କ ପରିବାର ସଦସ୍ୟଙ୍କ ସମେତ ଗ୍ରାମବାସୀ ଫୁଲନଖରା-ନିଆଳି ରାସ୍ତାର ସଲେଇ ନିକଟରେ ମଙ୍ଗଳବାର ରାସ୍ତା ଅବରୋଧ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୮ଟାରେ ଉକ୍ତ ଗ୍ରାମର ବନ୍ଧୁ ଦାସ ଓ କୈଳାସ ଚନ୍ଦ୍ର ମୁଦୁଲି(୪୫)ଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ନେଇଥିଲା। କୈଳାସ ଉତ୍କ୍ଷିପ୍ତ ହୋଇ ନିଜ ଘରୁ ଏକ ଖଣ୍ଡା ଆଣି ବନ୍ଧୁଙ୍କ କାନମୁଣ୍ଡାକୁ ଚୋଟ ପକାଇଥିଲେ। ଫଳରେ ରକ୍ତସ୍ରାବ ହେବାରୁ ସେ ଅଚେତ ହୋଇପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅପରପକ୍ଷରେ ହତ୍ୟା ଘଟଣା ଜଣାପଡିବା ପରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ରାତି ୮ଟାରେ ତହସିଲଦାର ପ୍ରସନ୍ନ ସାମନ୍ତରାୟ ପହଞ୍ଚି ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ଦେବାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ସମ୍ଭାଷଣଯୁକ୍ତ ପ୍ରଦର୍ଶନ ନାଟ୍ୟ କର୍ମଶାଳା ଆରମ୍ଭ

**ଭୁବନେଶ୍ୱର,୧୬।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ମଙ୍ଗଳବାର ଉତ୍କଳ ରଙ୍ଗମଞ୍ଚଠାରେ ସମ୍ଭାଷଣଯୁକ୍ତ ପ୍ରଦର୍ଶନ ନାଟ୍ୟ କର୍ମଶାଳା ଆରମ୍ଭ ହୋଇଛି। ଏହାକୁ ଉଦ୍‌ଘାଟନ କରି ଦୁଇ ବିଶିଷ୍ଟ ନାଟ୍ୟବିତ୍ ନିଜ ଅନୁଭୂତି ଓ ଅଭିଜ୍ଞତାକୁ ପ୍ରଶିକ୍ଷାର୍ଥୀଙ୍କ ଆଗରେ ବାଣ୍ଟିଥିଲେ। ପ୍ରଥମେ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା(ଏନ୍ଏସ୍‌ଡି)ର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ ନିର୍ଦ୍ଦେଶନା ଉପରେ ମାଷ୍ଟରକ୍ଲାସ୍ ନେଇଥିଲେ। ଏହାପରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସତ୍ୟବ୍ରତ ରାଉତ ଦୁଇଟି ଅଧିବେଶନରେ ନାଟ୍ୟ କଳା ଓ ନିର୍ଦ୍ଦେଶନା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସଂସ୍କୃତି ଯୁଗ୍ମ ନିର୍ଦ୍ଦେଶକ ତଥା ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ ରାୟ ଓ ଏକାଡେମୀ ସଚିବ ପ୍ରବୋଧ ରଥ ଉପସ୍ଥିତ ଥିଲେ । ପରିଚାଳନା କରିଥିଲେ କର୍ମଶାଳା ସଂଯୋଜକ ତଥା ନାଟ୍ୟ ନିର୍ଦ୍ଦେଶକ ଦେବାନନ୍ଦ ସୋନୀ। ଏହି ସ୍ୱତନ୍ତ୍ର ନାଟ୍ୟ କର୍ମଶାଳାରେ ଉଭୟ ପ୍ରାକ୍ଟିକାଲ ଓ ଥିଓରି ପଢ଼ାଯାଉଛି। ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ।

# 'ରାଜନୀତିରେ ସୁରେନ୍ଦ୍ରନାଥ ନାୟକ ଥିଲେ ପ୍ରମୁଖ ସ୍ତମ୍ଭ'

**ଅସ୍ତରଙ୍ଗ,୧୬।୭**
**(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**

ଓଡ଼ିଶା ରାଜନୀତିରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ ଥିଲେ ଏକ ପ୍ରମୁଖ ସ୍ତମ୍ଭ। ତାଙ୍କ ଆବର୍ତ୍ତମାନ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ସେ ମନ୍ତ୍ରୀ ଓ ବିଧାୟକ ଭାବେ କାକଟପୁର ବିଧାନସଭା ଅଞ୍ଚଳରେ ବହୁ ବିକାଶମୂଳକ କାର୍ଯ୍ୟ କରିଯାଇଛନ୍ତି, ଯାହା ତାଙ୍କୁ ଲୋକଙ୍କ ହୃଦୟରେ ଅମର କରି ରଖିବ ବୋଲି ଅତିଥିମାନେ କହିଛନ୍ତି। ମଙ୍ଗଳବାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ ବାଲିଯାତ୍ରା ପଡ଼ିଆରେ ସ୍ୱର୍ଗତ ନାୟକଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟପାଳ ରଘୁବର ଦାସ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ ସହ ଏହା ମତବ୍ୟକ୍ତ କରିଛନ୍ତି। ସଭାରେ ବୈଦିକ ଆଚାର୍ଯ୍ୟ ପ୍ରବୀର କୁମାର ଦାଶ, ଶିବ ପ୍ରସାଦ ନନ୍ଦ, ଶଶୀ ଭୂଷଣ ତ୍ରିପାଠୀ, ସୋମନାଥ ମହାପାତ୍ର, ଭଗବାନ ପରିଚ୍ଛା, ଆଲୋକ ଦାଶ, ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଭଗବଦ୍ ଗୀତା ଆବୃତ୍ତି କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାମଞ୍ଚରେ 'ସ୍ମୃତିର ଶାମୁକା-ସେବାର ସାରଥି' ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଥିଲେ, ମୁଁ ଏହି ମହାନ ମଣିଷଙ୍କୁ ଦେଖିନାହିଁ। କିନ୍ତୁ ଏତିକି ଜାଣିଛି, ସୁରେନ୍ଦ୍ର ବାବୁ ସର୍ବଦା ଜନତାଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେ ଜଣେ ଜନପ୍ରିୟ ନେତା ଥିଲେ। ୧୯୬୦ରେ ପଞ୍ଚାୟତ ଅଧକ୍ଷ ଭାବେ ରାଜନୀତି ଜୀବନ ଆରମ୍ଭ କରିଥିଲେ। ପରେ ତାଙ୍କ ଦକ୍ଷତା ବଳରେ ବିଧାୟକ ଓ ମନ୍ତ୍ରୀ ହୋଇପାରିଥିଲେ। ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନ୍‌ଗୋ, ଅମିୟ ପଟ୍ଟନାୟକ, ରୁଦ୍ରପ୍ରତାପ ମହାରଥୀ ପ୍ରମୁଖ ଯୋଗଦେଇଥିଲେ।



**ସ୍ମରଣିକା 'ସ୍ମୃତିର ଶାମୁକା-ସେବାର ସାରଥି' ଉନ୍ମୋଚିତ**

# ସୁନାବେଶ ପାଇଁ ଟ୍ରାଫିକ୍ କଟକଣା

**କଟକ,୧୬।୭ (କାର୍ତ୍ତିକ ସାହୁ)**

- ମାଳତୀପାଟପୁରରେ ରହିବ ଟୁରିଷ୍ଟ ବସ୍
- ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ନିୟମିତ ବସ୍
- ବସ୍‌ରୁ ଓହ୍ଲାଇ ଅଟୋରେ ଯିବେ ଯାତ୍ରୀ

ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ପ୍ରମୁଖ ଆକର୍ଷଣ ସୁନାବେଶ ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଗାଡ଼ି ଚଳାଚଳ ନିମନ୍ତେ କଟକଣା ଜାରି କରାଯାଇଛି। ଭୁବନେଶ୍ୱର ପାର୍ଶ୍ୱରୁ ପୁରୀ ଯାଉଥିବା ରିଜର୍ଭ ଓ ଟୁରିଷ୍ଟ ବସ୍‌ଗୁଡ଼ିକ ମାଳତୀପାଟପୁର ବସ୍ ଷ୍ଟାଣ୍ଡରେ ରହିବ। ସେଗୁଡ଼ିକ ସତ୍ୟବାଦୀ, ପିପିଲି ଓ ଉତ୍ତରା ଦେଇ ପ୍ରତ୍ୟାବର୍ତ୍ତନ କରିବ। କୋଣାର୍କ ପାର୍ଶ୍ୱରୁ ଯାଉଥିବା ରିଜର୍ଭ ଓ ଟୁରିଷ୍ଟ ବସ୍‌ଗୁଡ଼ିକ ନାଗପାଟଣା ପାର୍କିଂରେ ରହିବ ଓ ସେଠାରୁ ଆସିଥିବା ଦିଗରେ ପ୍ରତ୍ୟାବର୍ତ୍ତନ କରିବ। ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ରିଜର୍ଭ ଓ ଟୁରିଷ୍ଟ ବସ୍ ମଙ୍ଗଳାଘାଟ ନିକଟ ଫ୍ଲୋରିସ୍ ଇଣ୍ଡିଆ ପର୍ଯ୍ୟନ୍ତ ଆସିବେ ଓ ସେଠାରୁ ପ୍ରତ୍ୟାବର୍ତ୍ତନ କରିବ।

ନିୟମିତ ଚଳାଚଳ କରୁଥିବା ଯାତ୍ରୀବାହୀ ବସ୍, କ୍ୟାଣ୍ଟର, ମୋ ବସ୍ ଏବଂ ଓଏସ୍ଆର୍‌ଟିସି ବସ୍‌ଗୁଡ଼ିକ ପୁରୀ ମ୍ୟୁନିସିପାଲିଟି ବସ୍‌ଷ୍ଟାଣ୍ଡକୁ ଆସିବା ପାଇଁ ଅନୁମତି ନାହିଁ। ଭୁବନେଶ୍ୱର ଓ ବ୍ରହ୍ମଗିରି ପାର୍ଶ୍ୱରୁ ଯାଉଥିବା ଏ ସମସ୍ତ ବସ୍ ମାଳତୀପାଟପୁର, ବୈଦୋସନଗର ଛକ, ଗ୍ରୀଡ୍ ଷ୍ଟେଶନ ଛକ ଓ ଭୂଦାନ ଛକ ଦେଇ ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିବ। ନିୟମିତ ଚଳାଚଳ କରୁଥିବା ବସ୍‌ଗୁଡ଼ିକ ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରୁ ସେଣ୍ଟ୍ରାଲ ସ୍କୁଲ ଛକ, ଭୂଦାନ ଛକ, ଗ୍ରୀଡ୍ ଷ୍ଟେଶନ ଛକ, ବାଲିଘାଟ, ଗୋପାଳପୁର, ସମଙ୍ଗରା ଗ୍ରାମ, ବୀରହରେକୃଷ୍ଣପୁର ବଜାର ଓ ବାଟଗାଁ ଦେଇ ୩୧୬ ଜାତୀୟ ରାଜପଥରେ ପ୍ରତ୍ୟାବର୍ତ୍ତନ କରିବ। କୋଣାର୍କ ପାର୍ଶ୍ୱରୁ ଆସୁଥିବା ଯାତ୍ରୀବାହୀ ବସ୍ ଗ୍ରୀଡ୍ ଷ୍ଟେଶନ କ୍ରସିଂ ନିକଟରୁ ତାଳବଣିଆ ପାର୍କିଂସ୍ଥଳକୁ ଯିବ ଓ ସେଠାରୁ ସମାନ ରାସ୍ତାରେ ଫେରିବ।

ବିନା ପାସ୍‌ରେ ୩୧୬ ଜାତୀୟ ରାଜପଥରେ ପୁରୀ ଯାଉଥିବା ହାଲୁକା ଯାନଗୁଡ଼ିକ ମାଳତୀପାଟପୁରଠାରୁ ବୁଲି ପାର୍କିଂସ୍ଥଳ ୟୁନିଭର୍ସିଟି କ୍ୟାମ୍ପସ୍, ଆଇଟିଆଇ ପାର୍କିଂ, ହେଲିପ୍ୟାଡ୍, ଇନ୍‌ଡୋର ଷ୍ଟାଡିୟମ, ମାଛ ମାର୍କେଟ, ହର୍ଟିକଲଚର ପାର୍କ ଅଭିମୁଖେ ଗତି କରିବ। ପାର୍କିଂସ୍ଥଳଗୁଡ଼ିକ କ୍ରମାନ୍ୱୟରେ ପୂର୍ଣ୍ଣ କରାଯିବ। ଅପରପକ୍ଷରେ ଜାତୀୟ ରାଜପଥରେ ପାସ୍ ସହିତ ଯାଉଥିବା ହାଲୁକା ଯାନଗୁଡ଼ିକ ବାଟଗାଁ ନିକଟରେ ବୁଲି ଶ୍ରୀ ସେତୁ ଦେଇ ଜେବିପିସି ପାର୍କିଂରେ ରହିବ। ଉକ୍ତ ପାର୍କିଂ ପୂର୍ଣ୍ଣ ହେବା ପରେ ମଙ୍ଗଳାଘାଟର ଗଦାଧର ହାଇସ୍କୁଲ ପାର୍କିଂ, ଷ୍ଟେରଲିନ୍ ଛକ, କୋ-କୋପାଲମ, ବୃଷଭ ଛକ ପାର୍କିଂ, ଯାତ୍ରିକା ପାର୍କିଂ ଓ ନାଲି ପଡ଼ିଆରେ ଗାଡ଼ିଗୁଡ଼ିକ ରହିବ। ପୁଣି ସେଗୁଡ଼ିକ ସମାନ ରାସ୍ତାରେ ଫେରିବ।

ଅପରପକ୍ଷରେ ମୃତଦେହ ନେଇ ଯାଉଥିବା ଯାନ ସହ କେବଳ ଗୋଟିଏ ଗାଡ଼ିକୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଯିବାକୁ ଅନୁମତି ମିଳିବ। ବ୍ରହ୍ମଗିରି ଓ ଭୁବନେଶ୍ୱର ପାର୍ଶ୍ୱରୁ ଯାଉଥିବା ଦୁଇ ଚକିଆ ଯାନଗୁଡ଼ିକ ମାଳତୀପାଟପୁର, ବାଟଗାଁ, ଶ୍ରୀସେତୁ ଓ ଦେବୀଘାଟ ଦେଇ ପୁରୁଣା ଜେବିପିସି ପାର୍କିଂରେ ରହିବ। ଏହି ପାର୍କିଂ ପୂର୍ଣ୍ଣ ହେବା ପରେ ମାଟିତୋଟାଠାରେ ଦୁଇଚକିଆ ଯାନଗୁଡ଼ିକ ରହିବ। ପୁରୁଣା ଜେବିପିସି ପାର୍କିଂରୁ ଦୁଇଚକିଆ ଗାଡ଼ିଗୁଡ଼ିକ ଜଟିଆ ବାବା ଛକ, କୁମ୍ଭାରପଡ଼ା ଥାନା, ଅଠରନଳା, ଚାରିନଳା, ବାଟଗାଁ ଦେଇ ପ୍ରତ୍ୟାବର୍ତ୍ତନ କରିବ। କୋଣାର୍କ ପାର୍ଶ୍ୱରୁ ଯାଉଥିବା ଦୁଇଚକିଆ ଗାଡ଼ି ଗ୍ରୀଡ୍ ଷ୍ଟେଶନ, ସିଟି ରୋଡ୍ ଓ ସୁଭାଷ ବୋଷ ଛକ ଦେଇ ବ୍ଲୁ ଫ୍ଲାଗ୍ ବିଚ୍ ପାର୍କିଂରେ ରହିବ। ଏହା ପୂର୍ଣ୍ଣ ହେବା ପରେ ହୋଟେଲ ନୀଳାଚଳ ଅଶୋକ ପାର୍କିଂ ଓ ହଲିଡେ ରିସର୍ଟ ପାର୍କିଂରେ ଗାଡ଼ିଗୁଡ଼ିକ ରହିବ।

ତାଳବଣିଆଠାରୁ ସଦର ବ୍ଲକ ଅଫିସ, ଓଡ଼ିଶା ବେକେରି ଛକ ଦେଇ ରାମମନ୍ଦିର ଛକ ଦିଗରେ ସମସ୍ତ ଅଟୋ ଯିବ। ମାତ୍ର ସେଗୁଡ଼ିକ ରାମମନ୍ଦିର ଛକରୁ ଶ୍ରୀକ୍ଷେତ୍ର କଲୋନୀ ଓ ମଙ୍ଗଳା ମନ୍ଦିର ଦେଇ ତାଳବଣିଆ ଆସିବ। ସେହିପରି ମାଳତୀପାଟପୁର ବସ୍‌ଷ୍ଟାଣ୍ଡରୁ ଅଠରନଳାକୁ ଅଟୋରିକ୍ସା ଯାତାୟାତ କରିବ। ଏଥିସହ ସୁଭାଷ ବୋଷ ଛକରୁ ଲାଇଟ୍ ହାଉସ୍ ଛକ ଯାଏ ବସ୍ ଯାତାୟାତ ଉଭୟ ଦିଗରେ ହେବ ବୋଲି ସୂଚନା ଦିଆଯାଇଛି।

**ରଥରେ ମୋବାଇଲ ବ୍ୟବହାର ନେଇ ଏତଲା**

ପୁରୀ,(ଅଜିତ କୁମାର ମହାନ୍ତି): ବାହୁଡ଼ା ଯାତ୍ରା ସମୟରେ ସୋମବାର ତାଳଧ୍ୱଜ ରଥ ଉପରେ ମୋବାଇଲ ଫୋନ୍ ବ୍ୟବହାର ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଜଣେ ସେବକଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଅଭିଯୋଗ ଦାଖଲ କରିଛି।ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଆଉ କେତେଜଣ ସେବକଙ୍କ ବିରୋଧରେ ମଧ ମୋବାଇଲ ବ୍ୟବହାର ନେଇ ଚିତ୍ର ଏବଂ ଭିଡିଓ ହସ୍ତଗତ ହୋଇଛି। ଏନେଇ ପର୍ଯ୍ୟାୟକ୍ରମେ ଅଭିଯୋଗ ଦାଖଲ କରାଯିବା ସହିତ ପୋଲିସ ପକ୍ଷରୁ ଚିହ୍ନଟ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ସଂକ୍ଷେପରେ

### ଘରୁ ୧୦ ଲକ୍ଷ ଟଙ୍କାର ସୁନା ଗହଣା ଲୁଟ୍

ନିମାପଡ଼ା,୧୬।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନଏସିଅଧୀନ ଶ୍ରୀରାମନଗରସ୍ଥିତ ପ୍ରଭାକର ନନ୍ଦଙ୍କ ଘରୁ ସୁନା ଗହଣା ଚୋରି ହୋଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଘରର ପଛ ପଟ ଝରକା ଭାଙ୍ଗି ଘରେ ପଶି ଲୁହା ଆଲମାରି ଭାଙ୍ଗି ୩ଟି ସୁନାହାର, ୬ ହଳ ସୁନା କାନଫୁଲ, ୮ଟି ରିଙ୍ଗ, ୪ ହଳ ସୁନାଚୁଡ଼ି, ୪ଟି ଚେନ୍, ୪ଟି ଲକେଟ ସମେତ ୧୦ ଲକ୍ଷ ଟଙ୍କାର ବହୁ ସୁନାରୁପା ଅଳଙ୍କାର ଆଦି ଲୁଟି ନେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ପୋଲିସ ଏନେଇ ୨୨୭/୨୪ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ଏହି ଚୋରି ଘଟଣା ସମ୍ପର୍କରେ ପୋଲିସକୁ କୌଣସି ସନ୍ଧାନ ମିଳିପାରି ନାହିଁ। ପୋଲିସ ପକ୍ଷରୁ ରାତି ପାଟ୍ରୋଲିଂ କଡ଼ାକଡ଼ି ଭାବେ କରାଯାଉ ନ ଥିବାରୁ ସ୍ଥାନୀୟ ଥାନା ଅଞ୍ଚଳରେ ଗତ କିଛି ଦିନ ହେଲା ଚୋରି ବୃଦ୍ଧି ପାଇବାରେ ଲାଗିଛି। ରାତି ପାଟ୍ରୋଲିଂ ଅଧିକ କଡ଼ାକଡ଼ି କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

### କନ୍‌ଷ୍ଟେବଲ ଜିତେନ୍ଦ୍ର ନାଥ ଦାସଙ୍କ ବିୟୋଗ

ଚାରିଛକ,୧୬।୭(ଶିଶିର ସ୍ୱାଇଁ)

ଚାରିଛକ ଥାନାରେ କାର୍ଯ୍ୟରତ କନ୍‌ଷ୍ଟେବଲ ଜିତେନ୍ଦ୍ର ନାଥ ଦାସ(୫୭)ଙ୍କ ଗତ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। କନେଷ୍ଟବଲ ଦାସ ନିଜ ଗ୍ରାମ ଧୀରପୁର ବାସଭବନରେ ବସିଥିବାବେଳେ ହଠାତ୍ ଦେହ ଅସୁସ୍ଥ ହୋଇ ଯନ୍ତ୍ରଣା ହୋଇଥିଲା। ପରେ ଲୋକେ ତାଙ୍କୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦାସଙ୍କ ମୃତ୍ୟୁ ଖବର ପାଇ ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଶେଷ ଦର୍ଶନ କରି ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଏଥିସହ ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁରେ ଚାରିଛକ ଥାନା, ନିମାପଡ଼ା, ଗୋପ ଥାନା ସମେତ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ମାଳତୀପାଟପୁରରେ ରହିବ ଟୁରିଷ୍ଟ ବସ୍

କଟକ,୧୬।୭ (କାର୍ତ୍ତିକ ସାହୁ)

**ସୁନାବେଶ ପାଇଁ ଟ୍ରାଫିକ୍ କଟକଣା**

- ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ନିୟମିତ ବସ୍
- ବସ୍‌ରୁ ଓହ୍ଲାଇ ଅଟୋରେ ଯିବେ ଯାତ୍ରୀ

ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ପ୍ରମୁଖ ଆକର୍ଷଣ ସୁନାବେଶ ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଗାଡ଼ି ଚଳାଚଳ ନିମନ୍ତେ କଟକଣା ଜାରି କରାଯାଇଛି। ଭୁବନେଶ୍ୱର ପାର୍ଶ୍ୱରୁ ପୁରୀ ଯାଉଥିବା ରିଜର୍ଭ ଓ ଟୁରିଷ୍ଟ ବସ୍‌ଗୁଡ଼ିକ ମାଳତୀପାଟପୁର ବସ୍ ଷ୍ଟାଣ୍ଡରେ ରହିବ। ସେଗୁଡ଼ିକ ସତ୍ୟବାଦୀ, ପିପିଲି ଓ ଉତ୍ତରା ଦେଇ ପ୍ରତ୍ୟାବର୍ତ୍ତନ କରିବ। କୋଣାର୍କ ପାର୍ଶ୍ୱରୁ ଯାଉଥିବା ରିଜର୍ଭ ଓ ଟୁରିଷ୍ଟ ବସ୍‌ଗୁଡ଼ିକ ନାଗପାଟଣା ପାର୍କିଂରେ ରହିବ ଓ ସେଠାରୁ ଆସିଥିବା ଦିଗରେ ପ୍ରତ୍ୟାବର୍ତ୍ତନ କରିବ। ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ରିଜର୍ଭ ଓ ଟୁରିଷ୍ଟ ବସ୍ ମଙ୍ଗଳାଘାଟ ନିକଟ ଫ୍ଲୋରିସ୍ ଇଣ୍ଡିଆ ପର୍ଯ୍ୟନ୍ତ ଆସିବେ ଓ ସେଠାରୁ ପ୍ରତ୍ୟାବର୍ତ୍ତନ କରିବ।

ନିୟମିତ ଚଳାଚଳ କରୁଥିବା ଯାତ୍ରୀବାହୀ ବସ୍, କ୍ୟାଣ୍ଟର, ମୋ ବସ୍ ଏବଂ ଓଏସ୍‌ଆର୍‌ଟିସି ବସ୍‌ଗୁଡ଼ିକ ପୁରୀ ମ୍ୟୁନିସିପାଲିଟି ବସ୍‌ଷ୍ଟାଣ୍ଡକୁ ଆସିବା ପାଇଁ ଅନୁମତି ନାହିଁ। ଭୁବନେଶ୍ୱର ଓ ବ୍ରହ୍ମଗିରି ପାର୍ଶ୍ୱରୁ ଯାଉଥିବା ଏ ସମସ୍ତ ବସ୍ ମାଳତୀପାଟପୁର, ବୈଦାସନଗର ଛକ, ଗ୍ରୀଡ୍ ଷ୍ଟେଶନ ଛକ ଓ ଭୂଦାନ ଛକ ଦେଇ ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିବ। ନିୟମିତ ଚଳାଚଳ କରୁଥିବା ବସ୍‌ଗୁଡ଼ିକ ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରୁ ସେଣ୍ଟ୍ରାଲ ସ୍କୁଲ ଛକ, ଭୂଦାନ ଛକ, ଗ୍ରୀଡ୍ ଷ୍ଟେଶନ ଛକ, ବାଲିଘାଟ, ଗୋପାଳପୁର, ସମଙ୍ଗରା ଗ୍ରାମ, ବୀରହରେକୃଷ୍ଣପୁର ବଜାର ଓ ବାଟଗାଁ ଦେଇ ୩୧୬ ଜାତୀୟ ରାଜପଥରେ ପ୍ରତ୍ୟାବର୍ତ୍ତନ କରିବ। କୋଣାର୍କ ପାର୍ଶ୍ୱରୁ ଆସୁଥିବା ଯାତ୍ରୀବାହୀ ବସ୍ ଗ୍ରୀଡ୍ ଷ୍ଟେଶନ କ୍ରସିଂ ନିକଟରୁ ତାଳବଣିଆ ପାର୍କିଂସ୍ଥଳକୁ ଯିବ ଓ ସେଠାରୁ ସମାନ ରାସ୍ତାରେ ଫେରିବ।

ବିନା ପାସ୍‌ରେ ୩୧୬ ଜାତୀୟ ରାଜପଥରେ ପୁରୀ ଯାଉଥିବା ହାଲୁକା ଯାନଗୁଡ଼ିକ ମାଳତୀପାଟପୁରଠାରୁ ବୁଲି ପାର୍କିଂସ୍ଥଳ ୟୁନିଭର୍ସିଟି କ୍ୟାମ୍ପସ୍, ଆଇଟିଆଇ ପାର୍କିଂ, ହେଲିପ୍ୟାଡ୍, ଇନ୍‌ଡୋର ଷ୍ଟାଡିୟମ, ମାଛ ମାର୍କେଟ, ହର୍ଟିକଲଚର ପାର୍କ ଅଭିମୁଖେ ଗତି କରିବ। ପାର୍କିଂସ୍ଥଳଗୁଡ଼ିକ କ୍ରମାନ୍ୱୟରେ ପୂର୍ଣ୍ଣ କରାଯିବ। ଅପରପକ୍ଷରେ ଜାତୀୟ ରାଜପଥରେ ପାସ୍ ସହିତ ଯାଉଥିବା ହାଲୁକା ଯାନଗୁଡ଼ିକ ବାଟଗାଁ ନିକଟରେ ବୁଲି ଶ୍ରୀ ସେତୁ ଦେଇ ଜେବିପିସି ପାର୍କିଂରେ ରହିବ। ଉକ୍ତ ପାର୍କିଂ ପୂର୍ଣ୍ଣ ହେବା ପରେ ମଙ୍ଗଳାଘାଟର ଗଦାଧର ହାଇସ୍କୁଲ ପାର୍କିଂ, ଷ୍ଟେରଲିନ୍ ଛକ, କୋ-କୋପାଲମ, ବୃଷଭ ଛକ ପାର୍କିଂ, ଯାତ୍ରିକା ପାର୍କିଂ ଓ ନାଲି ପଡ଼ିଆରେ ଗାଡ଼ିଗୁଡ଼ିକ ରହିବ। ପୁଣି ସେଗୁଡ଼ିକ ସମାନ ରାସ୍ତାରେ ଫେରିବ।

ଅପରପକ୍ଷରେ ମୃତଦେହ ନେଇ ଯାଉଥିବା ଯାନ ସହ କେବଳ ଗୋଟିଏ ଗାଡ଼ିକୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଯିବାକୁ ଅନୁମତି ମିଳିବ। ବ୍ରହ୍ମଗିରି ଓ ଭୁବନେଶ୍ୱର ପାର୍ଶ୍ୱରୁ ଯାଉଥିବା ଦୁଇ ଚକିଆ ଯାନଗୁଡ଼ିକ ମାଳତୀପାଟପୁର, ବାଟଗାଁ, ଶ୍ରୀସେତୁ ଓ ଦେବୀଘାଟ ଦେଇ ପୁରୁଣା ଜେବିପିସି ପାର୍କିଂରେ ରହିବ। ଏହି ପାର୍କିଂ ପୂର୍ଣ୍ଣ ହେବା ପରେ ମାଟିତୋଟାଠାରେ ଦୁଇଚକିଆ ଯାନଗୁଡ଼ିକ ରହିବ। ପୁରୁଣା ଜେବିପିସି ପାର୍କିଂରୁ ଦୁଇଚକିଆ ଗାଡ଼ିଗୁଡ଼ିକ ଜଟିଆ ବାବା ଛକ, କୁମ୍ଭାରପଡ଼ା ଥାନା, ଅଠରନଳା, ଚାରିନଳା, ବାଟଗାଁ ଦେଇ ପ୍ରତ୍ୟାବର୍ତ୍ତନ କରିବ। କୋଣାର୍କ ପାର୍ଶ୍ୱରୁ ଯାଉଥିବା ଦୁଇଚକିଆ ଗାଡ଼ି ଗ୍ରୀଡ୍ ଷ୍ଟେଶନ, ସିଟି ରୋଡ୍ ଓ ସୁଭାଷ ବୋଷ ଛକ ଦେଇ ବ୍ଲୁଫ୍ଲାଗ୍ ବିଚ୍ ପାର୍କିଂରେ ରହିବ। ଏହା ପୂର୍ଣ୍ଣ ହେବା ପରେ ହୋଟେଲ ନୀଳାଚଳ ଅଶୋକ ପାର୍କିଂ ଓ ହଲିଡେ ରିସର୍ଟ ପାର୍କିଂରେ ଗାଡ଼ିଗୁଡ଼ିକ ରହିବ।

ତାଳବଣିଆଠାରୁ ସଦର ବ୍ଲକ ଅଫିସ, ଓଡ଼ିଶା ବେକେରି ଛକ ଦେଇ ରାମମନ୍ଦିର ଛକ ଦିଗରେ ସମସ୍ତ ଅଟୋ ଯିବ। ମାତ୍ର ସେଗୁଡ଼ିକ ରାମମନ୍ଦିର ଛକରୁ ଶ୍ରୀକ୍ଷେତ୍ର କଲୋନୀ ଓ ମଙ୍ଗଳା ମନ୍ଦିର ଦେଇ ତାଳବଣିଆ ଆସିବ। ସେହିପରି ମାଳତୀପାଟପୁର ବସ୍‌ଷ୍ଟାଣ୍ଡରୁ ଅଠରନଳାକୁ ଅଟୋରିକ୍ସା ଯାତାୟାତ କରିବ। ଏଥିସହ ସୁଭାଷ ବୋଷ ଛକରୁ ଲାଇଟ୍ ହାଉସ୍ ଛକ ଯାଏ ବସ୍ ଯାତାୟାତ ଉଭୟ ଦିଗରେ ହେବ ବୋଲି ସୂଚନା ଦିଆଯାଇଛି।



ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବା ନେଇ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ରତ୍ନଭଣ୍ଡାର ତଦାରଖ କମିଟିର ବୈଠକ ।

# ମଙ୍ଗଳା ନଦୀ ସ୍ଥିତି ଅନୁଧ୍ୟାନ କଲେ ଉପମୁଖ୍ୟମନ୍ତ୍ରୀ

ପୁରୀ,୧୬।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଉପକଣ୍ଠ ଦେଇ ପ୍ରବାହିତ ମଙ୍ଗଳାନଦୀ ଦୂଷିତ ହୋଇଥିବା ନେଇ ଅଭିଯୋଗ ହେଇ ଆସୁଥିଲା। ଏନେଇ ପୁନଃଉଦ୍ଧାର ପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଠନ ହୋଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ୍ କରି ସମସ୍ୟା ବାବଦରେ ଜଣାଇ ସମାଧାନ ପାଇଁ ଦାବି ହୋଇଥିଲା। ଶହ ଶହ ବର୍ଷର ମଙ୍ଗଳାନଦୀ ସମ୍ପୂର୍ଣ୍ଣ ନଷ୍ଟ ହୋଇ ବ୍ୟବହାର ଅନୁପଯୁକ୍ତ ହୋଇପଡ଼ିଛି। ଏଥିଯୋଗୁ ପ୍ରାୟ ୫ ହଜାର ଲୋକ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ପୂର୍ବଭଳି ଯେପରି ମଙ୍ଗଳାନଦୀ ବ୍ୟବହାର ଉପଯୋଗୀ ହୋବା ନେଇ ଦାବି ହୋଇଥିଲା। ତେବେ ଏନେଇ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ପରିଡ଼ା ପୁରୀ ଆସି ନଦୀର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ଥିତି ଅନୁଧ୍ୟାନ କରି କହିଛନ୍ତି, ନଦୀର ପାଣି ଦୂଷିତ ହେଉଥିବା ଗ୍ରାମବାସୀଙ୍କ ଅଭିଯୋଗ ରହିଥିଲା। ତାହାକୁ ଅନୁଧ୍ୟାନ କରିବା ସହ ସ୍ଥିତି ପରଖିଲେ। ସ୍ୱେରେଜର ଟ୍ରିଟ୍‌ମେଣ୍ଟପ୍ଲାଣ୍ଟ ଦେଖିଲେ। ମହାପ୍ରଭୁଙ୍କ ସଂସ୍କୃତି ସହ ମଙ୍ଗଳାନଦୀର ସମ୍ପୃକ୍ତ ରହିଥିବା ଗ୍ରାମବାସୀ କହିଛନ୍ତି। ତେଣୁ ଉଚ୍ଚସ୍ତରୀୟ ଅଧିକାରୀ ଆସି କିପରି ସମସ୍ୟାର ସମାଧାନ ହେବ ସେନେଇ ବ୍ୟବସ୍ଥା କରାଯିବ। ନଦୀ ଯେପରି ପରିଷ୍କାର ରହିବ, ସେନେଇ ଉଭୟ ବିଭାଗର ଅଧିକାରୀଙ୍କୁ ଡାକି ଭୁବନେଶ୍ୱରଠାରେ ଏକ ବୈଠକ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

### ରାସ୍ତା ପରିଦର୍ଶନ କଲେ

ନିମାପଡ଼ା,୧୬।୭ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୂର୍ତ୍ତ ବିଭାଗ ଦ୍ୱାରା ୧୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ପିପିଲି-ନିମାପଡ଼ା ମୁଖ୍ୟ ରାସ୍ତାର ଅଲଣ୍ଡି ଛକଠାରୁ ଦୋଳବେଦୀ ଛକ ପର୍ଯ୍ୟନ୍ତ ରାସ୍ତାର ଜୟଗୁରୁ ଆଶ୍ରମ ଛକଠାରେ ମଙ୍ଗଳବାର ରାସ୍ତା କାମ ଦାରଖ କରିଛନ୍ତି। ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ଅଭିଯୋଗ ପରେ ଦ୍ୱିତୀୟ ଥର ପାଇଁ ପରିଡ଼ା ରାସ୍ତା ପରିଦର୍ଶନ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ପରିଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାଳ ହେମ୍ବ୍ରମ ଓ ସହକାରୀ ଯନ୍ତ୍ରୀ ଶକ୍ତିବ୍ରତ ଜେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ

ବଳଙ୍ଗା,୧୬।୭(କେଦାରେଶ୍ୱର ନନ୍ଦ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଳଙ୍ଗା ଥାନା ନାଲିହଣା ଛକରେ ଜଣେ ଯୁବକଙ୍କୁ ଆକ୍ରମଣ କରିବା ସହ ବାଇକ ଭଙ୍ଗାରୁଜା କରିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବଳଙ୍ଗା ତୋଟା ସାହି ଗ୍ରାମର ହେମନ୍ତ କୁମାର ମଲ୍ଲିକଙ୍କ ଅଭିଯୋଗ ଅନୁଯାୟୀ, ସେ ଗତ ଶନିବାର ରାତିରେ ଚନ୍ଦନପୁରରୁ ଘରକୁ ଫେରୁଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସତ୍ୟବାଦୀ ଥାନା ନହଳା ଗ୍ରାମର ପ୍ରମୋଦ ବେହେରା, ବୁଲୁ ବେହେରା ଓ ନଦୀରୁ ବେହେରା ମାନେ ଏକ ବାଇକ୍‌ରେ ପିଛା କରି ହେମନ୍ତଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେମାନେ ଧରିଥିବା ଖଣ୍ଡାରେ ହେମନ୍ତଙ୍କୁ ଭୟଭୀତ କରି ମାଡ଼ ମାରିବା ସହ ବାଇକ୍‌କୁ ଭାଙ୍ଗି ଦେଇଥିଲେ। ଏଥିସହ ଥାନାକୁ ଗଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# ଗାଁରେ ରୋଗୀଙ୍କୁ ଔଷଧ ବାଣ୍ଟିଲେ ସ୍ୱାସ୍ଥ୍ୟ କର୍ମଚାରୀ

ଗୋପ,୧୬।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ଖବର ଧରିତ୍ରୀ ଖବରକାଗଜରେ ସୋମବାର ପ୍ରକାଶ ପାଇଥିଲା। ଏହା ପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନ ଆଫ୍ରୋଜଙ୍କ ନିର୍ଦ୍ଦେଶରେ ୩ରୁ ଉର୍ଦ୍ଧ୍ୱ ଟିମ୍ ବିଭିନ୍ନ ଗାଁରେ ପହଞ୍ଚି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ରୋଗୀଙ୍କୁ ଭେଟି ଔଷଧ ବାଣ୍ଟିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଦୀର୍ଘ ୨ ସପ୍ତାହ ଧରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ଗାଁରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରୋଗୀମାନେ ଗୋପ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ନାଗପୁର, ଛଇତନା, ଗୋପ ସେକ୍ଟର ସହିତ ଆଉ ଅନ୍ୟ ସେକ୍ଟରଗୁଡ଼ିକରେ ଥିବା ସ୍ୱାସ୍ଥ୍ୟ ସୁପର ଭାଇଜରଙ୍କ ସହିତ ଆଶାକର୍ମୀ ପହଞ୍ଚି ଆକ୍ରାନ୍ତ ରୋଗୀଙ୍କୁ ସରକାରଙ୍କ ପକ୍ଷରୁ ଆସୁଥିବା ଔଷଧ ବଣ୍ଟନ କରିବା ସହ ଫୁଟା ପାଣି ପିଇବା, ସାବୁନ ମାରି ହାତ ଧୋଇବା ଓ ଅତ୍ୟଧିକ ଫୁଟା ପାଣି ପିଇବା ଉପରେ ସଚେତନତା ସୃଷ୍ଟି କରିଥିଲେ। ପରେ ବିଭିନ୍ନ ସ୍ଥାନରେ ମଧ ବ୍ଲିଚିଂ ପାଉଡର ପକାଇଥିବା ଜଣାପଡ଼ିଛି।



ମାଉସୀ ମା' ମନ୍ଦିରର ମୁଖ୍ୟ ପୂଜକ ବିଶ୍ୱନାଥ ମିଶ୍ର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପୋଡ଼ପିଠା ଅର୍ପଣ କରୁଛନ୍ତି ।

# ନଡ଼ାଖଣ୍ଡ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଆସୁନାହାନ୍ତି ଡାକ୍ତର

ଡେଲାଙ୍ଗ,୧୬।୭(ରଶ୍ମିରଞ୍ଜନ ପ୍ରଧାନ)

**ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଗ୍ରାମବାସୀ, ଜିଲାପାଳଙ୍କୁ ଅଭିଯୋଗ**

ଡେଲାଙ୍ଗ ବ୍ଲକ ନଡ଼ାଖଣ୍ଡ ଗ୍ରାମର ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଡାକ୍ତର ଆସୁ ନ ଥିବାବେଳେ ସ୍ଥାନୀୟ ଲୋକେ ଏବେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଡ. ଦୀପ୍ତିମୟୀ ପ୍ରଧାନ ଡାକ୍ତର ଭାବେ ନିଯୁକ୍ତ ହୋଇଥିବାବେଳେ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଆସୁନାହାନ୍ତି। ସେ ଗତ ଡିସେମ୍ବର ୨୦୨୩ଠାରୁ ଡାକ୍ତର ଭାବେ ଏଠାରେ ନିଯୁକ୍ତ ହୋଇଛନ୍ତି। କେବଳ କାୟାକଳ୍ପ କାର୍ଯ୍ୟକ୍ରମ ସମୟରେ ମାତ୍ର ଗୋଟିଏ ଦିନ ଉପକେନ୍ଦ୍ରକୁ ଆସିଥିଲେ। ଏହି ଉପକେନ୍ଦ୍ର ଚାଲିବାକୁ ଗ୍ରାମର ଏକ ଘରକୁ ଭଡ଼ାସୂତ୍ରରୁ ଦିଆଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ଟି ପଞ୍ଚାୟତର ଲୋକେ ନିର୍ଭର କରୁଥିବାବେଳେ ଡାକ୍ତର ନ ଆସିବାରୁ ସ୍ଥାନୀୟ ଲୋକେ ଡେଲାଙ୍ଗ, କଣାସ, ପୁରୀ, ପିପିଲି, ଜଟଣୀ ସମେତ ବହୁତ ଦୂରକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଉଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଅଭିଯୋଗ କରିବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏନେଇ ଗ୍ରାମବାସୀ ମୁରଲୀଧର ଭୋଳ, ବାସୁଦେବ ପ୍ରଧାନ, ପ୍ରଦୀପ ନାୟକ, ଅଶୋକ ପରିଡ଼ା ପ୍ରମୁଖ ଜିଲାପାଳଙ୍କୁ ଡାକ୍ତର ଆସୁ ନ ଥିବା ଅଭିଯୋଗ କରିଛନ୍ତି।

# ସ୍ୱର୍ଗଦ୍ୱାରରେ ଗଣ୍ଡଗୋଳ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ପୁରୀ,୧୬।୭(ଅଜିତ କୁମାର ମହାନ୍ତି)

ସୋମବାର ମଧରାତ୍ରିରେ ସ୍ୱର୍ଗଦ୍ୱାରରେ ଶବଦାହ କରିବାକୁ ଆସି କେତେଜଣ ସେବାୟତ କାର୍ଯ୍ୟରତ କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାରପିଟ୍ କରିଥିଲେ। ଏହାକୁ ନେଇ ସ୍ୱର୍ଗଦ୍ୱାରରେ କିଛି ସମୟ ପାଇଁ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା। ଏ ନେଇ ସ୍ୱର୍ଗଦ୍ୱାର କର୍ମଚାରୀଙ୍କ ଅଭିଯୋଗ ପରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଣିକି ସ୍ୱର୍ଗଦ୍ୱାରରେ କେହି ଗଣ୍ଡଗୋଳ କଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ଶ୍ରୀମନ୍ଦିରର ଜଣେ ସେବାୟତଙ୍କ ଅନ୍ତିମ ସଂସ୍କାର ପାଇଁ ତାଙ୍କ ମରଶରୀରକୁ ସ୍ୱର୍ଗଦ୍ୱାରକୁ ଅଣାଯାଇଥିଲା। କିନ୍ତୁ ମୃତଦେହ ସଂଖ୍ୟା ଅଧିକ ଥିବାରୁ ଶବସଂସ୍କାର ପିଣ୍ଡି ଖାଲି ନ ଥିଲା। ତେଣୁ ତୁରନ୍ତ ଗୋଟିଏ ପିଣ୍ଡି ସଫା କରାଯାଇ ଯୋଗାଇ ଦିଆ ଯାଇଥିଲା। ସ୍ୱର୍ଗଦ୍ୱାର ମୁଖ୍ୟ ସେବକ ଉପସ୍ଥିତ ରହି ଏହାର ତଦାରଖ କରିଥିଲେ। କିନ୍ତୁ କେତେଜଣ ସେବାୟତ ଏହି ଘଟଣାକୁ ନେଇ ଗଣ୍ଡଗୋଳ କରିବା ସହିତ ଅଫିସ ଭିତରେ ପଶି କର୍ତ୍ତବ୍ୟରତ କର୍ମଚାରୀଙ୍କୁ ଧମକଚମକ ଦେବା ସହିତ ମାଡ଼ ମାରିଥିଲେ। ସ୍ୱର୍ଗଦ୍ୱାର କେବଳ ସେବାୟତମାନଙ୍କର, ଏଠାରେ ବାହାର ଲୋକଙ୍କୁ କାହିଁକି ସଂସ୍କାର ସୁଯୋଗ ଦିଆଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ସ୍ୱର୍ଗଦ୍ୱାରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ସ୍ୱର୍ଗଦ୍ୱାର ସେବା କେନ୍ଦ୍ର ତରଫରୁ ପୋଲିସକୁ ଖବର ଦିଆଯାଇଥିଲା। ସିସିଟିଭି ଫୁଟେଜ ଯାଞ୍ଚ ପରେ ସଂପୃକ୍ତ ସେବାୟତ ଅଫିସ ଭିତରେ ପଶି କର୍ମଚାରୀଙ୍କୁ ଧକ୍କା ମାରିଥିବାର ଦେଖାଯାଇ ଥିଲା। ଏହାପରେ ପୋଲିସ ଉପସ୍ଥିତିରେ ଏଭଳି କାଣ୍ଡ ଭିଆଇଥିବା ସେବାୟତ ଉପସ୍ଥିତ କର୍ମଚାରୀଙ୍କୁ ଭୁଲ ମାଗିଲା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ସୋମବାର ବାହୁଡ଼ା ଯାତ୍ରା ଥିବାରୁ ଉପରିସ୍ଥ ଅଧିକାରୀ ବ୍ୟସ୍ତ ଥିବାରୁ ମଙ୍ଗଳବାର ଏ ସମ୍ପର୍କରେ ସ୍ୱର୍ଗଦ୍ୱାର ସେବା ସମିତି ଅଧକ୍ଷ ତଥା ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଆଗକୁ ଏଭଳି ଘଟଣା ଘଟିଲେ ଗଣ୍ଡଗୋଳ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ (ଏତଲା ରୁଜୁ) କରିବା ପାଇଁ ଜିଲାପାଳ ସ୍ୱର୍ଗଦ୍ୱାର ସେବା କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସ୍ୱର୍ଗଦ୍ୱାର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବାକୁ ସିସିଟିଭି କ୍ୟାମେରା ଲଗାଇବା ବ୍ୟବସ୍ଥା ହେଉଛି ବୋଲି ସ୍ୱର୍ଗଦ୍ୱାର ସେବା ସମିତିର ପରିଚାଳନା କମିଟି ସଦସ୍ୟ ସିଦ୍ଧାର୍ଥ ରାୟ କହିଛନ୍ତି। ସ୍ୱର୍ଗଦ୍ୱାର ଏକ ପବିତ୍ର ସ୍ଥାନ ହୋଇଥିବାରୁ ଏହାର ଗରିମା ଓ ପବିତ୍ରତା ପ୍ରତି ଦୃଷ୍ଟି ଦେବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସ୍ୱର୍ଗଦ୍ୱାର ସେବା ସମିତି ଆବାହକ ସମ୍ପାଦକ ତଥା ଉପଜିଲାପାଳ ଗୋପୀନାଥ କୁଅଁର କହିବା ସହିତ କୌଣସି ପ୍ରକାର ଗଣ୍ଡଗୋଳ ବା ଗଣ୍ଡଗୋଳକାରୀଙ୍କୁ ହାଲକାରେ ନିଆଯିବ ନାହିଁ ବୋଲି ପ୍ରକାଶ କରିଛନ୍ତି।

### କାର୍ ଧକ୍କାରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ

ଯାଁଳା,୧୬।୭(ବୁଲା ବାରିକ)

୧୬ନଂ. ଜାତୀୟ ରାଜପଥର ଯାଁଳା ଓଭରବ୍ରିଜ ଉପରେ ମଙ୍ଗଳବାର କାର୍ ଧକ୍କାରେ ଜଣେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳର କାଳନ୍ଦୀ ଚରଣ ମହାପାତ୍ର। ଜଟଣୀ ବ୍ଲକ ଦେଉଳିଆ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ମଦନପୁର ଗ୍ରାମରେ ଭଡ଼ାରେ ରହୁଥିଲେ। ସୂଚନା ମୁତାବକ, ଜଟଣୀ ପିଏନ୍ ହାଇସ୍କୁଲରେ କାଳନ୍ଦୀ ଚରଣଙ୍କ ସ୍ମାର୍ଟ କ୍ଲାସ ନେଇ ଏକ ଟ୍ରେନିଂ ଚାଲିଥିଲା। ଅପରାହ୍ନ ୪ଟାରେ ଟ୍ରେନିଂ ସାରି ସେ ବାଇକ୍‌ରେ ମଦନପୁର ଫେରୁଥିଲେ। ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାର୍ ଯାଁଳା ଓଭରବ୍ରିଜ ଉପରେ କାଳନ୍ଦୀଙ୍କ ବାଇକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ଫଳରେ କାଳନ୍ଦୀ ଗାଡିରୁ ଛିଟିକି ତଳେ ପଡିଥିଲେ। ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା କାର୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। କାଳନ୍ଦୀଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶିକ୍ଷକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

# ଚିଙ୍ଗୁଡ଼ି ବୋଝେଇ ଗାଡ଼ି ଓଲଟିଲା

କଣାସ,୧୬।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଗଡ଼ଖାରଦ ମୁଣ୍ଡିଆ ନିକଟସ୍ଥ ବୁଲାଣି ପରେ ଏକ ଚିଙ୍ଗୁଡ଼ି ବୋଝେଇ ଗାଡ଼ି ଓଲଟି ପଡ଼ିଛି। ସୂଚନା ମୁତାବକ, ବ୍ରହ୍ମଗିରି ଅଞ୍ଚଳରୁ ଏକ ଟାଟାଏସିଇ (ଓଡ଼ି୦୨ବିଏକ୍ସ ୬୦୪୪)ରେ ଚିଙ୍ଗୁଡ଼ି ବୋଝେଇ ହୋଇ ଭୁଷୁଣ୍ଡପୁର ଯାଉଥିଲା। ଗାଡ଼ିଟି ଗଡ଼ଖାରଦ ମୁଣ୍ଡିଆ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଥିବା ଚିଙ୍ଗୁଡ଼ି ଟ୍ରେଗୁଡ଼ିକ ତଳକୁ ଖସିଥିଲେ ମଧ ସୁରକ୍ଷିତ ଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ସ୍ଥାନୀୟ ଥାନା କର୍ମଚାରୀ ପହଞ୍ଚିଥିବାବେଳେ ଚିଙ୍ଗୁଡ଼ିକୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇଛି।



ଓଲଟି ପଡିଥିବା ଚିଙ୍ଗୁଡ଼ି ବୋଝେଇ ଗାଡ଼ି ।

# ପୈତୃକ ସମ୍ପତ୍ତିର ହକ୍ ପାଇଁ ଧଳ ପରିବାରଙ୍କ ପୁଣି ଧାରଣା

ପିପିଲି,୧୬।୭(ପ୍ରଭାତ କୁମାର ମହାପାତ୍ର)

**ପ୍ରଶାସନ, ଅଂଶୀଦାରଙ୍କ ହସ୍ତକ୍ଷେପ ପରେ ସମାଧାନ ପାଇଁ ନିଷ୍ପତ୍ତି**

ନିଜ ପୈତୃକ ସମ୍ପତ୍ତିର ହକ୍ ପାଇଁ ପୁଣି ସୁରଥ ଧଳ ପରିବାର ଗତ ୨ ଦିନ ଧରି ପିପିଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଦିବାରାତ୍ର ଧାରଣା ଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପ୍ରଶାସନ ଓ ଅଂଶୀଦାରଙ୍କ ହସ୍ତକ୍ଷେପ ପରେ ୧୫ ଦିନ ମଧ୍ୟରେ ଧଳଙ୍କ ପରିବାରର ସମାଧାନ ପାଇଁ ନିଷ୍ପତ୍ତି ହୋଇଛି। ତହସିଲ ପକ୍ଷରୁ ଆଇନଗତ ଆଶ୍ୱସ୍ତି ମିଳିବା ପରେ କୁନି କୁନି ପିଲା ଓ ୨ ଝିଅଙ୍କ ସହ ପୂରା ପରିବାର ଧାରଣାସ୍ଥଳ ଛାଡ଼ିଛନ୍ତି। ଦୀର୍ଘ ଦିନ ହେବ ନିଜ ପୈତୃକ ସମ୍ପତ୍ତିର ହକ ଓ ନ୍ୟାୟ ପାଇଁ ଉକ୍ତ ଧଳ ପରିବାର ପିପିଲି ପ୍ରଶାସନ ଓ ଜିଲା ପ୍ରଶାସନକୁ ପରିବାର ଦାୟୀ କରିଥିଲେ। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଅହରହ ଧାରଣ ଜାରିରଖିବେ ବୋଲି ପରିବାର ଚେତାବନୀ ଦେଇଥିଲା। ଏନେଇ ପିପିଲି ତହସିଲ ପକ୍ଷରୁ ସମସ୍ତ ବ୍ୟବସ୍ଥା ସହ ମଙ୍ଗଳବାର ସନ୍ଧ୍ୟାରେ ସମସ୍ତ ଅଂଶୀଦାରଙ୍କୁ ଡକାଇ ପିପିଲି ତହସିଲଦାର ଦିଲୀପ କୁମାର ମାଝୀ ଏହାର ସ୍ଥାୟୀ ସମାଧାନ ବାଟ ବାହାର କରିଛନ୍ତି। ସମସ୍ତ ଅଂଶୀଦାରଙ୍କ ଦସ୍ତଖତ ରଖାଯାଇ ଆଗାମୀ ୧୫ ଦିନ ମଧ୍ୟରେ ଏହି ଜମି ଜମା ବିବାଦ ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଥିବା ପିପିଲି ତହସିଲ ପକ୍ଷରୁ ସୂଚନା ମିଳିଛି।





ଧାରଣାରେ ବସିଥିବା ସୁରଥ ଧଳଙ୍କ ପରିବାର ।

ସୂଚନାଥାଉ କି, ନିଜ ପୈତୃକ ସମ୍ପତ୍ତିର ହକ୍ ପାଇଁ ପିପିଲି କଣ୍ଟି ପଂଚାୟତ ନିଜିଗଡ଼କୁରୁଖି ଗ୍ରାମର ସୁରଥ ଧଳ ତାଙ୍କ ସ୍ତ୍ରୀ ସୁବାସିନୀ ଧଳ ଓ ୩ ପୁଅ ବୋହୂ, ନାତିନାତୁଣୀଙ୍କୁ ନେଇ ୮ ବର୍ଷ ହେଲା ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରୁ ଆରମ୍ଭ କରି ପିପିଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନିଜ ଜମିବାଡ଼ି ଅଭିଯୋଗର ସମାଧାନ ନିମନ୍ତେ ବାରମ୍ବାର ପୂରା ପରିବାର ଧାରଣା ଦେଇ ଆସୁଥିଲେ ମଧ ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନ ଏପର୍ଯ୍ୟନ୍ତ କୌଣସି ସମାଧାନ କରୁ ନ ଥିବା ଅଭିଯୋଗ କରିଥିଲେ। ପୂର୍ବରୁ ମଧ ପିପିଲି ତହସିଲ ସମ୍ମୁଖରେ ୨ ଥର ଦୀର୍ଘଦିନ ଅନଶନ କରିଥିଲେ ସୁରଥଙ୍କ ପୂରା ପରିବାର। ଅନଶନରେ ଉପଜିଲାପାଳ ଏଥିରେ ହସ୍ତକ୍ଷେପ କରି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି କାଗଜରେ ରହିଯାଇଥିବାବେଳେ ଅନ୍ୟପକ୍ଷ ଉକ୍ତ ବିବାଦୀୟ ଜମିକୁ ବିକ୍ରି କରିଦେଇଥିବା ସୁରଥଙ୍କ ପରିବାର ଅଭିଯୋଗ କରିଥିଲେ। ତେବେ ସମସ୍ତ ଅଭିଯୋଗକୁ ଭିତ୍ତିକରି ପିପିଲି ତହସିଲ ପକ୍ଷରୁ ସମାଧାନର ନିଷ୍ପତ୍ତି ନିଆଯାଇଥିବାବେଳେ ନ୍ୟାୟ ପାଇବେ ବୋଲି ଦୃଢ଼ ଆଶା ରଖି ଧଳ ପରିବାର ଧାରଣାକୁ ପ୍ରତ୍ୟାହୃତ କରିଛନ୍ତି।

## ସଂକ୍ଷେପରେ

### ଶରତ ହେଲେ ଖୋର୍ଦ୍ଧା ଜିଲା ଭାଜପା ଗଣମାଧ୍ୟମ ସଂଯୋଜକ

ଖୋର୍ଦ୍ଧା, ୧୬।୭ (ପ୍ରଭାତ ପାଣିଗ୍ରାହୀ)



ଭାରତୀୟ ଜନତା ପାର୍ଟି ପକ୍ଷରୁ ଶରତ ଚନ୍ଦ୍ର ବାରିକଙ୍କୁ ଖୋର୍ଦ୍ଧା ଜିଲା ଗଣମାଧ୍ୟମ ସଂଯୋଜକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏନେଇ ଏକ ପ୍ରେସ ବିବୃତିରେ ଜିଲା ଭାଜପା ସଭାପତି ରଶ୍ମି ରଞ୍ଜନ ମହାପାତ୍ର ଜଣାଇଛନ୍ତି। ଜଣେ ସମାଜସେବୀ ଓ ଦୃଢ଼ ସଙ୍ଗଠକଭାବେ ଶରତ ପରିଚିତ। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକର ପ୍ରଚାର, ପ୍ରସାର କରିବା ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଏନେଇ ସେ ଜିଲା ଭାଜପା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ବିଧାୟକ ପ୍ରଶାନ୍ତ ଜଗଦେବ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ମୃତକଙ୍କ ପରିବାରକୁ ଭେଟିଲେ ବିଧାୟିକା

କୃଷ୍ଣପ୍ରସାଦ, ୧୬।୭ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଧୀନ ସାନଅଁଳ ଗ୍ରାମର ନିରଞ୍ଜନ ସିଂହଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ପରିବାରବର୍ଗ ଭାଙ୍ଗିପଡିଥିବା ବେଳେ ବିଧାୟିକା ଉପାସନା ମହାପାତ୍ର ପହଞ୍ଚି ଦୁଃଖ ପ୍ରକାଶ କରିବା ସହ ସମବେଦନା ଜଣାଇଥିଲେ। ସେହିପରି ସାନଅଁଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ସ୍ତ୍ରୀଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବା ବେଳେ ବଡଖାଡ଼ ପଞ୍ଚାୟତ ସିପିଆ ଗ୍ରାମର ମିଟୁ ପଲେଇଙ୍କ ସ୍ତ୍ରୀ ଓ ବାବୁଲା ତରେଇଙ୍କ ସ୍ତ୍ରୀଙ୍କ ଅକାଳ ବିୟୋଗ ଘଟିଥିଲା। ଖବରପାଇ ବିଧାୟିକା ଉଭୟ ପରିବାରବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ଦୁଃଖ ପ୍ରକାଶ କରିଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ବିଧାୟିକା ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ଏହି ଗସ୍ତ ସମୟରେ ମଣ୍ଡଳ ଭାଜପା ସଭାପତି ଦୀନବନ୍ଧୁ ଜେନା, ଭାଜପା ପ୍ରଭାରୀ ଉତ୍ତମ କୁମାର ତରେଇ, ଯୁବନେତା ରାମଚନ୍ଦ୍ର ସେଠୀ, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀ ନବଲ କିଶୋରଙ୍କ ଶ୍ରଦ୍ଧାଞ୍ଜଳି ସଭା

ଟାଙ୍ଗୀ, ୧୬।୭ (ରଘୁନାଥ ସାହୁ)

ଚାନ୍ଦପୁର ଅଞ୍ଚଳର ସାମାଜିକକର୍ମୀ ନବଲ କିଶୋର ଅଗ୍ରୱାଲଙ୍କ ଚତୁର୍ଦ୍ଦଶ ଦିବସରେ ମା'ରାମଚଣ୍ଡୀ ମନ୍ଦିର ପରିସରରେ ଶ୍ରଦ୍ଧାଞ୍ଜଳି ସଭା ସାମାଜିକକର୍ମୀ ମନୋଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ନବଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟାପକ ବାଳକୃଷ୍ଣ ମିଶ୍ର ଭାଗବତ ପାଠ କରିଥିଲେ। ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ବାନାମ୍ବର ହୋତା, ପ୍ରଦ୍ୟୁମ୍ନ ସାଥୁଆ, ରଘୁନାଥ ସାହୁ, ବିଜୟ ରାଉତ, ସନ୍ତୋଷ ନାୟକ, ଦିଲୀପ ମହାପାତ୍ର, ନଥୁମଲ ମହାରଜୀ, ଖୁସ୍‌ବୁ ଅଗ୍ରୱାଲ, ଜିତେନ୍ଦ୍ର ସାହୁ, ବିକ୍ରମ ସାହୁ, ବ୍ରଜ କିଶୋର ଜେନା, ପ୍ରମୋଦ ବାରିକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ରୋନକ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ରାସ୍ତାକୁ ଓହ୍ଲାଇଲେ ହଳଦିପଦା ଗ୍ରାମବାସୀ

ଖୋର୍ଦ୍ଧା, ୧୬।୭ (ପ୍ରଭାତ ପାଣିଗ୍ରାହୀ)

- ବେଆଇନ ଖଣି ଖନନ ବନ୍ଦ ସହ ମାଫିଆଙ୍କୁ ଗିରଫ ଦାବି
- ମାସିକିଆ ବଟି ପୋଲିସ ନେଉଥିବା ଅଭିଯୋଗ
- ପ୍ରତିବାଦ କଲେ ମିଳୁଛି ଧମକ



ମହିଳାମାନେ ଧାରଣାରେ ବସିଛନ୍ତି।

ଖୋର୍ଦ୍ଧାରେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ବଢ଼ିବାରେ ଲାଗିଛି। ଶ୍ରୀମନ୍ଦିର ଜମି, ସରକାରୀ ଜମି, କାଜୁ ଜଙ୍ଗଲ ପରେ ଏବେ ଗ୍ରାମୀଣ ଅଞ୍ଚଳ ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ଗ୍ରାମାଞ୍ଚଳ ରାସ୍ତାପାର୍ଶ୍ୱରୁ ମାଫିଆମାନେ ଦିନରାତି ପଥର କାଟୁଛନ୍ତି। ପଥର ଚାଲାଣ ପରେ ବଡ଼ ବଡ଼ ଗର୍ତ୍ତ ହୋଇ ବର୍ଷାଜଳ ଜମି ରହିଛି। ଗୋରୁଗାଈ, ଲୋକେ ଉକ୍ତ ଗର୍ତ୍ତରେ ପଡି ଆହତ ହେଉଛନ୍ତି। ଏହା ଦ୍ୱାରା ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବାଦ କଲେ ମାଫିଆମାନେ ଗୁଣ୍ଡା ଲଗାଇ ଧମକ ଦେଉଛନ୍ତି। ଏପରିକି ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବେଆଇନ ଖଣି କାରବାରରେ ଲିପ୍ତ ମାଫିଆଙ୍କୁ ତୁରନ୍ତ ଗିରଫ ସହ ଖନନ ବନ୍ଦ ଦାବିରେ ମଙ୍ଗଳବାର ଆଦର୍ଶ ଥାନା ଅନ୍ତର୍ଗତ ନାଲିପଡ଼ା ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ହଳଦିପଦା ଗ୍ରାମର ଏକାଧିକ ଗ୍ରାମବାସୀ ହଳଦିପଦା ମୁଖ୍ୟ ରାସ୍ତାର ବେରୁହାଁ-ତରତୁଆ ରାସ୍ତାକୁ ବନ୍ଦ କରି ଧାରଣା ଦେଇଥିଲେ। ପଥର ଖନନ ପରେ ସୃଷ୍ଟି ହୋଇଥିବା ଅଞ୍ଚଳ ଜନଜୀବନ ପାଇଁ ବିପଦପୂର୍ଣ୍ଣ ହୋଇଛି ବୋଲି ଅଭିଯୋଗ କରିଥିଲେ। ଖବରପାଇ ତହସିଲଦାର ବିଭାସ ପାଣିଗ୍ରାହୀ, ଥାନା ଅଧିକାରୀ ସଞ୍ଜୟ ନାୟକ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ବେଆଇନ ଖଣି ଖନନ ବନ୍ଦ କରାଯିବା ଏବଂ ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଗ୍ରାମବାସୀ ଆଣିଥିବା ଅଭିଯୋଗ ଅନୁଯାୟୀ, ଗତ କିଛି ବର୍ଷ ହେବ ଏହି ଅଞ୍ଚଳରୁ ମାଙ୍କଡ଼ା ପଥର ଓ ମୋରମ ଚୋରାଚାଲାଣ ହେଉଛି। କେତେଜଣ ମାଫିଆ ପ୍ରାୟ ୨ଶହରୁ ୩ଶହ କାଜୁ ଜଙ୍ଗଲକୁ ବେଆଇନ ଭାବେ କାଟି ସେଠାରୁ ମାଙ୍କଡ଼ା ପଥର ଚୋରାଚାଲାଣ କରୁଛନ୍ତି। ପଥର ଚାଲାଣରେ ବ୍ୟବହୃତ ଭାରିଯାନ ଚଳାଚଳ ଯୋଗୁ ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ପଥର କଟିଂ ପାଇଁ ବ୍ୟବହୃତ ପାୱାରଟିଲର, ଅନ୍ୟ ଯନ୍ତ୍ରପାତି ଯୋଗୁ ପରିବେଶ ପ୍ରଦୂଷଣ ହେଉଛି, ଏପରିକି ସରକାର ରାଜସ୍ୱ ହରାଉଛନ୍ତି। ଖଣି କର୍ତ୍ତୃପକ୍ଷଙ୍କଠାରୁ ସ୍ଥାନୀୟ ଏବଂ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ଜୁଲାଇ ପହିଲାରେ ହୋଇଥିବା ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଏ ସମ୍ପର୍କରେ ଏକାଧିକ ଗ୍ରାମବାସୀଙ୍କ ପକ୍ଷରୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଗଲା ନାହିଁ। ଖୋର୍ଦ୍ଧା ପୋଲିସ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ମାସିକିଆ ବଟି ନେଇ ପଥର ଚାଲାଣକୁ ପ୍ରୋତ୍ସାହନ ଦେଉଛନ୍ତି। ପୋଲିସ ଭୟ ଦେଖାଇ ମାଫିଆମାନେ ଦିବାରାତ୍ର ପଥର କାଟୁଛନ୍ତି, ପ୍ରତିବାଦ କଲେ ଧମକ ଦେଉଛନ୍ତି। ନିକଟରେ ଖଣି ଅଧିକାରୀଙ୍କୁ ମାଡ଼ ଘଟଣାରେ ଆକ୍ରମଣକାରୀ ମାଫିଆଙ୍କୁ ଗିରଫ କରାଯାଇନାହିଁ। ହଳଦିପଦା ଗ୍ରାମରୁ ବେଆଇନଭାବେ ଖଣି ଖାଦାନ ଲୁଟ ଚାଲିଛି। ଏଭଳି ଅଭିଯୋଗ କେତେଜଣ ଗ୍ରାମବାସୀ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ଭୁବନେଶ୍ୱର କାଜୁ ନିଗମ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିବା ଗଣମାଧ୍ୟମରେ କହିଛନ୍ତି। ଏନେଇ ତହସିଲଦାର ପାଣିଗ୍ରାହୀ କହିଛନ୍ତି, ବେଆଇନ ଖଣି ଖାଦାନ ଉପରେ ଚଢ଼ାଉ ପାଇଁ ପ୍ରଶାସନ ପକ୍ଷରୁ ମିଳିତ ଟାସ୍କ ଫୋର୍ସ ଗଠନ କରାଯାଇଛି। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥାଏ। ଏହାକୁ ତ୍ୱରାନ୍ୱିତ କରାଯିବ। ବେଆଇନ ଖଣି ଖାଦାନ ଚାଲିଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଏ ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଏସ୍‌ପି ଅବିନାଶ କୁମାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ବାଲି ବୋଝେଇ ହାଇୱା ଜବତ

ନିରାକାରପୁର, ୧୬।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ବେଆଇନ ଭାବେ ଓଭରଲୋଡ୍ ସହ ଯାଞ୍ଚବେଳେ ଆବଶ୍ୟକ କାଗଜପତ୍ର ନ ଥିବା ଅଭିଯୋଗରେ ନିରାକାରପୁର ଥାନା ପୋଲିସ ମଙ୍ଗଳବାର ଏକ ବାଲି ବୋଝେଇ ହାଇୱାକୁ ଜବତ କରିଛି। ସ୍ଥାନୀୟ ପୋଲିସ ପକ୍ଷରୁ ଯାଞ୍ଚ ଚାଲିଥିବା ବେଳେ ଏକ ବାଲି ବୋଝେଇ ହାଇୱା(ଓଡି୦୨ ଏଭି ୯୯୨୪) ନୂଆ ଜଗନ୍ନାଥ ସଡ଼କରେ ଯାଉଥିଲା। ପୋଲିସ ଉକ୍ତ ହାଇୱାକୁ ଅଟକାଇ ଯାଞ୍ଚ କରିବା ସମୟରେ ଡ୍ରାଇଭର ଆବଶ୍ୟକ କାଗଜପତ୍ର ଦେଖାଇପାରି ନ ଥିଲେ। ଏହା ପରେ ପୋଲିସ ହାଇୱାକୁ ଅଟକ ରଖି ତଦନ୍ତ ଚଳାଇଛି। ଏହି ଯାଞ୍ଚ ବେଳେ ସବଇନ୍‌ସ୍ପେକ୍ଟର ଦୀପାଳିଶା ନାୟକ ଓ ସବଇନ୍‌ସ୍ପେକ୍ଟର ଅରବିନ୍ଦ ରାଉଳ ସାମିଲ ଥିଲେ।

### ପୂର୍ବତନ ସରପଞ୍ଚ ବିଜୟଙ୍କ ପରଲୋକ

ବୋଲଗଡ଼, ୧୬।୭ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଫାସିଓଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ପ୍ରଧାନ(୬୬)ଙ୍କ ରବିବାର ପରଲୋକ ହୋଇଯାଇଛି। ୧୯୯୨ ଓ ୨୦୦୭ ମସିହାରେ ବିଜୟ ସରପଞ୍ଚ ପଦବୀରେ ଥିଲେ। ତାଙ୍କ ମରଶରୀରକୁ ଗ୍ରାମ ଏବଂ ଭୀମପଡା ବଜାର ପରିକ୍ରମା କରାଯାଇ କଳାମାଟିଆସ୍ଥିତ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ବାଦଲ ପ୍ରଧାନ ମୁଖାଗ୍ନି ଦେଇଥିଲେ। ବିଧାୟକ ପ୍ରଦୀପ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରିଥିଲେ।

## ପାଞ୍ଚଗଡ଼ ଶାଳ ଜଙ୍ଗଲରେ ହାତୀପଲ

ବୋଲଗଡ଼, ୧୬।୭ (ଦେବବ୍ରତ ହୋତା)



ଖୋର୍ଦ୍ଧା ରେଞ୍ଜ ବୋଲଗଡ଼ ବନପାଳଙ୍କ ଅଧୀନ ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲ ଅଞ୍ଚଳକୁ ପଶି ଆସିଥିବା ଏକ ୧୭ ଟିକିଆ ହାତୀପଲ ଏବେ ପଙ୍କାଳସାହି ନିକଟ ଶାଳ ଜଙ୍ଗଲରେ ବିଚରଣ କରୁଥିବା ଜଣାପଡ଼ିଛି। ଏହି ହାତୀପଲ ମଧ୍ୟରେ ଗୋଟିଏ ଦନ୍ତା ଏଂ ୪ଟି ଛୁଆହାତୀ ଥିବା ଦେଖାଯାଇଛି। ହାତୀମାନେ ଜଙ୍ଗଲରେ ଖାଦ୍ୟ ପାନୀୟ ପାଉଥିବାରୁ ଗୋଟିଏ ସ୍ଥାନରେ ରହିଛନ୍ତି। ତେବେ ନିକଟବର୍ତ୍ତୀ ଗ୍ରାମ ପଙ୍କାଳସାହି, କୁସୁପଲା, ମରଦାବାଡି, କୋଟପଲା, ମଣ୍ଡଳସିଂହ, ଶ୍ୟାମସୁନ୍ଦରପୁର ଓ ବୋଲଗଡ଼ ଆଦି ଜଙ୍ଗଲତଳି ଅଞ୍ଚଳର ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ବୋଲଗଡ଼ ବନପାଳ ପ୍ରଦୀପ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଓ ବୋଲଗଡ଼ ବନବିଭାଗ କର୍ମଚାରୀମାନେ ଡ୍ରୋନ କ୍ୟାମେରା ମାଧ୍ୟମରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ ଓ ରେଞ୍ଜର ଜୟକୃଷ୍ଣ ପଣ୍ଡା ଜଙ୍ଗଲରେ ଉପସ୍ଥିତ ରହି ହାତୀ ଘଉଡ଼ାଇବା କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି। ଖବର ଲେଖା ହେବା ବେଳକୁ ହାତୀପଲ ମରଦାବାଡି ନିକଟ ଜଳାଶୟ ଆଡ଼କୁ ମୁହାଁଇଛନ୍ତି। ତେବେ ହାତୀମାନେ ଜଙ୍ଗଲ ମଧ୍ୟରୁ ବାହାରି ଗହୀର ଜମି ଅତିକ୍ରମ କରି ନିକଟବର୍ତ୍ତୀ ଗ୍ରାମ ଦିଗରେ ନ ଆସିବା ପାଇଁ କର୍ମଚାରୀମାନେ ଉଜ୍ଜ୍ୱଳ ଆଲୋକ ଓ ଡାକବାଜି ଯନ୍ତ୍ର ଧରି ନଜର ରଖିଛନ୍ତି। ଏହି ହାତୀପଲ ନୟାଗଡ଼ ଜିଲା ରଣପୁର ବନାଞ୍ଚଳ ଅଧୀନ ସୁଳିଆ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଖାଦ୍ୟ ଅନ୍ୱେଷଣରେ ଏଠାକୁ ଯେଉଁ ରାସ୍ତା ଦେଇ ଆସିଥିଲେ ସେମାନଙ୍କୁ ସେହି ରାସ୍ତାଦେଇ ଫେରିଯିବା ପାଇଁ ଘଉଡ଼ାଇବା ଉଦ୍ୟମ ଜାରି ରହିଥିବା ବନପାଳ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଦମ୍ପତିଙ୍କୁ ତାଲା ଦେଇ ଗୁହାଳରୁ ନେଇଗଲେ ମେଣ୍ଢା

ବେଗୁନିଆ, ୧୬।୭ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୋମବାର ରାତିରେ ଏକ ଦମ୍ପତିଙ୍କ ଶୋଇବା କୋଠରିର ବାହାରପଟୁ ତାଲା ପକାଇ ଦୁର୍ବୃତ୍ତମାନେ ଗୁହାଳରୁ ୧୩ଟି ମେଣ୍ଢା ନେଇଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗ୍ରାମର କେଶବ ନାୟକ ମେଣ୍ଢା ଚାଷ କରି ପରିବାର ଚଳାଇଥାନ୍ତି। ସୋମବାର ରାତିରେ କେଶବ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିଲେ। କେହି ଦୁର୍ବୃତ୍ତ ଆସି କେଶବଙ୍କ କୋଠରିର ବାହାର ପଟୁ ତାଲା ପକାଇ ଦେଇଥିଲେ। ପରେ ତାଙ୍କ ଗୁହାଳରେ ଥିବା ୧୫ଟି ମେଣ୍ଢା ମଧ୍ୟରୁ ୧୩ଟିକୁ ନେଇ ପଳାଇଯାଇଥିଲେ। ମଙ୍ଗଳବାର ସକାଳେ ପଡ଼ୋଶୀ କେଶବ ଓ ତାଙ୍କ ସ୍ତ୍ରୀଙ୍କୁ କୋଠରିରୁ ଉଦ୍ଧାର କରିଥିଲେ। ପରେ ଗୁହାଳରୁ କେହି ଦୁର୍ବୃତ୍ତ ମେଣ୍ଢା ନେଇ ଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ କେଶବ ଥାନାର ଦ୍ୱାରସ୍ଥ ହୋଇଥିଲେ।



ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅନ୍ତର୍ଗତ ଧଳାପଥର ଗ୍ରାମର ମୁଖ୍ୟ ରାସ୍ତାରେ ମଙ୍ଗଳବାର ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଜମି ରହିଛି। (ଫଟୋ: ଗଙ୍ଗାଧର ସାହୁ)

### ଗୋରୁ ଚମଡ଼ା ବୋଝେଇ ଟ୍ରକ୍ ଜବତ



ଖୋର୍ଦ୍ଧା, ୧୬।୭ (ପ୍ରଭାତ ପାଣିଗ୍ରାହୀ)

୧୬ ନମ୍ବର ଜାତୀୟ ରାଜପଥର ଗଙ୍ଗପଡା ଛକରୁ ଗୋ'ଭକ୍ତମାନେ ଗୋରୁ ଚମଡ଼ା ବୋଝେଇ ଟ୍ରକକୁ ଧରି ପୋଲିସ ଜିମା ଦେଇଛନ୍ତି। ଆନ୍ଧ୍ରପ୍ରଦେଶ ପଟୁ ଏହି ଟ୍ରକ କୋଲକାତା ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ ଖବରପାଇ ଗୋ'ଭକ୍ତମାନେ ରାଜପଥ ଉପରେ ଜଗିରହିଥିଲେ। ଉକ୍ତ ଟ୍ରକକୁ ଗଙ୍ଗପଡା ଛକରେ ଗୋଭକ୍ତମାନେ ଅଟକାଇଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଟ୍ରକକୁ ଜବତ କରିଥିବା ବେଳେ ଡ୍ରାଇଭରଙ୍କୁ ଅଟକ ରଖିଛି। ପ୍ରକାଶ ଯେ, ଗତ କିଛିଦିନ ହେବ ଏହି ରାଜପଥ ଦେଇ ଗୋ'ଚାଲାଣ, ଗୋମାଂସ ଚୋରାଚାଲାଣ ଚାଲିଥିବା ବେଳେ ଏବେ ଗୋରୁ ଚମଡା ଚାଲାଣ ଘଟଣା ସାମ୍ନାକୁ ଆସିଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ ଧମକ, ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା, ୧୬।୭ (ପ୍ରଭାତ ପାଣିଗ୍ରାହୀ)

ଯୁବତୀଙ୍କ ସହ ସମ୍ପର୍କ ରଖି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିବା ନେଇ ଧମକ ଦେବା ଅଭିଯୋଗରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ମୁକୁନ୍ଦପ୍ରସାଦ ଅଞ୍ଚଳର ଏମ୍.ଡି. ଜମିର। ଅଭିଯୋଗ ଅନୁଯାୟୀ, ଜମିରଙ୍କ ସହ ସମ୍ପୃକ୍ତ ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ଜମିର ରଖିଥିଲେ। ତେବେ ଜମିର ଏକାଧିକ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ଯୁବତୀ ଜଣଙ୍କ ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଥିଲେ। ଏନେଇ ସେ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିଲେ। ତେବେ ଜମିର ରଖିଥିବା ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଯୁବତୀଙ୍କୁ ଧମକ ଦେଇଥିଲେ। ଏନେଇ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୫୬/୨୪) ରୁଜୁ କରି ତଦନ୍ତ ଚଳାଇବା ସହ ଜମିରଙ୍କୁ ଗିରଫ କରିଥିଲା।

## ୨ ମାସ ନ ପୂରୁଣୁ ଉଠିଲାଣି ପିଚୁ

ବେଗୁନିଆ, ୧୬।୭ (ସନ୍ଧ୍ୟାରାଣୀ ମିଶ୍ର)

ବାଙ୍କୀ-ସିମୋର ପୂର୍ତ୍ତ ବିଭାଗ ରାସ୍ତାର କଲଭର୍ଟ ହୋଇଥିବା ସ୍ଥାନରେ ଦୁଇ ମାସ ତଳେ ପିଚୁ କାର୍ଯ୍ୟ ହୋଇଥିଲା। ଏବେ ଉକ୍ତ ସ୍ଥାନରେ ପିଚୁ ଉଠି ଖାଲ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଏହି ରାସ୍ତା କାର୍ଯ୍ୟ ଆରମ୍ଭରୁ ବିନା ସୂଚନା ଫଳକରେ ନିର୍ମାଣ ହୋଇଥିବା ବେଳେ କେତେ ଟଙ୍କା ବ୍ୟୟ ବରାଦ କରାଯାଇଛି, ତାହା ସର୍ବସାଧାରଣରେ ବର୍ତ୍ତମାନ ସୁଦ୍ଧା ସୂଚିତ କରାଯାଇ ନାହିଁ। ସିମୋର ବଜାରଠାରୁ ଭୋଗଡା ଗ୍ରାମର ବାଲୁଙ୍କେଶ୍ୱର ଦେବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା କାମ ହୋଇଛି। ତେବେ ଗଅଁପୁର-ଓସ୍ତପୁର ମଧ୍ୟରେ ଦୁଇଟି ସ୍ଥାନରେ ଦିନିଆରୀ-ଭୋଗଡା ବାଲୁଙ୍କେଶ୍ୱର ଦେବ ମନ୍ଦିର ମଧ୍ୟରେ ଗୋଟିଏ ସ୍ଥାନରେ ପିଚୁ ଉଠି ଗର୍ତ୍ତ ସୃଷ୍ଟି ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ପିଚୁ ଉଠିଗଲା ବୋଲି ସ୍ଥାନୀୟ ଅଞ୍ଚଳରେ କେତେଜଣ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ଯନ୍ତ୍ରୀ ଫକୀର ଚରଣ ବେହେରା କହିଛନ୍ତି, ମଙ୍ଗଳବାର ଭିଜିଲାନ୍ସ ଟିମ୍ ଏବଂ ସହକାରୀ ଯନ୍ତ୍ରୀ ସୁଦର୍ଶନ ନାୟକ ଉକ୍ତ ରାସ୍ତାର ୪ଟି ସ୍ଥାନରୁ ସାମ୍ପୁଲ ସଂଗ୍ରହ କରି ମାନ ପରୀକ୍ଷା ପାଇଁ ନେଇଛନ୍ତି।



# ପ୍ରଶାସନର ଅବହେଳାରୁ ଯାଉଛି ଜୀବନ

ଖୋର୍ଦ୍ଧା, ୧୬।୭ (ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ବଡ଼ସାଉଁଳି ଖଣି ପୋଖରୀରେ ବୁଡ଼ି ଛାତ୍ର ଓମ୍‌ପ୍ରକାଶ ରଥଙ୍କ ଜୀବନ ଯାଇଛି। ଗତ ୮ତାରିଖରେ ସାଙ୍ଗମାନଙ୍କ ସହ ଏଠାକୁ ଆସି ସେଲ୍ଫି, ରିଲ୍ସ କରିବା ବେଳେ ବୁଡି ଯାଉଥିବା ସାଙ୍ଗକୁ ଉଦ୍ଧାର କରିବାକୁ ଯାଇ ଓମ୍ ଭାସିଯିବା ସହ ବୁଡ଼ିଯାଇଥିଲେ। ୧୨ ତାରିଖରେ ତାଙ୍କ ମୃତଦେହ ଜବତ ହୋଇଥିବା ବେଳେ ଏଥିଲାଗି ପୋଲିସ, ପ୍ରଶାସନକୁ ନାକେଦମ ହେବାକୁ ପଡିଥିଲା। ଅଗ୍ନିଶମ, ଓଡ୍ରାଫ, ଏନ୍‌ଡିଆର୍‌ଏଫ୍, ଭାରତୀୟ ନୌସେନା, ଏନ୍‌ଆଇଟି ରୋବୋର ସହାୟତା ନିଆଯାଇଥିଲା। ତେବେ ପ୍ରଶାସନ ନିଜ ଦୋଷ ଖସାଇବାକୁ ଯାଇ ଏହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ କରାଯିବ ବୋଲି ସଫେଇ ଦେଇଛି। ଅନ୍ୟପଟେ ପ୍ରଶାସନର ଅବହେଳାରୁ ଜୀବନ ଯାଉଛି ବୋଲି ସ୍ଥାନୀୟ ଅଞ୍ଚଳର କେତେଜଣ ବାସିନ୍ଦା କହିଛନ୍ତି।

ବର୍ଷ ବର୍ଷ ଧରି ଉକ୍ତ ପାହାଡ଼ରେ ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଉଛି। ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପ୍ରଶାସନ ପକ୍ଷରୁ ପ୍ରତିଥର ପରି ଏଥର ମଧ୍ୟ କେବଳ ଏହାକୁ ନିଷିଦ୍ଧାଞ୍ଚଳ ଘୋଷଣାରେ ସୀମିତ ରହିଛି। ଏହି ଖଣି ପୋଖରୀରେ ବୁଡ଼ି ବହୁ ଲୋକଙ୍କ ଜୀବନ ଗଲାଣି। ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଅନୁକମ୍ପା ଦେଖାଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହି ଖଣି ପୋଖରୀର ଗଭୀରତା ପ୍ରାୟ ୩ଶହ ଫୁଟ ରହିଛି। ଗଭୀର ଜଳରେ ପଙ୍କ, ଅଙ୍କାବଙ୍କା ପଥର ରହିଛି। ଫଳରେ ପହଁରା ଜାଣି ନ ଥିବା ବ୍ୟକ୍ତି ଥରେ ବୁଡିଗଲେ, ବାହାରିବା ବହୁ କଷ୍ଟ ହୋଇଥାଏ। ଓମ୍‌ପ୍ରକାଶ ନିଖୋଜ ହେବା ପରେ ଏହି ଘଟଣା ସମ୍ପର୍କରେ ଅଗ୍ନିଶମ, ଓଡ୍ରାଫ, ଏନ୍‌ଡିଆର୍‌ଏଫ୍ ଗଭୀର ଜଳ ବୁଡ଼ାଳିଙ୍କଠାରୁ ଏହାର ଗଭୀରତା ସମ୍ପର୍କରେ ଜଣାପଡିଥିଲା। ୨.୫ କିମି ପାହାଡ଼ ଚାରିପଟେ ଏହି ଖଣି ପୋଖରୀ ପରିବ୍ୟାପ୍ତ। ପୋଖରୀକୁ ଆସିବାକୁ ଚାରିପଟେ ରାସ୍ତା ରହିଛି। ଗୋଟିଏ ପଟ ବନ୍ଦ କରାଗଲେ, ଅନ୍ୟ ରାସ୍ତା ଦେଇ ଚାଲି ଆସୁଛନ୍ତି। ଅସବଧାନତାରୁ ଜୀବନ ଯାଉଛି।

### ଏମାନେ ଯାହା କୁହନ୍ତି...

"ପୂର୍ବରୁ ଏହାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇ ହୋର୍ଡିଂ ଲଗାଯାଇଥିଲା। ଏହା ସତ୍ତ୍ୱେ ପୁଣି ଏବେ ଯୁବତୀଯୁବକ, ପର୍ଯ୍ୟଟକ ଏଠାକୁ ଆସୁଥିବା ଅଭିଯୋଗ ହେଉଛି। ଏହାର ଚତୁଃପାର୍ଶ୍ୱ ସିଲ୍ କରାଯିବ।

- ବିଭାସ ପାଣିଗ୍ରାହୀ, ତହସିଲଦାର

"ଏହା ଏକ ସମ୍ବେଦନଶୀଳ ଘଟଣା। ଯୁବତୀଯୁବକମାନେ ଭ୍ରମରେ ପଡ଼ି ଏଠାକୁ ଆସି ଏହାର ଗଭୀରତା ସମ୍ପର୍କରେ ନ ଜାଣିପାରି ମୃତ୍ୟୁମୁଖରେ ପଡୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ଯୋଜନା କରାଯିବ।

-ସୁରେନ୍ଦ୍ର ନାଥ ମୁର୍ମୁ, ଅତିରିକ୍ତ ଏସ୍‌ପି

ପ୍ରକାଶ ଯେ, ତାପଙ୍ଗ ମୁଣ୍ଡିଆରେ ପଥର ବ୍ଲାଷ୍ଟିଂ ଯୋଗୁ ଉକ୍ତ ଚାରିପଟ ଖାଲୁଆ ହୋଇଯାଇଛି। ବର୍ଷାଜଳ ସଂରକ୍ଷିତ ହେବା ପରେ ଏଠାରେ ପଙ୍କ, ଅନାବନା ଗଛଲତା ପଡି ଏହାର ଜଳ ନୀଳବର୍ଣ୍ଣ ରହିଛି। ଚାରିପଟ ପାହାଡ ଏବଂ ମଝିରେ ନୀଳ ଜଳରାଶି ଯୋଗୁ ସୋସିଆଲ ମିଡିଆରେ ଓଡ଼ିଶାର ଲଦାଖ ବୋଲି ଭ୍ରମ ସୃଷ୍ଟି କରିଥିଲା। ଫଳରେ ଏଠାରେ ଏକପ୍ରକାର ସେଲ୍ଫି ପଏଣ୍ଟ ପାଲଟିଥିଲା। ଏପରିକି ବହୁ ଓଡ଼ିଆ ଚଳଚ୍ଚିତ୍ର, ଆଲବମ୍ ଶୁଟିଂ ହୋଇଛି। ସୋସିଆଲ ମିଡିଆରେ ଚର୍ଚ୍ଚା ହେବା ପରେ ବାହାର ରାଜ୍ୟର ପର୍ଯ୍ୟଟକମାନେ ମଧ୍ୟ ଏଠାକୁ ବୁଲିବାକୁ ଆସିଲେ। ୨୦୨୨ ମସିହାରେ ଏଠାରେ ଜଣେ ଯୁବକଙ୍କ ମୃତ୍ୟୁ ପରେ ପ୍ରଶାସନର ଚେତା ପଶିଥିଲା। ସେହି ସମୟରେ ଉପଜିଲାପାଳ ଏହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରିଥିଲେ। ତେବେ ଏହାର କିଛି ମାସ ପରେ ପୁଣି ଯୁବତୀଯୁବକମାନେ ସ୍ଥାନୀୟ ଯୁବକମାନଙ୍କୁ ହାତ କରି ଏଠାକୁ ଆସିବାକୁ ଲାଗିଲେ। ଏଠାରେ ସେଲ୍ଫି ଏବଂ ରିଲ୍ସ ନିଶାରେ ଜୀବନ ଯାଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଅଧା ଜବରଦଖଲରେ ନୟାପଲ୍ଲୀ ହଜ୍ ପୋଖରୀ

## ଏନ୍‌ଜିଟିର ନିର୍ଦ୍ଦେଶ ସତ୍ତ୍ୱେ ହୋଇପାରିଲାନି ଉଚ୍ଛେଦ

ଭୁବନେଶ୍ୱର, ୧୬।୭ (ବନ୍ଦନା ସେଠୀ)

ସର୍ବପୁରାତନ ଜଳାଶୟ ନୟାପଲ୍ଲୀ ହଜ୍‌ର ବିକାଶ ଏବେ ସ୍ୱପ୍ନ ପାଲଟିଛି। ହଜ୍ ପୋଖରୀ ଏବଂ ୧୦ ନଂ. ପ୍ରାକୃତିକ ନାଳକୁ ଜବରଦଖଲମୁକ୍ତ କରି ବିକାଶ କରିବାକୁ ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି)ର କୋଲକାତାସ୍ଥିତ ପୂର୍ବାଞ୍ଚଳ ଜୋନ୍ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ହଜ୍‌କୁ ଏକ ନୂଆ ରୂପ ଦେବା ସହ ସେଠାରେ ବୋଟିଂ ଏବଂ ଅନ୍ୟାନ୍ୟ ସୌନ୍ଦର୍ଯ୍ୟକରଣ ପାଇଁ ବିଏମ୍‌ସି ଯୋଜନା କରିଥିଲା। ପୋଖରୀ ପୁନରୁଦ୍ଧାର ପାଇଁ ୪କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାୟ ୬୪ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ତେବେ ଇତିମଧ୍ୟରେ ବର୍ଷେରୁ ଅଧିକ ସମୟ ବିତି ଯାଇଥିବାବେଳେ ହଜ୍ ପୋଖରୀର ବିକାଶ କେବଳ ଯୋଜନାରେ ସୀମିତ ରହିଯାଇଛି। ପୋଖରୀ ପୁନରୁଦ୍ଧାର ସମୟରେ ପୋଖରୀ ଚାରିପାଖରେ ଲାଗିଥିବା ଗଛ ଏବେ ଅନାବନା ଘାସରେ ପରିପୂର୍ଣ୍ଣ ହୋଇଯାଇଛି। ସେହିପରି ଯେତିକି ସୌନ୍ଦର୍ଯ୍ୟକରଣ ହୋଇଥିଲା ସେଗୁଡିକ ମଧ୍ୟ ନଷ୍ଟ ହୋଇଗଲାଣି। ଏପଟେ ଜବରଦଖଲରେ ଥିବା ଅଧା ଅଞ୍ଚଳରୁ ଉଚ୍ଛେଦ ହେଉ ନ ଥିବାରୁ ଜନଅସନ୍ତୋଷ ବଢ଼ି ଚାଲିଛି।

ପୂର୍ବରୁ ହଜ୍ ପୋଖରୀ ମୋଟ ୧୧ ଏକର ଜାଗାରେ ରହିଥିଲା। ସମୟକ୍ରମେ ଜବରଦଖଲ ହେବା ସହ ପୋତି ହେବାରେ ଲାଗିଛି। ହଜ୍ ଜମିର ପ୍ରାୟ ୩ ଏକରକୁ ଜଣେ ବିଲ୍ଡର କବ୍‌ଜା କରି ରଖିଥିବାବେଳେ ବାକି ୨/୩ ଏକର ଜମିକୁ ସ୍ଥାନୀୟ କିଛି ଲୋକ, ବସ୍ତିବାସିନ୍ଦା ମାଡି ବସିଛନ୍ତି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଶତପ୍ରତିଶତ ଜବରଦଖଲ ହଟିପାରି ନାହିଁ। କେବଳ ଧର୍ମକୁ ଆଖିଠାର ଭଳି ଅଳ୍ପ କିଛି ଜବରଦଖଲ ହଟାଇ ପୋଖରୀ ପାଣିକୁ ସଫା କରାଯାଇଥିଲା, ଯାହାକି ରକ୍ଷଣାବେକ୍ଷଣ ଅଭାବରୁ ଏବେ ପୁନଃ ନଷ୍ଟ ହେବାକୁ ବସିଛି। ହଜ୍ ଚାରିପାଖରେ ବ୍ୟାରିକେଡ ସହ ବୋଟିଂ, ଯୋଗମଣ୍ଡପ, ୱାକିଂ ଟ୍ରାକ୍, ଶିଶୁ ଉଦ୍ୟାନ ଆଦି କରିବାକୁ ଯୋଜନା ରହିଥିଲା। ମାତ୍ର ଏସବୁ ଏବେ ଫାଇଲ୍ ତଳେ ଚାପି ହୋଇଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଅର୍ଜୁନ ବେହେରା କହିଛନ୍ତି, ଏନ୍‌ଜିଟିଙ୍କ ଆଦେଶ ପରେ ବି ବିଏମ୍‌ସି, ବିଡିଏ ଜବରଦଖଲ ହଟାଇବାରେ ଅସଫଳ ହୋଇଛନ୍ତି। ତେବେ ଜବରଦଖଲ ବାଦ୍ ମଧ୍ୟ ଏଠାରେ ପ୍ରାୟ ୫ଏକର ଜମି ରହିଥିବାବେଳେ ବିଏମ୍‌ସି ଚାହିଁଲେ ତାହାର ବିକାଶ କରିପାରନ୍ତା। ହଜ୍ ପୋଖରୀ ଏକ ନୂଆ ରୂପ ନେବା ସହ ସ୍ଥାନୀୟ ଏବଂ ଆଖପାଖ ଲୋକଙ୍କ ପାଇଁ ନିଆରା ଅନୁଭୂତି ଆଣିବାରେ ସଫଳ ହୁଅନ୍ତା। ମାତ୍ର ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଯେତିକି କାମ ହୋଇଥିଲା, ତାହା ମଧ୍ୟ ଏବେ ନଷ୍ଟ ହେବାକୁ ବସିଲାଣି। ତୁରନ୍ତ ଏନେଇ ପଦକ୍ଷେପ ନିଆ ନ ଗଲେ ଜବରଦଖଲ ବଢିବା ସହ ଯେତିକି କାମ ହୋଇଛି ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ।

## ବିକାଶ ପାଇଁ ପ୍ରତିଶ୍ରୁତି ଦେଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର



ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମଙ୍ଗଳବାର ନୟାପଲ୍ଲୀ ହଜ୍ ପୋଖରୀ ବୁଲି ଦେଖିବା ସହ ଏହାର ସମୀକ୍ଷା କରିଛନ୍ତି। ଭାଜପା ନେତା ଜଗନ୍ନାଥ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ, ବିଏମ୍‌ସି ସିଟି ଇଞ୍ଜିନିୟର, ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ, ୱାର୍ଡ ନଂ. ୩୯ କର୍ପୋରେଟର ଗୀତାଞ୍ଜଳି ସାହୁ, ଗ୍ରାମ କମିଟି ସଭାପତି ନଟବର ସାମନ୍ତରାୟ, ସାମାଜିକ କର୍ମୀ ଅର୍ଜୁନ ବେହେରା ଏବଂ ସ୍ଥାନୀୟ ଅଞ୍ଚଳବାସୀ ମନ୍ତ୍ରୀଙ୍କୁ ଭେଟି ଅଟକି ରହିଥିବା ବିଭିନ୍ନ ଯୋଜନା ବିଷୟରେ ଲିଖିତ ଭାବେ ଜଣାଇଥିଲେ। ୧୧ ଏକର ଜମିରେ ଥିବା ହଜ୍ ପୋଖରୀର ପୁନଃଉଦ୍ଧାର ସହ ମୁଖ୍ୟରାସ୍ତା ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ ଦାବି କରିଥିଲେ। ଏଥିସହ ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡିକୁ ସ୍ଥାନାନ୍ତର କରିବା, ୱାର୍ଡ ଅଫିସ, ବରିଷ୍ଠ ନାଗରିକ ଗୃହ, ମହିଳା ସମିତି ଗୃହ ନିର୍ମାଣରେ ପକ୍ଷପାତିତା କରାଯାଇଥିବା ଭଳି ଅନେକ ସମସ୍ୟା ଉପରେ ଆଲୋଚନା କରିଥିଲେ। ମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନେବା ସହିତ ସେମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସମ୍ଭାଷଣଯୁକ୍ତ ପ୍ରଦର୍ଶନ ନାଟ୍ୟ କର୍ମଶାଳା ଆରମ୍ଭ



ନାଟ୍ୟ ନିର୍ଦ୍ଦେଶକ ସତ୍ୟବ୍ରତ ରାଉତ ନାଟ୍ୟ କଳା ଓ ନିର୍ଦ୍ଦେଶନା ସମ୍ପର୍କରେ ବୁଝାଉଛନ୍ତି।

ଭୁବନେଶ୍ୱର, ୧୬।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ମଙ୍ଗଳବାର ଉତ୍କଳ ରଙ୍ଗମଞ୍ଚଠାରେ ସମ୍ଭାଷଣଯୁକ୍ତ ପ୍ରଦର୍ଶନ ନାଟ୍ୟ କର୍ମଶାଳା ଆରମ୍ଭ ହୋଇଛି। ଏହାକୁ ଉଦ୍‌ଘାଟନ କରି ଦୁଇ ବିଶିଷ୍ଟ ନାଟ୍ୟବିତ୍ ନିଜ ଅନୁଭୂତି ଓ ଅଭିଜ୍ଞତାକୁ ପ୍ରଶିକ୍ଷାର୍ଥୀଙ୍କ ଆଗରେ ବାଣ୍ଟିଥିଲେ। ପ୍ରଥମେ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା (ଏନ୍‌ଏସ୍‌ଡି)ର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ ନିର୍ଦ୍ଦେଶନା ଉପରେ ମାଷ୍ଟରକ୍ଲାସ୍ ନେଇଥିଲେ। ଏହାପରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସତ୍ୟବ୍ରତ ରାଉତ ଦୁଇଟି ଅଧିବେଶନରେ ନାଟ୍ୟ କଳା ଓ ନିର୍ଦ୍ଦେଶନା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସଂସ୍କୃତି ଯୁଗ୍ମ ନିର୍ଦ୍ଦେଶକ ତଥା ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ ରାୟ ଓ ଏକାଡେମୀ ସଚିବ ପ୍ରବୋଧ ରଥ ଉପସ୍ଥିତ ଥିଲେ। ପରିଚାଳନା କରିଥିଲେ କର୍ମଶାଳା ସଂଯୋଜକ ତଥା ନାଟ୍ୟ ନିର୍ଦ୍ଦେଶକ ଦେବାନନ୍ଦ ସୋନୀ। ଏହି ସ୍ୱତନ୍ତ୍ର ନାଟ୍ୟ କର୍ମଶାଳାରେ ଉଭୟ ପ୍ରାକ୍ଟିକାଲ ଓ ଥିଓରି ପଢ଼ାଯାଉଛି। ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଅଭିନୟ, ନିର୍ଦ୍ଦେଶନା, ମଞ୍ଚକଳା ଉପରେ ପ୍ରଶିକ୍ଷଣ ଦିଆଯିବ। ଏନ୍‌ଏସ୍‌ଡି ଓ ଭାରତର ୫ ଜଣ ଅଭିଜ୍ଞ ନାଟ୍ୟବିତ୍‌ଙ୍କ ଦ୍ୱାରା ପ୍ରଶିକ୍ଷଣ ତଥା ଶିକ୍ଷା ପ୍ରଦାନ କରାଯିବ। ଅନ୍ୟ ୩ଜଣ ପ୍ରଶିକ୍ଷକ ହେଲେ ସିକ୍କିମ୍‌ସ୍ଥିତ ଏନ୍‌ଏସ୍‌ଡି ସେଣ୍ଟର ଡାଇରେକ୍ଟର ସୌତି ଚକ୍ରବର୍ତ୍ତୀ, ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦର ଥିଏଟର ବିଭାଗ ପ୍ରଫେସର (ଅଭିନୟ) ନୌସାଦ ମହମ୍ମଦ କୁଞ୍ଜୁ ଓ ଏନ୍‌ଏସ୍‌ଡିଆନ ଅରୁଣ ମଲ୍ଲିକ ପ୍ରମୁଖ ରହିଛନ୍ତି। କର୍ମଶାଳାରେ ୨୦୦ଜଣ ନାଟ୍ୟଶିଳ୍ପୀ ଅଂଶଗ୍ରହଣ କରିବାକୁ ଏକାଡେମୀ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲାବେଳେ ରାଜ୍ୟର ମୋଟ ୧୪୨ଜଣ ଯୋଗଦେଇଛନ୍ତି। ପ୍ରଥମ ଆବେଦନକାରୀଙ୍କୁ ଗୁରୁତ୍ୱ ଦିଆଯାଇଛି ବୋଲି ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ କହିଛନ୍ତି।

# ବଙ୍ଗୀୟ ମହିଳା ଗିରଫ

## ବାହୁଡ଼ା ଯାତ୍ରାରେ ମୋବାଇଲ ଚୋରି

ଭୁବନେଶ୍ୱର, ୧୬।୭ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଇସ୍କନ ମନ୍ଦିର ପକ୍ଷରୁ ଚାଲିଥିବା ବାହୁଡ଼ା ଯାତ୍ରାରେ ଜଣେ ଶ୍ରଦ୍ଧାଳୁଙ୍କ ପକେଟ୍‌ରୁ ମୋବାଇଲ ଚୋରି ଅଭିଯୋଗରେ ନୟାପଲ୍ଲୀ ପୋଲିସ ସମ୍ପୃକ୍ତ ବଙ୍ଗୀୟ ମହିଳାଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ବାଙ୍କୁରା ଜିଲାର ଫତେମା ଖାତୁନ୍ (୩୭)। ଫତେମା ମଞ୍ଚେଶ୍ୱର ଥାନା ଖେଳନା ବସ୍ତିରେ ରହୁଛନ୍ତି। ତାଙ୍କଠୁ ଚୋରି ମୋବାଇଲ ଜବତ ହୋଇଛି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ ସନ୍ତୋଷ କୁମାର ବିଶୋଇ ସୋମବାର ଇସ୍କନ ନିକଟରେ ମହାପ୍ରଭୁଙ୍କ ରଥ ଟାଣୁଥିବାବେଳେ ଫତେମା ଭିଡ଼ର ସୁଯୋଗ ନେଇ ତାଙ୍କ ପକେଟ୍‌ରୁ ମୋବାଇଲ ଚୋରି କରି ନେଇଯାଇଥିଲେ। ସନ୍ତୋଷ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୪୧୭/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ତେବେ ଅଭିଯୁକ୍ତା ଫତେମା ମଙ୍ଗଳବାର ସିଆର୍‌ପି ଅଞ୍ଚଳରେ ଉକ୍ତ ମୋବାଇଲକୁ କମ୍ ଦାମରେ ବିକ୍ରି କରିବାକୁ ଗ୍ରାହକ ଖୋଜୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା।

## ଟ୍ରାଫିକ୍ ଜାମ୍



ଝାରପଡ଼ା ଓଭରବ୍ରିଜ୍ ତଳ ରାସ୍ତା କାମ ପାଇଁ ମଙ୍ଗଳବାର ବାଟ ବନ୍ଦ କରାଯାଇଥିବାରୁ କଳ୍ପନା ଦିଗରୁ ରସୁଲଗଡ଼ ଆଡକୁ ଯାଉଥିବା ଗାଡିଗୁଡିକ ଅପରପାର୍ଶ୍ୱକୁ ଯିବାବେଳେ ଭିଡ଼ରେ ଫସି ରହିଛି।

# କାର୍ ଧକ୍କାରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ

ଝାଁଲା, ୧୬।୭ (ବୁଲା ବାରିକ)

୧୬ନଂ. ଜାତୀୟ ରାଜପଥର ଝାଁଲା ଓଭରବ୍ରିଜ ଉପରେ ମଙ୍ଗଳବାର କାର୍ ଧକ୍କାରେ ଜଣେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳର କାଳନ୍ଦୀ ଚରଣ ମହାପାତ୍ର। ଜଟଣୀ ବ୍ଲକ ଦେଉଳିଆ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିବାବେଳେ ମଦନପୁର ଗ୍ରାମରେ ଭଡ଼ାରେ ରହୁଥିଲେ। ସୂଚନା ମୁତାବକ, ଜଟଣୀ ପିଏନ୍ ହାଇସ୍କୁଲରେ କାଳନ୍ଦୀ ଚରଣଙ୍କ ସ୍ମାର୍ଟ କ୍ଲାସ ନେଇ ଏକ ଟ୍ରେନିଂ ଚାଲିଥିଲା। ଅପରାହ୍ନ ୪ଟାରେ ଟ୍ରେନିଂ ସାରି ସେ ବାଇକ୍‌ରେ ମଦନପୁର ଫେରୁଥିଲେ। ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାର୍ ଝାଁଲା ଓଭରବ୍ରିଜ ଉପରେ କାଳନ୍ଦୀଙ୍କ ବାଇକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ଫଳରେ କାଳନ୍ଦୀ ଗାଡିରୁ ଛିଟିକି ତଳେ ପଡିଥିଲେ। ଖବରପାଇ ଇନ୍‌ଫୋସିଟି ଥାନା ପୋଲିସ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା କାର୍‌ଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। କାଳନ୍ଦୀଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶିକ୍ଷକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

# ୧୧ କେଭି ବିଦ୍ୟୁତ୍ ତାର ଚୋରି

ବାରଙ୍ଗ, ୧୬।୭ (ଲିଙ୍ଗରାଜ ରାଉତ)

କଟକ ମହାନଗର ନିଗମ ୩ନଂ. ୱାର୍ଡର ବେଣ୍ଟକାରପଡ଼ା ବିଦ୍ୟାଧରପୁର ଗ୍ରାମ ନିକଟରୁ ୧୧ କେଭି ବିଦ୍ୟୁତ୍ ତାର ଚୋରି ହୋଇଛି। ନରାଜ ବ୍ୟାରେଜ ନିକଟରୁ ନରଣପୁର କୁଆଖାଇ ସେତୁ ପର୍ଯ୍ୟନ୍ତ ନଦୀବନ୍ଧ ସମ୍ପ୍ରସାରିତ କାର୍ଯ୍ୟ ଚାଲୁ ରହିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଠିକାଦାର ମାଧ୍ୟମରେ ଆଗରୁ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ତାରକୁ କଢାଯାଇ ନୂଆ ବିଦ୍ୟୁତ୍ ଖୁଣ୍ଟ ଓ ତାର ଲଗାଯାଇଛି। ସୋମବାର ବିଳମ୍ବିତ ରାତିରେ ଗୋଡ଼ିସାହି ବିଦ୍ୟୁତ୍ କାର୍ଯ୍ୟାଳୟ ଅଧୀନରେ ଥିବା ବେଣ୍ଟକାରପଡ଼ା ବିଦ୍ୟାଧରପୁର ଗ୍ରାମ ନିକଟରୁ କେହି ଦୁର୍ବୃତ୍ତ ୪ଟି ଖୁଣ୍ଟ ମଝିରେ ଥିବା ୧୧ କେଭି ବିଦ୍ୟୁତ୍ ତାର ଚୋରି କରିଥିବା ମଙ୍ଗଳବାର ସକାଳୁ ଜଣାପଡ଼ିଥିଲା।

# ବୃଦ୍ଧ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି, ୧୬।୭ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ଫଗୋଳ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମର ଏକ ଦମ୍ପତିଙ୍କର ରହସ୍ୟଜନକ ଭାବେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଏହି ଗ୍ରାମର ଧୀର ମଲିକ(୬୦) ଓ ସ୍ତ୍ରୀ କୁନି ମଲିକ(୫୪)। ଧୀର ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ତାଙ୍କର ଏକମାତ୍ର କନ୍ୟା ବିବାହ କରିସାରିଛନ୍ତି। ସୋମବାର ରାତିରେ ଏହି ଦମ୍ପତି ଖାଇସାରି ଶୋଇଥିଲେ। ବିଳମ୍ବିତ ରାତିରେ ଘରୁ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ



ବୃଦ୍ଧ ଦମ୍ପତି

ପହଞ୍ଚିବା ବେଳକୁ କୁନି ଓ ଧୀର ଯନ୍ତ୍ରଣାରେ ଚିତ୍କାର କରୁଥିବା ଦେଖିଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍‌କୁ ଯୋଗାଯୋଗ କରିଥିଲେ। ମାତ୍ର ଆମ୍ବୁଲାନ୍ସ ନ ଆସିବାରୁ ଶେଷରେ ଅଟୋ ସାହାଯ୍ୟରେ ଉଭୟଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୁନିଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷେ ଧୀରଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କୁନିଙ୍କ ମୃତ୍ୟୁ ପରେ ନିଶ୍ଚିନ୍ତକୋଇଲି ଡାକ୍ତରଙ୍କ ରିପୋର୍ଟକୁ ଆଧାରକରି ସାଲେପୁର ଥାନାରେ ପୋଲିସ ମାମଲା (ନଂ.୧୭/୨୪) ରୁଜୁ କରିଛି।

# ଘର ତାଲା ଭାଙ୍ଗି ଟଙ୍କା, ଅଳଙ୍କାର ଚୋରି

ଭୁବନେଶ୍ୱର, ୧୬।୭ (ସତ୍ୟଜିତ୍ ରାଉତ)

ପାହାଳ ଥାନା ନହରକଣ୍ଟା ଜୟଦେବନଗରରେ ଦୁର୍ବୃତ୍ତମାନେ ସୋମବାର ବିଳମ୍ବିତ ରାତିରେ ଘର ତାଲା ଭାଙ୍ଗି ଚୋରି କରିଛନ୍ତି। ଜଣେ ଭଡ଼ାଟିଆଙ୍କ ଘରୁ ପ୍ରାୟ ୧୨ରୁ ୧୩ ହଜାର ଟଙ୍କା ଓ ନିଜ ଘରୁ ଏକ ରୁପା ପାଉଁଜି ସହ ବିଭିନ୍ନ ଜିନିଷ ଚୋରି ହୋଇଥିବା ନେଇ ଘର ମାଲିକ ସଂଗ୍ରାମ କେଶରୀ ପଣ୍ଡା ପାହାଳ ଥାନାରେ ମଙ୍ଗଳବାର ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୩୦୮/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘରେ କେହି ନ ଥିବାବେଳେ ଜଣେ ଚୋର ତାଲା ଭାଙ୍ଗି ଘରେ ପଶି କଳାକନା ବୁଲାଇଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ପୋଲିସ ତାଙ୍କୁ ଧରିବାକୁ ଖୋଜାଖୋଜି ଚଳାଇଛି।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତୀକରଣ ଓ ଶ୍ରୀବକ୍ରେଶ୍ୱର ହାଇସ୍କୁଲକୁ ପିଏମ୍‌ଶ୍ରୀ ସ୍କୁଲରେ ରୂପାନ୍ତର ପାଇଁ ଦାବି

ବାଲିଅନ୍ତା, ୧୬।୭ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକର ଭିଙ୍ଗାରପୁର ଅଞ୍ଚଳର ପୁରାତନ ଡାକ୍ତରଖାନାର ଉନ୍ନତୀକରଣ ଓ ପୁରୁଣା ଶ୍ରୀବକ୍ରେଶ୍ୱର ହାଇସ୍କୁଲକୁ ପିଏମ୍‌ଶ୍ରୀ ସ୍କୁଲରେ ରୂପାନ୍ତର ପାଇଁ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଥମ ଦାବିପତ୍ରରେ ୧୯୨୮ ମସିହାରେ ସ୍ଥାପିତ ଭିଙ୍ଗାରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅପଗ୍ରେଡେଶନ କରାଯାଇ ସବୁ ପ୍ରକାର ସ୍ୱାସ୍ଥ୍ୟସେବା ୨୪ ଘଣ୍ଟିଆ ଯୋଗାଇ ଦେବାକୁ ଉଲ୍ଲେଖ ରହିଛି। ଏହି ଡାକ୍ତରଖାନା ଉପରେ ୮ଟି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି। ତେଣୁ ଏହି ପୁରାତନ ଡାକ୍ତରଖାନାର ଉନ୍ନତୀକରଣ ଜରୁରୀ ଅଟେ ବୋଲି ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଦ୍ୱିତୀୟ ଦାବିପତ୍ରରେ ୧୯୩୬ ମସିହାରେ ସ୍ଥାପିତ ଭିଙ୍ଗାରପୁରସ୍ଥିତ ଶ୍ରୀବକ୍ରେଶ୍ୱର ହାଇସ୍କୁଲକୁ ପିଏମ୍‌ଶ୍ରୀ ସ୍କୁଲରେ ରୂପାନ୍ତର ଓ ଦକ୍ଷତା ବିକାଶ କେନ୍ଦ୍ର ପାଇଁ ଉଲ୍ଲେଖ ରହିଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ସୁର ରାୟଙ୍କ ନେତୃତ୍ୱରେ ରଞ୍ଜନ ପାରିମାଣିକ, ପ୍ରସନ୍ନ ସାହୁ, ସରୋଜ ଦାସ ପ୍ରମୁଖ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭେଟି ଏହି ୨ଟି ଦାବିପତ୍ର ପ୍ରଦାନ କରିଥିଲେ।

# ୩ଜଣ ପାଇଲେ 'ପରିପୂର୍ଣ୍ଣା ସମ୍ମାନ'

ଭୁବନେଶ୍ୱର, ୧୬।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ୮ମ ନୃତ୍ୟ ସମାରୋହ 'ପରିପୂର୍ଣ୍ଣା – ୨୦୨୪' ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଆରମ୍ଭ ହୋଇଛି। ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ଯୁଗ୍ମ ସମ୍ପାଦକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକା ଶୈଳଭାମା ମିଶ୍ର, ମାଲେସିଆରୁ ଆସିଥିବା ଓଡ଼ିଶୀ ନୃତ୍ୟଶିଳ୍ପୀ ଗୀତା ଶଙ୍କରନ ଏବଂ ବରିଷ୍ଠ ଅଭିନେତ୍ରୀ ବନ୍ଦନା ମହାନ୍ତିଙ୍କୁ 'ପରିପୂର୍ଣ୍ଣା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ଗୁରୁ ଦେବପ୍ରସାଦ ଦାସଙ୍କ କନ୍ୟା ବିପଞ୍ଚି ଦାସଙ୍କ ଏକକ ନୃତ୍ୟ 'ମିଳନ'ରୁ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରାଧାକୃଷ୍ଣଙ୍କ ଶାଶ୍ୱତ ପ୍ରେମକୁ ସେ ବେଶ୍ ଜୀବନ୍ତ ଭାବେ ପ୍ରଦର୍ଶନ କରିଥିଲେ। ପରେ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ଗୁରୁ ଗୀତା ଶଙ୍କରନ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଏହାପରେ ସୁଶ୍ରୀ ଅରୁଣିମା ଆଚାର୍ଯ୍ୟ ଓ ଜ୍ୟୋତିର୍ମୟୀ ଦାସ ଓଡ଼ିଶୀ ନୃତ୍ୟାଭିନୟ କରିଥିଲେ। ଶେଷ ପରିବେଷଣ ଥିଲା ବର୍ଷା ମୋହିନୀଙ୍କ ଓଡ଼ିଶୀ ନୃତ୍ୟାଭିନୟ, ଯାହା ଦର୍ଶକଙ୍କ ମନକୁ ବେଶ୍ ଛୁଇଁପାରିଥିଲା। ଫାଉଣ୍ଡେଶନ ଉପସଭାପତି ନମ୍ରତା ଚଢ଼ା, ସିନେ ଅଭିନେତା ତଥା ନୃତ୍ୟାଙ୍ଗନା ସଙ୍ଗୀତା ଦାସ, ଉପଦେଷ୍ଟା ଡ. ଆଶିଷ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ। ସଭାପତି ଗୋପାଳ କୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ 'ପରିପୂର୍ଣ୍ଣା ସମ୍ମାନ' ପାଇଥିବା ୩ ବ୍ୟକ୍ତିତ୍ୱ।

# ଚକ୍ରଧର ବେହେରା ଜଣେ ସ୍ୱର୍ଦ୍ଧିତ ଅନନ୍ୟ ବ୍ୟକ୍ତିତ୍ୱ

## ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର, ୧୬।୭ (ଶର୍ମିଷ୍ଠା ପାଣିଗ୍ରାହୀ)

କନିକା ପ୍ରଜା ଆନ୍ଦୋଳନର ମହାନାୟକ ଚକ୍ରଧର ବେହେରା ଥିଲେ ଜଣେ ସ୍ୱର୍ଦ୍ଧିତ ତଥା ଅନନ୍ୟ ବ୍ୟକ୍ତିତ୍ୱ। ସଂଗ୍ରାମୀ ବାମଦେବ ପାଟଯୋଶୀ ଚକ୍ରଧର ବେହେରାଙ୍କ ଆଦର୍ଶ ଥିଲେ। କନିକା ପ୍ରଜା ଆନ୍ଦୋଳନ ପାଇଁ କେବଳ ଚକ୍ରଧର ନୁହନ୍ତି, ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ କାରାବରଣ କରିଥିଲେ। ତାଙ୍କ ଜୀବନର ଅନାଲୋଚିତ ଦିଗଗୁଡିକୁ ଲୋକଲୋଚନକୁ ଆଣିବା ଆମମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ଏଣୁ ଚକ୍ରଧର ବେହେରାଙ୍କ ଜୀବନୀ ଉପରେ ଅଧିକ ଗବେଷଣା କରି ତାଙ୍କ ଆଦର୍ଶ ଓ କର୍ମମୟ ଜୀବନକୁ ଉତ୍ତରପିଢ଼ିଙ୍କ ନିକଟରେ ପହଞ୍ଚାଯାଇପାରିଲେ ତାହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି





ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥି।

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଡ. ଗୌରହରି ଦାସ କହିଲେ, ଚକ୍ରଧର ବେହେରା ଥିଲେ କନିକାର ସୂର୍ଯ୍ୟ। କନିକା ମାଟି ଆଜି ବି ତାଙ୍କୁ ଝୁରୁଛି। ତାଙ୍କ ନେତୃତ୍ୱରେ ପାଞ୍ଚମୂକାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା। ସେ ଜଣେ ସଚ୍ଚା ଦେଶପ୍ରେମୀ, ନିଃସ୍ୱାର୍ଥପର ଦେଶସେବକ ଓ ସ୍ୱାଧୀନତାର ପୂଜାରୀ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ଦେଇ କହିଲେ, ଚକ୍ରଧର ବେହେରା ଥିଲେ ଜଣେ କ୍ରାନ୍ତିପୁରୁଷ। କନିକା ଜନଆନ୍ଦୋଳନକୁ ସେ ସାମାଜିକ କ୍ରାନ୍ତିରେ ପରିଣତ କରିଥିଲେ। ସଙ୍ଗୀତଜ୍ଞ ସିତାଂଶୁ ରାଉତ ଏବଂ ସାଥୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଚକ୍ରଧର ବେହେରାଙ୍କ ନାତି ପ୍ରଭାକର ପରିଡ଼ା ଉତ୍ତରୀୟ ଦେଇ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ସକାଳେ ରାଜଭବନସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

**ସଂକ୍ଷେପରେ**

## ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ

**କଟକ ସଦର, ୧୬।୭(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ହୋଇଥିଲା। ଏଥିରେ ନିର୍ବାଚନ ପୂର୍ବରୁ ମନୋନୀତ ଏଜେନ୍ସି ଦ୍ୱାରା କାମ କରିବା ଉପରେ ଆଲୋଚନା ହୋଇଥିଲା। ବ୍ଲକର ବିଭିନ୍ନ ଅଞ୍ଚଳରେ ଶେଷ ହୋଇଥିବା କାର୍ଯ୍ୟର ବିଲ୍ ୭ ଦିନ ମଧ୍ୟରେ ପଇଠ କରିବା, ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟ ପୁରୁଣା ଏଜେନ୍ସି ଦ୍ୱାରା କରିବା, ପୂର୍ବତନ ବିଧାୟକ ନିଜ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ଦେଇଥିବା କାର୍ଯ୍ୟାଦେଶକୁ କାଏମ ରଖିବା, ପଞ୍ଚାୟତ ସମିତି ଅଧ୍ୟକ୍ଷା, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ଜ୍ଞାତସାରରେ ଭତ୍ତା ବଣ୍ଟନ, ଯୋଗାଣ ସାମଗ୍ରୀର ସୁଷମ ବଣ୍ଟନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏଥିସହ ବ୍ଲକ୍‌ର ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅଧ୍ୟକ୍ଷାଙ୍କୁ ଜଣାଇ କରାଯିବାକୁ ସର୍ବସମତିକ୍ରମେ ମତପ୍ରକାଶ ପାଇଥିଲା। ଏହି ବୈଠକରେ ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧି ଯୋଗଦେଇଥିଲେ।

# ବୃଦ୍ଧଙ୍କୁ ଖଣ୍ଡାରେ ହାଣି ହତ୍ୟା

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**କଣ୍ଟାପଡା, ୧୬।୭(ସୁରନାରାୟଣ ସାହୁ)**

କଟକ ଜିଲା ଓଲଟପୁର ଥାନା ଅଧୀନ ସଳେଇ ବେଦପୁର(୨) ଗ୍ରାମରେ ସୋମବାର ରାତିରେ ଜଣେ ବୃଦ୍ଧଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଉକ୍ତ ଗ୍ରାମର ବନ୍ଧୁ ଦାସ(୬୦)। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ ମୃତକଙ୍କ ପରିବାର ସଦସ୍ୟଙ୍କ ସମେତ ଗ୍ରାମବାସୀ ଫୁଲନଖରା-ନିଆଳି ରାସ୍ତାର ସଳେଇ ନିକଟରେ ମଙ୍ଗଳବାର ରାସ୍ତା ଅବରୋଧ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୮ଟାରେ ଉକ୍ତ ଗ୍ରାମର ବନ୍ଧୁ ଦାସ ଓ କୈଳାସ ଚନ୍ଦ୍ର ମୁଦୁଲି(୪୫)ଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ନେଇଥିଲା। କୈଳାସ ଉତ୍‌କ୍ଷିପ୍ତ ହୋଇ ନିଜ ଘରୁ ଏକ ଖଣ୍ଡା ଆଣି ବନ୍ଧୁଙ୍କ କାନମୁଣ୍ଡାକୁ ଚୋଟ ପକାଇଥିଲେ। ଫଳରେ ରକ୍ତସ୍ରାବ ହେବାରୁ ସେ ଅଚେତ ହୋଇପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅପରପକ୍ଷରେ ହତ୍ୟା ଘଟଣା ଜଣାପଡିବା ପରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ରାତି ପ୍ରାୟ ୮ଟାରେ କଣ୍ଟାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ପହଞ୍ଚି ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦,୦୦୦ ଟଙ୍କା ଦେବାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏନେଇ ମୃତକଙ୍କ ସ୍ତ୍ରୀ ଟୁନି ଦାସ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୮୯/୨୪) ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଓଲଟପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକ କହିଛନ୍ତି।



କ୍ଷତିପୂରଣ ଦାବିରେ ସଳେଇଠାରେ ରାସ୍ତାରୋକୋ କରାଯାଇଛି।

# ମହାନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ, ୧୬।୭(କାର୍ତ୍ତିକ ସାହୁ)**

ଛତ୍ରବଜାର ଅଞ୍ଚଳର ପ୍ରଶାନ୍ତ ରାଉତ(୨୯) ମହାନଦୀକୁ ଡେଇଁ ପଡିଛନ୍ତି। ଏନେଇ ସୋମବାର ରାତି ୧୨ଟାରେ ଅଗ୍ନିଶମ ବାହିନୀକୁ ସୂଚନା ମିଳିଥିଲା। ମଙ୍ଗଳବାର ଅପରାହ୍ନ ୪ଟାରେ ପ୍ରଶାନ୍ତଙ୍କ ମୃତଦେହ ମହାନଦୀରୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଯାଇଛି।

ମିଳିଥିବା ସୂଚନା ଅନୁସାରେ, ପ୍ରଶାନ୍ତ ଯୋବ୍ରା ମ୍ୟୁଜିୟମ ସମ୍ମୁଖ ସ୍ଥାନରୁ ମହାନଦୀକୁ ଡେଇଁଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଉକ୍ତ ସ୍ଥାନରେ ପଡ଼ିଥିବା ପ୍ରଶାନ୍ତଙ୍କ ଚପଲ ଓ ବାଇକ ଉଦ୍ଧାର କରାଯାଇଥିଲା। ବକ୍ସିବଜାର ଅଗ୍ନିଶମ କର୍ମଚାରୀ ପହଞ୍ଚି ଯୋବ୍ରା ମ୍ୟୁଜିୟମ୍ ସମ୍ମୁଖ ମହାନଦୀରେ ରାତି ପ୍ରାୟ ୨ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ। ହେଲେ ପ୍ରଶାନ୍ତଙ୍କ ପତ୍ତା ପାଇ ନ ଥିଲେ। ମଙ୍ଗଳବାର ସକାଳ ୫ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଜାଖୋଜି କରାଯାଇଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ଅଗ୍ନିଶମ କର୍ମଚାରୀମାନେ ଅଣ୍ଡର ୱାଟର ସର୍ଚ୍ଚ କ୍ୟାମେରା, ସ୍କୁବା ସେଟ୍ ଆଦି ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରିଥିଲେ। ପୁଣି ଅପରାହ୍ନ ୪ଟାରେ ଖୋଜିବାବେଳେ ନଦୀରେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ମୃତଦେହ ଉଦ୍ଧାର କରି ଅଣାଯିବା ପରେ ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଏନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅପରପକ୍ଷରେ ସୋମବାର ରାତିରେ ପ୍ରଶାନ୍ତ ଘରୁ ରାଗି ଚାଲିଆସିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିବା ପରିବାର ଲୋକେ କହିଛନ୍ତି।

## ବିକାଶ କ୍ଷେତ୍ରରେ ଯୁବଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ

**କଣ୍ଟାପଡା, ୧୬।୭(ସୁରନାରାୟଣ ସାହୁ)**

କଣ୍ଟାପଡା ବ୍ଲକ ଅଧୀନ ସୁନ୍ଦର ଗ୍ରାମସ୍ଥିତ ଦଧିଚି ଫାର୍ମାସୀ କଲେଜରେ ବିଶ୍ୱ ଦକ୍ଷତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ରଜତ କୁମାର କର ଯୋଗଦେଇ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱ ଅନେକ ଆହ୍ୱାନର ସମ୍ମୁଖିନ ହେଉଥିବାବେଳେ ଶାନ୍ତି ଓ ବିକାଶ କ୍ଷେତ୍ରରେ ଯୁବଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଧ୍ୟାପକ ଡ. ସନ୍ତୋଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରୀଛାତ୍ର ଓ କର୍ମଚାରୀ ଯୋଗଦେଇଥିଲେ।

## ବନ ମହୋତ୍ସବ ପାଳିତ

**ଚୌଦ୍ୱାର, ୧୬।୭(ଆଶୁତୋଷ ଦାସ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମହିଷାଲଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଡ. ସଚ୍ଚିଦାନନ୍ଦ ପ୍ରଧାନ, ସ୍ଥାନୀୟ ସରପଞ୍ଚ କଲ୍ୟାଣୀ ରାଉତ, ଦେବୀ ପ୍ରସାଦ ସ୍ୱାଇଁ, ଓଡ଼ିଶା ଆଦିବାସୀ ଫାଉଣ୍ଡେଶନ୍ ସଭାପତି ଗମନ କଳା, ବିଦ୍ୟାଧର ରାଉତ, ରତ୍ନାକର ରାଉତ, ହରି ପ୍ରସାଦ ସାମଲ, ସୁମିତ୍ରା ପଣ୍ଡା, ଗୀତାଞ୍ଜଳି ସାହୁ ଯୋଗଦେଇଥିଲେ। ଏହି ଅବସରରେ ଅତିଥି, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଚାରା ରୋପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ତିୟୁ ଧନ୍ୟବାଦ ଦେଇଥିଲେ।




ସିଟି ସ୍କାନ ମେଶିନ ମରାମତି ଓ ନୂତନ ମେଶିନ ଆଣିବା ଦାବିରେ ମଙ୍ଗଳବାର ଏସ୍‌ସିବି ମେଡିକାଲ ରଞ୍ଜନରଶ୍ମି ବିଭାଗ ସମ୍ମୁଖରେ ସୁଭାଷ ସଙ୍ଗଠନ ସଦସ୍ୟମାନେ ଧାରଣାରେ ବସିଛନ୍ତି।

## ସିଟି ସ୍କାନ୍ ମେଶିନ ମରାମତି ଦାବିରେ ଧାରଣା

**କଟକ, ୧୬।୭(ଶିଳ୍ପା ପ୍ରିୟଦର୍ଶିନୀ)**

ସିଟି ସ୍କାନ ମେଶିନ ମରାମତି ଓ ନୁତନ ମେଶିନ ଆଣିବା ଦାବିରେ ସୁଭାଷ ସଙ୍ଗଠନ ପକ୍ଷରୁ ଏସ୍‌ସିବି ମେଡିକାଲ ରଞ୍ଜନରଶ୍ମୀ ବିଭାଗ ସମ୍ମୁଖରେ ମଙ୍ଗଳବାର ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯାଇଛି। ଏସ୍‌ସିବି ମେଡିକାଲକୁ ପ୍ରତିଦିନ ବହୁସଂଖ୍ୟକ ରୋଗୀ ପରୀକ୍ଷାନିରୀକ୍ଷା ସହ ଚିକିତ୍ସା ପାଇଁ ଆସୁଛନ୍ତି। ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ହେବ ଏସ୍‌ସିବିରେ ସିଟି ସ୍କାନ ମେଶିନ ଅଚଳ ହୋଇପଡିଛି। ଫଳରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହୋଇଛି। ଏନେଇ ସଙ୍ଗଠନର ସାଧାରଣ ସମ୍ପାଦକ ସୁରେଶ ମହାନ୍ତି କହିଛନ୍ତି, ଏସ୍‌ସିବି ମେଡିକାଲକୁ ବହୁ ଦୂରଦୂରାନ୍ତରୁ ରୋଗୀମାନେ ଚିକିତ୍ସା ପାଇଁ ଆସୁଛନ୍ତି। ହେଲେ ଏଠାରେ ସିଟି ସ୍କାନ୍ ମେଶିନ ଅଚଳ ହେବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ନୁଆ ମେଶିନ ଅଣାଯିବା ସହ ଅଚଳ ମେଶିନ ମରାମତି ପାଇଁ ଏହି ଧାରଣା ଦିଆଯାଇଥିଲା। ଏହି ଧାରଣାରେ ସଙ୍ଗଠନର ବାପୁଜୀ କର, ଜ୍ଞାନରଞ୍ଜନ ଦାସ, ରାକେଶ ବସ୍ତିଆ, ସନତ ମହାର, ପ୍ରହଲ୍ଲାଦ ସାହୁ, ଶ୍ରୀନିବାସ ରେଡ୍ଡୀ, ସୁକାନ୍ତ ବିଶ୍ୱାଳ, ହାଡିବନ୍ଧୁ ସାହୁ, ମଣ୍ଟୁ ସାହୁ, ସଞ୍ଜିବ ଶୁକ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ସେମାନେ ଧାରଣାରୁ ଉଠିଯାଇଥିଲେ।

# 'ପ୍ରସ୍ତାବରେ ସୀମିତ ରହିଯାଉଛି କାର୍ଯ୍ୟ'



ବୈଠକରେ ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ ଅନ୍ୟମାନେ।

**କଟକ, ୧୬।୭(କାର୍ତ୍ତିକ ସାହୁ)**

**ସିଏମ୍‌ସି କାଉନ୍‌ସିଲ ବୈଠକର ପ୍ରାକ୍ ପ୍ରସ୍ତୁତି**

କଟକ ମହାନଗର ନିଗମ (ସିଏମ୍‌ସି)ର କାଉନ୍‌ସିଲ ବୈଠକ ଏଥର ନୂତନ ଢାଞ୍ଚାରେ ପରିଚାଳିତ ହେବ। କର୍ପୋରେଟରମାନେ ମନଇଚ୍ଛା ପ୍ରଶ୍ନ ନ ପଚାରି ପୂର୍ବରୁ ତାଲିକାଭୁକ୍ତ କରାଇଥିବା ପ୍ରଶ୍ନ ହିଁ ପଚାରିବେ। ଏଥିପାଇଁ ସିଏମ୍‌ସିର ବିଜୁ ଭବନ ସମ୍ମିଳନୀ ପକ୍ଷରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସିର ୱାର୍ଡ ନଂ. ୩୧ରୁ ୫୯ ପର୍ଯ୍ୟନ୍ତ କର୍ପୋରେଟରମାନେ ଯୋଗଦେଇ ପ୍ରସ୍ତାବରେ କାର୍ଯ୍ୟ ସୀମିତ ରହିଯାଉଥିବା ପ୍ରସଙ୍ଗ ଉଠାଇଥିଲେ।

ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୱାର୍ଡ ନଂ. ୫୬, ୫୭, ୫୮ ଓ ୫୯ ଅଞ୍ଚଳରେ ବହୁ ସମସ୍ୟା ରହିଥିବା କର୍ପୋରେଟରମାନେ ତଥ୍ୟ ଉପସ୍ଥାପନ କରିଥିଲେ। ଏହିସବୁ ୱାର୍ଡ ଅଞ୍ଚଳରେ ୧୬ ନମ୍ବର ଜାତୀୟ ରାଜପଥ ଯାଇଥିବାବେଳେ ରାଜପଥ କର୍ତ୍ତୃପକ୍ଷ ଡ୍ରେନେଜ ବ୍ୟବସ୍ଥା କରୁନାହାନ୍ତି। ଡ୍ରେନ୍‌ଗୁଡ଼ିକ ସଫା ହେଉନାହିଁ। ବର୍ଷାଦିନେ ଜଳ ଡ୍ରେନ୍‌ରୁ ଉଦ୍‌ବୃତ୍ତ ହୋଇ ଲୋକଙ୍କ ଘରେ ପଶୁଛି। ସିଏମ୍‌ସି ପକ୍ଷରୁ ତୁରନ୍ତ ବର୍ଜ୍ୟଜଳ ନିଷ୍କାସନ ନିମନ୍ତେ ପଦକ୍ଷେପ ନେବାକୁ କର୍ପୋରେଟରମାନେ ଦାବି ଉଠାଇଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ ବୋଲି ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ୱାର୍ଡ ନଂ. ୩୧ରୁ ୪୪ ପର୍ଯ୍ୟନ୍ତ ସଫେଇ ବ୍ୟବସ୍ଥା ନେଇ କର୍ପୋରେଟରମାନେ ଘୋର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ବିଳମ୍ବିତ କାର୍ଯ୍ୟକୁ ନେଇ ସେମାନେ ପ୍ରଶ୍ନ ଉଠାଇଥିଲେ। ପିଲିଗ୍ରିମ ରୋଡ୍‌ରେ ଥିବା ସିଏମ୍‌ସିର ଦୋକାନ ଘରଗୁଡ଼ିକ ନେଇଥିବା ଲୋକମାନେ କୋର୍ଟରେ ମାମଲା ରୁଜୁ କରିଛନ୍ତି। ଏହା ଉପରେ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା। ମାଲଗୋଦାମ ଫ୍ଲାଏ ଓଭର ତଳେ ଥିବା ଦୋକାନଗୁଡ଼ିକ ମୁଷ୍ଟିମେୟ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏସ୍‌ସିବି, ବୋଷ ସ୍କୁଲ ହଷ୍ଟେଲରୁ ବାହାରୁ ଥିବା ବର୍ଜ୍ୟ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ କର୍ପୋରେଟରମାନେ କହିଥିଲେ। ଏଥିସହ ବିଭିନ୍ନ ୱାର୍ଡରେ ରାସ୍ତା, ଡ୍ରେନ୍ ମରାମତି ନେଇ ମଧ୍ୟ ସେମାନେ ସ୍ୱର ଉତ୍ତୋଳନ କରିଥିଲେ। ବୈଠକରେ ସିଏମ୍‌ସି କମିଶନର ବିଜୟ ଦାସଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସୁନାବେଶ ପାଇଁ ଟ୍ରାଫିକ୍ କଟକଣା

**କଟକ, ୧୬।୭ (କାର୍ତ୍ତିକ ସାହୁ)**

- ମାଳତୀପାଟପୁରରେ ରହିବ ଟୁରିଷ୍ଟ ବସ୍
- ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ନିୟମିତ ବସ୍
- ବସ୍‌ରୁ ଓହ୍ଲାଇ ଅଟୋରେ ଯିବେ ଯାତ୍ରୀ

ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ପ୍ରମୁଖ ଆକର୍ଷଣ ସୁନାବେଶ ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଗାଡ଼ି ଚଳାଚଳ ନିମନ୍ତେ କଟକଣା ଜାରି କରାଯାଇଛି। ଭୁବନେଶ୍ୱର ପାର୍ଶ୍ୱରୁ ପୁରୀ ଯାଉଥିବା ରିଜର୍ଭ ଓ ଟୁରିଷ୍ଟ ବସ୍‌ଗୁଡ଼ିକ ମାଳତୀପାଟପୁର ବସ୍ ଷ୍ଟାଣ୍ଡରେ ରହିବ। ସେଗୁଡ଼ିକ ସତ୍ୟବାଦୀ, ପିପିଲି ଓ ଉତ୍ତରା ଦେଇ ପ୍ରତ୍ୟାବର୍ତ୍ତନ କରିବ। କୋଣାର୍କ ପାର୍ଶ୍ୱରୁ ଯାଉଥିବା ରିଜର୍ଭ ଓ ଟୁରିଷ୍ଟ ବସ୍‌ଗୁଡ଼ିକ ନାଗପାଟଣା ପାର୍କିଂରେ ରହିବ ଓ ସେଠାରୁ ଆସିଥିବା ଦିଗରେ ପ୍ରତ୍ୟାବର୍ତ୍ତନ କରିବ। ବ୍ରହ୍ମଗିରି ପାର୍ଶ୍ୱରୁ ଆସୁଥିବା ରିଜର୍ଭ ଓ ଟୁରିଷ୍ଟ ବସ୍ ମଙ୍ଗଳାଘାଟ ନିକଟ ଫ୍ଲୋରିସ୍ ଇଣ୍ଡିଆ ପର୍ଯ୍ୟନ୍ତ ଆସିବେ ଓ ସେଠାରୁ ପ୍ରତ୍ୟାବର୍ତ୍ତନ କରିବ।

ନିୟମିତ ଚଳାଚଳ କରୁଥିବା ଯାତ୍ରୀବାହୀ ବସ୍, କ୍ୟାଣ୍ଟର, ମୋ ବସ୍ ଏବଂ ଓଏସ୍‌ଆର୍‌ଟିସି ବସ୍‌ଗୁଡ଼ିକ ପୁରୀ ମ୍ୟୁନିସିପାଲିଟି ବସ୍‌ଷ୍ଟାଣ୍ଡକୁ ଆସିବା ପାଇଁ ଅନୁମତି ନାହିଁ। ଭୁବନେଶ୍ୱର ଓ ବ୍ରହ୍ମଗିରି ପାର୍ଶ୍ୱରୁ ଯାଉଥିବା ଏ ସମସ୍ତ ବସ୍ ମାଳତୀପାଟପୁର, ବୈଦୋସନଗର ଛକ, ଗ୍ରୀଡ୍ ଷ୍ଟେଶନ ଛକ ଓ ଭୂଦାନ ଛକ ଦେଇ ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିବ। ନିୟମିତ ଚଳାଚଳ କରୁଥିବା ବସ୍‌ଗୁଡ଼ିକ ତାଳବଣିଆ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରୁ ସେଣ୍ଟ୍ରାଲ ସ୍କୁଲ ଛକ, ଭୂଦାନ ଛକ, ଗ୍ରୀଡ୍ ଷ୍ଟେଶନ ଛକ, ବାଲିଘାଟ, ଗୋପାଳପୁର, ସମଙ୍ଗରା ଗ୍ରାମ, ବୀରହରେକୃଷ୍ଣପୁର ବଜାର ଓ ବାଟଗାଁ ଦେଇ ୩୧୬ ଜାତୀୟ ରାଜପଥରେ ପ୍ରତ୍ୟାବର୍ତ୍ତନ କରିବ। କୋଣାର୍କ ପାର୍ଶ୍ୱରୁ ଆସୁଥିବା ଯାତ୍ରୀବାହୀ ବସ୍ ଗ୍ରୀଡ୍ ଷ୍ଟେଶନ କ୍ରସିଂ ନିକଟରୁ ତାଳବଣିଆ ପାର୍କିଂସ୍ଥଳକୁ ଯିବ ଓ ସେଠାରୁ ସମାନ ରାସ୍ତାରେ ଫେରିବ।

ବିନା ପାସ୍‌ରେ ୩୧୬ ଜାତୀୟ ରାଜପଥରେ ପୁରୀ ଯାଉଥିବା ହାଲୁକା ଯାନଗୁଡ଼ିକ ମାଳତୀପାଟପୁରଠାରୁ ବୁଲି ପାର୍କିଂସ୍ଥଳ ୟୁନିଭର୍ସିଟି କ୍ୟାମ୍ପସ୍, ଆଇଟିଆଇ ପାର୍କିଂ, ହେଲିପ୍ୟାଡ୍, ଇନ୍‌ଡୋର ଷ୍ଟାଡିୟମ, ମାଛ ମାର୍କେଟ, ହର୍ଟିକଲଚର ପାର୍କ ଅଭିମୁଖେ ଗତି କରିବ। ପାର୍କିଂସ୍ଥଳଗୁଡ଼ିକ କ୍ରମାନ୍ୱୟରେ ପୂର୍ଣ୍ଣ କରାଯିବ। ଅପରପକ୍ଷରେ ଜାତୀୟ ରାଜପଥରେ ପାସ୍ ସହିତ ଯାଉଥିବା ହାଲୁକା ଯାନଗୁଡ଼ିକ ବାଟଗାଁ ନିକଟରେ ବୁଲି ଶ୍ରୀ ସେତୁ ଦେଇ ଜେବିପିସି ପାର୍କିଂରେ ରହିବ। ଉକ୍ତ ପାର୍କିଂ ପୂର୍ଣ୍ଣ ହେବା ପରେ ମଙ୍ଗଳାଘାଟର ଗଦାଧର ହାଇସ୍କୁଲ ପାର୍କିଂ, ଷ୍ଟେରଲିନ୍ ଛକ, କୋ-କୋପାଲମ, ବୃଷଭ ଛକ ପାର୍କିଂ, ଯାତ୍ରିକା ପାର୍କିଂ ଓ ନାଲି ପଡ଼ିଆରେ ଗାଡ଼ିଗୁଡ଼ିକ ରହିବ। ପୁଣି ସେଗୁଡ଼ିକ ସମାନ ରାସ୍ତାରେ ଫେରିବ।

ଅପରପକ୍ଷରେ ମୃତଦେହ ନେଇ ଯାଉଥିବା ଯାନ ସହ କେବଳ ଗୋଟିଏ ଗାଡ଼ିକୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଯିବାକୁ ଅନୁମତି ମିଳିବ। ବ୍ରହ୍ମଗିରି ଓ ଭୁବନେଶ୍ୱର ପାର୍ଶ୍ୱରୁ ଯାଉଥିବା ଦୁଇ ଚକିଆ ଯାନଗୁଡ଼ିକ ମାଳତୀପାଟପୁର, ବାଟଗାଁ, ଶ୍ରୀସେତୁ ଓ ଦେବୀଘାଟ ଦେଇ ପୁରୁଣା ଜେବିପିସି ପାର୍କିଂରେ ରହିବ। ଏହି ପାର୍କିଂ ପୂର୍ଣ୍ଣ ହେବା ପରେ ମାଟିତୋଟାଠାରେ ଦୁଇଚକିଆ ଯାନଗୁଡ଼ିକ ରହିବ। ପୁରୁଣା ଜେବିପିସି ପାର୍କିଂରୁ ଦୁଇଚକିଆ ଗାଡ଼ିଗୁଡ଼ିକ ଜଟିଆ ବାବା ଛକ, କୁମ୍ଭାରପଡ଼ା ଥାନା, ଅଠରନଳା, ଚାରିନଳା, ବାଟଗାଁ ଦେଇ ପ୍ରତ୍ୟାବର୍ତ୍ତନ କରିବ। କୋଣାର୍କ ପାର୍ଶ୍ୱରୁ ଯାଉଥିବା ଦୁଇଚକିଆ ଗାଡ଼ି ଗ୍ରୀଡ୍ ଷ୍ଟେଶନ, ସିଟି ରୋଡ୍ ଓ ସୁଭାଷ ବୋଷ ଛକ ଦେଇ ବ୍ଲୁ ଫ୍ଲାଗ୍ ବିଚ୍ ପାର୍କିଂରେ ରହିବ। ଏହା ପୂର୍ଣ୍ଣ ହେବା ପରେ ହୋଟେଲ ନୀଳାଚଳ ଅଶୋକ ପାର୍କିଂ ଓ ହଲିଡେ ରିସର୍ଟ ପାର୍କିଂରେ ଗାଡ଼ିଗୁଡ଼ିକ ରହିବ।

ତାଳବଣିଆଠାରୁ ସଦର ବ୍ଲକ ଅଫିସ, ଓଡ଼ିଶା ବେକେରି ଛକ ଦେଇ ରାମମନ୍ଦିର ଛକ ଦିଗରେ ସମସ୍ତ ଅଟୋ ଯିବ। ମାତ୍ର ସେଗୁଡ଼ିକ ରାମମନ୍ଦିର ଛକରୁ ଶ୍ରୀକ୍ଷେତ୍ର କଲୋନୀ ଓ ମଙ୍ଗଳା ମନ୍ଦିର ଦେଇ ତାଳବଣିଆ ଆସିବ। ସେହିପରି ମାଳତୀପାଟପୁର ବସ୍‌ଷ୍ଟାଣ୍ଡରୁ ଅଠରନଳାକୁ ଅଟୋରିକ୍ସା ଯାତାୟାତ କରିବ। ଏଥିସହ ସୁଭାଷ ବୋଷ ଛକରୁ ଲାଇଟ୍ ହାଉସ୍ ଛକ ଯାଏ ବସ୍ ଯାତାୟାତ ଉଭୟ ଦିଗରେ ହେବ ବୋଲି ସୂଚନା ଦିଆଯାଇଛି।



କଟକ ଦେଉଳସାହିଠାରେ ପ୍ରଫେସର ପ୍ରତାପ କିଶୋର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ରଚିତ ପୁସ୍ତକ 'ପ୍ରତିଜ୍ଞା ଓ ଅନ୍ୟାନ୍ୟ ଗଳ୍ପ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ବାଲିଯାତ୍ରା ତଳପଡିଆ ମହାନଦୀ ଗଡ଼ଗଡ଼ିଆ ଘାଟରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଓଡ଼ିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ମଙ୍ଗଳବାର ଆଳତି କରାଯାଉଛି।

# ଜମି ଦେବାକୁ କହି ୬୫ ଲକ୍ଷ ଠକେଇ, ୨ ଗିରଫ

ବାରଙ୍ଗ, ୧୬।୭(ଲିଙ୍ଗରାଜ ରାଉତ)

ଜମି ନ ଥାଇ ଜମି ଦେବାକୁ କହି ଟଙ୍କା ନେଇ ପରେ ଜମି ନ ଦେବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ବରିମୁଣ୍ଡ ଗ୍ରାମର ମନ୍ମଥ କେଶରୀ ପଟ୍ଟନାୟକ ଓ ଭୀମସେନ ନାୟକ। ଅଭିଯୁକ୍ତଙ୍କ ନାମରେ ୬୫ ଲକ୍ଷ ଟଙ୍କାର ଠକେଇ ଅଭିଯୋଗ ରହିଛି। ପ୍ରକାଶ ଯେ, ଗତ ୨୦୨୩ରେ ଏକ ପ୍ଲଟ ବିକ୍ରି କରିବାକୁ ସୌମ୍ୟରଞ୍ଜନ ପାତ୍ର ନାମକ ବ୍ୟକ୍ତଙ୍କଠାରୁ ମନ୍ମଥ ନିଜର ସହଯୋଗୀ ଭୀମସେନଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୨୫ ଲକ୍ଷ ଟଙ୍କା ନେଇଥିଲେ। ଅର୍ଥରାଶି ଦେବାର କିଛି ଦିନ ପରେ ସେଭଳି କୌଣସି ପ୍ଲଟ ମନ୍ମଥଙ୍କ ନାମରେ ନ ଥିବା ନେଇ ସୌମ୍ୟରଞ୍ଜନ ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲେ। ପରେ ସୌମ୍ୟରଞ୍ଜନ ପ୍ଲଟ କିଣିବାକୁ ମନ୍ମଥ ଓ ଭୀମସେନଙ୍କୁ ଦେଇଥିବା ଅର୍ଥ ମାଗିବାରୁ ଉଭୟ ତାଙ୍କୁ ଅର୍ଥ ଫେରାଇବାକୁ ମନା କରିବା ସହ ହତ୍ୟା ଧମକ ଦେଇଥିଲେ। ଶେଷରେ ଅନ୍ୟ କିଛି ଉପାୟ ନ ପାଇ ସୌମ୍ୟରଞ୍ଜନ ନନ୍ଦନକାନନ ଥାନାରେ ୨୦୨୪ ଜାନୁଆରୀ ୨୧ରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୧୮/୨୪ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଭୟରେ ଉଭୟ ଫେରାର ହୋଇଯାଇଥିଲେ। ସୋମବାର ରାତିରେ ଉଭୟଙ୍କୁ ପୋଲିସ କଲ୍ୟାଣପୁର ଅଞ୍ଚଳରୁ କାବୁ କରିବାରେ ସଫଳ ହୋଇଛି। ଏହା ପୂର୍ବରୁ ମନ୍ମଥ ଜମି ଦେବା ଆଳରେ ବାଲିପଡ଼ାର ନିର୍ମଳ ରାଉତଙ୍କଠାରୁ ମଧ୍ୟ ୪୦ ଲକ୍ଷ ଟଙ୍କା ଠକି ନେଇଥିବା ନେଇ ଏକ ମାମଲା ରୁଜୁ ହୋଇଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ଉଭୟଙ୍କୁ ପୋଲିସ ରିମାଣ୍ଡରେ ଆଣିବ ବୋଲି ସୂଚନା ରହିଛି।



ଗୁରୁ ଦେବପ୍ରସାଦ ଦାସଙ୍କ ୩୮ ତମ ପୁଣ୍ୟତିଥିରେ ମଙ୍ଗଳବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସମାରୋହରେ ରାଜ୍ୟପାଳଙ୍କ ସହ 'ଗୁରୁ ଦେବ ପ୍ରସାଦ ରତ୍ନ' ସମ୍ମାନ ପାଇଥିବା ବ୍ୟକ୍ତିତ୍ୱମାନେ।

# ଓଡ଼ିଶୀକୁ ବିଶ୍ୱସ୍ତରରେ ପହଞ୍ଚାଇଛନ୍ତି ଗୁରୁ ଦେବପ୍ରସାଦ

**୨୫ ବ୍ୟକ୍ତିତ୍ୱଙ୍କୁ 'ଗୁରୁ ଦେବପ୍ରସାଦ ରତ୍ନ' ସମ୍ମାନ**

**ତ୍ରିଧାରା ପାଇଁ ୫ଲକ୍ଷ ଟଙ୍କାର ଅର୍ଥରାଶି ଘୋଷଣାକଲେ ରାଜ୍ୟପାଳ**

ଭୁବନେଶ୍ୱର, ୧୬।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ସୁନ୍ଦର ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ କ୍ଷେତ୍ରରେ ଅନେକ ଗୁରୁ ସେମାନଙ୍କର ସେବା ପ୍ରଦାନ କରିଛନ୍ତି। ନିଜର ସମୃଦ୍ଧ ସଂସ୍କୃତି ଓ ଜୀବନ୍ତ ପରମ୍ପରା ପରି ଓଡ଼ିଶାର ନୃତ୍ୟ ଓ ସଙ୍ଗୀତ ମଧ୍ୟ ଆକର୍ଷକ। ଯେଉଁ ମହାନ୍ ଗୁରୁମାନେ ଓଡ଼ିଶୀ ନୃତ୍ୟର ପୁନରୁଦ୍ଧାର କରି ଏହାକୁ ଲୋକପ୍ରିୟ କରାଇଛନ୍ତି ସେମାନଙ୍କ ମଧ୍ୟରେ ଗୁରୁ ଦେବ ପ୍ରସାଦ ଦାସ ଅନ୍ୟତମ। ସେ କେବଳ ଯଶସ୍ୱୀ ନୃତ୍ୟଶିଳ୍ପୀ ସୃଷ୍ଟି କରିନାହାନ୍ତି, ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ଓଡ଼ିଶୀନୃତ୍ୟକୁ ସୁନ୍ଦର ଓ ସାବଲୀଳ ପ୍ରସ୍ତୁତି ମାଧ୍ୟମରେ ବିଶ୍ୱସ୍ତରରେ ପହଞ୍ଚାଇଛନ୍ତି ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଗୁରୁ ଦେବପ୍ରସାଦ ଦାସଙ୍କ ୩୮ତମ



ଶିଳ୍ପୀମାନେ ନୃତ୍ୟାଭିନୟ କରୁଛନ୍ତି। (ଫଟୋ– ବିକାଶ ନାୟକ)

ପୁଣ୍ୟତିଥି ଅବସରରେ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ତ୍ରିଧାରା ପକ୍ଷରୁ ହେଲ୍‌ଥ ଅନ୍ ଟପ୍ ସହଯୋଗରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସମାରୋହକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ତ୍ରିଧାରା ଅନୁଷ୍ଠାନ ନିମନ୍ତେ ୫ଲକ୍ଷ ଟଙ୍କାର ଅର୍ଥରାଶି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ତ୍ରିଧାରାର ସ୍ୱର୍ଣ୍ଣ ସମାରୋହ କମିଟି ଅଧ୍ୟକ୍ଷ ଡ. ଗୌରବ ରାଳହନ, କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା ଓ ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଦୁଇଦିନିଆ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ୍, ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ନିରଞ୍ଜନ ରାଉତ, ଗୁରୁ ହରିହର ମହାନ୍ତିଙ୍କ ସମେତ ୨୫ଜଣ ବ୍ୟକ୍ତିତ୍ୱଙ୍କୁ 'ଗୁରୁ ଦେବପ୍ରସାଦ ରତ୍ନ' ସମ୍ମାନ ପ୍ରଦାନ କରାଯାଇଥିଲା।

ସନ୍ଧ୍ୟା ଅଧିବେଶରେ ତ୍ରିଧାରା ଅନୁଷ୍ଠାନର ଶିଳ୍ପୀମାନେ ଜୟରାମ ଶ୍ରୀରାମ ପ୍ରଦର୍ଶନ କରିଥିଲେ। ସେହିପରି ଗୁରୁ ଦେବପ୍ରସାଦ ଦାସଙ୍କ ନାତୁଣୀ ବାଗ୍ମିଶ୍ରୀ ଦାସ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟାଙ୍କିତ, ନୃତ୍ୟ ପ୍ରତିଭା, ରାୱା ଡାନ୍ସ ଏକାଡେମୀ, ଲିଙ୍ଗରାଜ କଳା ନିକେତନ, ବେଣୁନ୍ଦା କଳା କେନ୍ଦ୍ର, ବିଶ୍ୱନାଥ ସଙ୍ଗୀତାଳୟ, ନୃତ୍ୟଶ୍ରୀ ଓ ଶ୍ରୀ ଜଗନ୍ନାଥ ଓଡିଶୀ କଳା କେନ୍ଦ୍ର ପକ୍ଷରୁ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ସଂଯୋଜନା କରିଥିଲାବେଳେ ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ। ଅପରାହ୍ନ ଅଧିବେଶନରେ ତ୍ରିଧାରା, ନ୍ୟାଶନାଲ କଲ୍‌ଚରାଲ କଳା ପ୍ରତିଷ୍ଠାନ, ଉତ୍କଳିକା ଓ ସଙ୍ଗୀତ ଏକାଡେମୀ, ପ୍ରଣାମ, ଶ୍ରୀ ସାଇ ଡ୍ୟାନ୍ସ ଏକାଡେମୀ, ସ୍ୱର୍ଣ୍ଣ ଝଙ୍କାର, ଓଡିଶୀ ସାଧନା ପୀଠ, ଲୋକନାଥ ସଙ୍ଗୀତ କଳା ନିକେତନ, ସାଗରିକା କଳା ନିକେତନ, ଓଡିଶୀ ନୃତ୍ୟାୟନ, ସ୍ୱୟଂଶ୍ରୀ ନୃତ୍ୟ ଅନୁଷ୍ଠାନ, ନୃତ୍ୟପ୍ରଭା ଡାନ୍ସ ଅକଡେମୀ, ନିର୍ଝର କଲ୍‌ଚରାଲ ଏକାଡେମୀ, ଓମ୍ କଳିଙ୍ଗ କଳା ପରିଷଦ, ଶ୍ରୀମୟୀ ନୃତ୍ୟ ଅନୁଷ୍ଠାନ, ନୃତ୍ୟାଳୟ ଓ ନୃତ୍ୟରଚନା ଅନୁଷ୍ଠାନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିଶ୍ୱ


@ କୁନ୍‌ମୁନ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**'ପଟଚିତ୍ରରେ ମହାପ୍ରଭୁ' ପ୍ରଦର୍ଶନୀ ଉଦ୍‌ଯାପିତ**

# ରାଜ୍ୟ ସଂଗ୍ରହାଳୟ ଅଧିକ ଲୋକାଭିମୁଖୀ ହେଉ


ରାଜ୍ୟ ସଂଗ୍ରହାଳୟରେ ଚାଲିଥିବା 'ପଟଚିତ୍ରରେ ମହାପ୍ରଭୁ' ପ୍ରଦର୍ଶନୀର ମଙ୍ଗଳବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୬।୭(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀ 'ପଟଚିତ୍ରରେ ମହାପ୍ରଭୁ' ଏକ ଉଲ୍ଲେଖନୀୟ ପଦକ୍ଷେପ। ସଂଗ୍ରହାଳୟରେ ଅନେକ କିଛି ପ୍ରଦର୍ଶିତ ଓ ସଂରକ୍ଷିତ ହୋଇ ରହୁଛି, ଯାହା ଲୋକଲୋଚନକୁ ଆସିପାରୁଛି। ରାଜ୍ୟ ସଂଗ୍ରହାଳୟ ଲୋକାଭିମୁଖୀ ହେଉ। ଯେତେ ଲୋକ ଯୋଡ଼ିହେବେ, ଆମ ଜିନିଷଗୁଡ଼ିକ ଲୋକଙ୍କ ପାଖେ ସେତେ ପହଞ୍ଚିବ। ମଙ୍ଗଳବାର ଏହି ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଏହା କହିଛନ୍ତି। ଉଦ୍‌ଘାଟକ ଭାବେ ଯୋଗଦେଇ ପ୍ରଫେସର ହରେକୃଷ୍ଣ ଶତପଥୀ ଜଗନ୍ନାଥଙ୍କ ଅଲୌକିକତା, ଭକ୍ତିଭାବ, ମହିମା, ତ୍ୟାଗ ଓ ପ୍ରେମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ସାହିତ୍ୟିକା ସୁନୀତ ମୁଣ୍ଡ କହିଲେ, ପଟଚିତ୍ର ଆମର ସଂସ୍କୃତି। ସଂସ୍କୃତି ମାଧ୍ୟମରେ ଜଗନ୍ନାଥଙ୍କୁ ପ୍ରଦର୍ଶନ କରିବାରେ ଏହି ପ୍ରଦର୍ଶନୀ ଏକ ନିଆରା ପଦକ୍ଷେପ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ, ସାହିତ୍ୟିକ ସଂଗ୍ରାମ ଜେନା, ଯତୀନ ନାୟକ, ଚିତ୍ରଶିଳ୍ପୀ ରାମହରି ଜେନା, ଅଶୋକ ପଟ୍ଟନାୟକ, ଡ. ଫଣିନ୍ଦ୍ର ଭୂଷଣ ନନ୍ଦ, ପ୍ରଫେସର ଗୌରାଙ୍ଗ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ପୀତାମ୍ବର ବିଶ୍ୱାଳ ଓ ସହଯୋଗୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଗ୍ରହାଳୟ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ପରିଚାଳନା କରିଥିଲେ।

# ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ

ଭୁବନେଶ୍ୱର, ୧୬।୭(ଅସମାପିକା ସାହୁ)

**ୟୁଜିସି ନିୟମ ସମ୍ପୂର୍ଣ୍ଣ ଲାଗୁ ହେଉନି**

- ସ୍ଥାୟୀ ଶିକ୍ଷକ, ଅଣଶିକ୍ଷକ ନିଯୁକ୍ତି ତୁରନ୍ତ କରାଯାଉ
- ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ୨୦୨୦ ବାତିଲ ହେଉ

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିୟମକୁ ରାଜ୍ୟରେ ସମ୍ପୂର୍ଣ୍ଣ ଲାଗୁ କରାଯାଉ ନାହିଁ। ଫଳରେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଶିକ୍ଷା ବ୍ୟବସ୍ଥା ଗୁରୁତର ବାଧାପ୍ରାପ୍ତ ହେଉଛି। ତେଣୁ ୟୁଜିସି ନିୟମକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା ସହ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ଦାବି କରିଛି। ଏନେଇ କୁଳାଧିପତି ତଥା ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛି। ସଂଘ ଜଣାଇଛି ଯେ, ବିଶ୍ୱବିଦ୍ୟାଳୟରେ କୁଳପତି, ଶିକ୍ଷକଙ୍କ ଚୟନ, ଶିକ୍ଷକଙ୍କ ପଦୋନ୍ନତି, ଅବସର ବୟସ ୬୫ ବର୍ଷକୁ ବୃଦ୍ଧି, ପିଏଚ୍‌ଡି ପାଇଁ ୫ଟି ଆଡ୍‌ଭାନ୍ସ ଇନ୍‌କ୍ରିମେଣ୍ଟ ଇତ୍ୟାଦିରେ ସମ୍ପୂର୍ଣ୍ଣ ଭାବରେ ୟୁଜିସି ନିୟମ ଲାଗୁ କରାଯିବାର ଆବଶ୍ୟକତା ରହିଛି। ୟୁଜିସି ନିୟମକୁ ସରକାରୀ ବିଶ୍ୱବିଦ୍ୟାଳୟରେ ଶତ ପ୍ରତିଶତ ଲାଗୁ କରାଗଲେ ଶିକ୍ଷାନୁଷ୍ଠାନ ଜ୍ଞାନୀ, ଗୁଣୀ ଓ ଅଭିଜ୍ଞ ସ୍ଥାୟୀ ଅଧ୍ୟାପକ ପାଇବ। ରାଜ୍ୟ ସରକାର ଅନେକ ସମୟରେ ୟୁଜିସି ନିୟମକୁ ଲାଗୁ ନ କରି ନିଜେ ନୂଆ ନୂଆ ନିୟମ ପ୍ରଣୟନ କରିଦେଉଛନ୍ତି। ଏବେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୬୦% ଶିକ୍ଷକ ନାହାନ୍ତି। ପାଠପଢ଼ା, ଗବେଷଣା ଆଦିରେ ଘୋର ଅସୁବିଧା ଉପୁଜିଛି। ଛାତ୍ରୀଛାତ୍ର ଘରୋଇ ବିଶ୍ୱବିଦ୍ୟାଳୟ ଆଡ଼କୁ ମୁହାଁଇଲେଣି। ଧୀରେ ଧୀରେ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ଅବସ୍ଥା ସରକାରୀ ବିଦ୍ୟାଳୟ ଭଳି ହୋଇ ଚାଲିଛି। ଅତିଥି ଅଧ୍ୟାପକ ବ୍ୟବସ୍ଥା ସ୍ଥାୟୀ ଅଧ୍ୟାପକଙ୍କ ବିକଳ୍ପ ନୁହେଁ। ରାଜ୍ୟ ସରକାର ନୂତନ ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟ ତିଆରି କରି ବର୍ଷ ବର୍ଷ ଧରି ଅତିଥି ଅଧ୍ୟାପକଙ୍କ ଭରସାରେ ସର୍ବୋଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଛାଡ଼ି ଦେଇଛନ୍ତି। ପୁଣି ବିଶ୍ୱବିଦ୍ୟାଳୟରେ ଥିବା ସୀମିତ ଅଧ୍ୟାପକଙ୍କୁ ବିଭିନ୍ନ ଅଣ ଶିକ୍ଷା କାମରେ ନିୟୋଜିତ କରାଯାଉଥିବାରୁ ଶିକ୍ଷାଦାନଠାରୁ ଆରମ୍ଭ କରି ଗବେଷଣା ପର୍ଯ୍ୟନ୍ତ ସବୁ ବାଧାପ୍ରାପ୍ତ ହେଉଛି। ତେଣୁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ନିତାନ୍ତ ଆବଶ୍ୟକ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍ଥାୟୀ ଶିକ୍ଷକ, ଅଣଶିକ୍ଷକ ନିଯୁକ୍ତି ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ସଂଘ ଦାବି କରିଛି।

ସଂଘ ଆହୁରି ମଧ୍ୟ କହିଛି, ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ୨୦୨୦କୁ ବାତିଲ କରାଯାଇ ନୂଆ ଶିକ୍ଷାନୀତି ଲାଗୁ କରାଯାଉ। ଏହି ସର୍ବୋଚ୍ଚ ଶିକ୍ଷାନୁଷ୍ଠାନର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖାଗଲେ ହିଁ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ସମ୍ଭବ ହେବ। ତେବେ ରାଜ୍ୟ ଶିକ୍ଷା ବିଭାଗର ଅଯଥା ହସ୍ତକ୍ଷେପକୁ ବନ୍ଦ କରାଯାଉ। ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ କାର୍ଯ୍ୟକଳାପରେ ଉଚ୍ଚଶିକ୍ଷା ବିଭାଗର ଅଯଥା ହସ୍ତକ୍ଷେପ, ଦୈନନ୍ଦିନ ପ୍ରଶାସନରେ ଅଙ୍କୁଶ, କର୍ମଚାରୀମାରଣ ନୀତି, ଭୁଲ୍ ନାମଲେଖା ପଦ୍ଧତି, ପିଲାଙ୍କ ନାମଲେଖା ଏବଂ ରି ଆଡ୍‌ମିଶନ ଫି' ସଂଗ୍ରହ, ଅତିଥି ଚୟନରେ ଅନୁମତି ଆଦି ଅନେକ କାର୍ଯ୍ୟରେ ଉଚ୍ଚଶିକ୍ଷା ବିଭାଗର ବେନିୟମ ଦଖଲ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର ମାନକୁ ନିଶ୍ଚୟ ହ୍ରାସ କରିବ। ରାଜ୍ୟରେ ବିଶ୍ୱବିଦ୍ୟାଳୟ ଶିକ୍ଷାର ଉନ୍ନତି, ଛାତ୍ରୀଛାତ୍ରଙ୍କ ସୁବିଧା, ଗବେଷଣାର ବିକାଶ ପାଇଁ ଏହି ଦାବିଗୁଡ଼ିକ ଶୀଘ୍ର ପୂରଣ କରାଯିବାର ଆବଶ୍ୟକତା ରହିଛି ବୋଲି ଶିକ୍ଷକ ସଂଘ କୁଳାଧିପତିଙ୍କୁ ଅନୁରୋଧ କରିଛି।

# 'ରତ୍ନଭଣ୍ଡାର ନକଲି ଚାବି କଥା ମିଛ, ତଦନ୍ତ କରାଯାଉ'

**ରଘୁନାଥ ବେଶ ଆୟୋଜନ କରାଯାଉ: ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ**

ପୁରୀ, ୧୬।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଓ ନକଲି ଚାବି ମିଳିବା ଘଟଣା ଅତ୍ୟନ୍ତ ହାସ୍ୟାସ୍ପଦ। ଏହି ପ୍ରସଙ୍ଗରେ ମହପ୍ରଭୁଙ୍କ ସହ ଖେଳ ଖେଳାଯାଉଛି, ଯାହା ଅତ୍ୟନ୍ତ ନିନ୍ଦନୀୟ। ଏହାର ତଦନ୍ତ କରାଯାଇ ସମସ୍ତଙ୍କ ସାମ୍ନାକୁ ସତ ଅଣାଯାଉ। ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେଥିଲାଗି ପଦକ୍ଷେପ ନିଆଯାଉ ବୋଲି ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି। ସ୍ୱାଇଁ ମହାପାତ୍ର କହିଛନ୍ତି, ଚାବି ଚୋରି ହୋଇଯାଇଥିବା ଅନୁମାନ କରାଯାଉଛି। ଚାବି ଯଦି କିଛି ଖରାପ ହୋଇଥାନ୍ତା, ତେବେ ମିଳୁନି ବୋଲି କହିଥାନ୍ତେ। ମାତ୍ର ଡୁପ୍ଲିକେଟ୍ ଚାବିର ବାହାନା କରାଗଲା। ଗଣତି ମଣତି ହେଲେ ସମସ୍ତ ଘଟଣା ସାମ୍ନାକୁ ଆସିପାରିବ। ମହାପ୍ରଭୁ ଲୀଳାମୟ, ସେ ତାଙ୍କ ଲୀଳା କରୁଛନ୍ତି। ସେ ସମସ୍ତ ଘଟଣା ଦେଖାଇବେ। ତେବେ ସରକାର ପୂର୍ଣ୍ଣାଙ୍ଗ ଭାବେ ସମସ୍ତ ଅଳଙ୍କାର ଗଣତିମଣତି କରନ୍ତୁ। ସେହିପରି ମହାପ୍ରଭୁଙ୍କ ରଘୁନାଥ ବେଶ କରାଇବାକୁ ସ୍ୱାଇଁ ମହାପାତ୍ର ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଅତୀତରେ ପ୍ରାୟ ୧୦୦ ବର୍ଷ ତଳେ ମହାପ୍ରଭୁଙ୍କ ଏହି ଦୁର୍ଲଭ


ଜଗନ୍ନାଥ ସ୍ୱାଇଁ ମହାପାତ୍ର

ବେଶ ଅନୁଷ୍ଠିତ ହୋଇଥିଲା। ସରକାର ଏବେ ଏହି ବେଶ କରିବାକୁ ପ୍ରଚେଷ୍ଟା କରନ୍ତୁ। ଯଦି ବେଶର ସମସ୍ତ ଜିନିଷ ଥିବ, ଅଳଙ୍କାର ସୁରକ୍ଷିତ ଥିବା ଜଣାପଡ଼ିବ। ବର୍ତ୍ତମାନ ସରକାର ଯଦି ରଘୁନାଥ ବେଶ କରିବେ, ତେବେ ସମସ୍ତ ସେବାୟତ, ଭକ୍ତ ସହଯୋଗ କରିବେ। ରଘୁନାଥ ବେଶ ଯଦି ହୁଏ, ତେବେ ଇତିହାସରେ ମୋହନ ମାଝୀ ସରକାରଙ୍କ ନାମ ରହିବ। ଅପରପକ୍ଷରେ ରତ୍ନଭଣ୍ଡାର ଚାବି ସମ୍ପର୍କରେ ତଦନ୍ତ ହେଉ। ଯେଉଁମାନେ ଅଭିଯୁକ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ରତ୍ନଭଣ୍ଡାର ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ କରାଯାଉ। ରତ୍ନଭଣ୍ଡାର ମଧ୍ୟରେ ଆଉ ଦୁଇ-ତିନୋଟି ଘର ସମେତ ସୁଡ଼ଙ୍ଗ ରହିଛି। ଭିତର ରତ୍ନଭଣ୍ଡାର ଖୋଲାହେଲେ କ'ଣ ସବୁ ରହିଛି ତାହା ଜଣାପଡ଼ିବ। କାରଣ, ହଜାର ହଜାର ବର୍ଷ ପୂର୍ବେ ଆମ ରାଜା, ମହାରାଜାମାନେ ବିଭିନ୍ନ ରାଜ୍ୟ ଜୟ କରି ବହୁ ପରିମାଣର ସୁନା ଅଳଙ୍କାର ଆଣି ମହାପ୍ରଭୁଙ୍କୁ ଦାନ କରୁଥିଲେ। ମୁକୁଟଠାରୁ କିରୀଟ ପର୍ଯ୍ୟନ୍ତ ବହୁତ ସୁନା ରହିଛି। ତେଣୁ ସମସ୍ତ ଜିନିଷର ଗଣତିମଣତି ହେଲେ ସମସ୍ତ ତଥ୍ୟ ଲୋକଲୋଚନକୁ ଆସିପାରିବ। ସେହିପରି ଡୁପ୍ଲିକେଟ୍ ଚାବି ପ୍ରସଙ୍ଗରେ ସେ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ସମାଲୋଚନା କରିଛନ୍ତି। ସେତେବେଳେ ସେ ନିଜକୁ ସର୍ବେସର୍ବା ବୋଲି ଭାବୁଥିଲେ। ତାଙ୍କୁ ତଦନ୍ତ ପରିସରକୁ ଆଣିବା ଦରକାର। ସମୟ ଯେତେ ଶୀଘ୍ର ଅତିବାହିତ ହେବ, ଘଟଣା ସେତେ ଶୀଘ୍ର ଶୀଥିଳ ପଡ଼ିଯିବ। ମଧୁଚନ୍ଦ୍ରିକା ହୋଇ ସମସ୍ତ ଘଟଣା ଲୁଚିଯିବ। ତେଣୁ ଏନେଇ ତୁରନ୍ତ ତଦନ୍ତ କରାଯାଉ ବୋଲି ସ୍ୱାଇଁ ମହାପାତ୍ର ଦାବି କରିଛନ୍ତି।

# ଏତଲା ଦେଲା ଶ୍ରୀଜଗନ୍ନାଥ ସେନା

ପୁରୀ, ୧୬।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାରର ଡୁପ୍ଲିକେଟ୍ ଚାବି ମିଳିବା ନେଇ ମିଛ କଥା କହିଥିବା ତତ୍କାଳୀନ ପୁରୀ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ଗିରଫ କରାଯିବାକୁ ଶ୍ରୀଜଗନ୍ନାଥ ସେନା ଦାବି କରିଛି। ଏ ନେଇ ମଙ୍ଗଳବାର ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଏତଲାରେ ଦର୍ଶାଯାଇଛି ଯେ, ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଯେଉଁ ଡୁପ୍ଲିଗେଟ୍ ଚାବି ଥିବା କଥା କହିଥିଲେ, ତାହା ମିଛ ପ୍ରମାଣିତ ହୋଇଛି। ସେହି ଚାବିରେ ଭିତର ରତ୍ନଭଣ୍ଡାର ତାଲା ଖୋଲିଲା ନାହିଁ। ତେଣୁ ରତ୍ନଭଣ୍ଡାର ଖୋଲିବା ପାଇଁ ଯାଇଥିବା କମିଟି ଭିତର ରତ୍ନଭଣ୍ଡାର ତାଲା ଭାଙ୍ଗିଲା। କେବଳ



ସେତିକି ନୁହେଁ, ଭିତର ରତ୍ନଭଣ୍ଡାରରେ ପଡ଼ିଥିବା ୩ଟି ତାଲାରୁ କେବଳ ଗୋଟିଏ ତାଲା ସିଲ୍ ଥିଲା। ଏଣୁ ରତ୍ନଭଣ୍ଡାରରୁ ରତ୍ନ ଲୁଟ୍ ହୋଇଥିବା ଶ୍ରୀଜଗନ୍ନାଥ ସେନା ଯେଉଁ ଅଭିଯୋଗ କରିଆସୁଛି ତାହା ସତ୍ୟ। ତେଣୁ ତୁରନ୍ତ ତତ୍କାଳୀନ ଜିଲାପାଳ ଅଗ୍ରୱାଲଙ୍କୁ ଗିରଫ କରାଯାଇ ତଦନ୍ତ ପରିସରଭୁକ୍ତ କରାଯାଉ। ସେ ରତ୍ନଭଣ୍ଡାରର ଡୁପ୍ଲିକେଟ୍ ଚାବି ଥିବା କଥା କାହିଁକି ମିଛ କହିଲେ, କାହା ସ୍ୱାର୍ଥ ପାଇଁ କହିଲେ, କାହାକୁ ସେ ସୁରକ୍ଷା ଦେଇଥିଲେ ତାହାର ତଦନ୍ତ ହେଉ। ସେହିପରି କୋଟି କୋଟି ଜଗନ୍ନାଥପ୍ରେମୀଙ୍କୁ ତତ୍କାଳୀନ ଜିଲାପାଳ ମିଛ କହିଥିବାରୁ ତାଙ୍କ ନାମରେ ଦେଶଦ୍ରୋହ ମାମଲା ରୁଜୁ କରାଯିବାକୁ ମଧ୍ୟ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦାବି କରାଯାଇଛି।

**ନୂଆ ଆଇନରୁ ବୈବାହିକ ବଳାତ୍କାର ବାଦ୍‌କୁ ଚ୍ୟାଲେଞ୍ଜ: ୧୮ରେ ଶୁଣାଣି**

ନୂଆ ଆପରାଧିକ ଆଇନରୁ ବୈବାହିକ ବଳାତ୍କାରକୁ ବାଦ୍ ଦିଆଯାଇଥିବାରୁ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା। ଆସନ୍ତା ୧୮ ତାରିଖରେ ଏହାର ଶୁଣାଣି କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଆବେଦନକାରୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।



କେନ୍ଦ୍ର ବଜେଟ ଚୂଡ଼ାନ୍ତ ପ୍ରସ୍ତୁତି ପୂର୍ବରୁ ଅର୍ଥ ମନ୍ତ୍ରଣାଳୟରେ ମଙ୍ଗଳବାର ହଲ୍‌ୱା ପରଷୁଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ।

# ୪ ଯବାନଙ୍କୁ ହତ୍ୟାକଲେ ଆତଙ୍କବାଦୀ

**ଜମ୍ମୁ/ନୂଆଦିଲ୍ଲୀ,୧୬।୭**

ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ମଙ୍ଗଳବାର ଭୋର ସମୟରେ ଆତଙ୍କବାଦୀମାନେ ଭାରତୀୟ ସେନାର ଜଣେ ଅଧିକାରୀ ଓ ୩ ଯବାନଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଏହାକୁ ମିଶାଇ କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଚଳିତବର୍ଷ ୧୨ ସୁରକ୍ଷା କର୍ମୀ ଓ ୧୦ ନାଗରିକଙ୍କ ମୃତ୍ୟୁ ଘଟିଲାଣି। ସେହିପରି ଗତ ୩୨ ମାସ ଭିତରେ ୪୮ ଯବାନ ଶହୀଦ ହେଲେଣି। ୩୭୦ ଉଚ୍ଛେଦ ପରେ ଉପତ୍ୟକା ଆତଙ୍କବାଦରୁ ମୁକ୍ତ ହୋଇଥିବା ନେଇ କେନ୍ଦ୍ର ସରକାର ଦାବି କରୁଥିବାବେଳେ ବିରୋଧୀ ଦଳଗୁଡ଼ିକ ସରକାରଙ୍କ ବିଫଳ କଶ୍ମୀର ନୀତିକୁ ସମାଲୋଚନା କରିଛନ୍ତି।

ଦେସା ଜଙ୍ଗଲରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ସୋମବାର ରାତି ୭ଟା ୪୫ ମିନିଟ୍‌ରେ ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ଜମ୍ମୁ-କଶ୍ମୀର ପୋଲିସର ସ୍ପେଶାଲ ଅପରେଶନ୍ ଗ୍ରୁପ୍ (ଏସ୍ଓଜି) ପକ୍ଷରୁ ମିଳିତ ଭାବେ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା। ପାର୍ବତ୍ୟ ଅଞ୍ଚଳ, ଘଞ୍ଚ ଜଙ୍ଗଲ ଓ ଅନ୍ଧାର ରାତିରେ ବି ଯବାନମାନେ ବୀରତ୍ୱର ସହ ଧାରି ଗୋଟେ ଉରାରବାଗିରେ ଆତଙ୍କବାଦୀଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଥିଲେ। ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ପରେ ଆତଙ୍କବାଦୀମାନେ ଫେରାରହେବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେମାନେ ଫେରିଆସି ସୁରକ୍ଷା ବଳକୁ ପୁଣି ଟାର୍ଗେଟ କରିଥିଲେ। ଏଥିରେ ୫ ଯବାନ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଶହୀଦ ହୋଇଛନ୍ତି। ଶହୀଦମାନେ ହେଲେ ଦାର୍ଜିଲିଂର କ୍ୟାପ୍‌ଟେନ୍ ବ୍ରିଜେଶ ଥାପା, ନାଏକ ଡୋକ୍କାରି ରାଜେଶ(ଆନ୍ଧ୍ରପ୍ରଦେଶ), ସିପାହୀ ବ୍ରିଜେନ୍ଦ୍ର ଓ ସଞ୍ଜୟ (ରାଜସ୍ଥାନ)। ସମ୍ପୃକ୍ତ ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇ ତଲାସି ଚାଲିଛି। ଏବେ ବି ସେଠାରେ ୨ରୁ ୩ ଆତଙ୍କବାଦୀ ଲୁଚି ରହିଥିବା ଅନୁମାନ କରାଯାଉଛି। ଇତିମଧ୍ୟରେ ଜୈଶ-ଇ-ମହମ୍ମଦ (ଜେଇଏମ୍) ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା କଶ୍ମୀର ଟାଇଗର୍ସ ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଏହି ଗୋଷ୍ଠୀ ଜୁଲାଇ ୯ରେ କଠୁଆଠାରେ ସେନା ଗାଡ଼ିକୁ ମଧ୍ୟ ଆକ୍ରମଣ କରିଥିଲା।

ଡୋଡା ଅପରେଶନ୍ ଉପରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଅବଗତ କରାଇଛନ୍ତି। ଯବାନଙ୍କ ମୃତ୍ୟୁକୁ ନେଇ ରାଜନାଥ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ସୁରକ୍ଷା ବଳ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଶହୀଦମାନଙ୍କୁ ସମ୍ମାନ ଜଣାଇବା ସହ ଏହାର ପ୍ରତିଶୋଧ ନିଆଯିବ ବୋଲି କହିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଭାଜପାର ଭୁଲ୍ ନୀତି ଯୋଗୁ ଆମ ଯବାନମାନଙ୍କୁ ଶହୀଦ ହେବାକୁ ପଡୁଛି। ବାରମ୍ବାର ସୁରକ୍ଷା ବିଫଳତା ପାଇଁ କେନ୍ଦ୍ର ସରକାର ଉତ୍ତରଦାୟୀ ହେବା ଉଚିତ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଭାରତ ମାତାର ବୀର ସନ୍ତାନମାନେ ଦେଶ ପାଇଁ ବଳିଦାନ ଦେଇଛନ୍ତି। କିନ୍ତୁ ଆମେ ଜାତୀୟ ସୁରକ୍ଷା ନାମରେ ସେମାନଙ୍କ ଜୀବନକୁ ବିପଦକୁ ଠେଲିଦେଇପାରିବା ନାହିଁ। ସୀମାପାର ଆତଙ୍କବାଦ ବିରୋଧରେ ସାମୂହିକ ଲଢ଼େଇର ଆବଶ୍ୟକତା ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି କହିଛନ୍ତି, ୩୨ ମାସରେ ଆମେ ୫୦ ଯବାନଙ୍କୁ ହରାଇଲେଣି। ଏଥିପାଇଁ ପୋଲିସ ମହାନିର୍ଦ୍ଦେଶକ ଆର୍.ଆର୍. ସ୍ୱାଇଁଙ୍କୁ ବରଖାସ୍ତ କରି ଉତ୍ତରଦାୟିତ୍ୱ ସ୍ଥିର କରାଯାଉ ବୋଲି ସେ ଦାବି କରିଛନ୍ତି।



୪ ଶହୀଦଙ୍କ ମୃତଦେହକୁ କଫିନରେ ରଖାଯାଇଛି।

## ମଣିପୁରରୁ ସୁପ୍ରିମକୋର୍ଟରେ ପ୍ରଥମ ବିଚାରପତି

**ନୂଆଦିଲ୍ଲୀ,୧୬।୭:** ଜମ୍ମୁ-କଶ୍ମୀର ଓ ଲଦାଖ ହାଇକୋର୍ଟରେ ମୁଖ୍ୟ ବିଚାରପତି ଏନ୍ କୋଟିଶ୍ୱର ସିଂ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଛନ୍ତି। ସେ ସର୍ବୋଚ୍ଚ ଅଦାଲତରେ ମଣିପୁରରୁ ପ୍ରଥମ ବିଚାରପତି ହେବାର ସୌଭାଗ୍ୟ ପାଇଛନ୍ତି। ଜଷ୍ଟିସ କୋଟିଶ୍ୱର ୨୦୧୧ ଅକ୍ଟୋବରରେ ଗୁଆହାଟୀ ହାଇକୋର୍ଟ ବିଚାରପତି ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ତାଙ୍କୁ ମଣିପୁର ହାଇକୋର୍ଟକୁ ବଦଳି କରାଯାଇଥିଲା। ୨୦୨୩ରେ ସେ ଜମ୍ମୁ-କଶ୍ମୀର ହାଇକୋର୍ଟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସୁପ୍ରିମକୋର୍ଟ କଲେଜିୟମ ଗୁରୁବାର କୋଟିଶ୍ୱରଙ୍କ ସମେତ ମାଡ୍ରାସ ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଆର୍. ମହାଦେବନଙ୍କୁ ସୁପ୍ରିମକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଁ କେନ୍ଦ୍ରକୁ ସୁପାରିସ କରିଥିଲେ।

## ଭିଆଇପି ମୁଖ୍ୟଙ୍କ ବାପାଙ୍କୁ ହତ୍ୟା

**ଦରଭଙ୍ଗା/ନୂଆଦିଲ୍ଲୀ,୧୬।୭**

ବିହାରର ଦରଭଙ୍ଗାରେ ବିକାଶଶୀଳ ଇନ୍‌ସାନ ପାର୍ଟି (ଭିଆଇପି) ମୁଖ୍ୟ ମୁକେଶ ସାହନିଙ୍କ ବାପା ଜିତନ ସାହନିଙ୍କୁ ହତ୍ୟା କରାଯାଇଛି। ବିରାଉଲସ୍ଥିତ ପୈତୃକ ବାସଭବନରେ ମଙ୍ଗଳବାର ସକାଳେ ଜିତନଙ୍କ କ୍ଷତବିକ୍ଷତ ମୃତଦେହ ଠାବ ହୋଇଛି। ୭୦ ବର୍ଷୀୟ ଜିତନ ଘରେ ଏକୁଟିଆ ଥିଲେ। ତାଙ୍କ ପେଟ ଓ ଛାତିରେ ଅନେକ ଥର ଛୁରାମାଡ଼ କରାଯାଇଥିବାରୁ ତାଙ୍କ ମୃତ୍ୟୁ ଘଟିଥିବା ପୋଲିସ ଜାଣିବାକୁ ପାଇଛି। ହତ୍ୟାର ତଦନ୍ତ ପାଇଁ ଜିଲାର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଛି। ବିହାର ସରକାରରେ ପୂର୍ବରୁ ମନ୍ତ୍ରୀ ଥିବା ମୁକେଶ ବାପାଙ୍କ ହତ୍ୟା ଖବର ପାଇ ମୁମ୍ବାଇରୁ ଦରଭଙ୍ଗା ଫେରିଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଘଟଣାର ନିନ୍ଦା କରିଛନ୍ତି। ଭିଆଇପି ବର୍ତ୍ତମାନ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ଅଂଶୀଦାର ଦଳ। ଏହି ଦଳର ମୁଖ୍ୟଙ୍କ ବାପାଙ୍କୁ ହତ୍ୟା ବିହାରରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି। ରାଜ୍ୟରେ 'ଜଙ୍ଗଲ ରାଜ୍' ଚାଲିଛି ବୋଲି ଆର୍‌ଜେଡି ନେତା ମନୋଜ



ଜିତନ ସାହନି

ଝା କହିଛନ୍ତି। ହତ୍ୟାକାରୀମାନଙ୍କୁ ଧରି ଉପଯୁକ୍ତ ଦଣ୍ଡ ଦେବା ସହ ସାହନି ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ କଂଗ୍ରେସ ଦାବି କରିଛି। ଜିତନ ସାହନିଙ୍କୁ ବର୍ବର ହତ୍ୟା ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି।

## ସଂରକ୍ଷଣ ବିରୋଧୀ ହିଂସା: ୬ ମୃତ

**ଢାକା,୧୬।୭(ପି.ଟି.)**

ବାଂଲାଦେଶରେ ସରକାରୀ ନିଯୁକ୍ତି କ୍ଷେତ୍ରରେ ରହିଥିବା ସଂରକ୍ଷଣ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଆନ୍ଦୋଳନ ମୁଣ୍ଡ ଟେକିଛି। ମଙ୍ଗଳବାର ବିକ୍ଷୋଭକାରୀଙ୍କ ପୋଡ଼ାଜଳା ଓ ଭଙ୍ଗାରୁଜା ଯୋଗୁ ସ୍କୁଲ୍ କଲେଜ ବନ୍ଦ ହୋଇଯାଇଥିବାବେଳେ ପୋଲିସ ସହ ସଂଘର୍ଷରେ ୩ ଛାତ୍ରଙ୍କ ସମେତ ଅନ୍ୟୁନ ୬ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୪୦୦ ଲୋକ ଆହତ ହୋଇଛନ୍ତି। ବିକ୍ଷୋଭକାରୀମାନେ ସରକାରୀ ଚାକିରିରେ ସଂରକ୍ଷଣକୁ ଉଚ୍ଛେଦ କରି ମେଧାବୀ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ସୁଯୋଗ ପ୍ରଦାନ ଦାବିରେ ସୋମବାର ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇଥିବାବେଳେ ପୋଲିସ ସମର୍ଥନରେ ଶାସକ ଆୱାମି ଲିଗ୍‌ର ଛାତ୍ର ସାମ୍ମୁଖ୍ୟ ବାଂଲାଦେଶ ଛାତ୍ର ଲିଗ୍ ସଦସ୍ୟମାନେ ବିକ୍ଷୋଭକାରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ମୁଖ୍ୟ ୪ ସହର କେନ୍ଦ୍ରୀୟ ଢାକା, ରାଜସାହି, ଖୁଲ୍‌ନା ଏବଂ ଚଟ୍ଟୋଗ୍ରାମର ରାଜପଥ ଏବଂ ରେଳପଥକୁ ବିକ୍ଷୋଭକାରୀମାନେ ଅବରୋଧ କରିଥିଲେ। ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ରବର ବୁଲେଟ୍ ମାଡ଼ କରିଥିଲା। ମଙ୍ଗଳବାର ସ୍ଥିତି ଅଣାୟତ ହେଉଥିବା ଦେଖି ସରକାର ଅର୍ଦ୍ଧସାମରିକ ବର୍ଡର ଗାର୍ଡ ବାଂଲାଦେଶକୁ ୪ ସହରରେ ମୁତୟନ କରିଥିଲେ। ସୁରକ୍ଷା ବଳ ଏବଂ ୟୁନିଭର୍ସିଟି ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୬ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଛି।

## ଏସ୍‌ସି ତାଲିକା ବଦଳାଇ ପାରିବେନି ରାଜ୍ୟ

**ନୂଆଦିଲ୍ଲୀ, ୧୬।୭ (ପି.ଟି.):** ୨୦୧୫ରେ ବିହାର ସରକାର ଅତ୍ୟନ୍ତ ପଛୁଆ ବର୍ଗ (ଇବିସି) ତାଲିକାରୁ ତନ୍ତି-ତନ୍ତୱା ଜାତିକୁ ବାଦ୍ ଦେଇଥିଲେ। ଏହି ଜାତିକୁ ଅନୁସୂଚିତ ଜାତି (ଏସ୍‌ସି) ପାନ୍/ସୱାସି ଜାତି ସହ ମିଶାଇ ଦେଇଥିଲେ। ବିହାର ସରକାରଙ୍କ ସେହି ବିଜ୍ଞପ୍ତିକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ ଏବଂ ପ୍ରଶାନ୍ତ କୁମାର ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୩୪୧ ଅଧୀନରେ ପ୍ରକାଶିତ ଏସ୍‌ସି ତାଲିକାରେ ହସ୍ତକ୍ଷେପ କରିବା ଅଧିକାର ରାଜ୍ୟ ସରକାରଙ୍କର ନାହିଁ।

## ବଜେଟ ଅଧିବେଶନ ପୂର୍ବରୁ ୨୧ରେ ସର୍ବଦଳୀୟ ବୈଠକ

**ନୂଆଦିଲ୍ଲୀ,୧୬।୭**

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ୨୨ରୁ ଆରମ୍ଭ ହେବାକୁ ଥିବାବେଳେ ୨୩ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଏହା ପୂର୍ବରୁ କେନ୍ଦ୍ର ସରକାର ୨୧ ତାରିଖରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ସେଦିନ ପୂର୍ବାହ୍ନ ୧୧ଟାରେ ପାର୍ଲାମେଣ୍ଟ ହାଉସ୍ ଆନେକ୍ସର ମୁଖ୍ୟ କମିଟି ରୁମ୍‌ରେ ସର୍ବଦଳୀୟ ବୈଠକ ବସିବ, ଯେଉଁଥିରେ ବିଭିନ୍ନ ଦଳର ଗୃହର ନେତା ଯୋଗଦେବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ମୌସୁମୀ ଅଧିବେଶନ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବ। ତେବେ ତୃଣମୂଳ କଂଗ୍ରେସର କୌଣସି ପ୍ରତିନିଧି ସର୍ବଦଳୀୟ ବୈଠକରେ ଯୋଗଦେବେ ନାହିଁ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ୧୯୯୩ ଜୁଲାଇ ୨୧ରେ ପଶ୍ଚିମବଙ୍ଗ ସରକାରଙ୍କ ସଚିବାଳୟ ରାଇଟର୍ସ ବିଲ୍ଡିଂକୁ କଂଗ୍ରେସ ସମର୍ଥକମାନେ ଶୋଭାଯାତ୍ରାରେ ଯାଉଥିବାବେଳେ କୋଲକାତା ପୋଲିସ ଗୁଳିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଦିନକୁ ତୃଣମୂଳ କଂଗ୍ରେସ ପକ୍ଷରୁ ଶହୀଦ ଦିବସ ଭାବେ ପାଳନ କରାଯାଉଥିବାରୁ ଏହାର ନେତାମାନେ ବିଭିନ୍ନ ସ୍ଥାନରେ ସଭାରେ ଯୋଗଦେବେ।

ପ୍ରଥମ ପୃଷ୍ଠାରୁ...

## ନୀତି ଆୟୋଗ...

ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟମାନେ ହେଲେ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ, ଏମ୍ଏସ୍ଏମ୍ଇ ମନ୍ତ୍ରୀ ଜିତନରାମ ମାନ୍‌ଝି, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ। ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ସ୍ଥାନ ପାଇଥିବା ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ହେଲେ ବୀରେନ୍ଦ୍ର କୁମାର(ସାମାଜିକ ନ୍ୟାୟ ଓ ସଶକ୍ତୀକରଣ), କିଞ୍ଜାରାପୁ ରାମମୋହନ ନାଇଡୁ (ବେସାମରିକ ବିମାନ ଚଳାଚଳ), ଜୁଏଲ ଓରାମ (ଆଦିବାସୀ ବ୍ୟାପାର), ଅନ୍ନପୂର୍ଣ୍ଣା ଦେବୀ (ମହିଳା ଓ ଶିଶୁ ବିକାଶ), ଚିରାଗ ପାଶ୍ୱାନ(ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ) ଏବଂ ରାଓ ଇନ୍ଦ୍ରଜିତ ସିଂ(ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ)। ପ୍ରକାଶ ଯେ ପୂର୍ବରୁ ଥିବା ୬୫ ବର୍ଷ ପୁରୁଣା ଯୋଜନା ଆୟୋଗକୁ ୨୦୧୫ରେ ମୋଦି ସରକାର ଭଙ୍ଗ କରି ନୀତି ଆୟୋଗ ଗଠନ କରିଥିଲେ। ମୋଦି ୩.୦ ସରକାର କ୍ଷମତାସୀନ ହେବାପରେ ନୂଆ ମନ୍ତ୍ରୀମାନଙ୍କୁ ନେଇ ଏହାର ପୁନର୍ଗଠନ କରାଯାଇଛି, ଯାହାକୁ ପ୍ରଧାନମନ୍ତ୍ରୀ ଅନୁମୋଦନ କରିଛନ୍ତି।


**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Ltd.)
Gondwana Place, Kanke Road, Ranchi-834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**."

**ODISHA STATE ROAD TRANSPORT CORPORATION, BHUBANESWAR**

No. 4443/Estate-32/2021 Dt.: 15.07.2024

**NOTICE INVITING TENDER**

No. CAD-574: Sealed tenders are invited in the prescribed form from the intending persons/firms/institutions for license of 49 Nos. of following vacant Rooms, Shops/Open Space/Pindi/Office Room on the following places as indicated below to be used "As is where is basis".

The sealed tender papers will be received upto 2.00 P.M. on or before Dt.31.07.2024 and the same will be opened on 31.07.2024 at 04.00 P.M. in the Conference Hall of the Corporate Office, Bhubaneswar.

For details of tender including tender schedule, terms and conditions, please visit our website: **www.osrtc.in**.

1. 01 No. of Shop Room at Kendrapara Bus Stand.
2. 09 Nos. of Shop Rooms at Angul Bus Stand, Angul.
3. 01 No. of Shop Room at Padampur Bus Stand, Padampur.
4. 01 No. of Shop Room at Bolangir Bus Stand, Bolangir.
5. 01 No. Canteen, 01 No. Office Room and 01 No. of Open Space at Bargarh Bus Stand, Bargarh.
6. 02 Nos. of Shop Rooms and 04 Nos. of Pindi at Malatipatpur OSRTC Bus Stand, Puri. 03 Nos. of Cafeteria, 06 Nos. of Shop Rooms and 04 Nos. of Open Space (Pindi) at Malatipatpur OSRTC Bus Stand, Puri.
7. 01 No. of Shop Room at Bamara Bus Stand.
8. 12 Nos. of vacant Shops/ 2 Nos. Multipurpose Hall at OSRTC Market Complex, Ranpur, Dist.: Nayagarh.

**By Order of Chairman-cum-Managing Director, OSRTC**
**Sd./- General Manager (A)**
**OSRTC, Bhubaneswar**
OIPR-38002/11/0003/2425

**ODISHA LIVESTOCK RESOURCES DEVELOPMENT SOCIETY (OLRDS)**
OBPI CAMPUS, BHUBANESWAR - 751003
Tel. No. 0674-2397985, email: olrdsahd@gmail.com
Website: olrds.odisha.gov.in

**INVITATION FOR EXPRESSION OF INTEREST FOR LIVESTOCK INSURANCE UNDER ODISHA LIVESTOCK RESOURCES DEVELOPMENT SOCIETY (OLRDS)**

No. M-14: Odisha Livestock Resources Development Society (OLRDS) invites **EXPRESSION OF INTEREST from Public General Insurance Companies and Private General Insurance Companies** for implementation of Livestock Insurance Scheme in all the Districts of Odisha in prescribed format in sealed cover superscribing "LIVESTOCK INSURANCE SCHEME 2024-25". Last date of receipt of EoI is 1.8.24 upto 5.00 P.M. The details in this regard can be downloaded from the OLRDS website: **olrds.odisha.gov.in**, Directorate of Animal Husbandry & Veterinary Services, Odisha: **dahvs.odisha.gov.in** and NIC, Khordha: **khordha.odisha.gov.in**.

**Sd./- Chief Executive Officer, OLRDS**
**OIPR-06061/11/0002/2425**

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No. CAD-573 Email-hpschiplima@yahoo.in, Fax No. (0663) 2460505

**No.-CHEP/TW-202 (Vol.-V)/3005 Date: 15.07.2024**

**TENDER CALL NOTICE NO.-CHEP-14/2024-25**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors meeting eligibility criteria only for procurement of the following materials;

| Sl. No. | Description | Cost of Tender Paper (Non-Refundable) | EMD (Refundable) |
|---|---|---|---|
| 1 | Supply of Earth Resistance Measurement Tester for CHEP, Chiplima | Rs.472/- (Rs.400/- + GST @18%) | Rs.980/- |
| 2 | Supply of DC Milli Ampere Digital Clamp Meter for P & C Division of CHEP, Chiplima | Rs.472/- (Rs.400/- + GST @18%) | Rs.730/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com** from **dtd.19.07.2024 up to 12:30 PM of dtd.02.08.2024**.

OIPR-04006/11/0018/2425 **Sd/- C & P Head, CHEP, Chiplima**



**FORM NO. 14**
**[See Regulation 33(2)]**
**OFFICE OF THE RECOVERY OFFICER - I**
**DEBTS RECOVERY TRIBUNAL, CUTTACK**
C/71, Sector-7, CDA, Cuttack-753014, Odisha

**DEMAND NOTICE**

**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.**

**RC/20/2023** **05.07.2024**

**INDIAN OVERSEAS BANK**
**Versus**
**SMT. SUBARNA BHUTIA and Others**

To,
**(CD 1) Smt. Subarna Bhutia,** W/o- Shri Jhasaketan Rout, At/PO: Kushkila, PS: Jarpada, PIN-759124, Angul-759130.
**(CD 1) Shri Jhasaketan Rout,** S/o- Daitari Rout, At/PO: Kushakila, Via: Chhendipada, PS: Chhendipada, Angul, Odisha-759130.
Also At: Resident of Village: Kushkilla, PS: Jharpada, Chhendipada.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/337/2018** an amount of **Rs.23,17,576.00 (Rupees Twenty Three Lakhs Seventeen Thousands Five Hundred Seventy Six Only)** along with pendentellite and future interest @ 10% Simple Interest Yearly w.e.f. **21.05.2018** till realization and costs of **Rs.26,005/- (Rupees Twenty Six Thousands Five Only)** has become due against you (Jointly and severally/Fully/Limited).

2. You are hereby directed to pay the above sum within **15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **03.09.2024** at **10.30 a.m.** for further proceedings.
5. In addition to the sum aforesaid, you will also be liable to pay:
 (a) Such interests as is payable for the period commencing immediately after this notice of the certificate / execution proceedings.
 (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **05.07.2024.**

**Sd/- Recovery Officer**
**DEBTS RECOVERY TRIBUNAL, CUTTACK**



**Bandhan Bank**
ବନ୍ଧନ ବ୍ୟାଙ୍କ ଲିମିଟେଡ୍
CIN: L67190WB2014PLC204622
ପଞ୍ଜିକୃତ କାର୍ଯ୍ୟାଳୟ
ଡିଏନ୍ 32, ସେକ୍ଟର-(V) ସଲ୍ଟ ଲେକ୍ ସିଟୀ, କୋଲକାତା - 700091

**ପରିଶିଷ୍ଟ ଆଇଭି-ଏ,**
**[ନିୟମ ୫(6)ର ପ୍ରାବଧାନ ଅନୁସରଣ କରନ୍ତୁ]**

**ସ୍ଥାବର ସମ୍ପତ୍ତିର ବିକ୍ରୀ ପାଇଁ ବିକ୍ରୀ ବିଜ୍ଞପ୍ତି**

ସିକ୍ୟୋରିଟାଇଜେଶନ୍ ଏବଂ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୋରିଟୀ ଇଣ୍ଟରେଷ୍ଟ ନିୟମ 2002, ସିକ୍ୟୋରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, 2002 ର ନିୟମ ୫(6) ପଠିତ ପ୍ରାବଧାନ ଅନ୍ତର୍ଗତ ସ୍ଥାବର ସମ୍ପତ୍ତିର ବିକ୍ରୀ ଇ-ନିଲାମି

ଏତଦ୍ୱାରା, ସର୍ବସାଧାରଣଙ୍କୁ ତଥା ବିଶେଷ ରୂପେ ଋଣଗ୍ରହୀତା(ଗଣ), ଗ୍ୟାରେଣ୍ଟର(ଗଣ), ଡାଇରେକ୍ଟର(ଗଣ) ଏବଂ ବନ୍ଧକଦାତାଙ୍କୁ ସୂଚୀତ କରାଯାଉଛି ଯେ, ବନ୍ଧନ ବ୍ୟାଙ୍କ (ସୁରକ୍ଷିତ ଋଣପ୍ରଦାତା) ପାଖରେ ବନ୍ଧକ ରଖାଯାଇଥିବା/ପ୍ରଭାରିତ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି, ଯାହାର ଗଠନମୂଳକ ଦଖଲ ସୁରକ୍ଷିତ ଋଣପ୍ରଦାତାଙ୍କ ଅଧିକୃତ ଅଧିକାରୀଙ୍କ ଦ୍ୱାରା କରାଯାଇଛି ଏବଂ ଉକ୍ତ ସମ୍ପତ୍ତିର ବିକ୍ରୀ ତା. **ଅଗଷ୍ଟ 19, 2024** ରିଖ ଦିନ (ଯେମିତି ଅଛି ସେମିତି), (ଯେଉଁଠାରେ ଅଛି ସେଠାରେ), ଏବଂ (ଯାହା କିଛି ଅଛି ତାହା) ଆଧାରରେ ବିକ୍ରୀ କରାଯିବ। ଆବଶ୍ୟକ ବିବରଣୀ ନିମ୍ନପ୍ରଦତ୍ତ ଅଟେ

| ଋଣଗ୍ରହୀତାଙ୍କ ନାମ ଏବଂ ଋଣଖାତା ସଂଖ୍ୟା : | ଋଣଗ୍ରହୀତା/ଗ୍ୟାରେଣ୍ଟର(ଗଣ)/ ବନ୍ଧକଦାତା(ଗଣ)ଙ୍କ ନାମ ଏବଂ ଠିକଣା | ନିମ୍ନପ୍ରଦତ୍ତ ଦିନାଙ୍କରେ ମୋଟ ଦେୟ ରାଶି (ଟ.) | ବନ୍ଧକୀକୃତ ସମ୍ପତ୍ତିର ବିବରଣୀ |
|---|---|---|---|
| ମେସର୍ସ ଓମ୍‌ଜୟ ଇଭି ଲିମିଟେଡ୍<br>68210000003216 (ସାବଧି ଋଣ) | 1. ମେସର୍ସ ଓମ୍‌ଜୟ ଇଭି ଲିମିଟେଡ୍ (ଋଣଗ୍ରହୀତା), 214 ଭାରତ ଏନ୍ଏଚ୍ 5, ପାହାଳ, ଜିଲ୍ଲା : ଖୋର୍ଦ୍ଧା, ନହରକଣ୍ଟା, ଭୁବନେଶ୍ୱର, ଓଡ଼ିଶା – 752101<br>2. ଶ୍ରୀଯୁକ୍ତ ଜୟ ପ୍ରକାଶ ଦିଡ୍‌ୱାନିଆ, (ଡାଇରେକ୍ଟର / ଗ୍ୟାରେଣ୍ଟର) ସ୍ୱର୍ଗତ ଦୁର୍ଗା ପ୍ରସାଦ ଦିଡ୍‌ୱାନିଆଙ୍କ ପୁତ୍ର, ପ୍ଲଟ ନଂ.1, କଟକ ରୋଡ୍, ଯାତ୍ରୀ ନିବାସ ସାମ୍ନା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ବୁଧେଶ୍ୱରୀ କଲୋନୀ, ଖୋର୍ଦ୍ଧା, ଓଡ଼ିଶା – 751006 ।<br>3. ଶ୍ରୀଯୁକ୍ତ ହର୍ଷବର୍ଦ୍ଧନ ଦିଡ୍‌ୱାନିଆ, (ଡାଇରେକ୍ଟର / ଗ୍ୟାରେଣ୍ଟର) ଶ୍ରୀଯୁକ୍ତ ଜୟପ୍ରକାଶ ଦିଡ୍‌ୱାନିଆଙ୍କ ପୁତ୍ର, ପ୍ଲଟ୍ ନଂ.1, କଟକ ରୋଡ୍, ଯାତ୍ରୀ ନିବାସ ସାମ୍ନା, ରସୁଲଗଡ଼, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା – 751010<br>4. ମେସର୍ସ ଭାରତ ମୋଟର୍ସ ଲିମିଟେଡ୍ (କର୍ପୋରେଟ୍ ଗ୍ୟାରେଣ୍ଟର / ବନ୍ଧକଦାତା) ଏନ୍ଏଚ୍ 5, ପାହାଳ, ଭୁବନେଶ୍ୱର, ଓଡ଼ିଶା – 752101 | ଅଗଷ୍ଟ 19, 2023 ସୁଦ୍ଧା ଟ.5,14,92,571.00 | ମୌଜା-ଶଙ୍କର ପୁର, କେନ୍ଦୁଝର ଜିଲାର ସଦର ତହସିଲ ଅନ୍ତର୍ଗତ ସର୍ଭେ ନମ୍ବର : ଖାତା ନଂ.166/233, ଖାତା ନଂ. 166/206 ଏବଂ ଖାତା ନଂ. 166/307, ପ୍ଲଟ୍ ନଂ. 1005, କ୍ଷେତ୍ରଫଳ – ଏକର 0.210 ଡିସିମିଲ୍, ପ୍ଲଟ୍ ନଂ. 1003, କ୍ଷେତ୍ରଫଳ – ଏକର 0.630 ଡିସିମିଲ୍, ପ୍ଲଟ୍ ନଂ.1004, କ୍ଷେତ୍ରଫଳ – ଏକର 0.260 ଡିସିମିଲ୍, ପ୍ଲଟ୍ ନଂ. 1006, କ୍ଷେତ୍ରଫଳ – ଏକର 0.240 ଡିସିମିଲ୍, ପ୍ଲଟ୍ ନଂ. 1008, କ୍ଷେତ୍ରଫଳ – ଏକର 0.310 ଡିସିମିଲ୍, ପ୍ଲଟ୍ ନଂ. 1009, କ୍ଷେତ୍ରଫଳ – ଏକର 0.230 ଡିସିମିଲ୍, ପ୍ଲଟ୍ ନଂ.1010, କ୍ଷେତ୍ରଫଳ – ଏକର 0.140 ଡିସିମିଲ୍, ପ୍ଲଟ୍ ନଂ. 1011, କ୍ଷେତ୍ରଫଳ – ଏକର 0.110 ଡିସିମିଲ୍, ଥାନା ନଂ. 160, ଓଡ଼ିଶା – 758002 ରେ ସ୍ଥିତ ଏକର 2.130 ଡିସିମିଲ୍ ବା କିଛି ଅଧିକ କିମ୍ବା କମ କ୍ଷେତ୍ରଫଳ ବିଶିଷ୍ଟ ଜମି ଏବଂ ବିଲ୍ଡିଙ୍ଗର ସମସ୍ତ ଏବଂ ଅବିଚ୍ଛେଦ ଅଂଶ ଯାହା ନିମ୍ନଲିଖିତ ଦ୍ୱାରା ଆବଦ୍ଧ :<br>ବାଉଣ୍ଡରୀ : (ଭୂ-ନକଶା ଅନୁସାରେ)<br>ପ୍ଲଟ୍ ନମ୍ବର 1003 : ଉତ୍ତର – ପ୍ଲଟ୍ ନମ୍ବର 1005 ଏବଂ 1004, ଦକ୍ଷିଣ – ପ୍ଲଟ୍ ନମ୍ବର 1002, ପୂର୍ବ – ପ୍ଲଟ୍ ନମ୍ବର 985, ପଶ୍ଚିମ – ପ୍ଲଟ୍ ନମ୍ବର 1022<br>ପ୍ଲଟ୍ ନମ୍ବର 1004 : ଉତ୍ତର – ପ୍ଲଟ୍ ନମ୍ବର 1007, ଦକ୍ଷିଣ – ପ୍ଲଟ୍ ନମ୍ବର 1003, ପୂର୍ବ – ପ୍ଲଟ୍ ନମ୍ବର 985, ପଶ୍ଚିମ – ପ୍ଲଟ୍ ନମ୍ବର 1005<br>ପ୍ଲଟ୍ ନମ୍ବର 1005 : ଉତ୍ତର – ପ୍ଲଟ୍ ନମ୍ବର 1006, ଦକ୍ଷିଣ – ପ୍ଲଟ୍ ନମ୍ବର 1003, ପୂର୍ବ – ପ୍ଲଟ୍ ନମ୍ବର 1004, ପଶ୍ଚିମ – ପ୍ଲଟ୍ ନମ୍ବର 1022 ଏବଂ 1003<br>ପ୍ଲଟ୍ ନମ୍ବର 1006 : ଉତ୍ତର – ପ୍ଲଟ୍ ନମ୍ବର 1008 (ପି), ଦକ୍ଷିଣ – ପ୍ଲଟ୍ ନମ୍ବର 1005, ପୂର୍ବ – ପ୍ଲଟ୍ ନମ୍ବର 1007, ପଶ୍ଚିମ – ପ୍ଲଟ୍ ନମ୍ବର 1021<br>ପ୍ଲଟ୍ ନମ୍ବର 1008 : ଉତ୍ତର – ପ୍ଲଟ୍ ନମ୍ବର 1009, ଦକ୍ଷିଣ – ପ୍ଲଟ୍ ନମ୍ବର 1006, ପୂର୍ବ – ପ୍ଲଟ୍ ନମ୍ବର 1008 ର ଅବଶିଷ୍ଟ ଅଂଶ, ପଶ୍ଚିମ – ପ୍ଲଟ୍ ନମ୍ବର 1021<br>ପ୍ଲଟ୍ ନମ୍ବର 1009 : ଉତ୍ତର – ପ୍ଲଟ୍ ନମ୍ବର 1010, ଦକ୍ଷିଣ – ପ୍ଲଟ୍ ନମ୍ବର 1008 (ପି), ପୂର୍ବ – ପ୍ଲଟ୍ ନମ୍ବର 1009/1432, ପଶ୍ଚିମ – ପ୍ଲଟ୍ ନମ୍ବର 1021<br>ପ୍ଲଟ୍ ନମ୍ବର 1010 : ଉତ୍ତର – ପ୍ଲଟ୍ ନମ୍ବର 1012 ଏବଂ 1011, ଦକ୍ଷିଣ – ପ୍ଲଟ୍ ନମ୍ବର 11009 (ପି), ପୂର୍ବ – ପ୍ଲଟ୍ ନମ୍ବର 1010 ର ଅବଶିଷ୍ଟ ଅଂଶ, ପଶ୍ଚିମ – ପ୍ଲଟ୍ ନମ୍ବର 1021<br>ପ୍ଲଟ୍ ନମ୍ବର 1011 : ଉତ୍ତର – ଜାତୀୟ ରାଜପଥ -16, ଦକ୍ଷିଣ – ପ୍ଲଟ୍ ନମ୍ବର 1010 (ପି), ପୂର୍ବ– ପ୍ଲଟ୍ ନମ୍ବର 1011/1492, ପଶ୍ଚିମ – ପ୍ଲଟ୍ ନମ୍ବର 1012 |

ଆବଶ୍ୟକ ବିବରଣୀ ଏବଂ ନିଲାମି ସୂଚୀ ନିମ୍ନପ୍ରଦତ୍ତ ଅଟେ :

| ଋଣ ଗ୍ରହୀତାଙ୍କ ନାମ | ଆରକ୍ଷିତ ମୂଲ୍ୟ / ବୟନା ରାଶି ଜମା (ଟ.) |
|---|---|
| ମେସର୍ସ ଓମ୍‌ଜୟ ଇଭି ଲିମିଟେଡ୍ | ଆରକ୍ଷିତ ମୂଲ୍ୟ **ଟ.7,50,30,300.00 (ସାତ କୋଟି ପଚାଶ ଲକ୍ଷ ତିରିଶ ହଜାର ତିନି ଶହ ଟଙ୍କା ମାତ୍ର)**<br>ବୟନା ରାଶି ଜମା : ଆରକ୍ଷିତ ମୂଲ୍ୟର 10%, ଅର୍ଥାତ୍ **ଟ.75,03,030.00 (ପଚସ୍ତରୀ ଲକ୍ଷ ତିନି ହଜାର ତିରିଶ ଟଙ୍କା ମାତ୍ର)** ଯାହା ବନ୍ଧନ ବ୍ୟାଙ୍କ ଲିମିଟେଡ୍, କୋଲକାତାକୁ ଦେୟ ଉଦ୍ଦେଶ୍ୟରେ ଡିଡି ଆକାରରେ ଜମା କରାଯିବ । |
| ବୋଲି ବୃଦ୍ଧି ରାଶି (ଟଙ୍କାରେ) | **ଟ.5,000** (ପାଞ୍ଚ ହଜାର ଟଙ୍କା ମାତ୍ର) |
| **ଜ୍ଞାତ ଦେୟତା (ଯଦି କିଛି ଥାଏ)** | |
| ମେସର୍ସ ଓମ୍‌ଜୟ ଇଭି ଲିମିଟେଡ୍ | ବନ୍ଧନ ବ୍ୟାଙ୍କ ଲିମିଟେଡ୍ କୁ ଜ୍ଞାତ ଯେକୌଣସି ପ୍ରକାରର ଦେୟତାର ବିବରଣୀ, ଯାହା ପାଇଁ ସମ୍ପତ୍ତି ଦାୟବଦ୍ଧ : ଶୂନ୍ୟ |
| **ନିଲାମି ସୂଚୀ ବିବରଣୀ** | |
| ଭୌତିକ ନିରୀକ୍ଷଣର ତାରିଖ ଏବଂ ସମୟ | **କେବଳ ଜୁଲାଇ 29, 2024 ଏବଂ ଜୁଲାଇ 30, 2024** ତାରିଖ ସକାଳ 11 ଘଟିକାରୁ ଦ୍ୱିପ୍ରହର 3 ଘଟିକା ଭିତରେ, ଅଧିକୃତ ଅଧିକାରୀଙ୍କୁ ଯୋଗାଯୋଗ ପୂର୍ବ-ନିଯୁକ୍ତି ସାପେକ୍ଷ । |
| ବିଡ୍ ଦାଖଲ କରିବାର ଅନ୍ତିମ ଦିନ, ସମୟ ଏବଂ ସ୍ଥାନ | **ଅଗଷ୍ଟ 17, 2024 ପର୍ଯ୍ୟନ୍ତ,** ଦ୍ୱିପ୍ରହର 3.30 ପର୍ଯ୍ୟନ୍ତ, 12ତମ ମହଲା, ଆଡ୍‌ଭେଞ୍ଜ ଇନ୍‌ଫିନିଟୀ, ବିଏନ୍-5, ସେକ୍ଟର-5, ସଲ୍ଟ ଲେକ୍ ସିଟୀ, କୋଲକାତା, ପଶ୍ଚିମ ବଙ୍ଗ -700091, ବନ୍ଧନ ବ୍ୟାଙ୍କ ଲିମିଟେଡ୍ ର ଅଧିକୃତ ଅଧିକାରୀଙ୍କ ଉଦ୍ଦେଶ୍ୟରେ । |
| ସର୍ବସାଧାରଣ ନିଲାମି (ଇ-ନିଲାମି)ର ତାରିଖ, ସମୟ ଏବଂ ସ୍ଥାନ | **ଅଗଷ୍ଟ 19, 2024 ତାରିଖ,** ଦ୍ୱିପ୍ରହର 3 ଘଟିକାରୁ 4 ଘଟିକାରେ 5 ମିନିଟ୍‌ର ଅସୀମିତ ଅତିରିକ୍ତ ଅବଧି ସହିତ ଇ-ନିଲାମି ବିଡ୍ ଫର୍ମ, ଘୋଷଣା ଇତ୍ୟାଦି ସେବା ପ୍ରଦାତାଙ୍କ ୱେବ୍‌ସାଇଟ୍‌ରେ ନିମ୍ନଲିଖିତ ଅନୁସାରେ ଉପଲବ୍ଧ ଅଟେ । |

ବିକ୍ରୀର ବିଶଦ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ବ୍ୟାଙ୍କ/ସୁରକ୍ଷିତ ଋଣ ପ୍ରଦାତାଙ୍କ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ଲିଙ୍କ୍ ଯଥା : https://bandhanbank.com, https://assets.matexauctions.com ଏବଂ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ସେବା ପ୍ରଦାତା ମେସର୍ସ ମ୍ୟାଟେକ୍ସ ନେଟ୍ ପ୍ରାଇଭେଟ୍ ଲିମିଟେଡ୍ କୁ ତାଙ୍କ ୱେବ୍ ପୋର୍ଟାଲ୍ https://assets.matexauctions.com କୁ ଅନୁସରଣ କରନ୍ତୁ ।

ନିଲାମି ପ୍ରକ୍ରିୟା ବ୍ୟାଙ୍କ ଦ୍ୱାରା ଅନୁମୋଦିତ ସେବା ପ୍ରଦାତା ମେସର୍ସ ମ୍ୟାଟେକ୍ସ ନେଟ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ତାଙ୍କ ୱେବ୍ ପୋର୍ଟାଲ୍ https://assets.matexauctions.com ରେ ଅନ୍‌ଲାଇନ୍‌ରେ ସଞ୍ଚାଳିତ ହେବ ।

ଅନ୍ୟ ଯେକୌଣସି ସହାୟତା ଯଥା : ନିଲାମି ଅନ୍ତର୍ଗତ ସମ୍ପତ୍ତିର ଯାଞ୍ଚ-ପରଖ ପାଇଁ ଇଚ୍ଛୁକ ବୋଲିଦାତା ବ୍ୟାଙ୍କ ର ଅଧିକୃତ ଅଧିକାରୀ ଶ୍ରୀଯୁକ୍ତ ପ୍ରଦୀପ୍ତ ବିଶ୍ୱାସଙ୍କୁ (ମୋବାଇଲ୍ ନମ୍ବର : 9830063050) ରେ କାର୍ଯ୍ୟାଳୟର କାର୍ଯ୍ୟ ସମୟ ସକାଳ 9 ଘଟିକାରୁ ଦ୍ୱିପ୍ରହର 3.30 ଘଟିକା ଭିତରେ ଯୋଗାଯୋଗ କରିପାରିବେ ।

ଏହି ବିଜ୍ଞପ୍ତିକୁ ସିକ୍ୟୋରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, 2002 ର ନିୟମ ୫(6) ପ୍ରାବଧାନ ଅନ୍ତର୍ଗତ ଋଣଗ୍ରହୀତାଙ୍କୁ 30 ଦିନର ବିଜ୍ଞପ୍ତି ବୋଲି ମଣାଯିବ ।

ତାରିଖ : ଜୁଲାଇ 17, 2024
ସ୍ଥାନ : ଓଡ଼ିଶା

ନିମ୍ନ ସ୍ୱାକ୍ଷରକର୍ତ୍ତା
ଅଧିକୃତ ଅଧିକାରୀ
ବନ୍ଧନ ବ୍ୟାଙ୍କ ଲିମିଟେଡ୍

# ଏସ୍‌ସିବିରେ ନର୍ସିଂ ଅଫିସର, ହାଉସ୍ ସର୍ଜନ ବିବାଦ ତେଜିଲା

■ ଆନ୍ଦୋଳନ ଚେତାବନୀ ଦେଲା ୨ ସଂଘ
■ ମୋବାଇଲ ଛଡାଇନେବାକୁ ନେଇ ଉତ୍ତେଜନା

କଟକ,୧୬।୭(ଶିଲ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ନ୍ୟୁ ମେଡିସିନ ବିଭାଗରେ ଉପୁଜିଥିବା ହାଉସ୍ ସର୍ଜନ ଡାକ୍ତର ଓ ନର୍ସିଂ ଅଫିସର ବିବାଦ ଉଗ୍ରରୂପ ନେଇଛି। ଏହାର ସମାଧାନ ପାଇଁ ମଙ୍ଗଳବାର ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ଉଭୟ ନର୍ସିଂ ଅଫିସର ଓ ହାଉସ୍ ସର୍ଜନଙ୍କୁ ଡକାଯାଇଥିଲା। ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ସମାଧାନର ବାଟ ବାହାରି ପାରିନାହିଁ। ଅଭିଯୋଗ କରିଥିବା ନର୍ସିଂ ଅଫିସରଙ୍କ ବଦଳି ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଡାକ୍ତରମାନେ ଜରୁରିକାଳୀନ ସେବା ବ୍ୟତୀତ ଅନ୍ୟ କାର୍ଯ୍ୟ କରିବେ ନାହିଁ ବୋଲି ଅଡି ବସିଛନ୍ତି। ଅପରପକ୍ଷରେ ଦୁର୍ବ୍ୟବହାର କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବୁଧବାର ଅପରାହ୍ଣ ୫ଟାରୁ ନର୍ସିଂ ଅଫିସର କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବେ ବୋଲି କହିଛନ୍ତି।

ସୂଚନାଅନୁଯାୟୀ, ନ୍ୟୁ ମେଡିସିନ ବିଭାଗରେ ନର୍ସିଂ ଅଫିସର ସ୍ନେହସୁଧା ସାହୁ ରବିବାର ଡ୍ୟୁଟି କରୁଥିଲେ। ଏହି ସମୟରେ ଚିକିତ୍ସାଧୀନ ଜଣେ ରୋଗୀଙ୍କୁ ପ୍ଲାଜ୍‌ମା ଦିଆଯାଇଥାନ୍ତା। ଏନେଇ ସ୍ନେହସୁଧା ଜଣେ ଡାକ୍ତରଙ୍କୁ ଫୋନ୍ କରି ଜଣାଇଥିଲେ। ହେଲେ ସେ ଆସି ନ ଥିଲେ। ପୁନର୍ବାର ସ୍ନେହସୁଧା ଫୋନ୍ କରିବା ପରେ ଡାକ୍ତର ଆସିଥିଲେ। ଏହାପରେ ରୋଗୀଙ୍କୁ ପ୍ଲାଜ୍‌ମା ଦିଆଯାଇଥିଲା। ରାତି ପ୍ରାୟ ୮ଟାରେ ଡ୍ୟୁଟି ସରିବା ପରେ ସ୍ନେହସୁଧା ଏକ ପ୍ରକୋଷ୍ଠରେ ବସିଥିବାବେଳେ ପ୍ରାୟ ୧୦ଜଣ ଡାକ୍ତର ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରି କି ତାଙ୍କ ମୋବାଇଲ ଛଡାଇନେବା ସହ ତାଙ୍କୁ ପ୍ରକୋଷ୍ଠରେ ବନ୍ଦ କରି ଦେଇଥିଲେ। ଏନେଇ ସେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଏସ୍‌ସିବି ଶାଖାକୁ ଜଣାଇଥିଲେ। ପରେ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ସୁଧାଂଶୁ ଶେଖର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଘଟଣାର ତଦନ୍ତ ପାଇଁ ଦାବି କରାଯାଇଥିଲା। ଘଟଣାର ତଦନ୍ତ ପାଇଁ ସୁପରିଣ୍ଟେଣ୍ଡେଣ୍ଟ ଏକ କମିଟି ଗଠନ କରିଥିଲେ। ମଙ୍ଗଳବାର ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ଉକ୍ତ କମିଟି ସଦସ୍ୟ ପହଞ୍ଚି ଉଭୟ ନର୍ସିଂ ଅଫିସର ଓ ଡାକ୍ତରଙ୍କୁ ପଚରାଉଚରା କରିବା ପାଇଁ ଡାକିଥିଲେ। ଫଳରେ ଉଭୟ ପକ୍ଷ ସେଠାରେ ପହଞ୍ଚିଥିଲେ। ପ୍ରଥମେ ନର୍ସିଂ ଅଫିସର ସ୍ନେହସୁଧାଙ୍କୁ ପଚାରଉଚରା କରାଯିବା ସମୟରେ ସେ ତାଙ୍କ ସୁରକ୍ଷା ଦୃଷ୍ଟିରୁ ନିଜ ଫୋନରେ ରେକର୍ଡିଂ ଆରମ୍ଭ କରିବାରୁ ଉପସ୍ଥିତ ଥିବା ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ସାବିତ୍ରୀ ନାୟକ ତାହାକୁ ଛଡାଇ ନେଇଥିଲେ। ଏପରି କି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ମିଶ୍ର ସ୍ନେହସୁଧାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା କହିବା ସହ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଏସ୍‌ସିବି ଶାଖାକୁ ଉକ୍ତ ଘଟଣା ସମ୍ପର୍କରେ କାହିଁକି ଜଣାଇଲ ବୋଲି ପ୍ରଶ୍ନ ପଚାରିଥିଲେ। ମୋବାଇଲ ନେଇଯିବା ଓ ଏଭଳି ଓଲଟା ପ୍ରଶ୍ନ କରିବାରୁ ସ୍ନେହସୁଧା ସଂଘ ସଦସ୍ୟଙ୍କୁ ଜଣାଇଥିଲେ। ପରେ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟରେ ଶତାଧିକ ନର୍ସିଂ ଅଫିସର ପହଞ୍ଚି ଏନେଇ ପ୍ରଶ୍ନ ଉଠାଇଥିଲେ। ସେହି ସମୟରେ ଉପସ୍ଥିତ ଡାକ୍ତରମାନଙ୍କ ସହ ସେମାନଙ୍କର କଥା କଟାକଟି ହୋଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ଉପସ୍ଥିତ ଥିବା ପୋଲିସ ସ୍ଥିତି ନିୟନ୍ତ୍ରଣ କରିଥିଲା। ଅପରପକ୍ଷରେ କମିଟି ଡାକ୍ତରଙ୍କୁ ଡାକି ପଚରାଉଚରା କରିଛି। ଏନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ମିଶ୍ର କହିଛନ୍ତି, ଉକ୍ତ ଘଟଣାରେ ତଦନ୍ତ ଜାରି ରହିଛି। ତଦନ୍ତ ପାଇଁ କମିଟିକୁ ଦୁଇଦିନ ସମୟ ଦିଆଯାଇଛି। ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ସେହି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

କମିଟିର ବୈଠକ ଶେଷ ହେବା ପରେ ନର୍ସିଂ ଅଫିସରମାନେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ମିଶ୍ରଙ୍କୁ ଭେଟିବାକୁ ଅପେକ୍ଷା କରିଥିଲେ। ହେଲେ ଭେଟିବା ପାଇଁ ଅନୁମତି ନ ମିଳିବାରୁ ସେମାନେ ତାଙ୍କ କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। ଏପରିକି କମିଟି ତଦନ୍ତ ସମୟରେ କେଉଁ କାରଣ ପାଇଁ ନର୍ସିଂ ଅଫିସର ଜଣଙ୍କୁ ଏପରି ମାନସିକ ରୋଗୀ ଭାବେ ଆକ୍ଷେପ କରାଗଲା ସେନେଇ ପଚାରିଥିଲେ। ଉପସ୍ଥିତ ଥିବା ପୋଲିସ ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ହାଉସ୍ ସର୍ଜନ ସଂଘ ବୁଧବାରଠାରୁ ଜରୁରିକାଳୀନ ସେବା ବ୍ୟତୀତ ଅନ୍ୟ କାର୍ଯ୍ୟ କରିବ ନାହିଁ ବୋଲି ସୁପରିଣ୍ଟେଣ୍ଡେଣ୍ଟ ମିଶ୍ରଙ୍କୁ ସଂଘ ସଭାପତି ଡା. ଶାଶ୍ୱତ ମହାନ୍ତି ଲିଖିତ ଭାବେ ଜଣାଇଛନ୍ତି। ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡାକ୍ତରମାନେ ପ୍ରତିବାଦ କରିଥିବାବେଳେ ନର୍ସିଂ ଷ୍ଟାଫ୍‌ମାନେ ବିକ୍ଷୋଭ କରିଥିଲେ।

ନର୍ସିଂ ଅଫିସର ସ୍ନେହସୁଧା କହିଛନ୍ତି, ରବିବାର ନ୍ୟୁ ମେଡିସିନ ବିଭାଗର ଏକ ପ୍ରକୋଷ୍ଠରେ ବସିଥିବାବେଳେ କେତେଜଣ ଡାକ୍ତର ଦୁର୍ବ୍ୟବହାର କରିବା ସହ କବାଟ ବନ୍ଦ କରି ମୋବାଇଲ ଛଡାଇ ନେଇଥିଲେ। ସେହି ସ୍ଥାନରୁ ଉଦ୍ଧାର କରିବା ପାଇଁ ପ୍ରଥମେ ମେଡିକାଲ ସୁପରିଟେଣ୍ଡେଣ୍ଟ ମିଶ୍ର ଓ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ନାୟକଙ୍କୁ ଜଣାଇଥିଲି। କିନ୍ତୁ କେହି ପହଞ୍ଚି ନ ଥିଲେ କିମ୍ବା ଅନ୍ୟ କାହାକୁ ଉଦ୍ଧାର କରିବା ପାଇଁ ପଠାଇ ନ ଥିଲେ। ସେଥିପାଇଁ ମୁଁ ସଂଘ ସଦସ୍ୟଙ୍କୁ ଜଣାଇଥିଲି। ତୁରନ୍ତ ସେମାନେ ପହଞ୍ଚି ମୋତେ ଉଦ୍ଧାର କରିଥିଲେ।

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଏସ୍‌ସିବି ଶାଖା ସମ୍ପାଦିକା ସରୋଜିନୀ ଜେନା କହିଛନ୍ତି, ମେଡିକାଲରେ ଜଣେ ନର୍ସିଂ ଅଫସିର ଖାସ୍ କରି ଜଣେ ମହିଳା ସୁରକ୍ଷିତ ନୁହେଁ। କମିଟିର ତଦନ୍ତ ସମୟରେ ନର୍ସିଂ ଅଫିସରଙ୍କ ଫୋନ୍ ଛଡ଼ାଇ ନେବା ଓ ତାଙ୍କୁ ମାନସିକ ରୋଗୀ ଭାବେ ଆକ୍ଷେପ କରିବା ଘଟଣା ଲଜ୍ଜାଜନକ। ହାଉସ୍ ସର୍ଜନ ସଂଘ ସଭାପତି ଡା. ଶାଶ୍ୱତ ମହାନ୍ତି କହିଛନ୍ତି, ଡାକ୍ତରଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ବରଦାସ୍ତ କରାଯିବ ନାହିଁ। ଜଣେ ନର୍ସିଂ ଅଫିସର ଡାକ୍ତରଙ୍କୁ ରୋଗୀ ଓ ସମ୍ପର୍କୀୟଙ୍କ ସମ୍ମୁଖରେ ଦୁର୍ବ୍ୟବହାର କରିବା ନିନ୍ଦନୀୟ ଘଟଣା। ଉକ୍ତ ନର୍ସିଂ ଅଫିସରଙ୍କ ବିରୋଧରେ ପୂର୍ବରୁ ବହୁ ଅଭିଯୋଗ ରହିଛି। ଏପରି କି ତାଙ୍କୁ ଅନ୍ୟ ବିଭାଗରୁ ବଦଳି କରାଯାଇ ନ୍ୟୁ ମେଡ଼ିସିନ ବିଭାଗକୁ ଅଣାଯାଇଛି। ସମସ୍ତ ଘଟଣା ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଉକ୍ତ ନର୍ସିଂ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।


ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡାକ୍ତରମାନେ ପ୍ରତିବାଦ କରୁଛନ୍ତି।


ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନର୍ସିଂ ଷ୍ଟାଫ୍ ବିକ୍ଷୋଭ କରୁଛନ୍ତି।

## ରାଶନ ବାଟମାରଣା ରୋକିବା ଯୋଜନା: ଓଜନ ମେଶିନ ସହ ସଂଯୋଗ ହେବ ପିଓଏସ୍

ଭୁବନେଶ୍ୱର,୧୬।୭(ଅନିଲ ଦାସ)

ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍)ରେ ଗରିବ ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟଶସ୍ୟ ବାଟମାରଣା ଉପରେ ରୋକ ଲାଗିବ। ଖାଦ୍ୟଶସ୍ୟ ଓଜନ କରୁଥିବା ମେଶିନ ସହ ପଏଣ୍ଟ ଅଫ୍ ସେଲ୍(ପିଓଏସ୍)କୁ ସଂଯୋଗ କରାଯିବ। ଏହାଦ୍ୱାରା ସାଧାରଣ ଖାଉଟି ବଣ୍ଟନ ବ୍ୟବସ୍ଥା(ପିଡିଏସ୍)ରେ ହିତାଧିକାରୀଙ୍କୁ ଦିଆଯାଉଥିବା ରାଶନ ଏବଂ ପିଓଏସ୍‌ରୁ ବାହାରୁଥିବା ରସିଦ ସହ ତାହା ମେଳ ଖାଇବ। ଫଳରେ ହିତାଧିକାରୀଙ୍କୁ ମିଳୁଥିବା ରାଶନ ଓଜନରେ ହେଉଥିବା ବାଟମାରଣ ରୋକାଯାଇ ପାରିବ। ଅନେକ ସମୟରେ ହିତାଧିକାରୀଙ୍କ ଚାଉଳ ଡିଲର ପଏଣ୍ଟରେ କମ୍ କରାଯାଉଥିବା ନେଇ ଅଭିଯୋଗ ହେଉଥିଲା। କେତେକ କ୍ଷେତ୍ରରେ ରସିଦ ଠିକ୍ ଦିଆଯାଉଥିବା ବେଳେ ଓଜନ କମ୍ କରି ଦିଆଯାଉଥିଲା। ଏହାଦ୍ୱାରା ହିତାଧିକାରୀଙ୍କ ବହୁ ପରିମାଣର ଚାଉଳ ହଡ଼ପ କରାଯାଉଥିଲା। ଆସନ୍ତା ମାସକ ମଧ୍ୟରେ ରାଜ୍ୟର ୧୨ ହଜାର ସରକାରୀ ଖୁଚୁରା ଦୋକାନରେ ଏହି ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଦ୍ୱାରା ପିଡିଏସ୍‌ରେ ଆହୁରି ସ୍ୱଚ୍ଛତା ଆସିପାରିବ।

# ବୁକିଂର ୪୮ ଘଣ୍ଟା ମଧ୍ୟରେ ମିଳିବ ଗ୍ୟାସ୍ ସିଲିଣ୍ଡର: ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



ଭୁବନେଶ୍ୱର,୧୬।୭(ଅନିଲ ଦାସ)

ଗ୍ୟାସ୍ ବୁକିଂ ହେବାର ୪୮ ଘଣ୍ଟା ମଧ୍ୟରେ ଖାଉଟିଙ୍କ ନିକଟରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପହଞ୍ଚିବ । ଧାର୍ଯ୍ୟ ସମୟ ସୀମାରେ ଖାଉଟିଙ୍କ ପାଖରେ ଗ୍ୟାସ୍ ସିଲିଣ୍ଡର ନ ପହଞ୍ଚିଲେ ବିତରଣକାରୀ ସଂସ୍ଥା କିମ୍ବା ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ମଙ୍ଗଳବାର ନୟାପଲ୍ଲୀସ୍ଥିତ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପେଟ୍ରୋଲ, ଡିଜେଲ ଓ ଏଲ୍‌ପିଜି ଡିଲର ସଂଘ ସହ ବୈଠକ ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ପେଟ୍ରୋଲ, ଡିଜେଲ ଗୁଣବତ୍ତାରେ କୌଣସି ସାଲିସ କରାଯିବ ନାହିଁ। ନିୟମିତ ଭାବେ ପେଟ୍ରୋଲ ଟାଙ୍କିଗୁଡ଼ିକରେ ଅପମିଶ୍ରଣ ଯାଞ୍ଚ କରାଯିବ। ଯଦି କେହି ଅପ୍ରମିଶ୍ରଣ କରୁଥିବା ଜଣାପଡ଼ିବ ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ । ପ୍ରତ୍ୟେକ ଖାଉଟି ଯେଭଳି ଠିକ୍ ପରିମାଣ ଏବଂ ଗୁଣାତ୍ମକ ତୈଳ ଓ ଗ୍ୟାସ୍ ସାମଗ୍ରୀ ପାଇପାରିବେ ଏହା ଉପରେ ସମ୍ପୃକ୍ତ ବିତରକ ସଂସ୍ଥା ଦୃଷ୍ଟି ଦେବା ଆବଶ୍ୟକ । ଏହି ବୈଠକରେ ବିଭିନ୍ନ ବିତରକ ସଂସ୍ଥାଗୁଡ଼ିକର ସମସ୍ୟା ଏବଂ ଖାଉଟିମାନଙ୍କ ଅଭିଯୋଗଗୁଡ଼ିକର ଦ୍ରୁତ ସମାଧାନ ଉପରେ ଆଲୋଚନା ହୋଇଥିଲା । ପେଟ୍ରୋଲ ଟାଙ୍କିଗୁଡ଼ିକରେ ପାନୀୟ ଜଳ, ଶୌଚାଳୟ ଏବଂ ବିନା ମୂଲ୍ୟରେ ଗାଡ଼ିରେ ପ୍ରେସର୍ ଦେବା ବ୍ୟବସ୍ଥାକୁ ଟାଙ୍କିମାଲିକମାନେ ସୁନିଶ୍ଚିତ କରିବାକୁ ମନ୍ତ୍ରୀ କହିଛନ୍ତି ।

ବୈଠକରେ ବିଭାଗୀୟ ଅଧିକାରୀ, ବିଭିନ୍ନ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ–ଓଡ଼ିଶା ଶାଖାର ପ୍ରତିନିଧି, ଉତ୍କଳ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏଶନ୍‌ର କର୍ମକର୍ତ୍ତା, ବିଭିନ୍ନ ବିତରକ ସଂଘର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

# ଦୟା ୱେଷ୍ଟ କେନାଲର ପୁନରୁଦ୍ଧାର ହେବ

**ନଗର ଉନ୍ନୟନ ବିଭାଗର ସମୀକ୍ଷା**

**ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୧୬।୭(ଅନିଲ ଦାସ)

ଭୁବନେଶ୍ୱର ଦୟା ୱେଷ୍ଟ କେନାଲର ପୁନରୁଦ୍ଧାର ହେବ। ୩୪ କି.ମି. ଦୀର୍ଘ ଏହି କେନାଲର ୧୬ କି.ମି.ରୁ ଅଧିକ ଅଂଶ ଭୁବନେଶ୍ୱର ସହର ଭିତରେ ରହିଛି। ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଭୁବନେଶ୍ୱର ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କରିବା ବର୍ତ୍ତମାନ ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଲୋକସେବା ଭବନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି। ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରି ସହରଗୁଡ଼ିକରେ ଲୋକଙ୍କ ପାଇଁ ଆଧୁନିକ ସୁବିଧାର ବିକାଶ ଲାଗି ପରାମର୍ଶ ଦେଇଛନ୍ତି। ବିଭିନ୍ନ ଯୋଜନାରେ ସୁବିଧା ପାଉଥିବା ହିତାଧିକାରୀ ଚୟନ କ୍ଷେତ୍ରରେ ତଥା କର୍ମସଂସ୍ଥାନ ପ୍ରଦାନ କ୍ଷେତ୍ରରେ ଓଡ଼ିଶାର ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି।

ସହରଗୁଡ଼ିକର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଉପରେ ପ୍ରାଥମିକତା ଦେବା ସହ ସହରର ଗରିବ ଲୋକଙ୍କ ପାଇଁ ଭିତ୍ତିଭୂମି ଓ ଆନୁଷଙ୍ଗିକ ସୁବିଧାର ବିକାଶ କରାଯାଇପାରିବ। ସେମାନେ ସୁବିଧାରେ ରହି ଜୀବିକା ଅର୍ଜନ ମଧ୍ୟ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେହିପରି ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସବୁ ସହରରେ ବାୟୋ–ମାଇନିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଆବଶ୍ୟକ। ସ୍ୱଚ୍ଛତା କ୍ଷେତ୍ରରେ ଭୁବନେଶ୍ୱର ଯେପରି ଦେଶର ଏକ ମଡେଲ ସହର ହୋଇପାରିବ ସେଥିପାଇଁ ଉପଯୁକ୍ତ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ବିଭାଗ ପକ୍ଷରୁ ୧୦୦ ଦିନର ଆକ୍ସନ ପ୍ଲାନ୍ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏଥିସହିତ ମେଟ୍ରୋ ରେଳ ପ୍ରକଳ୍ପର ଅଗ୍ରଗତି, ଜାଗା ମିଶନ, କ୍ରୁଟ୍ ପରିବହନ ବ୍ୟବସ୍ଥା, ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।



# ଫାଇଲ ଭିତରେ ବିଧାୟକଙ୍କ ଦାବିପତ୍ର

**ଧର୍ମଶାଳାରେ କଳାପଥର ହରିଲୁଟ୍ ପ୍ରସଙ୍ଗ**

■ କ୍ରଶରଗୁଡିକର ଜମି ସୀମା ନିର୍ଦ୍ଧାରଣକୁ ଅଣଦେଖା

ଯାଜପୁର,୧୬।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ଲଘୁ ଖଣିଜ ଦ୍ରବ୍ୟ ହରିଲୁଟ ଓ ପୂର୍ବରୁ ନିର୍ଦ୍ଧାରିତ ଜରିମାନା ଆଦାୟ କ୍ଷେତ୍ରରେ ପଦକ୍ଷେପ ଆଶାନୁରୂପ ହେଉ ନ ଥିବା ଚର୍ଚ୍ଚା ହେଉଛି। ଏହାବାଦ୍ ଷ୍ଟୋନ କ୍ରଶରଗୁଡ଼ିକୁ ଅନୁମୋଦନଠାରୁ ବହୁ ଗୁଣ ଅଧିକ ଜମି ଦିଆଯାଇଥିବା ଅଭିଯୋଗ ହୋଇଥିବାବେଳେ ତା'ର ଚିହ୍ନଟ ଓ ସୀମା ନିର୍ଦ୍ଧାରଣ ଏଯାଏ ହୋଇ ପାରିନାହିଁ। ଏଥିପାଇଁ ଧର୍ମଶାଳା ତହସିଲଦାର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କର୍ତ୍ତୃପକ୍ଷଙ୍କୁ ଭାଜପାର ସ୍ଥାନୀୟ ବିଧାୟକ ହିମାଂଶୁଶେଖର ସାହୁ ପ୍ରଦାନ କରିଥିବା ନିବେଦନ ପତ୍ରକୁ ଅଣଦେଖା କରାଯାଇଥିବା ବିଷୟ ପଦାକୁ ଆସିଛି।

ରାଜ୍ୟରେ ୨୦୧୫–୧୬ରୁ ୨୦୨୧–୨୨ ମଧ୍ୟରେ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ, ଅନୁମୋଦିତ ପରିମାଣଠାରୁ ଅଧିକ ଉତ୍ତୋଳନ, ବିନା ଟ୍ରାନ୍‌ଜିଟ ଫର୍ମରେ ଖଣିଜ ପରିବହନ ଓ ବିକ୍ରି ମାମଲାରେ ୧୪ ଜିଲାରୁ ୧୯ କୋଟି ୮୬ ଲକ୍ଷ ୫୦ ହଜାର ୫୪୩ ଟଙ୍କା ଜରିମାନା ଆଦାୟ ହୋଇଥିଲା। କିନ୍ତୁ ଯାଜପୁର ଜିଲାରେ ଲଘୁ ଖଣିଜ ଦ୍ରବ୍ୟ କଳାପଥର ଲୁଟେରାଙ୍କଠାରୁ ଟଙ୍କାଟିଏ ବି ଆଦାୟ ହୋଇ ନ ଥିଲା। ଏନେଇ ବିଧାନସଭାରେ ପ୍ରଶ୍ନ ହୋଇଥିଲା । ଧରିତ୍ରୀରେ ସବିଶେଷ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବାରେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ପର୍ଯ୍ୟାୟକ୍ରମେ ସାଟେଲାଇଟ୍ ମାପଚୁପ ହୋଇଥିଲା। ମାପଚୁପ ପରେ ୨୨ ଲିଜ୍‌ଧାରୀଙ୍କ ନାମରେ ପ୍ରାୟ ୨୯୮ କୋଟି ଟଙ୍କା ଜରିମାନା ଅର୍ଥ ପୈଠ କରିବାକୁ ନିର୍ଦ୍ଦେଶ ହୋଇଥିଲା। ତେବେ ପ୍ରଶାସନ ପକ୍ଷରୁ ଆବଶ୍ୟକ ରିପୋର୍ଟ ଦାଖଲ ହୋଇ ନ ପାରିବାରୁ ସେତେବେଳେ ସଂପୃକ୍ତ ଲିଜ୍‌ଧାରୀମାନେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ, ଯାହାକି ଆଜି ପର୍ଯ୍ୟନ୍ତ ଆଦୌ ଜରିମାନା ଆଦାୟ ହୋଇ ନ ଥିବା ଜଣାପଡିଛି। ତେଣୁ ଗତ ୨୮ ତାରିଖରେ ଧର୍ମଶାଳା ବିଧାୟକ ହିମାଂଶୁ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖଣି ଓ ଲଘୁ ଖଣି ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଥିଲେ। ହେଲେ ଉକ୍ତ ପତ୍ର ପ୍ରେରଣ କରିବାର ୩ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଲଘୁ ଖଣି ଓ କ୍ରଶର ପାଇଁ ଆବଣ୍ଟିତ ଜମିର ତଦନ୍ତ, ଚିହ୍ନଟ ଓ ସୀମା ନିର୍ଦ୍ଧାରଣ କରିବାକୁ ବିଧାୟକ ହିମାଂଶୁ ଗତ ଜୁନ ୮ ତାରିଖରେ ତହସିଲଦାରଙ୍କୁ ପତ୍ର ଲେଖିଥିଲେ। ଏହାସହ ଉତ୍କଟ ପ୍ରଦୂଷଣ ସୃଷ୍ଟି କରୁଥିବା ଖଣି ଓ କ୍ରଶର ମାଲିକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ 'ଏସ୍‌ପିସିବି'ର ଅଧ୍ୟକ୍ଷଙ୍କୁ ନିବେଦନ କରିଥିଲେ। ସେ ତହସିଲଦାରଙ୍କୁ ଦେଇଥିବା ପତ୍ରରେ ଆହୁରି ଦର୍ଶାଇଛନ୍ତି ଯେ, ଆବଣ୍ଟିତ ଜମିରୁ ଅଧିକ ଓ ଅନ୍ୟ ଅଞ୍ଚଳରୁ କଳାପଥର ଉତ୍ତୋଳନ କରିଥିବା ଲିଜ୍‌ଧାରୀଙ୍କ ବିରୋଧରେ ଯଦି ପ୍ରମାଣ ମିଳେ ତେବେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ତେଣୁ ସାମୂହିକ ସ୍ୱାର୍ଥ ଓ ସରକାରଙ୍କ ରାଜସ୍ୱ ଲୁଟ୍‌କୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ଜରୁରୀ ବୋଲି ବିଧାୟକ ଦାବି କରିଥିଲେ।

ଅନ୍ୟପକ୍ଷେ ଏସ୍‌ପିସିବିର ଅଧ୍ୟକ୍ଷଙ୍କୁ ଦେଇଥିବା ପତ୍ରରେ ଆହୁରି ଦର୍ଶାଇଛନ୍ତି ଯେ, ଏସ୍‌ପିସିବିର ଗାଇଡଲାଇନକୁ ଉଲ୍ଲଂଘନ କରି ଏକାଧିକ କ୍ରଶର ୟୁନିଟ୍ ଓ ଖାଦାନ ଚାଲିଛି। ତେଣୁ ଏହାର ଉପଯୁକ୍ତ ଭାବେ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ବିଧାୟକ ହିମାଂଶୁ ଅନୁରୋଧ କରିଥିଲେ। ଏହିସବୁ ଅଭିଯୋଗର ଉପଯୁକ୍ତ ତଦନ୍ତ କରାଗଲେ ୯୦ଟି କ୍ରଶରରୁ ପ୍ରାୟ ୪୦ ବେଆଇନ ଭାବେ ଚାଲିଥିବା ସ୍ପଷ୍ଟ ହେବ ବୋଲି କୁହାଯାଉଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ(ଡିଡିଏମ୍) ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଜରିମାନା ନିର୍ଦ୍ଦେଶ ହେବା ପରେ ସମ୍ପୃକ୍ତ ଲିଜ୍‌ଧାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ହାଇକୋର୍ଟଙ୍କ ପକ୍ଷରୁ ଅପିଲ ଅଥରିଟି ଉପଜିଲାପାଳ ବା ଡିଡିଏମ୍‌ଙ୍କ ନିକଟରେ ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ଡିଡିଏମ୍ ନାୟକ ଉକ୍ତ ଅପିଲ ଉପରେ କିଏ ଚୂଡ଼ାନ୍ତ ପଦକ୍ଷେପ ନେବେ ସେ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସରକାରଙ୍କ ନିକଟରୁ ଯାହା ନିର୍ଦ୍ଦେଶ ଆସିବ ତାହା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।


Shri Himanshu Sekhar Sahoo
MLA, Dharmasala
Odisha Legislative Assembly

At-Jaraka, Dharmasala, Jajpur, Odisha, 755050
Mobile No. 99377-55574
E-mail-himanshudharmasala@gmail.com

Letter No. 27 Date. 08/06/2024

To,
The Tahasildar,
Dharmasala, Jajpur

Sub: To conduct the verification, identification and demarcation of allotted land to different mining and crusher unit within the jurisdiction of Dharmasala (051) constituency.

Respected Sir,

I, Shri Himanshu Sekhar Sahoo, MLA Dharmasala (051), Jajpur would like to request you to kindly conduct the verification, identification and demarcation of land allotted to different mining and crusher units in its functioning within the jurisdiction of Dharmasala constituency. That in case the mining and crusher units which have been found to be operating beyond the allotted area (leased premises) as per your inspection, appropriate legal action to be initiated against the said units and thereby take appropriate action to eradicate such encroachment beyond the allotted area.

In view of such facts and circumstances, I would request you to initiate such enquiry on war footing basis, in order to stop the functioning of illegal mining and crusher units in the interest of justice and equity and for which act of your kindness I shall duty bound ever pray.

Yours Sincerely,
(Himanshu Sekhar Sahoo)
HIMANSHU SEKHAR SAHOO
M.L.A
DHARMASALA

Copy to:
1. RDC, Jajpur vide letter no 28 dated 08.06.2024
2. District Magistrate, Jajpur, vide letter no 29 dated 08.06.2024
3. Additional District Magistrate, Revenue vide letter no 30 dated 08.06.2024

Page 1 of 1

ଧର୍ମଶାଳା ତହସିଲଦାରଙ୍କୁ ବିଧାୟକ ହିମାଂଶୁ ଶେଖର ସାହୁ ଦେଇଥିବା ପତ୍ରର ନକଲ।

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ମୁମ୍ବାଇରୁ ଆସିଲା ଓଡ଼ିଆ ଶ୍ରମିକଙ୍କ ମରଶରୀର

■ ମୁରଲୀଧରଙ୍କ ପତ୍ନୀ, ଝିଅଙ୍କ ସହିତ ଫୋନ୍‌ରେ କଥାହେଲେ ମୁଖ୍ୟମନ୍ତ୍ରୀ
■ କୃତଜ୍ଞତା ଜଣାଇଲେ ପରିବାର

ଭୁବନେଶ୍ୱର,୧୬।୭(ଅନିଲ ଦାସ)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାହାପୁର ଗ୍ରାମର ମୁରଲୀଧର ମହାକୁଡ଼ ମୁମ୍ବାଇରେ ଶ୍ରମଜୀବୀ ଭାବେ କାର୍ଯ୍ୟ କରୁଥିଲେ। ଅସୁସ୍ଥତାବଶତଃ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୁରଲୀଧରଙ୍କ ପରିବାର ଅତ୍ୟନ୍ତ ଗରିବ। ମୁମ୍ବାଇରୁ ତାଙ୍କ ମରଶରୀର ଆଣିବା ପାଇଁ ତାଙ୍କ ପରିବାର ପାଖରେ ସମ୍ବଳ ନ ଥିଲା। ମରଶରୀରକୁ ତାଙ୍କ ଗ୍ରାମକୁ ଆଣି କ୍ରିୟାକର୍ମ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ପରିବାର ପକ୍ଷରୁ ନିବେଦନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏ ବିଷୟରେ ଅବଗତ ହେବା ପରେ ଜିଲା ପ୍ରଶାସନକୁ ଏହି ପରିବାରକୁ ସହଯୋଗ କରିବା ପାଇଁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କ ମରଶରୀର ଆମ୍ବୁଲାନ୍ସ ଯୋଗେ ଓଡ଼ିଶା ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ବୁଧବାର ମୁରଲୀଧରଙ୍କ ମରଶରୀର ତାଙ୍କ ଗ୍ରାମରେ ପହଞ୍ଚିବ।

ମଙ୍ଗଳବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୁରଲୀଧରଙ୍କ ସ୍ତ୍ରୀ ଓ ଯୁକ୍ତ୨ ପଢୁଥିବା ଏକମାତ୍ର ଝିଅ ବର୍ଷାରାଣୀଙ୍କ ସହିତ ଟେଲିଫୋନ ଯୋଗେ କଥାହୋଇ ସମବେଦନା ଜଣାଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ କହିଛନ୍ତ, ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ, ଧୈର୍ଯ୍ୟ ରଖନ୍ତୁ। ମୁଁ ଆପଣଙ୍କ ସହିତ ଅଛି। ଝିଅକୁ କହିଥିଲେ, ତୁମେ ଭଲ ପାଠ ପଢୁଛ। ତୁମେ କିପରି ପାଠପଢ଼ା ଜାରି ରଖିବ ସେଥିପାଇଁ ମୋର ସହଯୋଗ ରହିବ। ମୁଖ୍ୟମନ୍ତ୍ରୀ ପରଲୋକଗତ ମୁରଲୀଧରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ଦୈନନ୍ଦିନ କାର୍ଯ୍ୟ ବ୍ୟସ୍ତତା ଭିତରେ ଜଣେ ସମ୍ବେଦନଶୀଳ ମଣିଷ ଭାବେ ମୁଖ୍ୟମନ୍ତ୍ରୀ ଯେଭଳି ଜଣେ ସାଧାରଣ ଲୋକର ଭାବାବେଗକୁ ଗୁରୁତ୍ୱ ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ, ସେଥିପାଇଁ ମୁରଲୀଧରଙ୍କ ପରିବାର କୃତଜ୍ଞତା ପ୍ରକାଶ କରିଛନ୍ତି।

# ଭାରତୀୟ ଅର୍ଥନୀତିରେ ଖାଦ୍ୟ ଶିଳ୍ପର ଯୋଗଦାନ ଅତୁଳନୀୟ

ଭୁବନେଶ୍ୱର,୧୬।୭(ଅଭୟ ଦାଶ)




ଭାରତ ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ଏବଂ ଇଣ୍ଡିଆନ ଚାମ୍ବର ଅଫ୍ କର୍ମସ(ଆଇସିସି)ର ମିଳିତ ସହଯୋଗରେ ମଙ୍ଗଳବାର ଏକ ଦିନିକିଆ ଶିଳ୍ପଭିତ୍ତିକ ଆଲୋଚନାଚକ୍ର ଭୁବନେଶ୍ୱରର ଏକ ତାରକା ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଜେ.ବି. ପାଣି ଅଧ୍ୟକ୍ଷତାକରି କହିଥିଲେ, ବର୍ତ୍ତମାନ ସମୟରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଭାରତୀୟ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଉଭା ହୋଇଛି। ଏପରିକି ଦେଶର ଜିଡିପି, ରୋଜଗାର ଏବଂ ରପ୍ତାନି କ୍ଷେତ୍ରରେ ଏହାର ଅବଦାନ ଅତୁଳନୀୟ ଥିଲାବେଳେ ଏହିସବୁ କ୍ଷେତ୍ରର ସଫଳତା ଦୃଷ୍ଟିରୁ ଭାରତୀୟ ଅର୍ଥନୀତି ୨୦୧୫ରୁ ୨୦୨୨ ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ହାରାହାରି ବାର୍ଷିକ ଅଭିବୃଦ୍ଧି ହାର ଉନ୍ନତ ପ୍ରଦର୍ଶନ କରିଛି। ଫଳରେ ଏହାର ଏଏଜିଆର୍ ପ୍ରାୟ ୭.୩% ଉତ୍ପାଦନର ରେକର୍ଡ ସ୍ତର ସହିତ ଏକ ଦୃଢ଼ ଅଭିବୃଦ୍ଧି କ୍ଷେତ୍ରଟି ଅଧିକ ହେବା ପାଇଁ ଆର୍ ଆଣ୍ଡ ଡି ଉନ୍ନତି ପାଇଁ ଏକ ଜରୁରୀ ଆବଶ୍ୟକତା ରହିଛି। ସେହିଭଳି ଆଲୋଚନାଚକ୍ରରେ କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମିନହାଜ୍ ଆଲାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଆସନ୍ତା ସେପ୍ଟେମ୍ବରରେ ନୂଆଦିଲ୍ଲୀଠାରେ ହେବାକୁ ଥିବା ୱାର୍ଲ୍ଡ ଫୁଡ୍ ଇଣ୍ଡିଆ-୨୦୨୪କୁ ପ୍ରୋତ୍ସାହିତ କରିବାକୁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲାବେଳେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ କ୍ଷେତ୍ର ଉପରେ ମଧ୍ୟ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ସେ ନୂଆଦିଲ୍ଲୀରେ ହେବାକୁ ଥିବା ଖାଦ୍ୟ ପ୍ରଦର୍ଶନୀ,କ୍ରେତା ବିକ୍ରେତା ମିଟ୍, ଖାଦ୍ୟର ଷ୍ଟ୍ରିଟ୍ ପରିଦର୍ଶନକୁ ନିମନ୍ତ୍ରଣ କରିଥିଲେ। ଓଡ଼ିଶା ରାଜ୍ୟରୁ ଖାଦ୍ୟ ଭ୍ରାତୃଭାବରୁ ଉଦ୍ୟୋଗୀ ତଥା ଷ୍ଟାର୍ଟଅପ୍ ନିମନ୍ତ୍ରଣ କରିଥିଲେ ଏବଂ ଗ୍ଲୋବାଲ୍ ଏକ୍ସପୋଜର୍ ପାଇଥିଲେ। ସମ୍ମାନିତ ଅତିଥି ରାଜ୍ୟ ଶିଳ୍ପ ଓ ଏମ୍ଏସ୍ଏମ୍ଇ ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଥିଲେ, ଖାଦ୍ୟ ଶିଳ୍ପ କଞ୍ଚାମାଲ କିମ୍ବା ଚାହିଦା ଭିତ୍ତିକ ଦ୍ୱାରା ପରିଚାଳିତ। ପ୍ୟାକେଜ ଫୁଡ୍ ସହରରେ ଅଧିକ ଚାହିଦା ରହିଛି। ଓଡ଼ିଶାରେ ବର୍ତ୍ତମାନ ଉଭୟ କ୍ଷେତ୍ରରେ ବିକାଶ ଦେଖିବାକୁ ମିଳୁଛି। ଏପରିକି ଅନେକ ବଡ଼ ବଡ଼ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ଓଡ଼ିଶାରେ ସେମାନଙ୍କର ୟୁନିଟ୍ ଖୋଲିଲେଣି। ଅନେକ ଏମ୍ଏନ୍ସି ଫ୍ରାଞ୍ଚାଇଜ ମୋଡ୍‌ରେ ପ୍ରବେଶ କରିବାକୁ ଚାହୁଁଛନ୍ତି। ତେଣୁ ଓଡ଼ିଶାର ଉଦ୍ୟୋଗୀ ଏହାର ସୁଯୋଗ ନେଇପାରିବେ। ଖାଦ୍ୟ ପ୍ୟାକେଜିଂ ଶିଳ୍ପରେ ଭବିଷ୍ୟତ ରହିଛି। ଅଳ୍ପ ଟଙ୍କା ବିନିଯୋଗକରି ଜଣେ ଉଦ୍ୟୋଗ ସ୍ଥାପନ କରିପାରିବ। ସେହିପରି ଆଇସିସି ଏଗ୍ରି ଓ ଖାଦ୍ୟ ପ୍ରକ୍ରିୟାକରଣ କମିଟି ଆବାହକ ଶ୍ରୀରାମ ପଣ୍ଡା ଆଲୋଚନାଚକ୍ର ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲାବେଳେ ଇନ୍‌ଭେଷ୍ଟ ଇଣ୍ଡିଆର ମୁଖ୍ୟ ହର୍ଷିତା ଜୋଷୀ ୱାର୍ଲ୍ଡ ଫୁଡ୍ ଇଣ୍ଡିଆ-୨୦୨୪ ଶୀର୍ଷକ ଉପରେ ବିସ୍ତୃତ ସୂଚନା ଓ ତଥ୍ୟ ଉପସ୍ଥାପନା କରିଥିଲେ। ଅନ୍ୟ ଅତିଥି ଭାବେ ଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ରେଡ୍ଡି ଯୋଗଦେଇ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପରିଶେଷରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ବରିଷ୍ଠ ଉପାଧ୍ୟକ୍ଷ ରାଜୀବ ଏସ୍. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦ ଆଞ୍ଚଳିକ ମୁଖ୍ୟ ଜେ.ପି. ପାଲ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

# ଇଭୋସ୍ ଆଲ୍‌କେମି ସେଲ୍‌ସ ଗ୍ୟାଲେରି



ଭୁବନେଶ୍ୱର,୧୬।୭(ଅଭୟ ଦାଶ)

ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ଇଭୋସ୍ ଆଲ୍‌କେମି'ର ସେଲ୍‌ସ ଗ୍ୟାଲେରି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ଆର୍କିଟେକଚର ଇଂ ସଞ୍ଜୟ ପୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ପୁରୀ କହିଥିଲେ, ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ସହ କାର୍ଯ୍ୟ କରିବା ଅତ୍ୟନ୍ତ ଆନନ୍ଦଦାୟକ ଥିଲାବେଳେ ଏହି ପ୍ରକଳ୍ପ ଆଧୁନିକ ଆର୍କିଟେକଚର ଓ ଡିଜାଇନ୍‌ର ସମ୍ଭାବନାକୁ ଦର୍ଶାଉଛି, ଯାହା ଏକ ବିଳାସପୂର୍ଣ୍ଣ ଏବଂ କାର୍ଯ୍ୟକ୍ଷମ ପରିବେଶ ସୃଷ୍ଟି କରିବ। ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ କହିଥିଲେ, ଇଭୋସ୍ ଆଲ୍‌କେମି ସେଲ୍‌ସ ଗ୍ୟାଲେରିର ଉଦ୍‌ଘାଟନୀ ଉତ୍ସବରେ ମିଳିଥିବା ଅସାଧାରଣ ପ୍ରତିକ୍ରିୟା ପାଇଁ ଆମେ ବହୁ ଆନନ୍ଦ ଅନୁଭବ କରୁଛୁ। ଏପରିକି ଉତ୍କର୍ଷ ଏବଂ ଗ୍ରାହକ କେନ୍ଦ୍ରିକତା ଆଭିମୁଖ୍ୟ ପ୍ରତି ଆମର ପ୍ରତିବଦ୍ଧତାକୁ ଏହି କାର୍ଯ୍ୟକ୍ରମ ପ୍ରତିପାଦିତ କରିବ। ସଞ୍ଜୟ ପୁରୀ ଏବଂ ତାଙ୍କ ଟିମ୍ ଆମର ଲକ୍ଷ୍ୟକୁ ହୃଦୟଙ୍ଗମକରି ଏମିତି ଏକ ସ୍ଥାନ ସୃଷ୍ଟି କରିଛନ୍ତି, ଯାହା ପ୍ରକୃତରେ ଅତ୍ୟାଧୁନିକତା ଏବଂ ବିଳାସପୂର୍ଣ୍ଣତାକୁ ଦର୍ଶାଉଛି।

ଇଭୋସ୍ ଆଲ୍‌କେମି ସେଲ୍‌ସ ଗ୍ୟାଲେରି ଏକ ଅଗ୍ରଗାମୀ ପ୍ରୋଜେକ୍ଟ ହୋଇଥିଲାବେଳେ ଉଭୟ ୩ବିଏଚ୍‌କେ ଏବଂ ୪ବିଏଚ୍‌କେ ୟୁନିଟ୍‌ର ଡେମୋ ଫ୍ଲାଟ୍ ଏହି ଅବସରରେ ପ୍ରଦର୍ଶିତ ହୋଇଥିଲା।

# ଡ. ଦେବବ୍ରତ ଏଏମ୍‌ଏନ୍‌ଏସ୍‌ର ନୂତନ ମାନବ ସମ୍ବଳ ମୁଖ୍ୟ

ଭୁବନେଶ୍ୱର,୧୬।୭
(ଅଭୟ ଦାଶ)



ଡ. ଦେବବ୍ରତ ଦାଶ

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଶିଳ୍ପ ପ୍ରତିଷ୍ଠାନ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ମାନବ ସମ୍ବଳ ମୁଖ୍ୟ ଭାବେ ଡ. ଦେବବ୍ରତ ଦାଶ ନିକଟରେ ଯୋଗ ଦେଇଛନ୍ତି। ସେ କମ୍ପାନୀର ପୂର୍ବ ଭାରତ ମାନବ ସମ୍ବଳ ମୁଖ୍ୟ (ଏଚ୍‌ଆର୍ ହେଡ୍) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଦାସ ବର୍ତ୍ତମାନ କମ୍ପାନୀ ଓଡ଼ିଶା ୟୁନିଟ୍ ସମେତ ପୂର୍ବ ଭାରତର ଅନ୍ୟ ୩ ପ୍ରମୁଖ ରାଜ୍ୟର ଏଚ୍‌ଆର୍ ହେଡ୍ ଭାବେ ଏଏମ୍‌ଏନ୍‌ଏସ୍‌ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ମୁଖ୍ୟାଳୟରେ କାର୍ଯ୍ୟ କରିବେ। ଏହା ପୂର୍ବରୁ ସେ ଟାଟା ଷ୍ଟିଲ୍ ଓଡ଼ିଶା ୟୁନିଟ୍ (ଟାଟା ଷ୍ଟିଲ୍ କଳିଙ୍ଗନଗର ୟୁନିଟ୍)ର ମାନବ ସମ୍ବଳ ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ କରୁଥିଲେ।

ସେହିଭଳି ଦାଶ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିଇଟି)ରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଏବଂ ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟରୁ ମାଷ୍ଟର ଅଫ୍ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଟିଭ (ଏମ୍‌ବିଏ)ରେ ଉଚ୍ଚତର ଶିକ୍ଷା ସମାପ୍ତ ସହ ଉତ୍କଳ ବିଶ୍ୱବିଦ୍ୟାଳୟରୁ ମାନବ ସମ୍ବଳ ବିଭାଗରେ ଗବେଷଣା କରି ପିଏଚ୍.ଡି. ଡିଗ୍ରୀ ହାସଲ କରିଛନ୍ତି।

# ତନିଷ୍କର ଫେଷ୍ଟିଭାଲ ଅଫ୍ ଡାଇମଣ୍ଡ୍‌ସ

ଭୁବନେଶ୍ୱର,୧୬।୭(ଅଭୟ ଦାଶ)



ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ସର୍ବବୃହତ୍ ଗହଣା ରିଟେଲ ବ୍ରାଣ୍ଡ 'ତନିଷ୍କ'ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଫେଷ୍ଟିଭାଲ ଅଫ୍ ଡାଇମଣ୍ଡ୍‌ସ' ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଗୋଳର ଅମଲାପଡ଼ା ଲେନ୍-୨ସ୍ଥିତ ତନିଷ୍କ ଏକ୍ସକ୍ଲୁସିଭ ଆଉଟଲେଟରେ ମଧ୍ୟ 'ଫେଷ୍ଟିଭାଲ ଅଫ୍ ଡାଇମଣ୍ଡ୍‌ସ' କାର୍ଯ୍ୟକ୍ରମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ତନିଷ୍କର ଅନୁଗୋଳ ଶୋ'ରୁମ୍ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ତନିଷ୍କର ଏବିଏମ୍ ବୁଦ୍ଧାଦିତ୍ୟ ଭୌମିକ ଏବଂ ବିଏ ମାଣିକ ହଂସ ପ୍ରମୁଖ ଯୋଗଦେଇ ଫେଷ୍ଟିଭାଲ ଅଫ୍ ଡାଇମଣ୍ଡ୍‌ସର ଆଭିମୁଖ୍ୟ ଓ ଆକର୍ଷଣୀୟ ଅଫର ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏପରିକି ତନିଷ୍କର କାଳଜୟୀ ହୀରା ସହିତ ଜୀବନର ପ୍ରିୟ ଅବସରଗୁଡ଼ିକୁ ପାଳନ କରିବାକୁ ଏହା ଏକ ସୁଯୋଗ ପ୍ରଦାନ କରୁଛି ବୋଲି ଉଭୟ ମତବ୍ୟକ୍ତ କରିଥିଲେ।

ସେହିଭଳି ତନିଷ୍କ ପକ୍ଷରୁ ହୀରା ଗହଣାର ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହା ସହ ଗ୍ରାହକ ୧୦୦% କରେଣ୍ଟ ଭାଲ୍ୟୁ ସହ ନିଜ ପୁରୁଣା ସୁନାକୁ ବଦଳାଇ ଆକର୍ଷଣୀୟ ନୂଆ ହୀରା ଗହଣା ମଧ୍ୟ ପାଇପାରିବେ। ଏପରିକି ହୀରା କାନଫୁଲ, ବ୍ରେସ୍‌ଲେଟ୍, ନେକ୍‌ଲେସ୍, ମୁଦି ଏବଂ ଅନ୍ୟାନ୍ୟ ଗହଣାର ବିସ୍ତୃତ ତଥା ନୂତନ ଡିଜାଇନ ମଧ୍ୟ ପାଇପାରିବେ।

ସେହିପରି ତନିଷ୍କର 'ଫେଷ୍ଟିଭାଲ ଅଫ୍ ଡାଇମଣ୍ଡ୍‌ସ' କାର୍ଯ୍ୟକ୍ରମ ଜରିଆରେ ଗ୍ରାହକ ୧୦,୦୦୦ ରୁ ଊର୍ଦ୍ଧ୍ୱ ପ୍ରାକୃତିକ ହୀରା ଗହଣାର ବ୍ୟାପକ ଡିଜାଇନରୁ ନିଜ ମନପସନ୍ଦର ଗହଣା ଚୟନ କରିପାରିବେ। ଏପରିକି ପ୍ରତ୍ୟେକ ପସନ୍ଦ ଏବଂ ଅବସର ପାଇଁ ଏଗୁଡ଼ିକ ଉଦ୍ଦିଷ୍ଟ ରହିଛି ବୋଲି ଷ୍ଟୋର ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି।

ଅପରପକ୍ଷରେ ଉତ୍କୃଷ୍ଟ ଲାଳିତ୍ୟକୁ ଦର୍ଶାଉଥିବା କାଳଜୟୀ ସଲିଟାୟାରଠାରୁ ଆରମ୍ଭ କରି ବିଶେଷ କଳାକୃତିକୁ ଦର୍ଶାଉଥିବା ଜଟିଳ ମଲ୍‌ଟି-ଷ୍ଟୋନ୍ ଡିଜାଇନ୍,ପ୍ରତ୍ୟେକ ପିସ୍ ଗହଣା ହୀରାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଚମକକୁ ଏହା ପ୍ରଦର୍ଶିତ କରୁଛି। ନ୍ୟୂନତମ ଡିଜାଇନ ହେଉ ଅବା ଷ୍ଟେଟ୍‌ମେଣ୍ଟ ପିସ୍, ତନିଷ୍କ ଆକର୍ଷଣୀୟ ବର୍ଗର କଟ୍, କ୍ୟାରେଟ୍ ଏବଂ ସେଟିଂସ ପ୍ରଦାନ କରୁଛି।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୬।୭(ଅଭୟ ଦାଶ)

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୨ (୫୧.୬୯) ପଏଣ୍ଟ ବଢି ୮୦,୭୧୭ (୮୦,୭୧୬.୫୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୬ (୨୬.୩୦) ପଏଣ୍ଟ ବୃଦ୍ଧି ଘଟି ୨୪,୬୧୩ (୨୪,୬୧୩.୦୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

ODISHA PUBLIC SERVICE COMMISSION
CUTTACK
NOTICE
No. 3853/P.S.C. Dt.16.07.24
(DR-IV) (2PS-02-2024-25)
No. D-93: It is for information of all concerned that written examination for recruitment to the post of **Mining Officer**, pursuant to Advertisement No. **11 of 2023-24** will be held on **11.08.2024 (Sunday)** commencing from 09.00 A.M. to 11.00 A.M. (09.00 A.M. to 11.40 A.M. for PWD Candidates) for Paper-I and 01.00 P.M. to 04.00 P.M. (01.00 P.M. to 05.00 P.M. for PWD Candidates) for Paper-II in different examination centres at Cuttack Zone.
The detailed programme of examination along with venue of examination centres will be notified shortly. The candidates are advised to visit **(www.opsc.gov.in)** the website of the Commission regularly for further information on examination related Notice(s).
OIPR-12002/11/0056/2425 Sd./- Secretary (I/C)

# ଓଡିଏମ୍ ସମୂହରେ ବିଶ୍ୱ ଦକ୍ଷତା ଦିବସ ପାଳିତ

ଭୁବନେଶ୍ୱର,୧୬।୭(ଅଭୟ ଦାଶ)

ଓଡିଏମ୍ ଗ୍ଲୋବାଲ ସ୍କୁଲ ଏବଂ ଓଡିଏମ୍ ପବ୍ଲିକ୍ ସ୍କୁଲ(ଓଡିଏମ୍ ସମୂହ) ପରିସରରେ ବିଶ୍ୱ ଯୁବ ଦକ୍ଷତା ଦିବସ-୨୦୨୪ ପାଳିତ ହୋଇଯାଇଛି। ଓଡିଏମ୍ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାବେଳେ ଓଡିଏମ୍ ଗ୍ଲୋବାଲ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ସଂଘମିତ୍ରା ଦାଶ, ସନ୍ଦୀପ କୁମାର ମୁଖାର୍ଜୀ, ପ୍ରିୟଙ୍କା ସାହୁ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଯୁବକମାନଙ୍କ ମଧ୍ୟରେ ଦକ୍ଷତାର ବିକାଶ ସହ ବିଶ୍ୱରେ ଏଆଇର ଭବିଷ୍ୟତ, ବ୍ୟବହାର ଓ ଆବଶ୍ୟକତା ବିଷୟରେ ନିଜ ନିଜର ମତ ଉପସ୍ଥାନା କରିଥିଲେ। ପରିଶେଷରେ ବିଦ୍ୟାଳୟର ଅଧ୍ୟକ୍ଷା ଶୈଳେନ୍ଦ୍ର କୁମାରୀ ଯୁବ ଦକ୍ଷତାର ଆବଶ୍ୟକତା ଓ ତାହାର ବ୍ୟବହାର ବିଷୟରେ ସୂଚନା ପ୍ରଦାନ କରିଥିଲେ। ଓଡିଏମ୍ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର ଯୋଗଦେଇ ଏହିପରି କାର୍ଯ୍ୟକ୍ରମ ଯୁବକମାନଙ୍କ ପ୍ରତିଭାର ବିକାଶ କରିବା ସହ ଚାକିରି ଓ ଉଦ୍ୟୋଗ ସୃଷ୍ଟି କରିପାରିବ ବୋଲି କହିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକଶିକ୍ଷୟିତ୍ରୀ ଓ ଅନ୍ୟମାନେ ଯୋଗଦେଇଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ ଯୁବଶକ୍ତିମାନଙ୍କୁ କୁଶଳୀ ହେବାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋକପାତ କରିଥିଲେ।

# ଦକ୍ଷତା ବିକାଶ କାର୍ଯ୍ୟକ୍ରମର ସମ୍ପ୍ରସାରଣ

ଭୁବନେଶ୍ୱର,୧୬।୭(ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ଲିମିଟେଡ୍ ପରିସରରେ ବିଶ୍ୱ ଯୁବଦକ୍ଷତା ଦିବସ ପାଳିତ ହୋଇଯାଇଛି। କମ୍ପାନୀର କାର୍ଯ୍ୟ ପରିସରରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ସମ୍ପ୍ରସାରଣ ସହ ଯୁବ ସଶକ୍ତୀକରଣ ପାଇଁ ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଅର୍ଦ୍ଧକୁଶଳୀରୁ କୁଶଳୀ ବର୍ଗରେ ପରିଣତ କରିବା ପାଇଁ କମ୍ପାନୀ ନାବାର୍ଡ, ଓଏସ୍‌ଡିଏ ଏବଂ ଏସ୍‌ଡିଆଇ ଭଳି ତାଲିମ ପ୍ରତିଷ୍ଠାନ ସହିତ ସହଭାଗିତା ସ୍ଥାପନ କରିଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ କହିଛନ୍ତି, ଆମେ କାର୍ଯ୍ୟ କରୁଥିବା ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶକୁ ଆଗେଇନେବା ଉଦ୍ଦେଶ୍ୟରେ ଯୁବ ଦକ୍ଷତା ସୃଷ୍ଟି କରିବା ଆମର ମୂଳ ଲକ୍ଷ୍ୟ। ଏପରିକି ସେମାନଙ୍କୁ ବଜାର ସମ୍ବନ୍ଧୀୟ ଜ୍ଞାନ ଦକ୍ଷତାରେ ସୁଯୋଗ୍ୟ କରି ତାଙ୍କର ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ଆମେ କେବଳ ସାହାଯ୍ୟ କରୁ ନାହୁଁ ବରଂ ଦେଶର ମୁଖ୍ୟସ୍ରୋତରେ ସାମିଲ କରାଇବାରେ ମଧ୍ୟ ସାହାଯ୍ୟ କରୁଛୁ।

झारखण्ड सरकार
कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, चतरा।
ई–पुनर्निविदा आमंत्रण सूचना
ई–पुनर्निविदा संख्या– 19/RI/2024-25/RWD/CHATRA दिनांक– 16.07.2024
कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टिफिकेशन संख्या/ पैकेज संख्या | कार्य का नाम | प्राक्कलित राशि अंक में (लाख) | प्राक्कलित राशि अक्षर में | कार्य समाप्ति की अवधि | टेण्डर कॉल सं. |
|---|---|---|---|---|---|---|
| 1 | RWD/ CHATRA/ STPKG/18/ 2023-24 | तरवागड़ा से हटवरिया तक पथ का सुदृढ़ीकरण कार्य (लं.–3.900 कि.मी.) | 1187.07 | ग्यारह करोड़ सतासी लाख सात हजार मात्र | 15 माह | द्वितीय |
| 2 | | दन्तार से नकटी भवानी सिमाना तक पथ का सुदृढ़ीकरण कार्य (लं.–2.802 कि.मी.) | | | | |
| 3 | | जोतडीह मोड़ से कल्याणपुर तक पथ का सुदृढ़ीकरण कार्य (लं.–2.350 कि.मी.) | | | | |
| 4 | | प्रतापपुर से कारूडीह होते हुए मंझगावा तक पथ का सुदृढ़ीकरण कार्य (लं.–5.500 कि.मी.) | | | | |
| 5 | | बिलासपुर से गजवा तक पथ का सुदृढ़ीकरण कार्य (लं.–4.250 कि.मी.) | | | | |
| 6 | | विलासपुर से भुसिया तक पथ का सुदृढ़ीकरण कार्य (लं.–4.550 कि.मी.) | | | | |

2. वेबसाईट में पुनर्निविदा प्रकाशन की तिथि :– 22.07.2024
3. ई–पुनर्निविदा प्राप्ति की अंतिम तिथि एवं समय :– 07.08.2024 अपराह्न 5.00 बजे तक।
4. ई–पुनर्निविदा खोलने की तिथि एवं समय :– 10.08.2024 पूर्वाह्न 3.30 बजे।
5. ई–निविदा आमंत्रित करनेवाले पदाधिकारी का नाम एवं पता :– कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा, द्वितीय तल, विकास भवन, चतरा।
6. ई–निविदा प्रकोष्ठ का दूरभाष संख्या :– 06541-296208
विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियंता, ग्रामीण कार्य विभाग, कार्य प्रमण्डल, चतरा।
PR 329786 (Rural Work Department) 24-25 (D)

# ଷ୍ଟାର୍ଟଅପ୍‌କୁ ରେଳ ମନ୍ତ୍ରଣାଳୟର ପ୍ରୋତ୍ସାହନ

ଭୁବନେଶ୍ୱର,୧୬।୭
(ଅନୁରାଧା ମହାରଣା)




ଜାତୀୟ ପରିବହନକାରୀ ଭାରତୀୟ ରେଳପଥ ନବସୃଜନ (ଇନୋଭେଶନ) କ୍ଷେତ୍ରରେ ଷ୍ଟାର୍ଟଅପ୍ ଓ ଅନ୍ୟାନ୍ୟ ସଂସ୍ଥାର ସହଯୋଗ ପାଇବା ପାଇଁ ରେଳ ମନ୍ତ୍ରଣାଳୟ 'ଷ୍ଟାର୍ଟଅପ୍ ଫର୍ ରେଲୱେଜ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ରେଳ ନେଟ୍‌ୱର୍କରେ କାର୍ଯ୍ୟକ୍ଷମତା ଏବଂ ନିରାପତ୍ତା ବଢ଼ାଇବା ପାଇଁ ୨୦୨୨ ଜୁନ୍‌ରେ ଏହି ଷ୍ଟାର୍ଟଅପ୍ ଫର୍ ରେଲୱେଜ୍ ଆରମ୍ଭ କରାଯାଇଥିଲା। ଏହି ପଦକ୍ଷେପର ଏକ ଅଂଶ ଭାବରେ, ଭାରତୀୟ ରେଳ ଇନୋଭେଶନ ପୋର୍ଟାଲ https://innovation.indianrailways.gov.in/ କାର୍ଯ୍ୟକ୍ଷମ କରାଯାଇଥିଲା। ୨୦୨୪ ଜୁଲାଇ ସୁଦ୍ଧା ଅଭିନବ କାର୍ଯ୍ୟରେ ନିୟୋଜିତ ମୋଟ ୧୯୪୨ ସଂସ୍ଥା ଏହି ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି। ଇନୋଭେଶନ ପୋର୍ଟାଲରେ ଖୋଲାଯାଇଥିବା ୨୮ଟି ସମସ୍ୟା ବିବୃତି ପାଇଁ ରେଳ ମନ୍ତ୍ରଣାଳୟ ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ ୪୨୩ଟି ପ୍ରସ୍ତାବ ଗ୍ରହଣ କରିଛି। ୧୫ଟି ସମସ୍ୟା ବିବରଣୀ ପାଇଁ ଏ ପର୍ଯ୍ୟନ୍ତ ମୋଟ ୨୩ଟି ଅଭିନବ ପ୍ରକଳ୍ପ ପ୍ରଦାନ କରାଯାଇଛି। ୨୩ଟି ପ୍ରକଳ୍ପର ମୂଲ୍ୟ ପ୍ରାୟ ୪୩.୮୭ କୋଟି ଟଙ୍କା, ଯେଉଁଥିରୁ ରେଳପଥର ଅନୁଦାନର ଅଂଶ ପ୍ରାୟ ୧୦.୫୨ କୋଟି ଟଙ୍କା ରହିଛି।

ସୂଚନା ଥାଉ କି, ଏହି ନୀତି ବା ଯୋଜନା ରେଳପଥର ବିଭିନ୍ନ ଡିଭିଜନ, ଜୋନ୍‌ର ଆଦିରୁ ମିଳୁଥିବା ସମସ୍ୟା ସମାଧାନ କରିବାକୁ ସୂତ୍ର ବାହାର କରିବା ଦାୟିତ୍ୱ ଷ୍ଟାର୍ଟଅପ୍ ଗୁଡ଼ିକୁ ଦିଆଯାଉଛି। ସେମାନେ ନିଜର ଇନୋଭେଟିଭ ଟେକ୍ନୋଲୋଜି ମାଧ୍ୟମରେ ତାହାର ସମାଧାନ କରୁଛନ୍ତି। ଷ୍ଟାର୍ଟଅପ୍-ଇନୋଭେଟର/ଏମ୍‌ଏସ୍‌ଏମ୍‌ଇ ଓ ଉଦ୍ୟୋଗୀଙ୍କ ମନୋନୟନ ପ୍ରକ୍ରିୟା ଅନ୍‌ଲାଇନ ବ୍ୟବସ୍ଥାରେ କରାଯାଉଛି। ଏଥିରେ ଭାଙ୍ଗିଯାଇଥିବା ରେଳଧାରଣାକୁ ଚିହ୍ନଟ କରିବା, ରେଳ-ଷ୍ଟ୍ରେସ୍ ମନିଟରିଂ ବ୍ୟବସ୍ଥା, ସହରତଳି ରେଳ ଚଳାଚଳରେ ଭାରତୀୟ ରେଳପଥର ଜାତୀୟ ଏଟିପି ବ୍ୟବସ୍ଥା ମାଧ୍ୟମରେ ଇଣ୍ଟର ଅପରେବଲ ସିଷ୍ଟମର ବିକାଶ, ଟ୍ରାକ୍ ନିରୀକ୍ଷଣ ତଥା ପରିଦର୍ଶନ ଆଦି କାମକୁ ସ୍ୱୟଂକ୍ରିୟ କରିବା, ଅଧିକ ଓଜନର ମାଲବାହୀ ୱାଗନ ପାଇଁ ଅତି ଉନ୍ନତ ଇଲାଷ୍ଟୋମେରିକ ପ୍ୟାଡ୍‌ର ଡିଜାଇନ ପ୍ରସ୍ତୁତି, ଲୁଣ ଭଳି ସାମଗ୍ରୀ ପରିବହନ ପାଇଁ ହାଲୁକା ୱାଗନ ନିର୍ମାଣ, ଥ୍ରୀ-ଫେଜ୍ ବିଦ୍ୟୁତ୍‌ଚାଳିତ ଇଞ୍ଜିନରେ ବ୍ୟବହୃତ ଟ୍ରାକ୍ସନ ମୋଟର ପାଇଁ ଅନ୍‌ଲାଇନ ସ୍ଥିତି ନିରୀକ୍ଷଣ ବ୍ୟବସ୍ଥାର ବିକାଶ ଦିଗରେ ଏହି ସବୁ ଷ୍ଟାର୍ଟଅପ୍ ସଂସ୍ଥା କାର୍ଯ୍ୟ କରୁଛି। ଏହାସହ ଯାତ୍ରୀସେବାରେ ଉନ୍ନତି ପାଇଁ ଡିଜିଟାଲ ଡାଟା ବ୍ୟବହାରକରି ଆନାଲିଟିକାଲ ଟୁଲର ବିକାଶ କରିବା, ରେଳପଥ ସଫେଇ ମେଶିନ ଉତ୍ପାଦନ, ତାଲିମ ପରବର୍ତ୍ତୀ ରିଭିଜନ ଓ ସେଲ୍‌ଫ ସର୍ଭିସ୍ ରିଫ୍ରେସର କୋର୍ସ ପାଇଁ ଆପ୍ ପ୍ରସ୍ତୁତି, ରେଳ ସେତୁର ସ୍ଥିତି ଅନୁଧ୍ୟାନ ପାଇଁ ଜିଓ ମେଟ୍ରିକ୍ସ ଏବଂ ଜିଆଇଏସ୍ ବ୍ୟବସ୍ଥାର ଉପଯୋଗ ଆଦି କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି।

OFFICE OF THE DEAN & PRINCIPAL
SCB MEDICAL COLLEGE, CUTTACK
Notice No.7593 Dt.16.07.24
Walk-In-Interview
**No.E-126:**Applications are invited from eligible candidates for two contractual posts of 'Project Technical Support-III' for the ICMR-NIE Extramural project entitled "Hospital Based Surveillance for Emerging Infectious Diseases in Medical College Hospitals in India", SCB Medical College, Cuttack, Odisha. The Walk-in-Interview will be held on Dt.23.07.2024, at 10.00 AM in the College Council Hall, SCB Medical College & Hospital, Cuttack, Odisha. For more details please visit https://scbmch.in/.
Sd./- Dean & Principal
OIPR-10039/11/0002/2425 SCB Medical College, Cuttack

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BOUDH
No.2318/2024/Boudh Date:16.07.24
TENDER CALL NOTICE
**No.E-127:**Sealed tenders are invited from registered farms/authorized distributors for supply of Drugs & Medical Consumables, Pathological Items and Instruments & Equipments for Boudh District. The details are available in the district website: www.boudh.nic.in. The eligible bidders may submit their tender papers on or before dt.14.08.2024 by 5.00 P.M. through Registered Post or Speed Post or Courier Services only to the undersigned. The tender documents will be opened on dt.16.08.2024 at 11.00 A.M. in the District Training Unit, Boudh in presence/ absence of the bidders. The undersigned reserves the right to accept or reject any or all the tender without assigning any reason thereof.
OIPR-10107/11/0002/2425 Sd./- CDM & PHO, Boudh

OFFICE OF THE CDM&PHO-CUM-DISTRICT MISSION DIRECTOR, NUAPADA
(District Programme Management Unit, NHM)
Telefax:06678-223908, E-mail:nhmnuapada@gmail.com
Letter No.2209, Date:16.07.24
Request for Proposal (RFP) for outsourcing of different services under NIRMAL
**No.E-124:**Sealed proposal as per prescribed RFP document are invited from interested eligible bidders for providing i) Mechanized laundry services, ii) Security services in different health institutions of Nuapada district. The eligibility criteria, the detailed requirement and formats for submission of proposals are set forth in the following RFP documents which can be downloaded from the district website **www.nuapada.odisha.gov.in.**
**RFP-1: Outsourcing of Security Services**
**RFP-2: Outsourcing of Mechanized Laundry Services.**
Interested bidders fulfilling the eligibility criteria may submit their proposal alongwith all required documents by speed post/ registered post/ courier only on or before 06.08.24 till 5 PM. The technical proposal shall be opened on as mentioned in bid. The undersigned reserves the right to reject any or all the proposals without assigning any reason thereof.
Sd./- CDM & PHO-cum-District Mission Director, Nuapada
OIPR-10055/11/0007/2425

OFFICE OF THE MUKHIGUDA HIRMC
No. H-05 At/P.O.: Jaipatna, Dist.: Kalahandi - 766018
Tender Call Notice No. 538 Dt.12.07.24

| Sl. No. | Item | Details |
|---|---|---|
| 1 | The Sub-Collector, Dharamgarh-cum-Chairman, Mukhiguda HIRMC invite percentage rate bids in Double cover system in ONLINE MODE only for work as details below; | |
| 2 | Nature of the Work | Construction of Infrastructures |
| 3 | No. of Work | 2 Nos. |
| 4 | Bid Cost | Rs.10,000/- (Online Transfer) |
| 5 | Class of Contractor | "A" Class |
| 6 | Availability of BID Documents in the website | 18.07.24 to 01.08.2024 |
| 7 | Last date/time of receipt of bids in the portal | 01.08.2024 at 5 P.M. |
| 8 | Date of Opening of Bid | 02.08.2024 at 11 A.M. |
| 9 | The bidder has to participate in online bidding only. Further details can be available in the website **https://tendersodisha.gov.in**. Any addendum/corrigendum/cancellation of the tender etc. can also be seen in the website. | |

Sd./- Sub-Collector, Dharamgarh-Cum-Chairman, Mukhiguda HIRMC
OIPR-24404/11/0001/2425

# ୪ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୬।୭(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ୪ ମାଓବାଦୀ ମଙ୍ଗଳବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୨ଜଣ କୁଖ୍ୟାତ ମହିଳା ମାଓବାଦୀ ଥିବା ବେଳେ ସେମାନେ ପ୍ରାୟ ୧୪ ବର୍ଷ ଧରି ସଂଗଠନରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ। ସେମାନଙ୍କ ମଧ୍ୟରେ ଜଣେ ଡେପୁଟି କମାଣ୍ଡରଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ସେହିପରି ଆଉ ଜଣେ ମହିଳା ସେକ୍ସନ ଡେପୁଟି କମାଣ୍ଡର ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ନାମରେ ୫ ଲକ୍ଷର ପୁରସ୍କାର ଘୋଷଣା ହୋଇଥିଲା। ଏହି ୨ ମହିଳାଙ୍କ ବ୍ୟତୀତ ଅନ୍ୟ ୨ ପୁରୁଷ ମାଓବାଦୀ ପ୍ରାୟ ୧୫ ବର୍ଷ ଧରି ସଙ୍ଗଠନରେ ସକ୍ରିୟ ରହିଥିଲେ। ଯବାନଙ୍କ ତଲାସି ଅଭିଯାନ ପରେ ଏମାନେ ସଙ୍ଗଠନ ଛାଡ଼ିବାକୁ ନିଷ୍ପତ୍ତି ସୁକ୍‌ମା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ବୋଲି ସୁକ୍‌ମା ଏସ୍‌ପି ପ୍ରକାଶ ଅର୍ କହିଛନ୍ତି।

# ଗଞ୍ଜେଇ ଭର୍ତ୍ତି କାର୍‌କୁ ଗୋଡ଼ାଇ ଧରିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍

## ଫୁଲବାଣୀରୁ ଝାଡ଼ଖଣ୍ଡ ଚାଲାଣ ହେଉଥିଲା, ୨ ଗିରଫ

ଭୁବନେଶ୍ୱର,୧୬।୭
(ସତ୍ୟଜିତ୍ ରାଉତ)

ଝାଡଖଣ୍ଡ ଚାଲାଣ ବେଳେ ଗଞ୍ଜେଇ ଭର୍ତ୍ତି କାର୍‌କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ଗୋଡାଇ ଧରିଛି। ସୋମବାର ବିଳମ୍ବିତ ରାତିରେ 'ଅପରେଶନ୍ ବ୍ଲାକ୍ ସ୍ମୋକ୍' ଅଭିଯାନରେ ପୋଲିସ ଟିମ୍ ଚଢ଼ାଉ କରି ଭୁବନେଶ୍ୱର ଯାଆଁଳା ଫ୍ଲାଇଓଭରବ୍ରିଜ୍ ଉପରେ ଉକ୍ତ କାର୍ (ଓଡି୦୨ଏଏଲ୍୮୬୫୬)କୁ କାବୁ କରି ଜବତ କରିଛି। ଉକ୍ତ କାର୍‌ରୁ ୧୧୨ କେଜି ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କନ୍ଧମାଳ ଜିଲା ଖଜୁରୀପଡା ଥାନା ଅଞ୍ଚଳର ସିପୁନ ବେହେରା (୩୧) ଓ ଅନନ୍ତ ଦିଗଲ (୩୨)। ଅଭିଯୁକ୍ତଙ୍କଠାରୁ ୨ଟି ମୋବାଇଲ ଫୋନ୍ ମଧ୍ୟ ଜବତ ହୋଇଛି। ଅଭିଯୁକ୍ତଦ୍ୱୟ କାର୍‌ରେ ଫୁଲବାଣୀରୁ ଝାଡ଼ଖଣ୍ଡକୁ ଗଞ୍ଜେଇ ଚାଲାଣ କରୁଥିବା ନେଇ ସ୍ପେଶାଲ କ୍ରାଇମ ୟୁନିଟ୍ ଖବର ପାଇଥିଲା। ଏଥିପାଇଁ ୩ଟି ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ ହୋଇଥିଲା। ବିଳମ୍ବିତ ରାତିରେ ଗଞ୍ଜେଇ ଭର୍ତ୍ତି କାର୍‌ଟି ଖୋର୍ଦ୍ଧା ଟାଉନ ପାର୍ ହୋଇ ପିତାପଲ୍ଲୀ ପାଖରେ ପହଞ୍ଚିବା ପରେ ଦୁଇଟି ଗାଡିରେ ଥିବା ୨ଟି ଟିମ୍ ତାହାକୁ ପିଛା କରିଥିଲା। ଅନ୍ୟପଟେ ଆଉଏକ ପୋଲିସ ଟିମ୍ ଯାଁଳା ଫ୍ଲାଇଓଭର୍ ବ୍ରିଜ ଉପରେ ରାସ୍ତା ବ୍ଲକ୍ କରି ଜଗି ରହିଥିଲା। ପ୍ରାୟ ୧୫ ମିନିଟରୁ ଊର୍ଦ୍ଧ୍ୱ ସମୟ ପୋଲିସ ସହ ଗଞ୍ଜେଇ ବେପାରୀଙ୍କ ଛକପଞ୍ଝା ଲାଗି ରହିଥିଲା। ତେବେ ଯାଁଳା ଫ୍ଲାଇ ଓଭରରେ ରାସ୍ତା ବ୍ଲକ୍ ଥିବାରୁ ଗଞ୍ଜେଇ ଚାଲାଣକାରୀମାନେ ଅକଳରେ ପଡିଯାଇଥିଲେ। ସେମାନେ କାର୍ ରାସ୍ତାରେ ଛାଡ଼ି ଫେରାର ହେବାକୁ ଦୌଡିବା ଆରମ୍ଭ କରିବା ବେଳେ ପୋଲିସ ଟିମ୍ ଉଭୟଙ୍କୁ ମାଡି ବସିଥିଲା। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ସେମାନେ ଝାଡ଼ଖଣ୍ଡର ଯେଉଁ ନିଶା ବେପାରୀଙ୍କୁ ଗଞ୍ଜେଇ ଦେବାକୁ ଯାଉଥିଲେ ତାଙ୍କ ଠିକଣା ପାଇଛି ପୋଲିସ। ଏଥିସହ ଏହି ର୍‍ୟାକେଟରେ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଧରିବାକୁ ପ୍ରୟାସ କରୁଛି। ଅଧିକ ତଥ୍ୟ ପାଇଁ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଅଣାଯାଇ ଜେରା କରାଯିବ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ଜୁଲାଇ ୧୬ ସୁଦ୍ଧା ଗଞ୍ଜେଇ କାରବାର ଘଟଣାରେ ସ୍ପେଶାଲ କ୍ରାଇମ୍ ୟୁନିଟ ୨ଟି ମାମଲାରେ ୬ ଅଭିଯୁକ୍ତଙ୍କୁ ଗିରଫ କରି ୪୧ ଲକ୍ଷ ଟଙ୍କାର ୪୧୨ କେଜି ଗଞ୍ଜେଇ ଜବତ କରିଛି। ସେହିପରି ୩ଟି ମାମଲାରେ ୮୦ ଲକ୍ଷ ଟଙ୍କା ମୂଲ୍ୟର ୮୦୮ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୬ ଜଣଙ୍କୁ ମଧ୍ୟ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି।



# ଆଦିବାସୀ ନାବାଳିକାଙ୍କୁ ବଳାତ୍କାର

କେନ୍ଦୁଝର,୧୬।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅଭିଯୋଗ ମୁତାବକ, ନାବାଳିକା ଜଣକ ତେଲକୋଇ ଥାନା ଅଞ୍ଚଳର ଏକ ସାପ୍ତାହିକ ହାଟକୁ ଯାଉଥିଲେ। ନୂଆଡ଼ିହୀ ଛକରୁ ଜଣେ ଯୁବକ ଜବରଦସ୍ତ ତାଙ୍କୁ ଉଠାଇନେଇ ନିଶା ଦେଇ ବଳାତ୍କାର କରିଥିଲେ। ପରେ ନିକଟସ୍ଥ ୪୯ନଂ. ଜାତୀୟ ରାଜପଥ ଘାଟି ରାସ୍ତାରେ ଆଣି ଛାଡ଼ି ଦେଇଥିଲେ। ପରିବାର ଲୋକେ ଜାଣିବା ପରେ ନାବାଳିକାଙ୍କୁ ଉଦ୍ଧାରକରି ସୋମବାର ରାତିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୀଡ଼ିତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ପରିବାର ଲୋକେ ମଙ୍ଗଳବାର କାଞ୍ଜିପାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ତେଲକୋଇ ଥାନାରେ ଏକ ମାମଲା(ନଂ.୨୨୨/୨୪) ରୁଜୁ ପରେ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସରୋଜକାନ୍ତ ସାମଲ କହିଛନ୍ତି।

# ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

## ଡାକ୍ତରଖାନାରେ ମିଳିଲାନି ସାପ କାମୁଡ଼ା ଇଞ୍ଜେକ୍ସନ

କେନ୍ଦୁଝର,୧୬।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ସାପ କାମୁଡ଼ାରେ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ଆସିଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ କାଉଁରୀକଳା ଗ୍ରାମର ସରସ୍ୱତୀ ପାତ୍ର (୫୮) ବୋଲି ଜଣାପଡ଼ିଛି। ମେଡିକାଲରେ ଇଞ୍ଜେକ୍ସନ ନ ମିଳିବାରୁ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ସରସ୍ୱତୀ ସୋମବାର ରାତିରେ ଘରେ ଶୋଇଥିବା ବେଳେ ଏକ ପାହାଡ଼ିଆ ଚିତିସାପ ତାଙ୍କ ବେକକୁ କାମୁଡ଼ି ଦେଇଥିଲା। ରାତି ପ୍ରାୟ ୧୧ଟାରେ ବଡ଼ପୁଅ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସାଲାଇନ ଦେଇ ଚିକିତ୍ସା କରିଥିଲେ। ତେବେ ଗୋଟିଏ ଇଞ୍ଜେକ୍ସନ (ନିଓଷ୍ଟିଗମାଇନ(୦.୬) ନ ଥିବାରୁ ବାହାରୁ କିଣିବାକୁ କହିଥିଲେ। ବାହାରେ ମଧ୍ୟ ଉକ୍ତ ଇଞ୍ଜେକ୍ସନ ମିଳି ନ ଥିଲା। ତେଣୁ ଡାକ୍ତର କଟକ ବଡ଼ ଡାକ୍ତରଖାନାକୁ ନେଇଯିବାକୁ କହିଥିଲେ। ମାତ୍ର ରାତି ପ୍ରାୟ ୨ ଟାରେ ମା'ଙ୍କ ମୃତ୍ୟୁ ହୋଇଥିବା ମୃତ ମହିଳାଙ୍କ ବଡ଼ ପୁଅ ଖଗେଶ୍ୱର ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକେ ମହିଳାଙ୍କୁ କଟକ ଡାକ୍ତରଖାନା ନ ନେଇ ସଦର ବ୍ଲକ୍ ବଣୁଆ ଗ୍ରାମର ଜଣେ ଗୁଣିଆଙ୍କ ସହାୟତା ନେଇଥିଲେ। ଗୁଣିଆ ଝଡ଼ାଫୁଙ୍କା କରି ସାପ ଦାନ୍ତ କାଢ଼ିବା ପରେ ପରିବାର ଲୋକେ ପୁଣି ମେଡିକାଲକୁ ଆଣିଥିଲେ। ମାତ୍ର ସେତେବେଳକୁ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତରଖାନାରେ ଇଞ୍ଜେକ୍ସନ ଥାଇ ଡାକ୍ତର ବାହାରୁ ଆଣିବାକୁ କହିଲେ। ଫଳରେ ମହିଳାଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ସଦର ଥାନାରେ ଏକ ମାମଲା(ନଂ. ୪୪/୨୪)ରେ ରୁଜୁ ହୋଇଛଇ। କେନ୍ଦୁଝର ମେଡିକାଲ କଲେଜର ଅଧୀକ୍ଷକ ଡା. ମହେନ୍ଦ୍ର କୁମାର ନାୟକ କହିଛନ୍ତି, ଉକ୍ତ ଇଞ୍ଜେକ୍ସନ ମେଡିକାଲରେ ସରିଯାଇଥିଲେ ହେଁ କିଛି ପରିମାଣରେ ଥିଲା। ଚିକିତ୍ସା କରୁଥିବା ଡାକ୍ତର ଜାଣିପାରି ନ ଥିଲେ। ଯୋଗାଣକାରୀ ସଂସ୍ଥାର ବିଳମ୍ବ ପାଇଁ ଅଭାବ ଦେଖାଦେଇଥିଲା। ମଙ୍ଗଳବାର ଉକ୍ତ ଇଞ୍ଜେକ୍ସନ ବହୁ ପରିମାଣରେ ପହଞ୍ଚିଛି। ସେହିପରି କଟକକୁ ନ ଯାଇ ଗୁଣିଆ ପାଖକୁ ଯିବା ଉଚିତ ନ ଥିଲା ବୋଲି ଡାକ୍ତର କହିଥିଲେ।

ସୂଚନାଯୋଗ୍ୟ, ଅନେକ ସମୟରେ ମେଡିସିନ ଅଭାବରୁ ରୋଗୀ ବାହାରୁ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଏଥିପାଇଁ ଅନ୍ୟ ଜିଲା ଭଳି ୨ ଘରୋଇ ମେଡିସିନ ଦୋକାନ ସହିତ ଅନୁବନ୍ଧନ କରାଯିବା ଆବଶ୍ୟକ। ଡାକ୍ତରଖାନାରେ ମେଡିସିନ ନ ମିଳିଲେ ଅନୁବନ୍ଧିତ ଦୋକାନରୁ ମେଡିସିନ ଅଣାଯାଇ ରୋଗୀଙ୍କ ଚିକିତ୍ସା କରାଯାଇପାରନ୍ତା ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଦାବି କରିଛନ୍ତି। ଜିଲାରେ ସାପ କାମୁଡ଼ାଜନିତ ମୃତ୍ୟୁ ବଢୁଥିବା ବେଳେ ଇଞ୍ଜେକ୍ସନ ଅଭାବ ଦୁଃଖର ବିଷୟ। ଡାକ୍ତରଖାନାରେ ଇଞ୍ଜେକ୍ସନ ମହଜୁଦ ରଖିବା ଉଚିତ। ଏଥିସହ ଗୁଣିଗାରେଡ଼ି ସମ୍ପର୍କରେ ସଚେତନତା ସୃଷ୍ଟିକରି ଗୁଣିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆବଶ୍ୟକ ବୋଲି ବରିଷ୍ଠ ଆଇନଜୀବୀ ସନ୍ତୋଷ ସାହୁ କହିଛନ୍ତି।

# ଦୋକାନ ଉପରକୁ ମାଡ଼ିଗଲା ପିକ୍‌ଅପ୍, ଜଣେ ମୃତ



ଜଳଖିଆ ଦୋକାନ ଉପରକୁ ପିକ୍‌ଅପ୍ ଭ୍ୟାନ୍ ମାଡ଼ିଯାଇଛି।

ଆଠମଲ୍ଲିକ,୧୬।୭
(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ-କିଆକଟା ରାଜ୍ୟ ରାଜପଥର ଆଠମଲ୍ଲିକ ଥାନା ଉଡ଼ସିଙ୍ଗା ଗ୍ରାମ ଛକ ନିକଟରେ ଥିବା ଏକ ଦୋକାନ ଉପରକୁ ମଙ୍ଗଳବାର ପିକ୍‌ଅପ୍ ଭ୍ୟାନ୍ ମାଡ଼ିଯିବାରୁ ଜଣେ ବରିଷ୍ଠ ନାଗରିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୁଦଗାଁ ଗ୍ରାମର ରଷି ଭୋକ୍ତା (୬୦)। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୮ଟାରେ କୁଦଗାଁ ଗ୍ରାମର ରଷି (୬୦) ରାଜପଥ ପାର୍ଶ୍ୱରେ ଥିବା ଏକ ଜଳଖିଆ ଦୋକାନ ସମ୍ମୁଖରେ ଠିଆ ହୋଇଥିଲେ। ଏହି ସମୟରେ ଉଡ଼ସିଙ୍ଗା ଗାଁ ଆଡୁ ରାଜପଥ ଉପରକୁ ଯାଉଥିବା ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୦୧ଡି-୩୫୩୫) ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେବା ସହ ଦୋକାନ ଭିତରକୁ ପଶିଯାଇଥିଲା। ଦୁର୍ଘଟଣାରେ ଭୋକ୍ତା ଗୁରୁତର ହୋଇଥିବା ବେଳେ ଦୋକାନର ସମ୍ମୁଖ ଅଂଶ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକେ ଭୋକ୍ତାଙ୍କୁ ଉଦ୍ଧାର କରି ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଆଠମଲ୍ଲିକ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହିତ ନଂ. ୨୨୬/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ପ୍ରକାଶ କରିଛି।

# କକା-ପୁତୁରାଙ୍କ ଉପରେ ଚଢ଼ିଗଲା ଟ୍ରକ୍

ବାରିପଦା,୧୬।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ଉପକଣ୍ଠ ଦେଇ ଯାଇଥିବା ୧୮ନଂ. ଜାତୀୟ ରାଜପଥର ପାଲବଣିଠାରେ ସୋମବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଟ୍ରକ୍ ସମ୍ପର୍କୀୟ କକା ଓ ପୁତୁରାଙ୍କ ଉପରେ ମାଡ଼ିଯିବାରୁ ଦୁହିଁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ଅଧୀନ ଶିରିଶବଣି ଗ୍ରାମର ସୁନ୍ଦର ମୋହନ ମୁର୍ମୁ(୪୨) ଓ ବ୍ରଜମୋହନ ହାଁସଦା(୪୨)। ସୂଚନାଯୋଗ୍ୟ, ଏକ ବ୍ୟାଟେରିଚାଳିତ ସ୍କୁଟିରେ ଦୁହେଁ ଘରକୁ ଫେରୁଥିଲେ। ବାରିପଦା ସହରକୁ ପ୍ରବେଶ ପଥ ପାଲବଣିଠାରେ ଓଭରବ୍ରିଜ୍‌ରୁ ମାଲବୋଝେଇ ଟ୍ରକ୍‌ଟି ଓହ୍ଲାଉଥିବା ସମୟରେ ସ୍କୁଟିକୁ ସମ୍ମୁଖରୁ ଧକ୍କାଦେଇଥିଲା। ଟ୍ରକ୍‌ଟି ଗତି ନିୟନ୍ତ୍ରଣ କରି ନ ପାରି ଉଭୟଙ୍କ ଉପରେ ଚଢ଼ିଯାଇଥିଲା। ଚାପିହୋଇ ଦୁହିଁଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତକରି ପିଆର୍‌ଏମ୍ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି । ତେବେ ସେହି ସ୍ଥାନରେ ରାସ୍ତା ବାଙ୍କ ସହିତ ଗଡ଼ାଣି ରହିଥିବାରୁ ଚଳପ୍ରଚଳ କରୁଥିବା ଯାନଗୁଡ଼ିକର ଗତି ବୃଦ୍ଧି ପାଇଥାଏ। ସେହି ସ୍ଥାନରେ ବିଦେଶୀ ମଦ ଦୋକାନ ଥିବାରୁ ରାସ୍ତା କଡ଼ରେ ଟ୍ରକ୍ ଓ ଚାରିଚକିଆ ଯାନ ଅଟକି ରହିଥାଏ। ଭିଡ଼ ମଧ୍ୟରେ ୨ ଚକିଆ ଗାଡ଼ି ଚାଳକ ବିପରୀତ ଦିଗରୁ ଆସୁଥିବା ଯାନବାହନ ଉପରେ ନଜର ରଖିପାରି ନ ଥାନ୍ତି। ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ଏନ୍‌ଏଚ୍‌ଆଇ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପାଲବଣିର ପ୍ରବେଶ ପଥରେ ଗଳାପୋଲ ନିର୍ମାଣ ପାଇଁ ବାରମ୍ବାର ସହରବାସୀ ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି କାହାର ଆନ୍ତରିକତା ଦେଖାଯାଉନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଓ ରାଜନେତାମାନେ ସ୍ୱତନ୍ତ୍ର ଦୃଷ୍ଟିଦେଲେ ଦୁର୍ଘଟଣାକୁ ଏଡ଼ାଯାଇପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।

# ଶ୍ୱଶୁରଙ୍କୁ ହତ୍ୟା କଲେ ଜ୍ୱାଇଁ

କୋଷାଗୁମୁଡ଼ା, ୧୬।୭(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ନେଙ୍ଗାନାଲ ଗ୍ରାମରେ ଶ୍ୱଶୁରଙ୍କୁ ଜ୍ୱାଇଁ ହତ୍ୟା କରିଥିବା ନେଇ ପାପଡ଼ାହାଣ୍ଡି ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ପର୍ଶୁରାମ ନାୟକ (୬୦)। ଘଟଣାସ୍ଥଳରୁ ଅଭିଯୁକ୍ତ ଚୈତନ୍ୟ ଭତରା (୪୫) ଫେରାର ଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ପର୍ଶୁରାମଙ୍କ ଝିଅ ଚୈତନ୍ୟଙ୍କୁ ବିବାହ କରିଥିଲେ। ୩ ବର୍ଷ ହେବ ଚୈତନ୍ୟ ନେଙ୍ଗାନାଲ ଗ୍ରାମରେ ଘରଜ୍ୱାଇଁ ଭାବେ ଶ୍ୱଶୁର ଘରେ ରହିଆସୁଥିଲେ। ସୋମବାର ରାତିରେ ପର୍ଶୁରାମ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ଜ୍ୱାଇଁ ଚୈତନ୍ୟଙ୍କ ସହ ପାଟିତୁଣ୍ଡ କରିଥିଲେ। ଏଥିରେ ଚୈତନ୍ୟ ରାଗିଯାଇ ପର୍ଶୁରାମଙ୍କୁ ଧକା ପକାଇଥିଲେ। ପର୍ଶୁରାମ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାଦେଖି ଚୈତନ୍ୟ ଫେରାର ହୋଇଯାଇଥିଲେ। ପରିବାର ଲୋକେ କୋଷାଗୁମୁଡ଼ା ଥାନାକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ମଙ୍ଗଳବାର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ନେଙ୍ଗାନାଲ ଗ୍ରାମକୁ ଯାଇ ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କୋଷାଗୁମୁଡ଼ା ପୋଲିସ କେସ୍ ନମ୍ବର ୧୬୮/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ସୁଧାଂଶୁ ବାରିକ୍ ସୂଚନା ଦେଇଛନ୍ତି।

# ଘରେ ପଶି ମହିଳାଙ୍କୁ ପିଟି ହତ୍ୟା

କୁଆଁରମୁଣ୍ଡା,୧୬।୭
(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ସିଆଲଯୋର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଘରେ ପଶି ମୁନି ଭକ୍ତା(୫୯) ନାମ୍ନୀ ଜଣେ ବିଧବାଙ୍କୁ ପିଟି ପିଟି ମାରି ଦେବା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଏ ନେଇ ମୁନିଙ୍କ ଝିଅ ମଙ୍ଗଳବାର ସକାଳେ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୧୦।୨୪) ରୁଜୁ କରି ତଦନ୍ତ ଚଳାଇଛି। ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ରଙ୍କ ସୂଚନା ଅନୁସାରେ, ସିଆଲଯୋର ଗ୍ରାମର ବନ୍ଧୁ ଓରାମ ମୁନିଙ୍କ ଝିଅଙ୍କ ଉପରେ ଖରାପ ନଜର ରଖିଥିଲେ। ଏ ନେଇ ମୁନି ଓ ବନ୍ଧୁଙ୍କ ମଧ୍ୟରେ ଅନେକ ଥର ଝଗଡ଼ା ଲାଗୁଥିଲା ବୋଲି ମୁନିଙ୍କ ଝିଅ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାଦିନ ମୁନିଙ୍କ ଝିଅ ଓ ପୁଅ ଘରେ ଶୋଇ ପଡ଼ିବା ପରେ ବନ୍ଧୁ କୌଣସି ପ୍ରକାରେ ପଶିଥିଲେ। ମହିଳା ଖଟରେ ଶୋଇଥିବାବେଳେ ବାଡ଼ିରେ ତାଙ୍କ ମୁଣ୍ଡକୁ ପିଟି ମାରିଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଫାଣ୍ଡି ଅଧିକାରୀ ମହାପାତ୍ର କହିଛନ୍ତି।

# ୨ ଅଟୋ ମୁହାଁମୁହିଁ, ୫ ଗୁରୁତର

## ରଥ ମହାରଣାଙ୍କ ହାତ ଛିଡ଼ିଗଲା

ପାଟଣା,୧୬।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଧୀନ ମଲ୍ଲିପଶି- ଚିନାମାଳିପଶି ରାସ୍ତାର ରୁଢ଼ିଆପଡ଼ା ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ରଥଯାତ୍ରା ଦେଖି ଫେରୁଥିବା ଏକ ଯାତ୍ରୀବାହୀ ଅଟୋ ସହ ମାଲବାହୀ ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୫ ଜଣ ଗୁରୁତର ହୋଇଥିବା ବେଳେ ଜଣେ ରଥ ମହାରଣାଙ୍କ ହାତ ଛିଡ଼ିଯାଇଥିବା ଜଣାପଡ଼ିଛି। ପୋଲିସ ମାମଲା ରୁଜୁକରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ସୋମବାର ମଲ୍ଲିପଶିଠାରେ ଅନୁଷ୍ଠିତ ବାହୁଡ଼ାଯାତ୍ରା ଦେଖି ରୁଢ଼ିଆପଡ଼ା ଗ୍ରାମର କେତେଜଣ ଲୋକ ଅଟୋ ଯୋଗେ ଗ୍ରାମକୁ ଫେରୁଥିଲେ। ଚିନାମାଳିପଶି ପାର୍ଶ୍ୱରୁ ଆସୁଥିବା ମାଲବାହୀ ଅଟୋ ଯାତ୍ରୀବାହୀ ଅଟୋକୁ ରୁଢ଼ିଆପଡ଼ା ନିକଟରେ ଧକ୍କାଦେଇଥିଲା। ଏଥିରେ ଜୁଲି ପାତ୍ର(୧୨), ଫୁଲମଣି ନାଏକ, ଲକ୍ଷ୍ମଣ ମହାନ୍ତ, ହେମଲତା ମହାନ୍ତ ଏବଂ ରୁଢ଼ିଆପଡ଼ାର ଘନଶ୍ୟାମ ମହାନ୍ତ(୪୨) ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଘନଶ୍ୟାମଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘନଶ୍ୟାମଙ୍କ ଡାହାଣ ହାତଟି କାନ୍ଧରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଛି। ସେ ମଲ୍ଲିପଶି ରଥରେ ଦୀର୍ଘ ବର୍ଷ ହେବ ମହାରଣା କାର୍ଯ୍ୟ କରି ଆସୁଥିଲେ। ଘଟଗାଁ ଥାନାରେ ଏକ ମାମଲା(ନଂ.୨୮୪/୨୪)ରୁଜୁ ହୋଇଥିବା ଥାନା ଅଧିକାରୀ ସୁଭ୍ରାନ୍ତ ଜେନା କହିଛନ୍ତି।

# ୩ ମାସରେ ୨ଗୁଣ ଟଙ୍କା ଲୋଭ ଦେଖାଇ ୮୨ ଲକ୍ଷ ଠକେଇ

## ଥାନାରେ ଏତଲା, ଚିଟ୍‌ଫଣ୍ଡ ସଂସ୍ଥା ମାଲିକ ଫେରାର

ଗୁଣପୁର,୧୬।୭
(ପ୍ରଦୀପ କୁମାର ପାଢ଼ୀ)

୩ ମାସରେ ୨ ଗୁଣ ଟଙ୍କା ମିଳିବ କହି ଏକ ଚିଟ୍‌ଫଣ୍ଡ ସଂସ୍ଥା ୪୫ ଜଣଙ୍କଠାରୁ ୮୨ ଲକ୍ଷ ୪୪ ହଜାର ୫୦୦ ଟଙ୍କା ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଯୋଶେଫ ବିଡିକା ନାମକ ଜଣେ ଜମାକାରୀ ରାୟଗଡ଼ା ଜିଲା ଗୁଣପୁର ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି।

ଠକାମିର ଶିକାର ହୋଇଥିବା ଜମାକାରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୨ ବର୍ଷ ତଳେ ହରପ୍ରସାଦ ମହାଙ୍କୁଡ ନାମକ ଜଣେ ବ୍ୟକ୍ତି ଗୁଣପୁର ଥାନା ଅଧୀନ ଦଶରଥପୁର ଗ୍ରାମକୁ ଆସିଥିଲେ। ତାଙ୍କର ପୁରୁଣା ଗୁଣପୁରଠାରେ 'ୱେ ଟୁ ଆଡ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍' ନାମରେ ଏକ କମ୍ପାନୀ ରହିଛି। ଏହି କମ୍ପାନୀରେ ଟଙ୍କା ବିନିଯୋଗ କଲେ ୩ ମାସରେ ୨ ଗୁଣ ଟଙ୍କା ମିଳିବ ବୋଲି କର୍ତ୍ତୃପକ୍ଷ ପ୍ରଲୋଭନ ଦେଖାଇଥିଲେ। ଅଞ୍ଚଳର କେତେଜଣ ଲୋକ ତାଙ୍କ କଥାରେ ବିଶ୍ୱାସକରି କମ୍ପାନୀରେ ଅର୍ଥ ମଧ୍ୟ ଜମା କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟ ଗତ ୨ ବର୍ଷ ଧରି ଜମାକାରୀଙ୍କୁ ସୁଧ ସହ ଅର୍ଥ ପ୍ରଦାନ କରିଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ଜମାକାରୀଙ୍କୁ ମୋଟା ଅଙ୍କର ଅର୍ଥ ଜମା କରିବାକୁ କହିଥିଲେ। ଲୋନ୍ ଉଠାଇ ଟଙ୍କା ଦିଅ, ପ୍ରତି ମାସରେ ଲୋନ୍ ଟଙ୍କା ଶୁଝିବା ସହ ୨ ଗୁଣା ଟଙ୍କା ମିଳିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ। ଏହାପରେ ଯୋଶେଫ ୧୯,୨୬,୫୦୦, ଏମ୍.ବୁଲୁ ୧ ଲକ୍ଷ, ରମେଶ ବିଡ଼ିକା ୩,୯୦,୦୦୦, ଦିବ୍ୟ ଗମାଙ୍ଗ ୨୧,୬୦,୦୦୦, କେ.ବୁଜୁ ୧୬,୪୭,୫୦୦, ପାଡିକା ମୀନା ରାଓ ୮,୫୬,୦୦୦, ପାଡିକା ଆଲଙ୍ଗଲା ୧ ଲକ୍ଷ ୬୫ ହଜାର ଟଙ୍କା ଏପରି ୪୫ ଜଣ ଲୋକ ଧାରକରଜକରି କମ୍ପାନୀରେ ଟଙ୍କା ଜମା ଦେଇଥିଲେ। ପରେ କିଛି ମାସ ପର୍ଯ୍ୟନ୍ତ କମ୍ପାନୀ କର୍ତ୍ତୃପକ୍ଷ କହିବା ମୁତାବକ ଜମାକାରୀଙ୍କୁ ଟଙ୍କା ପ୍ରଦାନ କରିଥିଲେ। ହେଲେ ତା'ପରେ ଆଉ ସେମାନଙ୍କ ଆକାଉଣ୍ଟରେ ଟଙ୍କା ଜମାହୋଇ ନ ଥିଲା। ୨ରୁ ୩ ମାସ ଅପେକ୍ଷା କରିବା ପରେ ଗତ ମାର୍ଚ୍ଚରେ ପୁରୁଣା ଗୁଣପୁରସ୍ଥିତ କମ୍ପାନୀ କାର୍ଯ୍ୟାଳୟକୁ ଆସି ଦେଖିଲା ବେଳକୁ ସେଠାରେ ତାଲା ପଡ଼ିଛି। ଏହାପରେ ଜମାକାରୀ ଫୋନ ଯୋଗେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ନ ହେବାରୁ ସେମାନେ ଠକାମିର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଲୋନ୍ ଦେଇଥିବା ବ୍ୟାଙ୍କ ସେମାନଙ୍କୁ ଟଙ୍କା ମାଗୁଥିବାରୁ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ଜମାକାରୀ କହିଛନ୍ତି। ଏ ନେଇ ଆଇଆଇସି ଉତ୍ତମ କୁମାର ସାହୁଙ୍କ ସହ ଯୋଗାଯୋଗ କରାଯିବାରୁ ତାଙ୍କ ନିକଟକୁ ଅଭିଯୋଗ ଆସି ନ ଥିବା କହିବା ସହ ସେମାନଙ୍କ ମଧ୍ୟରେ ଆପୋସ ଆଲୋଚନା ଚାଲିଥିବା କହିଥିଲେ।

# ନବବଧୂ ହତ୍ୟା ଅଭିଯୁକ୍ତ ସ୍ୱାମୀ ଫାଣ୍ଡିରୁ ଚମ୍ପଟ

## ଅଟକ ରଖି ନ ଥିବା କହିଲା ପୋଲିସ

ଗୋପାଳପୁର/ବ୍ରହ୍ମପୁର,୧୬।୭
(ନବୀନରାଜ ଆଚାରୀ/ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ଜିମା ଦିଆଯାଇଥିବା ଜଣେ ନବବଧୂ ହତ୍ୟା ଅଭିଯୁକ୍ତ ସ୍ୱାମୀ ଫାଣ୍ଡିରୁ ଚମ୍ପଟ୍ ମାରିଥିବା ଅଭିଯୋଗ ହୋଇଛି। ତେବେ ପୋଲିସ ଏହାକୁ ଅସ୍ୱୀକାର କରିବା ସହ କାହାକୁ ଅଟକ ରଖି ନ ଥିବା କହିଛି। ବ୍ରହ୍ମପୁର ପୋଲିସ ଜିଲାରେ ଏହି ଘଟଣା ଘଟିଥିବା ବେଳେ ଅଭିଯୁକ୍ତ ପ୍ରକୃତରେ ଚମ୍ପଟ ମାରିଛନ୍ତି ନା ପୋଲିସ ଜାଣିଶୁଣି ତାଙ୍କୁ ଛାଡି ଦେଇଛି ତାହା ତଦନ୍ତସାପେକ୍ଷ।

ଗୋଳନ୍ଥରା ଥାନା ଅଧୀନ ଜଗନ୍ନାଥପୁର ଓଡିଆର୍‌ପି କଲୋନୀର ନବବଧୂ ରାଣୀ ମହାରଣାଙ୍କୁ ସୋମବାର ତାଙ୍କ ସ୍ୱାମୀ ଲକ୍ଷ୍ମୀ ମହାରଣା ତଣ୍ଟିଚିପି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ବ୍ରହ୍ମପୁର ବଡ଼ ମେଡିକାଲରେ ରାଣୀଙ୍କୁ ଡାକ୍ତର ମୃତ ଘୋଷଣା କରିବା ପରେ ତାଙ୍କ ବାପଘର ଲୋକେ ଲକ୍ଷ୍ମୀଙ୍କୁ ମେଡିକାଲ ଫାଣ୍ଡି ଜିମା ଦେଇଥିଲେ। ଯୌତୁକ ପାଇଁ ଭଉଣୀକୁ ହତ୍ୟା କରାଯାଇଥିବା ରାଣୀଙ୍କ ଭାଇ ରାଜେଶ କୁମାର ମହାରଣା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯୧/୨୪ରେ ଯୌତୁକଜନିତ ହତ୍ୟା ମାମଲା ରୁଜୁ କରିଛି । ମଙ୍ଗଳବାର ବ୍ୟବଚ୍ଛେଦ ପରେ ଭଉଣୀଙ୍କ ମୃତଦେହ ଆଣିବା ପାଇଁ ରାଜେଶ ମେଡିକାଲ ଫାଣ୍ଡିକୁ ଯାଇଥିବା ବେଳେ ସେଠାରେ ଲକ୍ଷ୍ମୀ ନ ଥିବା ଦେଖିଥିଲେ। ଏ ନେଇ ପୋଲିସକୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ପାଇପାରି ନ ଥିଲେ। ପୋଲିସ ଜାଣିଶୁଣି ସେଠାରୁ ହତ୍ୟାକାରୀଙ୍କୁ ଛାଡି ଦେଇଥିବା ରାଜେଶ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମୃତଦେହ ନେଇ ତାଙ୍କ ଭାଇ ଓ ଗ୍ରାମବାସୀ ଗୋଳନ୍ଥରା ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଅଡି ବସି ହୋହଲ୍ଲା କରିଥିଲେ। ପୋଲିସ ବୁଝାଶୁଝା କରିବା ସହ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥିତି ଶାନ୍ତ ପଡିଛି।



ଗୋଳନ୍ଥରା ଥାନା ଆଗରେ ମୃତଦେହ ରଖି ହୋହାଲ୍ଲା କରୁଛନ୍ତି ଗ୍ରାମବାସୀ।

ସୂଚନାଯୋଗ୍ୟ, ଗୋପାଳପୁର ଥାନା ଗଉଞ୍ଜୁ ପଞ୍ଚାୟତ ଆରୁଆପଲ୍ଲୀ ଗ୍ରାମର ସ୍ୱର୍ଗତ କାଲୁ ମହାରଣାଙ୍କ ଝିଅ ରାଣୀ ଗତ ମାର୍ଚ୍ଚ ୧୧ ତାରିଖରେ ଲକ୍ଷ୍ମୀଙ୍କୁ ବିବାହ କରିଥିଲେ। ବିବାହ ବେଳେ ସୁନା ଗହଣା, ଟଙ୍କା ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। ପରେ ଅଧିକ ଯୌତୁକ ଦାବିରେ ରାଣୀଙ୍କୁ ତାଙ୍କ ସ୍ୱାମୀ ଲକ୍ଷ୍ମୀ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ସୋମବାର ଅପରାହ୍ନରେ ରାଣୀ ଗୁରୁତର ଅଛନ୍ତି, ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ନେଉଛି ବୋଲି ଲକ୍ଷ୍ମୀ ତାଙ୍କ ଶାଳକ ରାଜେଶଙ୍କୁ କହିଥିଲେ। ରାଜେଶ ଓ ତାଙ୍କ ମା' ବ୍ରହ୍ମପୁର ମେଡିକାଲକୁ ଯାଇଥିବା ବେଳେ ରାଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଯୌତୁକ ପାଇଁ ରାଣୀଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଦର୍ଶାଇ ଲକ୍ଷ୍ମୀଙ୍କୁ ମେଡିକାଲ ଫାଣ୍ଡି ପୋଲିସ ଜିମା ଦେଇଥିଲେ। ମଙ୍ଗଳବାର ମୃତଦେହ ହସ୍ତାନ୍ତର ବେଳେ ଲକ୍ଷ୍ମୀ ଫାଣ୍ଡିରେ ନ ଥିବା ରାଣୀଙ୍କ ଭାଇ ଜାଣିଥିଲେ। ଏନେଇ ବୈଦ୍ୟନାଥପୁର ଥାନାଧିକାରିଣୀ ଇନ୍ସପେକ୍ଟର ସୁଚିତ୍ରା ପରିଡାଙ୍କୁ ପଚାରିବାରେ ଘଟଣାଟି ଆମ ଥାନା ଅଞ୍ଚଳରେ ଘଟିନି। ମେଡିକାଲ ଫାଣ୍ଡି ପୋଲିସ କାହାକୁ ଅଟକ ରଖି ନ ଥିଲା କି କାହାକୁ ଛଡାଯାଇନି ବୋଲି କହିଛନ୍ତି।

# ଟି୨୦ ଅଧିନାୟକ ଦୌଡ଼ରେ ସୂର୍ଯ୍ୟକୁମାର, ପାଣ୍ଡ୍ୟା

**ନୂଆଦିଲ୍ଲୀ, ୧୬।୭ (ପି.ଟି.)**

ଶ୍ରୀଲଙ୍କା ବିପକ୍ଷ ସିରିଜ ପୂର୍ବରୁ ଭାରତୀୟ ଟି୨୦ ଦଳର ଅଧିନାୟକ ମନୋନୟନ କରାଯିବ। ଏହି ପଦବୀ ପାଇଁ ଦୌଡ଼ରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ସୂର୍ଯ୍ୟକୁମାର ଯାଦବ ରହିଛନ୍ତି। ଟି୨୦ ବିଶ୍ୱକପ୍ ପରେ ନିୟମିତ ଅଧିନାୟକ ରୋହିତ ଶର୍ମା ଟି୨୦ରୁ ତାଙ୍କର ଅବସର ଘୋଷଣା କରିବା ପରେ ଏହି ପଦବୀ ଖାଲି ପଡ଼ିଛି। ହାର୍ଦ୍ଦିକ ରୋହିତଙ୍କ ଡେପୁଟି ଭାବେ କାର୍ଯ୍ୟ କରିଥିବାରୁ ସେ ସ୍ୱାଭାବିକ ପସନ୍ଦ ବୋଲି ଅନେକ ବିଚାର କରୁଥିଲେ। ମାତ୍ର ଗୌତମ ଗମ୍ଭୀର ନୂଆ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇବା ପରେ ସୂର୍ଯ୍ୟକୁମାର ଡାର୍କ ହର୍ସ ଭାବେ ଉଭା ହୋଇଥିବା କୁହାଯାଉଛି। ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ଜୁଲାଇ ୨୭ରୁ ଆରମ୍ଭ ହେବ। ଗତ ମାସରେ ଭାରତର ଟି୨୦ ବିଶ୍ୱକପ୍ ବିଜୟର ଅନ୍ୟତମ ହିରୋ ପାଣ୍ଡ୍ୟା କିନ୍ତୁ ବ୍ୟକ୍ତିଗତ କାରଣରୁ ଅଗଷ୍ଟରେ ହେବାକୁଥିବା ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ଖେଳିବେ ନାହିଁ। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ସେ ଉପଲବ୍ଧ ହେବେ ଏବଂ ଦଳର ନେତୃତ୍ୱ ନେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ବରିଷ୍ଠ କର୍ମକର୍ତ୍ତା ତାଙ୍କ ନାମ ଗୋପନ ରଖବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ଜୁଲାଇ ୨୭ରୁ ୩୦ ପର୍ଯ୍ୟନ୍ତ ପାଲିକେଲଠାରେ ଅନୁଷ୍ଠିତ ହେବ। ପରେ ଅଗଷ୍ଟ ୨ରୁ ୭ କଲମ୍ବୋରେ ଅନ୍ତର୍ଜାତୀୟ ଦିନିକିଆ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ ଦଳ ଘୋଷଣା ଆସନ୍ତା ଦୁଇଦିନ ମଧ୍ୟରେ ହେବ। ତେବେ ପାଣ୍ଡ୍ୟାଙ୍କ ଡେପୁଟି କିଏ ହେବ ତାହା ସ୍ପଷ୍ଟ ହୋଇପାରି ନାହିଁ। ସମ୍ଭବତଃ ଶୁବମନ ଗିଲ୍ କିମ୍ବା ସୂର୍ଯ୍ୟକୁମାର ଯାଦବଙ୍କ ମଧ୍ୟରୁ ଜଣେ କେହି ଏହି ପଦବୀ ପାଇଁ ମନୋନୀତ ହୋଇପାରନ୍ତି। ଗିଲ୍‌ଙ୍କ ଅଧିନାୟକତ୍ୱରେ ଭାରତ ନିକଟରେ ଜିମ୍ବାୱେ ବିପକ୍ଷ ସିରିଜ ୪-୧ରେ ଜିତିଛି। ଅନ୍ୟପକ୍ଷରେ ସୂର୍ଯ୍ୟକୁମାର ଗତବର୍ଷ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ ବେଳେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଅନ୍ତର୍ଜାତୀୟ ଦିନିକିଆ ସିରିଜ ସମ୍ପର୍କରେ ସୂଚନା ଦେଇ କର୍ମକର୍ତ୍ତା ଜଣକ କହିଛନ୍ତି, ଏ ନେଇ ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ସହ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଉପଲବ୍ଧ ହେବେ ନାହିଁ ବୋଲି କହିଥିଲେ। ହାର୍ଦ୍ଦିକ ବ୍ୟକ୍ତିଗତ କାରଣରୁ ଦିନିକିଆ ସିରିଜରୁ ଛୁଟି ନେଇଛନ୍ତି। ତାଙ୍କର ଫିଟ୍‌ନେସ ନେଇ ଗଣମାଧ୍ୟମରେ ଯେଉଁ ଖବର ପ୍ରସାରିତ ହେଉଛି ତାହା ଭିତ୍ତିହୀନ। ଦିନିକିଆ ସିରିଜ ପାଇଁ କେ.ଏଲ. ରାହୁଲ କିମ୍ବା ଗିଲ୍‌ଙ୍କୁ ଅଧିନାୟକ ମନୋନୀତ କରାଯାଇପାରେ। ରାହୁଲ ଦକ୍ଷିଣ ଆଫ୍ରିକା ବିପକ୍ଷ ଗତ ଦିନିକିଆ ସିରିଜରେ ଅଧିନାୟକତ୍ୱ କରିଥିଲେ। ବିସିସିଆଇ ସମ୍ପାଦକ ଜୟ ଶାହା ସ୍ପଷ୍ଟ କରିଛନ୍ତି ଯେ, ନ୍ୟାଶନାଲ ଡ୍ୟୁଟିରୁ ମୁକ୍ତ ଥିବା ବେଳେ ଷ୍ଟାର କ୍ରିକେଟରମାନେ ଘରୋଇ ଟୁର୍ନାମେଣ୍ଟ ପାଇଁ ଉପଲବ୍ଧ ହେବା ଜରୁରୀ। ଏ କ୍ଷେତ୍ରରେ ରୋହିତ, ବିରାଟ କୋହଲି ଏବଂ ପେସ୍ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଭଳି ଖେଳାଳିଙ୍କୁ ଛାଡ଼ କରାଯାଇଛି।



ସୂର୍ଯ୍ୟକୁମାର ଯାଦବ


ହାର୍ଦ୍ଦିକ ପାଣ୍ଡ୍ୟା



ଭାରତୀୟ କ୍ରିକେଟ ଦଳର ଟି୨୦ କ୍ରିକେଟ ବିଶ୍ୱକପ ବିଜୟ ଉପଲକ୍ଷେ ଭଦୋଦରାରେ ଅନୁଷ୍ଠିତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ରୋଡ୍ ଶୋ'।

## କଲମ୍ବିଆ ଫୁଟ୍‌ବଲ ସଭାପତି ଓ ପୁଅଙ୍କ ସମେତ ୨୭ ଗିରଫ

**ମାୟାମି ଗାର୍ଡେନ୍ସ, ୧୬।୭ (ପି.ଟି.)**

କୋପା ଆମେରିକା ଫୁଟ୍‌ବଲରେ ଗଣ୍ଡଗୋଳ କାରଣରୁ ୨୭ ଜଣଙ୍କୁ ଗିରଫ କରିଛି ଆମେରିକା ପୋଲିସ। କଲମ୍ବିଆ ସକର ଫେଡେରେଶନ ସଭାପତି ଓ ତାଙ୍କ ପୁଅ ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି। ରବିବାର ଆର୍ଜେଣ୍ଟିନା ଓ କଲମ୍ବିଆ ମଧ୍ୟରେ ଖେଳା ଯାଇଥିବା ଫାଇନାଲ ମ୍ୟାଚ ପୂର୍ବରୁ ଭିଡ ନିୟନ୍ତ୍ରଣରେ ଆମେରିକୀୟ ପୋଲିସ ନାକେଦମ ହୋଇଥିଲେ। ମ୍ୟାଚ୍ ପ୍ରାୟ ୧ ଘଣ୍ଟା ୨୨ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା। ଷ୍ଟାଡିୟମରେ ପ୍ରବେଶକୁ ନେଇ କଲମ୍ବିଆ ସକର ଫେଡେରେଶନ ସଭାପତି ରାମୋନ ଜେସୁରନ ଓ ତାଙ୍କ ପୁଅ ରାମୋନ ଜାମିଲ ଜେସୁରନଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ବିରୋଧରେ ଥ୍ରି କାଉଣ୍ଟସ ଅଫ୍ ଫେଲୋନୀ ଲାଗୁ କରାଯାଇଥିବା ନେଇ ମାୟାମି ଡେଡ ପୋଲିସ ଡିଟେକ୍ଟିଭ ଆଣ୍ଡ୍ରେ ମାର୍ଟିନ ସୂଚନା ଦେଇଛନ୍ତି। ଉଭୟଙ୍କୁ ଆରମ୍ଭରେ ଅଟକ ରଖାଯାଇଥିବା ବେଳେ ମଧ୍ୟରାତ୍ରି ପରେ ଗିରଫ କରାଯାଇଥିଲା। ଷ୍ଟାଡିୟମ ପ୍ରବେଶରେ ବିଳମ୍ବ ହେଉଥିବା ବେଳେ ଉଭୟେ ମିଡିଆ ଗେଟ୍ ବାଟରେ ପଶିବାକୁ ଉଦ୍ୟମ କରିଥିଲେ। ଜଣେ ଗାର୍ଡ ଅଟକାଇବାକୁ ପ୍ରୟାସ କରିଥିବା ବେଳେ ଉଭୟ ଆକ୍ରମଣ କରିଥିଲେ। ୭୧ ବର୍ଷୀୟ ରାମୋନ ଜେସୁରନ ୨୦୧୫ରୁ କଲମ୍ବିଆ ସକର ଫେଡେରେଶନର ସଭାପତି ରହିଛନ୍ତି। ଏହା ସହ କୋପା ଆମେରିକା ଆୟୋଜନ କରୁଥିବ କନ୍‌ମେବଲର ମଧ୍ୟ ସେ ଉପ ସଭାପତି ରହିଛନ୍ତି। କନ୍‌ମେବଲ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିବା ସହ ଘଟଣାକୁ ନିନ୍ଦା କରିଛି। ଯେଉଁଭଳି ହଜାର ହଜାର ଦର୍ଶକ ବିନା ଟିକେଟରେ ଆସି ଗଣ୍ଡଗୋଳ କଲେ ତାହା ନିନ୍ଦନୀୟ। ସମସ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ କନ୍‌ମେବଲ ଦାବି କରିଛି। ୨୦୨୬ ଫୁଟ୍‌ବଲ ବିଶ୍ୱକପ୍ ଫାଇନାଲ ସମାନ ଭେନ୍ୟୁରେ ହେବାକୁ ଥିବାବେଳେ ଦର୍ଶକ ନିୟନ୍ତ୍ରଣ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଫିଫା ପ୍ରୟାସ କରିବ ବୋଲି କହିଛି।

## ଭାରତ ପାଇଁ ପଦକ ନିଶ୍ଚିତ କଲେ ବାୱା

**ନୂଆଦିଲ୍ଲୀ, ୧୬।୭ (ପି.ଟି.)**

ଭାରତର ସୌର୍ଯ୍ୟ ବାୱା ହ୍ୟୁଷ୍ଟନଠାରେ ଚାଲିଥିବା ବିଶ୍ୱ ସ୍କ୍ୱାଶ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରି ଭାରତ ପାଇଁ ଏକ ପଦକ ନିଶ୍ଚିତ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ମାଲେସିଆର ଲୋ ୱା-ସର୍ନଙ୍କୁ ୩-୨ରେ ହରାଇ ଦେଇଛନ୍ତି। ଦିଲ୍ଲୀର ଏହି ୧୮ ବର୍ଷୀୟ ଦ୍ୱିତୀୟ ଭାରତୀୟ ପୁରୁଷ ଖେଳାଳି ହିସାବରେ ସେମିଫାଇନାଲକୁ ଉନ୍ନୀତ ହୋଇପାରିଛନ୍ତି। ପୂର୍ବରୁ କୁଶ କୁମାର ୨୦୧୪ରେ ସେମିଫାଇନାଲରେ ପ୍ରବେଶ କରିଥିଲେ। ବାୱା ବର୍ତ୍ତମାନ ସେମିଫାଇନାଲରେ ଇଜିପ୍ଟର ଟପ୍ ସିଡ୍ ମହମ୍ମଦ ଜାକାରିଆଙ୍କ ସହ ମୁକାବିଲା କରିବେ। ଭାରତର ଅନ୍ୟଜଣେ ଖେଳାଳି ଅନାହତ ସିଂ କ୍ରମାଗତ ଭାବେ ତୃତୀୟ ଥର ବାଳିକା କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି।

**୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

## ଅର୍ପିତ, ପ୍ରିୟରଞ୍ଜନଙ୍କୁ ୫ ଉଇକେଟ

**ଭୁବନେଶ୍ୱର, ୧୬।୭ (ସରୋଜ ଜେନା):** ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ରେଷ୍ଟ ଅଫ ଓଡ଼ିଶା ସି, ରେଷ୍ଟ ଅଫ୍ ଓଡ଼ିଶା ଏ, ଖୋର୍ଦ୍ଧା ଓ ଯାଜପୁର ବିଜୟୀ ହୋଇଛନ୍ତି। ରେଷ୍ଟ ଅଫ ଓଡ଼ିଶା ସିର ପ୍ରିୟରଞ୍ଜନ ମୁଦୁଲି ଓ ଖୋର୍ଦ୍ଧାର ଅର୍ପିତ ମହାନ୍ତି ୫ ଉଇକେଟ ସଫଳତା ହାସଲ କରିଛନ୍ତି।

ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ରେଷ୍ଟ ଅଫ ଓଡ଼ିଶା ସି ଡିଏଲ୍‌ଏସ୍ ମେଥଡରେ ଭୁବନେଶ୍ୱର ଏକୁ ୬ ଉଇକେଟରେ ହରାଇଛି। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ୬୩ ରନ୍‌ରେ ଅଲଆଉଟ ହୋଇଥିଲା। ରେଷ୍ଟ ଅଫ ଓଡ଼ିଶା ସି ପକ୍ଷରୁ ପ୍ରିୟରଞ୍ଜନ ମୁଦୁଲି ୫ ଉଇକେଟ ନେଇଥିଲେ। ଜବାବରେ ରେଷ୍ଟ ଅଫ ଓଡ଼ିଶା ସି ୧୫ ଓଭରରେ ୪ ଉଇକେଟ ହରାଇ ୫୬ ରନ୍ କରିଥିବା ବେଳେ ବର୍ଷା ହୋଇଥିଲା। ଡିଏଲ୍‌ଏସ୍ ମେଥଡରେ ରେଷ୍ଟ ଅଫ ଓଡ଼ିଶା ସି ୬ ଉଇକଟେରେ ବିଜୟୀ ହୋଇଥିଲା।

ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳା ଯାଇଥିବା ମ୍ୟାଚ୍‌ରେ ସମ୍ବଲପୁର ଏକୁ ୧୬୬ ରନ୍‌ରେ ପରାସ୍ତ କରିଛି ରେଷ୍ଟ ଅଫ ଓଡ଼ିଶା ଏ। ପ୍ରଥମେ ବ୍ୟାଟିଂ କରି ରେଷ୍ଟ ଅଫ୍ ଓଡ଼ିଶା ୪୧ ଓଭରରେ ୬ ଉଇକେଟରେ ୨୧୬ ରନ୍ କରିଥିଲା। ନୀରବ ଅଗ୍ରୱାଲ ୬୬ ରନ କରିଥିଲେ। ଜବାବରେ ସମ୍ବଲପୁର ୮୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ଡ୍ରିମ୍ସରେ ଅନୁଷ୍ଠିତ ମ୍ୟାଚ୍‌ରେ ଯାଜପୁର ୭ ରନ୍‌ରେ ରେଷ୍ଟ ଅଫ ଓଡ଼ିଶା ଡିକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଯାଜପୁର ୪୮.୨ ଓଭରରେ ୨୦୪ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ରେଷ୍ଟ ଅଫ ଓଡ଼ିଶା ଡି ୩୧.୪ ଓଭରରେ ୪ ଉଇକେଟରେ ୧୩୧ ରନ୍ କରିଥିବା ବେଳେ ବର୍ଷା ହୋଇଥିଲା। ଡିଏଲ୍ ଏସ୍ ମେଥଡ ଅନୁସାରେ ଦଳ ବିଜୟ ଲକ୍ଷ୍ୟରୁ ୭ ରନ୍ ପଛରେ ରହିଥିଲା।

ସନ୍‌ଶାଇନ୍ ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚ୍‌ରେ ଖୋର୍ଦ୍ଧା ୧୭ ରନ୍‌ରେ ରେଷ୍ଟ ଅଫ ଓଡ଼ିଶା ବିକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଖୋର୍ଦ୍ଧା ୩୯.୪ ଓଭରରେ ୧୫୩ ରନ୍ କରିଥିଲା। ରେଷ୍ଟ ଅଫ ଓଡ଼ିଶା ବି ପକ୍ଷରୁ ଅର୍ପିତ ମହାନ୍ତି ୫ ଉଇକେଟ ନେଇଥିଲେ। ଜବାବରେ ରଷ୍ଟ ଅଫ ଓଡ଼ିଶା ବି ୩୬.୫ ଓଭରରେ ୧୩୪ ରନ୍‌ରେ ଅଲଆଉଟ ହୋଇଥିଲା।

## ଅନନ୍ୟାଙ୍କୁ ସ୍ୱର୍ଣ୍ଣ; ଜୟପ୍ରକାଶ, ଜଗମୋହନ ବ୍ରୋଞ୍ଜ

**ଭୁବନେଶ୍ୱର, ୧୬।୭ (ତପନ ସ୍ୱାଇଁ)**

ବେଙ୍ଗାଲୁରୁର କାନ୍ତିରବା ଷ୍ଟାଡିୟମରେ ଚାଲିଥିବା ୧୩ଶ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଅନନ୍ୟା ସ୍ୱାଇଁ। ଜୟପ୍ରକାଶ ବାରିକ ଓ ଜଗମୋହନ ଦାସ ବ୍ରୋଞ୍ଜ ପଦକ ଜିତିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ବାଳିକା ଏଫ୍-୫୪ ବର୍ଗରେ ଅନନ୍ୟା ୪.୪୧ ମିଟର ଦୂରକୁ ଶଟ୍‌ପୁଟ୍ ଥ୍ରୋ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଅନ୍ୟତମ ଓଡ଼ିଶା ପ୍ରତିଯୋଗୀ ଜୟପ୍ରକାଶ ବାରିକ ୧୯ ବର୍ଷରୁ କମ୍ ଏଫ୍-୩୬ ବର୍ଗ ଜାଭେଲିନ୍ ଥ୍ରୋରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଜୟପ୍ରକାଶ ୩୦.୦୭ ମିଟର ଥ୍ରୋ କରି ତୃତୀୟ ସ୍ଥାନ ହାସଲ କରିଥିଲେ। ହରିୟାଣାର ହନେ ୬୧.୦୨ ମିଟର ସହ ସ୍ୱର୍ଣ୍ଣ ଓ ରାଜସ୍ଥାନର ଭୂପେଶ କୁମାର ୩୮.୯୬ ମିଟର ସହିତ ରୌପ୍ୟ ପଦକ ପାଇଛନ୍ତି। ଏଥର ଶଟ୍‌ପୁଟ୍‌ରେ ଏଫ୍ ୫୪, ୫୬ ଓ ୫୭ ବର୍ଗକୁ ନେଇ ପ୍ରତିଯୋଗିତା ଏକାଠି ହୋଇଥିଲା। ଫଳରେ ଏଫ୍-୫୭ ବର୍ଗରେ ହରିୟାଣାର ଜ୍ୟୋତି ୫.୭୨ ଏବଂ ଏଫ୍-୫୬ ବର୍ଗରେ ତାମିଲନାଡୁ ପ୍ରତିଯୋଗୀ ଗୋକିଲା କାଲିୟାପ୍ପାନ ୫.୭୨ ମିଟର ଥ୍ରୋ କରିଥିଲେ ହେଁ ରାଜା ପଏଣ୍ଟ ସ୍କୋର ସିଷ୍ଟମରେ ଅନନ୍ୟାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। କାରଣ ଅନ୍ୟ ଦୁଇ ବର୍ଗ ଅପେକ୍ଷା ଏଫ୍-୫୪ ପ୍ରତିଯୋଗୀ ଅଧିକ ସମସ୍ୟା ମଧ୍ୟରେ ରହିଥାନ୍ତି। ଜୟପ୍ରକାଶ ଦାସ ୧୭ ବର୍ଷରୁ କମ୍ ଶଟ୍‌ପୁଟ୍ ଏଫ୍-୩୬ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେ ୭.୧୬ ମିଟର ଥ୍ରୋ କରି ଏହି ସଫଳତା ପାଇଛନ୍ତି। ରାଜସ୍ଥାନର ବିଶନ ସିଂ ୭.୮୩ ଓ ଡୁଙ୍ଗର ରାମ ୭.୧୮ ମିଟର ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ।



ଅନନ୍ୟା ସ୍ୱାଇଁ



ଜୟପ୍ରକାଶ ବାରିକ



ଜଗମୋହନ ଦାସ

## ଲାୟନ୍ସ-ଟାଇଗର୍ସ ଫାଇନାଲ

**ଓଡ଼ିଶା କ୍ରିକେଟ ଲିଗ୍**

**ଭୁବନେଶ୍ୱର, ୧୬।୭ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ର ସେମିଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଦୁଇ ସେମିଫାଇନାଲ ଜିତି ଓଡ଼ିଶା ଲାୟନ୍ସ ଓ ଟାଇଗର୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ପରାଜିତ ଦୁଇ ସେମିଫାଇନାଲିଷ୍ଟ ଓଡ଼ିଶା ଚିତାସ ଓ ପାନ୍ଥର୍ସ ମଧ୍ୟରେ ତୃତୀୟ ସ୍ଥାନ ପାଇଁ ମ୍ୟାଚ ବୁଧବାର ଏବଂ ଗୁରୁବାର ଫାଇନାଲ ଅନୁଷ୍ଠିତ ହେବ।

ମଙ୍ଗଳବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ସେମିଫାଇନାଲରେ ଟାଇଗର୍ସ ଡକ୍‌ୱର୍ଥ ଲୁଇସ ପଦ୍ଧତି (ଡିଏଲ୍‌ଏସ୍)ରେ ୧୦ ଉଇକେଟରେ ପାନ୍ଥର୍ସକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପାନ୍ଥର୍ସ ୧୮ ଓଭରରେ ୮ ଉଇକେଟ ହରାଇ ୧୧୦ ରନ କରିଥିଲା। ଦଳ ପକ୍ଷରୁ ଶୁଭମ୍ ଶତ୍ରୁଜିତ ସର୍ବାଧିକ ୩୧ ଓ ରଘୁନାଥ ମଲ୍ଲ ୨୭ ରନ କରିଥିଲେ। ବିପକ୍ଷ ଦଳର ତାରିଣୀ ସ' ମାତ୍ର ୧୯ ରନ ବିନିମୟରେ ୩ ଉଇକେଟ ନେଇଥିଲେ। ସୁନୀଲ ରାଉଳଙ୍କୁ ୨ଟି ଉଇକେଟ ମିଳିଥିଲା। ଜବାବରେ ଟାଇଗର୍ସ ୪.୩ ଓଭରରେ କୌଣସି ଉଇକେଟ ନ ହରାଇ ୪୭ ରନ କରିଥିବାବେଳେ ବର୍ଷା ଯୋଗୁ ଆଉ ମ୍ୟାଚ ସମ୍ଭବ ହୋଇ ନ ଥିଲା। ସେତେବେଳେ ଗୌରବ ଚୌଧୁରୀ ୨୪ ଓ ଟୁକୁନା ସାହୁ ୨୦ ରନରେ ଅପରାଜିତ ରହିଥିଲେ। ଫଳରେ ଡିଏଲ୍‌ଏସ୍‌ରେ ଟାଇଗର୍ସଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ପ୍ରଭାବୀ ବୋଲିଂ ପାଇଁ ତାରିଣୀ ସ'ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଓସିଏ ସଦସ୍ୟ ଧୀରେନ ପଲେଇ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ପ୍ରଥମ ସେମିଫାଇନାଲରେ ମଧ୍ୟ ଓଡ଼ିଶା ଲାୟନ୍ସ ଡିଏଲ୍‌ଏସ୍‌ରେ ଓଡ଼ିଶା ଚିତାସକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା।



ତାରିଣୀ ସ' ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## 'ହକି ୱାନ୍' ଲିଗ୍‌ରେ ଖେଳିବେ ଶୀଳାନନ୍ଦ

**ଭୁବନେଶ୍ୱର, ୧୬।୭ (ତପନ ସ୍ୱାଇଁ)**

ଓଡ଼ିଶାର ପ୍ରଥମ ହକି ଖେଳାଳିଭାବେ ଶୀଳାନନ୍ଦ ଲାକ୍ରା ଅଷ୍ଟ୍ରେଲିଆର ପ୍ରମୁଖ ଘରୋଇ ହକି ଲିଗ୍ 'ହକି ୱାନ୍'ରେ ଖେଳିବେ। ଲିଗ୍‌ର ଚତୁର୍ଥ ସଂସ୍କରଣ ଆସନ୍ତା ଅକ୍ଟୋବରରେ ଅନୁଷ୍ଠିତ ହେବ। ଆସନ୍ତା ଲିଗ୍‌ରେ ଶୀଳାନନ୍ଦ ଏଚ୍‌ସି ମେଲବୋର୍ନ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ୨୦୧୮ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଶୀଳାନନ୍ଦ ଭାରତ ପକ୍ଷରୁ ୨୮ଟି ମ୍ୟାଚ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଏଚ୍‌ସି ମେଲବୋର୍ନ ଲାଇନ୍‌ଅପ୍‌ରେ ସେ ନିଜର ଅନ୍ତର୍ଜାତୀୟ ଅଭିଜ୍ଞତା ଭରିବେ। ହକି ୱାନ୍‌ର ଷ୍ଟ୍ରାଟେଜିକ୍ ପ୍ଲାନ୍ ଅନୁସାରେ ପ୍ରତି ଦଳରେ ଜଣେ ଅନ୍ତର୍ଜାତୀୟ ଖେଳାଳି ରହିପାରିବେ। ସେହି ଅନୁସାରେ ଶୀଳାନନ୍ଦଙ୍କ ସହ ଚୁକ୍ତି କରିଛି ଏଚ୍‌ସି ମେଲବୋର୍ନ। "ଆମ ଫରୱାର୍ଡ ଲାଇନ୍‌ରେ ଶୀଳାନନ୍ଦଙ୍କ ସମ୍ପୃକ୍ତି ଉତ୍ତମ ପଦକ୍ଷେପ। ତାଙ୍କ ଅଭିଜ୍ଞତା ଓ ଦକ୍ଷତା ଆମ ଦଳର ଶକ୍ତି ବୃଦ୍ଧି କରିଛି। ତାଙ୍କ ସହ ଚୁକ୍ତି ଫଳରେ ହକି ପରମ୍ପରାରେ ସମୃଦ୍ଧ ଭାରତ ଓ ଓଡ଼ିଶା ସହିତ ଆମର ପାର୍ଟନରଶିପ୍‌କୁ ମଧ୍ୟ ଦୃଢ଼ କରିଛି" ବୋଲି ହକି ଭିକ୍ଟୋରିଆ ସିଇଓ ଆଣ୍ଡ୍ରୁ ସ୍କିଲର୍ନ ପ୍ରକାଶ କରିଛନ୍ତି। ଆଗାମୀ ଲିଗ୍‌ରେ ଏଚ୍‌ସି ମେଲବୋର୍ନର ଅଭିଯାନ ଅକ୍ଟୋବର ୧୧ରେ ଆରମ୍ଭ ହେବ। ଏହାର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେବ ଆଡିଲେଡ ଫାୟାର। ମ୍ୟାଚଟି ଆଡିଲେଡ୍‌ରେ ଅନୁଷ୍ଠିତ ହେବ।

ହକି ୱାନ୍ ଲିଗ୍‌ର ପ୍ରଥମ ସଂସ୍କରଣ ୨୦୧୯ରେ ମେଲବୋର୍ନରେ ଅନୁଷ୍ଠିତ ହୋଇଥିଲା। ୭ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଏନ୍‌ଏସ୍‌ଡବ୍ଲ୍ୟୁ ପ୍ରାଇଡ୍ ଚାମ୍ପିୟନ ଓ ବ୍ରିସବେନ ବ୍ଲେଜ୍ ରନରଅପ୍ ହୋଇଥିଲା। ଟାଜି ଟାଇଗର୍ସ ତୃତୀୟ ଓ ଏଚ୍‌ସି ମେଲବୋର୍ନ ୪ର୍ଥ ସ୍ଥାନ ଅଧିକାର କରିଥିଲା। ୨୦୨୨ରେ ଅନୁଷ୍ଠିତ ଦ୍ୱିତୀୟ ସଂସ୍କରଣ ବେଣ୍ଡିଗୋରେ ଆୟୋଜିତ ହୋଇଥିଲା। ଏଥିରେ ଏନ୍‌ଏସ୍‌ଡବ୍ଲ୍ୟୁ ପ୍ରାଇଡ୍ ଟାଇଟଲ ବଜାୟ ରଖିଥିବାବେଳେ ପର୍ଥ ଥଣ୍ଡରଷ୍ଟିକ୍ସ ରନରଅପ୍, ବ୍ରିସବେନ୍ ବ୍ଲେଜ୍ ତୃତୀୟ ଓ କାନବେରା ଚିଲ ୪ର୍ଥ ହୋଇଥିଲା। କାନବେରାରେ ୨୦୨୩ରେ ଅନୁଷ୍ଠିତ ଗତ ସଂସ୍କରଣରେ ବ୍ରିସବେନ୍ ବ୍ଲେଜ୍ ନୂଆ ଚାମ୍ପିୟନ ହୋଇଥିବାବେଳେ ଏନ୍‌ଏସ୍‌ଡବ୍ଲ୍ୟୁ ପ୍ରାଇଡ୍‌କୁ ରନରଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏଚସି ମେଲବୋର୍ନ ତୃତୀୟ ଓ ଟାଜି ଟାଇଗର୍ସ ୪ର୍ଥ ସ୍ଥାନ ହାସଲ କରିଥିଲା।


ଶୀଳାନନ୍ଦ ଲାକ୍ରା

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପାପାଲି
ପରିବାରବର୍ଗ


ଜୀତ୍
ପରିବାରବର୍ଗ


ଅଲିଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜାଭେଲିନ୍ ଛାଡ଼ିଥାନ୍ତେ କିଶୋର

**ନୂଆଦିଲ୍ଲୀ,୧୬।୭(ପି.ଟି.)**

ଏସିଆନ୍ ଗେମ୍ସ ରୌପ୍ୟ ପଦକ ବିଜେତା କିଶୋର ଜେନା ୨୦୨୩ରେ ଜାଭେଲିନ୍ ଛାଡିବାକୁ ଚିନ୍ତା କରୁଥିଲେ ବୋଲି ଏକ ସାକ୍ଷାତକାରରେ କହିଛନ୍ତି। ନିରନ୍ତର ଖରାପ ପ୍ରଦର୍ଶନ କାରଣରୁ ସେ ଖେଳ ଛାଡିବାକୁ ଚିନ୍ତା କରୁଥିବା ବେଳେ ପିତାଙ୍କ ପରାମର୍ଶ ତାଙ୍କ ପାଇଁ ଉପଯୋଗୀ ହୋଇଥିଲା ବୋଲି କହିଛନ୍ତି କିଶୋର। ଚଳିତ ପ୍ୟାରିସ୍ ଅଲିମ୍ପିକ୍ସକୁ ଯିବା ପୂର୍ବରୁ ଜିଓ ସିନେମାର କାର୍ଯ୍ୟକ୍ରମ 'ଦ ଡ୍ରିମର୍ସ'ରେ କିଶୋର ଏଭଳି ବୟାନ ଦେଇଛନ୍ତି। ନୀରଜ ଚୋପ୍ରା ଯେତେବେଳେ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଏହା ତାଙ୍କୁ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥିଲା। ତେବେ ନିୟମିତ ଭାବରେ ବଡ ଥ୍ରୋ କରିବାରେ ସେ ବିଫଳ ହେଉଥିଲେ ବୋଲି କହିଛନ୍ତି କିଶୋର। ନୀରଜଙ୍କ ବିଜୟ ଦେଶ ପାଇଁ ମାଇଲଖୁଣ୍ଟ ଥିବା ବେଳେ ସମସ୍ତେ ଏହାକୁ ସେଲିବ୍ରେଟ୍ କରିଥିଲେ ମାତ୍ର ମୁଁ ବି ଜଣେ ଜାଭେଲିନ୍ ଥ୍ରୋୟର ଥିବାରୁ ସାମାନ୍ୟ ନିରାଶ ହୋଇଥିଲି। କ୍ରୀଡାରେ କିଛି ହାସଲର ସମୟ ଉପନୀତ ବୋଲି ମଧ ମୋତେ ଅନୁଭବ ହୋଇଥିଲା। ଜୁଲାଇ ୨୦୨୩ରେ କ୍ରୀଡା ଛାଡିବାକୁ ନିଷ୍ପତ୍ତି ନେଇଥିଲେ ମଧ ଲେବାନନ ନ୍ୟାଶନାଲ ଚାମ୍ପିୟନଶିପରେ ବିଜୟ ଆଗକୁ ବଢିବାକୁ ପ୍ରେରଣା ଦେଇଥିଲା। ଏହି ଚାମ୍ପିୟନଶିପରେ ୭୮ ମିଟର ଦୂରତା ହାସଲ କରିବା ନିରାଶ ହୋଇ ପିତାଙ୍କୁ କଲ୍ କରିଥିଲେ। ନିରାଶ ନହୋଇ ଶ୍ରୀଲଙ୍କାରେ ଅନୁଷ୍ଠିତ ପରବର୍ତ୍ତୀ ଟୁର୍ନାମେଣ୍ଟରେ ଭାଗ ନେବାକୁ ପିତା ପରାମର୍ଶ ଦେଇଥିଲେ।


କିଶୋର ଜେନା

ଲେବାନନରେ ୭୮.୯୬ ମିଟରର ଥ୍ରୋ ସହ କିଶୋର ବିଜୟୀ ହୋଇଥିଲେ। ତେବେ ଅଲିମ୍ପିକ୍ସ ଯୋଗ୍ୟତାର ଏହା ପାଖା ପାଖି ମଧ ନ ଥିଲା। ମାର୍ଚ୍ଚ ୨୦୨୩ରେ ଇଣ୍ଡିଆନ୍ ଗ୍ରାଁ ପ୍ରିରେ ପ୍ରଥମ ଥର ୮୧.୦୫ ମିଟର ଦୂରତା ଅତିକ୍ରମ କରିଥିଲେ। ଲେବାନନ ପ୍ରତିଯୋଗିତାର ମାତ୍ର ୯ ଦିନ ପରେ ଜୁଲାଇ ୩୦ ତାରିଖରେ କିଶୋର ଶ୍ରୀଲଙ୍କାର ଜାତୀୟ ଚାମ୍ପିୟନଶିପରେ ଅଂଶଗ୍ରହଣ କରିଥିଲେ। ଏଥିରେ ୮୪.୩୮ ମିଟରର ଥ୍ରୋ ସହ ସେ ବିଶ୍ୱ ଚାମ୍ପିୟନଶିପ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ବିଶ୍ୱ ଚାମ୍ପିୟନଶିପରେ ୮୪.୭୭ ମିଟରର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ସେ ପଞ୍ଚମ ସ୍ଥାନରେ ରହିଥିଲେ।

ପରେ ହାଙ୍ଗଝୋ ଏସିଆନ୍ ଗେମ୍ସରେ ୮୭.୫୪ ମିଟରର ଥ୍ରୋ ସହ ନୀରଜ ଚୋପ୍ରାଙ୍କ ପଛକୁ ରହି ସେ ରୌପ୍ୟ ପଦକ ହାସଲ କରିଥିଲେ। ଏହା ସହ ସେ ୮୫.୨୦ ମିଟରର ମାର୍କ ଅତିକ୍ରମ କରି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ୟାରିସ୍ ପାଇଁ କୌଣସି ଲକ୍ଷ୍ୟ ସେଟ୍ କରି ନ ଥିବା ବେଳେ ବ୍ୟକ୍ତିଗତ ପ୍ରଦର୍ଶନରେ ଉନ୍ନତି ଆଣିବା ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି କିଶୋର। ବିଶ୍ୱ ଚାମ୍ପିୟନଶିପ୍ ପରେ କିଶୋର ବର୍ତ୍ତମାନ ଫର୍ମ ପାଇଁ ସଂଘର୍ଷ କରୁଛନ୍ତି। ୬ ଇଭେଣ୍ଟରେ ମାତ୍ର ଥରେ ସେ ୮୦ ମିଟର ମାର୍କ ଅତିକ୍ରମ କରି ପାରିଛନ୍ତି। ପଞ୍ଚକୁଲାରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଚାମ୍ପିୟନଶିପରେ ସେ ୮୦.୮୪ ମିଟରର ଥ୍ରୋ କରି ବ୍ରୋଞ୍ଜ ପଦକ ଜିତିଥିଲେ।

**BIRTHDAY WISH**




**JEET**

**When I look at you, I see a dream realized. You're everything I hoped for in a son and I hope that I'm everything you wish for in a parent. Happy Birthday Jayjeet (Jeet), to my heartbeat outside my body. Best Wishes From- Papa, Mama, Chachu, Chachi, Juhi, Chintu, Pinu, Rishi, Mausa, Mausi, Maa, Aae.**

ଧ-୭୫୯

# ସିନ୍ ନଦୀର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ

**ପ୍ୟାରିସ୍,୧୬।୭(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସକୁ ଆଉ ମାତ୍ର ୨ ସପ୍ତାହ ବାକି ରହିଛି। ପ୍ୟାରିସ୍ ୨୦୨୪ରେ ପ୍ରଥମ ଥର ପାଇଁ ଅଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହ କୌଣସି ଗ୍ରାଉଣ୍ଡ ବଦଳରେ ସିନ୍ ନଦୀରେ ଅନୁଷ୍ଠିତ ହେବାକୁ ଯାଉଛି। ଏପରି କି ଏହି ନଦୀରେ ସନ୍ତରଣର ଟ୍ରାୟାଥ୍ଲନ ଓ ମାରାଥନ ଇଭେଣ୍ଟ ମଧ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଏହା ପୂର୍ବରୁ ଏହି ନଦୀର ସ୍ୱଚ୍ଛତା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଲାଣି। ସିନ୍ ନଦୀରେ ସନ୍ତରଣ ଉପରେ ବିଗତ ଶହେ ବର୍ଷ ହେଲାଣି ବ୍ୟାନ୍ ଲାଗିଛି। ଏହାର ପ୍ରଦୂଷିତ ଜଳ କାରଣରୁ ହିଁ ସରକାର ଏଭଳି ନିଷ୍ପତ୍ତି ନେଇଥିଲେ। ଏହାର ଜଳ ମଣିଷ ଶରୀର ପାଇଁ କ୍ଷତିକାରକ ବୋଲି ମଧ ରିପୋର୍ଟ ଆସିଥିଲା। ଏପରି ସ୍ଥିତିରେ ଜୁଲାଇ ୨୬ରୁ ଅଗଷ୍ଟ ୧୧ ମଧ୍ୟରେ ଏହାକୁ କିପରି ବ୍ୟବହାର କରାଯିବ ତାହାକୁ ନେଇ ଆଶଙ୍କା ଉପୁଜିଛି। ଏହି ନଦୀକୁ ସଫା କରିବା ପାଇଁ ଫ୍ରାନ୍ସ ସରକାର ୧.୫ ବିଲିୟନ ଡଲାର ଅର୍ଥ ମଧ ବ୍ୟୟ କରି ସାରିଲେଣି। ବର୍ଷା ସମୟରେ ନଦୀ ମଧ୍ୟକୁ ପ୍ରବେଶ କରୁଥିବା ଜଳ ସ୍ରୋତକୁ ଅଟକାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହି ଜଳରେ ବିଭିନ୍ନ ପ୍ରଜାତିର ବ୍ୟାକ୍ଟେରିଆ ଓ ବର୍ଜ୍ୟବସ୍ତୁ ରହିଥାଏ,ଯାହା ସନ୍ତରଣ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ । ମେ' ୨୦୨୪ରେ ଏହି ସମସ୍ୟାର ସମାଧାନ ପାଇଁ ଏକ ଭୂତଳ ଜଳଭଣ୍ଡାର ନିର୍ମାଣ କରାଯାଇଥିଲା। ୨୦ ଅଲିମ୍ପିକ୍ ପୁଲ୍‌ରେ ରହିବା ଜଳ ଏଥିରେ ସଂଗୃହୀତ ହୋଇପାରିବ। ବର୍ଷା ସମୟରେ ପ୍ରବାହିତ ଅତିରିକ୍ତ ଜଳକୁ ଏଥିରେ ସଂଗ୍ରହ କରି ପରେ ଏହାକୁ ଟ୍ରିଟ୍‌ମେଣ୍ଟର ଯୋଜନା ରହିଥିଲା।

ତେବେ ଅଧିକ ବର୍ଷା କାରଣରୁ ଏହି ଯୋଜନା ଫଳପ୍ରଦ ହୋଇପାରୁନାହିଁ। ପ୍ୟାରିସ୍ ଏକ ପୁରାତନ ସହର ହୋଇଥିବା ବେଳେ ଏହାର ଡ୍ରେନେଜ୍ ବ୍ୟବସ୍ଥା ସମୟ ସହ ଅପଗ୍ରେଡ୍ ହୋଇ ପାରିନାହିଁ। ଅଧିକ ବର୍ଷା ହେଲେ ନାଳ ପୂର୍ଣ୍ଣ ହୋଇ ପାଣି ଉପରେ ପ୍ରବାହିତ ହୋଇଥାଏ। ଫଳରେ ଭୂତଳ ଜଳ ଭଣ୍ଡାରରେ ସଞ୍ଚିତ ହେବା ପରିବର୍ତ୍ତେ ଅଳିଆ ପାଣି ସିଧାସଳଖ ନଦୀରେ ମିଶିଥାଏ। ଏହା ଦ୍ୱାରା ଏହି ପାଣିରେ ଇ. କୋଲି ବ୍ୟାକ୍ଟେରିଆ ଦେଖିବାକୁ ମିଳିଥାଏ। ଇ.କୋଲି ବ୍ୟାକ୍ଟେରିଆ ଉପସ୍ଥିତି କାରଣରୁ ବିଶ୍ୱ ଟ୍ରାୟାଥ୍ଲନ ଫେଡେରେଶନ ଏଠାରେ ଇଭେଣ୍ଟ ଆୟୋଜନ ନ କରିବା ପାଇଁ ମଧ ଘୋଷଣା କରିଛି। ନିରନ୍ତର ଭାବରେ ସିନ୍ ନଦୀର ଜଳ ପରୀକ୍ଷଣ ହେଉଛି। ଏହାର ଜଳର ମାନରେ ଉନ୍ନତି ଆସିଥିଲେ ମଧ ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ। ତେବେ ସୂର୍ଯ୍ୟ କିରଣର ଅତି ବାଇଗଣୀ ରଶ୍ମି(ଅଲଟ୍ରା ଭାୟୋଲେଟ୍‌ରେ)ରେ ଏହି ବ୍ୟାକ୍ଟେରିଆ ନାଶ ହୋଇଥାଏ। ତେଣୁ ପାଗ ଅନୁକୂଳ ରହିଲେ ଏହି ସିନ୍ ନଦୀ ଇ. କୋଲି ବ୍ୟାକ୍ଟେରିଆ ମୁକ୍ତ ହୋଇପାରିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି। ତେବେ ଅଲିମ୍ପିକ୍ସ ଗେମ୍ସ ମଧ୍ୟରେ ଯଦି ବର୍ଷା ହୁଏ ତେବେ ଟ୍ରାୟାଥ୍ଲନ ଇଭେଣ୍ଟକୁ ବାତିଲ କରାଯିବ ଓ ମାରାଥନ ଇଭେଣ୍ଟ ସନ୍ତରଣକୁ ଗ୍ରେଟର ପ୍ୟାରିସ୍ ସ୍ଥିତ ସରମାରନେ ନଟିକାଲ ଷ୍ଟାଡିୟମକୁ ସ୍ଥାନାନ୍ତର କରାଯିବ।




**ପ୍ୟାରିସ୍ ଅଲିମ୍ପିକ୍ସ**
PARIS 2024
**ଆଉ ୯ ଦିନ**

## ମା' ମାନଙ୍କ ପାଇଁ ଆଇଓସିର ଅଭିନବ ବ୍ୟବସ୍ଥା

**ଲୁସାନ୍,୧୬।୭(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରଥମ ଥର ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓସି) ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ମାତୃତ୍ୱ ଲାଭ କରିଥିବା ଆଥ୍‌ଲେଟମାନଙ୍କ ପାଇଁ ଅଲିମ୍ପିକ୍ସ ଭିଲେଜରେ ଏକ ନର୍ସରି ନିର୍ମାଣ କରାଯାଇଛି। ନୂତନ ଭାବରେ ମାତୃତ୍ୱ ପରେ ପ୍ରତ୍ୟାବର୍ତ୍ତନ କରୁଥିବା ଆଥ୍‌ଲେଟମାନଙ୍କ ପାଇଁ ଏହି ବ୍ୟବସ୍ଥା ଆପଣା ଯାଇଛି। ପାରମ୍ପରିକ ଭାବେ ଗେମ୍ସ ଭିଲେଜକୁ ଆଥ୍‌ଲେଟଙ୍କ ଶିଶୁଙ୍କ ପ୍ରବେଶ ଉପରେ କଟକଣା ରହିଥିଲା। ତେବେ ଫିଫା ମହିଳା ବିଶ୍ୱକପ୍‌କୁ ଉଦାହରଣ ଭାବରେ ଗ୍ରହଣ କରି ଆଇଓସି ଏହି ପଦକ୍ଷେପ ନେଇଛି। ଏହି ନର୍ସରିରେ ଆଥ୍‌ଲେଟମାନେ ନିଜ ଶିଶୁଙ୍କ ସହ ସମୟ ବିତାଇ ପାରିବେ। ସେହିପରି ସ୍ତନ୍ୟପାନ କରାଇବା ପାଇଁ ମଧ ବ୍ୟବସ୍ଥା ରହିଛି। ଏହା ସଦ୍ୟ ମାତୃତ୍ୱ ଲାଭ କରିଥିବା ଆଥ୍‌ଲେଟଙ୍କ ପ୍ରତ୍ୟାବର୍ତ୍ତନରେ ସହାୟକ ହେବ ବୋଲି ଆଇଓସି ପକ୍ଷରୁ କୁହାଯାଇଛି।

**Classified Everyday**
**0674-2580101, 2549949**


MATRIMONIAL

**BRIDE WANTED**

M.Tech ଶିକ୍ଷା ଥିବା ଇଞ୍ଜିନିୟର ଅନ୍ତଃରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚ ବେତନ ପାଉଥିବା 29 ବର୍ଷୀୟ 5'8" ଗୌରବର୍ଣ୍ଣ ବରପାତ୍ର ପାଇଁ ଉପଯୁକ୍ତା, ଶିକ୍ଷିତା, ସୁନ୍ଦରୀ ବଙ୍ଗୀୟ କାୟସ୍ଥ/ କରଣ/ଖଣ୍ଡାୟତ ଘରୋଇ କନ୍ୟାପାତ୍ରୀ ଆବଶ୍ୟକ। ଯୋଗାଯୋଗ ନଂ.- 9078024981, 9658672800. D-754

**GROOM WANTED**

Wanted Govt. Employee groom for 40years SC bride (Govt. Employee). Contact - 8249993227. D-75341


REAL ESTATE
SALE

Apartment sale near Sum Hospital, Malipada, Bhubaneswar sqft.- 4200/-, Contact- 9777433701. D-75975

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226.** D-756

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-679

"Luxurious duplex just @ 110 lakh SALE/Booking opens, visit today our demo duplex, Balakatti, Uttara, BBSR. For details ask/WhatsApp- 9438677819". D-713

**1BHK ready to move in flats available in Hi-Tech Brundaban Project near Bata-mangala Temple, Puri Town. 9348871895, 9937787418.** D-753

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.-3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CONSTRUCTION

**Construct your dream home @460/-, 850/-, 1325/- with branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-680




**Relax, Refresh your body, Mind at Saikrupa Spa with best therapies. 8984068077.** D-678

Fully relaxed body massage trained therapist. Central SPA. 9556483961. D-75759

Newly open health benefits SPA special Offer @ 999 Bapujinagar. 8018429809. D-76134

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75760

**Full body massage experience, good looking therapist @ 999 (Bhubaneswar). 9078484455.** D-676

Relax refreshment body massage therapy by experience lady therapist. 7008773793. D-76133

**AFFIDAVIT**



By virtue of an affidavit sworn before the Executive Magistrate, Kotpad, Dist.- Koraput (Odisha), I, Shami Phula @ Santi Bai, W/o- Late Kantio Phulo of Vill- Karlahandi, P.S./ Tahasil- Kotpad hereby changed my name as *Santi Bai*. From today onwards I will be known as *Santi Bai* in all purposes. D-760

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

I, Puspanjali Nath @ Sabitri Nath, W/o- Sudhakar Nath, Vill-Kamalpur, P.O.- Tentulidihi, P.S.- Chandbali, Bhadrak, Odisha, I have an LIC Policy bearing No.- 597936794 where in my name mentioned PUSPANJALI NATH but other document my name mention as SABITRI NATH vide affidavit No.- 450, dtd. 30.01.2023 before Executive Magistrate, Chandbali, Bhadrak. In future I will be known as SABITRI NATH for all purpose. D-758

I, Ranjan Giri, S/o-Atul Chandra Giri, resident of At- Suniti, Suniti (Bena-kandha), Post-Suniti, P.S.-Tantiapala marine, Dist.-Kendrapara, Pin- 754224, Odisha declare by this affidavit No.-1081 dtd.-06.07.2024 that now onwards I shall be known as Ranjan Kumar Giri for all future purposes. D-757

ଧରିତ୍ରୀ DHARITRI
**Scan & Pay**
BHIM UPI
classifieddharitri@gmail.com

**ମନେ ପଡ଼ନ୍ତି**

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**√Mrunal Kanta Swain (Titu)**
Hotel Miland Palace (Director)
(ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର)
ଆବିର୍ଭାବ: ୧୯/୧୦/୧୯୫୭ (ରମା ଏକାଦଶୀ)
ତିରୋଧାନ: ୧୫/୦୭/୨୦୧୬ (ସୁନାବେଶ, ଏକାଦଶୀ)

ବାପା ଆଉ ମାଆ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ଜଣେ ଦେହ ହେଲେ ଜଣେ ଛାଇ। ମାଆଙ୍କ ବିନା ଘର ଅନ୍ଧାର, ଆଉ ବାପାଙ୍କ ବିନା ଦୁନିଆ ଅନ୍ଧାର। ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ।

ଶୋକସନ୍ତପ୍ତ : ପତ୍ନୀ-ଜଳି, ପୁଅ-ଆତିଥ୍ୟ, ଲିସା-ବିବେକ, ଟିସା-ତରୁଣ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୫୫୧

**Shradhanjali**



SOYUZ
May your soul rest in eternal peace. BABA
P.N. SETHI
ଧ-୭୫୨

## କୋଭିଡ୍ ପାଇଁ ଓହରିଲେ କ୍ରିସ୍ ହାର୍ପର

**ଲୁଇସାନ (ଫ୍ରାନ୍ସ), ୧୬।୭ (ଏପି):** କୋଭିଡ୍ ଲକ୍ଷଣ ପ୍ରକାଶ ପାଇବା ପରେ ଅଷ୍ଟ୍ରେଲୀୟ ସାଇକ୍ଲିଷ୍ଟ କ୍ରିସ୍ ହାର୍ପର ମଙ୍ଗଳବାର ୧୬ତମ ଷ୍ଟେଜ୍ ପୂର୍ବରୁ ଟୁର୍ ଡି' ଫ୍ରାନ୍ସରୁ ଓହରିଯାଇଛନ୍ତି। ଘରକୁ ଫେରିଯିବା ସହ ଆବଶ୍ୟକୀୟ ଚିକିତ୍ସା କରାଇ ନେବା ଲାଗି ମେଡିକାଲ ଟିମ୍ ତାଙ୍କୁ ପରାମର୍ଶ ଦେଇଛି। କରୋନା ଭାଇରସରେ ସଂକ୍ରମିତ ହେବାପରେ ୩ସପ୍ତାହ ଧରି ଅନୁଷ୍ଠିତ ହେଉଥିବା ଏହି ରେସ୍‌ରୁ ଓହରିଯିବା ଏହା ହେଉଛି ସଦ୍ୟତମ ଘଟଣା। ପୂର୍ବରୁ ରେସ୍ ଲିଡା ଟାଡେଜ ପୋଗାକାରଙ୍କ ଜଣେ ଟିମ୍‌ମେଟ୍ ଜୁଆନ ଆୟୁସୋ ଏବଂ ଟମ୍ ପିଡକକ୍ ଓ ମାକ୍ସିମ ଭାନ୍ ଗିଲ୍ସ କରୋନା ପଜିଟିଭ ପରେ ରେସ୍ ଅଧାରୁ ଓହରିଯାଇ ସାରିଛନ୍ତି। ସଂକ୍ରମଣକୁ ରୋକିବା ଲାଗି ଟୁର୍ ଡି ଫ୍ରାନ୍ସ ଆୟୋଜକଗଣ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ରେସ୍ ବେଳେ ଯେଉଁ ଟିମ୍ ଷ୍ଟାଫ୍ ଓ ରାଇଡରମାନେ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନଙ୍କୁ ମାସ୍କ ବ୍ୟବହାର ବାଧତାମୂଳକ କରାଯାଇଛି।

## ଇଂଲଣ୍ଡ ମ୍ୟାନେଜର ପଦବୀରୁ ଓହରିଲେ ସାଉଥଗେଟ୍

**ଲଣ୍ଡନ, ୧୬।୭ (ଏପି):** ଇଂଲଣ୍ଡ ମ୍ୟାନେଜର ଗାରେଥ୍ ସାଉଥ୍‌ଗେଟ୍ ଇଂଲଣ୍ଡ ମ୍ୟାନେଜର ପଦବୀରୁ ଓହରିଯାଇଥିବା ମଙ୍ଗଳବାର ଘୋଷଣା କରିଛନ୍ତି। ପରିବର୍ତ୍ତନର ସମୟ ଆସିଛି ବୋଲି ସେ କହିଛନ୍ତି। ଗାରେଥଙ୍କ ୮ବର୍ଷର କାର୍ଯ୍ୟକାଳ ସମୟରେ ଇଂଲଣ୍ଡ ୪ ଟୁର୍ନାମେଣ୍ଟ ଓ ଦୁଇଟି ଫାଇନାଲ ଖେଳିଛି। ରବିବାର ୟୁରୋପିଆନ ଚାମ୍ପିୟନଶିପ୍ ଫାଇନାଲରେ ସ୍ପେନ ଠାରୁ ୨-୧ରେ ପରାଜୟ ଜାତୀୟ ଦଳ ଦାୟିତ୍ୱରେ ଥିବାବେଳେ ତାଙ୍କର ଏହା ହେଉଛି ଅନ୍ତିମ ଗେମ୍। ସାଉଥଗେଟ୍ କହିଛନ୍ତି, ଇଂଲଣ୍ଡ ତରଫରୁ ଖେଳିବା ଏବଂ ଦଳର ମ୍ୟାନେଜର ଦାୟିତ୍ୱ ନିର୍ବାହ କରିସବା ତାଙ୍କ ପାଇଁ ଏକ ଗୌରବର ବିଷୟ। ସେ ତାଙ୍କ ଫୁଟବଲ କ୍ୟାରିୟରରେ ଯେଉଁସବୁ ଅଭିଜ୍ଞତା ଓ ଜ୍ଞାନ ଆହରଣ କରିଛନ୍ତି ସେ ସବୁକୁ ସେ ଦଳ ପାଇଁ ବ୍ୟବହାର କରିଛନ୍ତି। ସାଉଥଗେଟ୍‌ଙ୍କ କାର୍ଯ୍ୟକାଳ ଚଳିତବର୍ଷ ଶେଷ ହେବାର ଥିଲା। ମ୍ୟାନେଜର ଭାବେ ତାଙ୍କର ଭବିଷ୍ୟତ ଅନିଶ୍ଚିତ ଥିବା ସେ ଜାଣିବାକୁ ପାଇବା ପରେ ପଦ ତ୍ୟାଗ କରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି।

# ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ


ଡା. ବୀରକିଶୋର ପରିଡ଼ା

କଥାରେ ଅଛି 'ତୀରଣ ସୁନ୍ଦର ଗୋରୁ'। ଅର୍ଥାତ୍ ଗୋରୁଙ୍କର ମୁଖ୍ୟ ଖାଦ୍ୟ ହେଲା ଘାସ। ଘାସ ଖାଇଲେ ଗୋରୁଙ୍କର ସ୍ୱାସ୍ଥ୍ୟ ଭଲ ରୁହେ। ଦୁହାଁଳିଆ ଗାଈ ଘାସ ଖାଇଲେ ବେଶି ଦୁଗ୍ଧ ଦିଅନ୍ତି। ଗର୍ଭିଣୀ ଗାଈ ବା ଛଡ଼ାର ସ୍ୱାସ୍ଥ୍ୟ ଠିକ୍ ରହିବା ସହ ତା'ର ଶରୀରରେ ବଢୁଥିବା ଭ୍ରୂଣ ବା ଛୁଆର ସ୍ୱାସ୍ଥ୍ୟ ରକ୍ଷା ଠିକ୍ ରହିଥାଏ। ଏଥିସହ ଗାଈ, ଛଡ଼ା, ମଇଁଷି, ଷଣ୍ଢ ଆଦି ପ୍ରାଣୀଙ୍କ ପ୍ରଜନନ ଦକ୍ଷତା ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ସବୁଜ ଘାସରେ ଅଧିକ ପୁଷ୍ଟିକରଯୁକ୍ତ ଖାଦ୍ୟସାର ରହିବା ସହ ଶ୍ୱେତସାର ଓ ଭିଟାମିନ୍ 'କ' ପ୍ରସ୍ତୁତକାରୀ ବିଟା- କାରୋଟିନ୍, ଧାତବ ଲବଣ ଯଥା:- କ୍ୟାଲସିୟମ, ଫସ୍‌ଫରସ୍, ମ୍ୟାଗ୍ନେସିଅମ୍, ଲୌହ, କପର, କୋବାଲ୍ଟ ଆଦି ନିହିତ ଥାଏ, ଯାହାକି ପ୍ରାଣୀଙ୍କ ଶରୀରର ଗଠନ, ଉତ୍ପାଦନ ଓ ଉତ୍ପାଦକତା ଶକ୍ତି ବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇଥାଏ। ସବୁଜ ଘାସରେ ଥିବା ରସ ବା ଜୈବିକ ପଦାର୍ଥରେ ରୋଗ ପ୍ରତିରୋଧକ ଶକ୍ତି ନିହିତ ଥିବା ଯୋଗୁ ପ୍ରାଣୀଙ୍କୁ ବିଭିନ୍ନ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରେ। ଖାଲି ସେତିକି ନୁହେଁ - ଗୋପାଳକମାନେ ସେମାନେ ପାଳିଥିବା ଉନ୍ନତ ଗାଈଙ୍କୁ ସବୁଜ ଖାଦ୍ୟ ଫସଲ ଖାଇବାକୁ ଦେବା ଦ୍ୱାରା ଗୋପାଳନରେ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ କମିଯିବା ଯୋଗୁ ଅଧିକ ଲାଭବାନ୍ ହୋଇଥାନ୍ତି। ସବୁଜ ଗୋଖାଦ୍ୟ ଫସଲ କହିଲେ ଅନ୍ୟାନ୍ୟ ଫସଲ ଯଥା - ଧାନ, ମୁଗ, ବିରି, ହରଡ଼, ଗହମ ଇତ୍ୟାଦି ଫସଲ ଭଳି ସ୍ୱତନ୍ତ୍ର ପ୍ରଣାଳୀରେ ଘାସ ଚାଷକୁ ହିଁ ବୁଝାଇଥାଏ। ବିଲବାଡ଼ି, ଦଣ୍ଡା, ଗୋଚରରେ ବଢୁଥିବା ଘାସଠାରୁ ଏସବୁ ସ୍ୱତନ୍ତ୍ର କିସମର ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ ସମ୍ପୂର୍ଣ୍ଣ ଭିନ୍ନ। ଏପରି ଘାସ ପତ୍ର ବହୁଳ, ରସାଳଯୁକ୍ତ, ସୁସ୍ୱାଦୁ ଓ ବିଭିନ୍ନ ଖାଦ୍ୟସାରରେ ଭରପୂର ଥିବାରୁ ଏହା କମ୍ ତନ୍ତୁଯୁକ୍ତ ଥିବାରୁ ଗୋରୁ ଆଗ୍ରହର ସହିତ ଖାଇଥାନ୍ତି ଏବଂ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରୁହେ।

ଆମ ଚାଷୀଭାଇମାନେ ପାରମ୍ପରିକ ରୀତିରେ ଖାଦ୍ୟ ମନୁଷ୍ୟ ଉପଯୋଗୀ ଫସଲ ଚାଷ କରିବା ସହ ଆମଦାନୀ ବୃଦ୍ଧି ନିମନ୍ତେ ବିଭିନ୍ନ ରାସାୟନିକ ସାର ଓ କୀଟନାଶକର ବହୁଳ ବିନିଯୋଗ ଯୋଗୁ ପରିବେଶରେ କୁପ୍ରଭାବ ପକାଇବା ସହିତ ଆମ ଶରୀରରେ ନାନା ପ୍ରକାର ରୋଗ ସୃଷ୍ଟି କରିଥାଏ। କିନ୍ତୁ ସବୁଜ ଗୋଖାଦ୍ୟ ଉତ୍ପାଦନ ନିମନ୍ତେ ସ୍ୱଳ୍ପ ପରିମାଣର ସାରର ଆବଶ୍ୟକତା ବା ଅନାବଶ୍ୟକତା ଥିବା ବେଳେ କୀଟନାଶକ ପଦାର୍ଥର ବ୍ୟବହାର ଆଦୌ କରାଯାଏ ନାହିଁ। ବ୍ୟୟବହୁଳ ଚାଷ କରି ଆମ ଚାଷୀଭାଇମାନେ ୧ ଏକର ଜମିରୁ ଆଶାନୁରୂପ ଆୟ ପାଇବା ପାଇଁ ପାଣିପାଗ ଉପରେ ନିର୍ଭର କରୁଥିବା ବେଳେ ଉପଯୁକ୍ତ ଭାବରେ ୧ ଏକର ଜମିରେ ଉନ୍ନତ କିସମର ସବୁଜ ଗୋଖାଦ୍ୟ ଚାଷକରି ୪୦୦ ରୁ ୫୦୦ କୁଇଣ୍ଟାଲ ସବୁଜ ଗୋଖାଦ୍ୟ ଫସଲ ଉତ୍ପାଦନ କରିପାରିଲେ ୪ ରୁ ୫ଗୋଟି ସଙ୍କର ଗାଈ ପାଳନକରି ଦୈନିକ ୪୦ ରୁ ୫୦ ଲିଟର ଦୁଗ୍ଧ ଉତ୍ପାଦନ କରିପାରିବା। ଏହି ସବୁଜ ଗୋଖାଦ୍ୟ ଖୁଆଇବା ଦ୍ୱାରା ଗୋଟିଏ ଗାଈ ପ୍ରତି ୨ କି.ଗ୍ରା. ପର୍ଯ୍ୟନ୍ତ ଦାନାଜାତୀୟ ଗୋଖାଦ୍ୟ ସଞ୍ଚୟ କରାଯାଇପାରିବ। ଏତଦ୍ ବ୍ୟତୀତ ଗାଈଙ୍କୁ ଦୈନିକ ୨୫-୩୦ କି.ଗ୍ରା. ଘାସ ଖାଇବାକୁ ଦେବା ଫଳରେ ଦୈନିକ ୫ଲିଟର ଅଧିକ ଦୁଗ୍ଧ ପାଇବା ସହ ଗାଈଗୁଡ଼ିକର ସ୍ୱାସ୍ଥ୍ୟରକ୍ଷା ପାଇଁ ବ୍ୟୟ ହ୍ରାସ ଘଟିପାରିବ। ୪ରୁ ୫ଗୋଟି ଗାଈ ପାଳନକରି ଗୋଟିଏ ଗୋବର ଗ୍ୟାସ୍ ପ୍ଲାଣ୍ଟ ବସାଇ ସେଥିରୁ ମାସିକ ଜାଳେଣି ଖର୍ଚ୍ଚ ମିଳିପାରିବ ଏବଂ ଗୋବର ଖତକୁ ସାରର ବିକଳ୍ପ ଭାବେ ବିନିଯୋଗ କଲେ କ୍ଷେତରେ ସାର ପ୍ରୟୋଗ ଯଥେଷ୍ଟ ହ୍ରାସ ପାଇପାରିବ।



ଚଳିତବର୍ଷ ପାଣିପାଗ ବିଶେଷଜ୍ଞଙ୍କ ମତାମତ ଅନୁଯାୟୀ, ମୌସୁମୀ ବର୍ଷା ଠିକ୍ ସମୟରେ ଆରମ୍ଭ ହୋଇଛି। ତେଣୁ ଜୁନ୍ ଓ ଜୁଲାଇ ମାସ ମଧ୍ୟରେ ଗୋପାଳକମାନେ ବର୍ଷବ୍ୟାପୀ ବା ସବୁଦିନିଆ ଗୋଖାଦ୍ୟ ଫସଲ ଅନ୍ୟାନ୍ୟ ଫସଲ ଭଳି ଚାଷକରି ଗାଈଙ୍କୁ ଖାଇବାକୁ ଦେଲେ ଗୋପାଳନ ନିଶ୍ଚୟ ଏକ ଲାଭଜନକ ଉଦ୍ୟୋଗ ଭାବେ ପରିଗଣିତ ହେବ ଏଥିରେ ସନ୍ଦେହ ନାହିଁ। ଏହି ବର୍ଷବ୍ୟାପୀ ସବୁଦିନିଆ ଫସଲ ଚାଷକଲେ ବର୍ଷ ବର୍ଷ ଧରି ଅମଳ ମିଳିଥାଏ। ସବୁଦିନିଆ ଫସଲ ମଧ୍ୟରେ ବିଭିନ୍ନ କିସମର ଶସ୍ୟଜାତୀୟ ଫସଲ ହେଲା- ସଙ୍କର ହାତିଆ ଘାସ, ଗିନି ଘାସ, ପାରା ଘାସ, ନନ୍ଦି ଘାସ (ସେଟାରିଆ) ରୋଡସ୍, ସିଗ୍‌ନାଲ, କଙ୍ଗୋ ସିଗ୍‌ନାଲ, ମୋଲାସେସ୍, ହିମିଡ଼ିକୋଲା ଇତ୍ୟାଦି। ସେହିପରି ବର୍ଷବ୍ୟାପୀ ଛୁଇଁଜାତୀୟ ସବୁଜ ଗୋଖାଦ୍ୟ ଫସଲ ହେଲା - ଷ୍ଟାଇଲୋ, ସେଣ୍ଟ୍ରୋ, ସିରୋଟ୍ରୋ ଇତ୍ୟାଦି। ଏସବୁ କିସମର ଘାସ ଜମିରେ ଥରେ ଲଗାଇଲେ, ୪-୫ବର୍ଷ ପର୍ଯ୍ୟନ୍ତ ଅମଳ ଦେଇଥାଏ। ଏତଦ୍ ବ୍ୟତୀତ, ସବୁଜ ଗୋଖାଦ୍ୟ ପାଇଁ ବିଭିନ୍ନ ଝଙ୍କାଳିଆ ପତ୍ର ବହୁଳ ଗଛ ଯଥା : ସୁବାବୁଲ (କେଳି କଦମ୍ବ), ବବୁଲ, ଶିରିଶ, କାଞ୍ଚନ, ଅର୍ଜୁନ, ଅଗସ୍ତି ଆଦି ବିଲହିଡ଼, ବାଡ଼, ଫାର୍ମ ଚାରିପଟରେ ଲଗାଇ ଦେଲେ ପତ୍ର ଓ କଅଁଳିଆ ଡାଳକୁ ବର୍ଷର ତିରୋଟ ସମୟରେ ଗୋରୁ, ମଇଁଷି, ଛେଳି ଓ ମେଣ୍ଢାମାନଙ୍କ ଖାଦ୍ୟରୂପେ ବ୍ୟବହାର କରାଯାଇପାରିବ।

**ମୃତ୍ତିକା ଓ ଜଳବାୟୁ :** ସଙ୍କର ହାତିଆ ଘାସ (ଏନ୍‌ବି-୨୧, ସିଓ-୧, ସିଓ-୩, ସିଓ-୪) ହେଉଛି ଅଧିକ ଅମଳକ୍ଷମ ମଧ୍ୟରେ ଏହା ସର୍ବପ୍ରଥମ ଏବଂ ଏହା ବ୍ୟବସାୟିକଭିତ୍ତିକ ସବୁଜ ଗୋଖାଦ୍ୟ ଫସଲ ଭାବେ ଗ୍ରହଣ କରାଯାଏ। ଉଚ୍ଚା, ନିଗିଡ଼ା, ବାଲିଆ, ଦୋରସା ମାଟିରେ ହାତିଆ ଘାସ ଓ ଗିନି ଘାସ ବେଶ୍ ଭଲ ହୁଏ। ପାଣି ଜମୁଥିବା ବା ଓଦା ସନ୍ତସନ୍ତିଆ ଜମିରେ ପାରାଘାସ ବେଶ୍ ଉପଯୋଗୀ। ଲୁଣା ମାଟିରେ ରୋଡସ୍ ଘାସ ଫସଲ କରିବା ଉଚିତ। ଜଳଛାୟା ଅଞ୍ଚଳରେ ଷ୍ଟାଇଲୋ ଘାସ ଭଲ ହୁଏ। ଗଛ ଛାଇ ଜାଗାରେ ଗିନିଚାଷ ମଧ୍ୟ କରାଯାଇପାରିବ। ବବୁଲ ଓ ଶିରିଶ ଗଛ ମରୁଡ଼ି ସହନଶୀଳ ଏବଂ ଉଭୟ ଅମ୍ଳ ଓ କ୍ଷାରୀୟ ମୃତ୍ତିକାରେ ଭଲ ବଢ଼ିପାରେ। ନିଗିଡ଼ା ଓ ଦୋରସା ମାଟିରେ ଶିଶୁଗଛ ଭଲ ବଢ଼େ। ମରୁଡ଼ି ସହନଶୀଳ ଘାସ ହିମିଡ଼ିକୋଲା କମ୍ ବୃଷ୍ଟିରେ ବଢ଼ିପାରେ। ହିମିଡ଼ିକାଲ ଓ ପାରା ଘାସ ଏକ ଜାତୀୟ ଓ ପ୍ରାୟ ଦେଖିବାକୁ ଏକା ପରି।

**ଚାଷ ପ୍ରଣାଳୀ :** ହାତିଆ ଓ ଗିନି ଘାସ ଫସଲ ଚାଷ ପାଇଁ ପ୍ରଥମେ ୩/୪ ଓଡ଼ ଗଭୀର ଚାଷ କରିବାକୁ ହେବ। ତା' ପରେ ମଇ ଦେଇ ମାଟିକୁ ସମତୁଲ କରିବାକୁ ପଡ଼ିବ। ଏହା ପରେ ଧାଡ଼ିକୁ ଧାଡ଼ି ୩ଫୁଟ ଓ ଗଛକୁ ଗଛ ୨.୫ ଫୁଟ ବ୍ୟବଧାନରେ ୧୫ ସେମିର ଗଭୀର ଗାତ ଖୋଳି ସେଥିରେ ଜୈବିକ ବା ଗୋବର ଖତ ସହ ଏକର ପ୍ରତି ୧୦ଗାଡ଼ି ଗୋବର ଖତ ଦେଇ ଜମି ପ୍ରସ୍ତୁତ କରିବାକୁ ହେବ। ପରେ ସେହି ଗାତଗୁଡ଼ିକରେ ହାତିଆ ବା ଗିନି ଘାସର କାଣ୍ଡ ବା ମୂଳକୁ ତେରଚ୍ଛା ଭାବରେ ରୋପଣ କରିବା ଆବଶ୍ୟକ। ପାଣି ଜମୁଥିବା ବା ସନ୍ତସନ୍ତିଆ ଜାଗାରେ କିମ୍ବା ଜମିହୁଡ଼ା, କେନାଲ ବା ପୋଖରୀ ବନ୍ଧ ବା ଖାଲ ସ୍ଥାନରେ ପାରା ଘାସର ମୂଳ ବା କାଣ୍ଡକୁ ପୋତିଦେବାକୁ ହେବ। ଗିନି ଘାସର ଧାଡ଼ି ଓ ଗଛ ମଧ୍ୟରେ ବ୍ୟବଧାନ ଯଥାକ୍ରମେ ୨ ଫୁଟ ଓ ୧ଫୁଟ ରଖାଯାଏ। (କ୍ରମଶଃ...)

-ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିଭାଗ) ୨୭୬, ଲକ୍ଷ୍ମୀପ୍ରିୟା ଭବନ, ମହାନଦୀ ବିହାର, କଟକ, ମୋ : ୯୪୩୭୬୦୭୩୧୨

## ମୁଗ ଫସଲରେ ପତ୍ରକଟା ପୋକ ଦମନ



ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ। ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ। ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ + କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ପନିପରିବା ତଳି ପଟାଳିରେ ସାର ପ୍ରୟୋଗ



ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ତାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ। ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ ।

## ଜାଣିରଖନ୍ତୁ

- ଗୁହାଳ ତଳ ଓଦା ରଖନ୍ତୁ ନାହିଁ। ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ। ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ। ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ।
- ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ। ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ।
- ଗୁହାଳ ସବୁବେଳେ ପରିଷ୍କାର ଓ ଶୁଖିଲା ରଖନ୍ତୁ। ଏହାର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକରୋଗ ହେବାରଆଶଙ୍କା ଥାଏ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ।

## ପାଳଛତୁ ଚାଷ କରୁଥିଲେ...



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ା ବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡ଼ିକୁ ୨ରୁ ୩ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗକରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡ଼ିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।



## କପାରେ ପତ୍ରଡିଆଁ ପୋକ ନିୟନ୍ତ୍ରଣ

କପା ଚାଷରେ ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ। ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ। କପାଚାଷ କରିଥିଲେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ। ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ୍ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇଦିଅନ୍ତୁ। ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ୪ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ। ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ।

## ଆଖୁଚାଷରେ କାଣ୍ଡବିନ୍ଧା ପୋକ ଦମନ



ଆଖୁଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ। ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ। ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ବିଷ ପ୍ରୟୋଗ କରାଯାଇପାରେ।

## ଢିପଜମିରେ ଧାନଚାଷ

ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ। ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଲୁଆ କାମ ସାରି ଦିଅନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ। କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହ କପର ଅକ୍ସିକ୍ଲୋରାଇଡ୍ (୨.୫ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ। ଢିପଜମି ଧାନରେ ପତ୍ରାଛାଦ ପୋଡ଼ା ରୋଗ ପାଇଁ ପ୍ରୋପିକୋନାଜୋଲ୍ (୧ ମି.ଲି. ୧ ଲିଟର ପାଣିରେ) ଗଛର ମୂଳଭାଗକୁ ସିଞ୍ଚନ କରନ୍ତୁ। ମହିଷାରୋଗ ପ୍ରତିକାର ପାଇଁ ଟ୍ରାଇସାଇକ୍ଲାଜୋଲ୍ (୧ ଗ୍ରାମ୍/୧ ଲିଟର ପାଣିରେ) ବା କାସୁଗାମାଇସିନ୍ (୧.୫ ମି.ଲି. ୧ ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


THE ELECTRIC
Chetak
ପ୍ରାରମ୍ଭ ₹ 95 998/-* ରୁ
ପୂରା ଲାଇଫ୍‌ପ୍ରୁଫ୍
ଟପ୍ ସ୍ପିଡ୍ 73 km/h**
126 km ରେଂଜ୍, ARAI ସର୍ଟିଫାଇଡ୍**
ସଲିଡ୍ ମେଟାଲ୍ ବଡୀ
5 ବର୍ଷର ପରିବର୍ଦ୍ଧିତ ୱାରେଣ୍ଟୀ#
ବଛା ବଛା ସହରରେ amazon ରେ ମିଳୁଛି
*ପ୍ରଭାବଶାଳୀ ଏକ୍ସ-ଶୋରୁମ୍ ମୂଲ୍ୟ EMPS ସବ୍‌ସିଡୀ ସହିତ । ବିଜ୍ଞାପନରେ ଚେତକ 2901 ର ମୂଲ୍ୟ ଦିଶୁଛି । **ଚେତକ ଏବେ ତିନୋଟି ପ୍ରକାରରେ ମିଳୁଛି । ପ୍ରକାର ଗୁଡ଼ିକରେ ବିଶେଷତାଙ୍କ ପ୍ରଭେଦ ଅଛି ଏବଂ TecPac ସହିତ ମିଳୁଛି । ଏକ୍ସ-ଶୋରୁମ୍ ମୂଲ୍ୟ ଓଡ଼ିଶା | Book now at www.chetak.com
CHETAK EXPERIENCE CENTRE: PATIA 7440024400 | MANCHESWAR 7894697555 | LEWIS RD 9124611641 | CUTTACK 9124587510/09 | ANGUL 9776597768 | JAJPUR RD 7978533901 | BALSORE 9124626011 | ROURKELA 9078083792
AUTHORISED DEALERS FOR BAJAJ AUTO LTD.: CUTTACK 8114916970 | RAHAMA 9124576828 | PURI 7077717700 | DHENKANAL 6372122522 | KENDRAPARA 8338944474 JHARSUGUDA 9337200356 | SUNDERGARH 9078083500 | BARGARH 7328042010 | KEONJHAR 7205199561 | BARIPADA 7319911789 | BHADRAK 9776977549 | JALESHWAR 9124626021 | KEONJHAR 7205199561 | NAYAGARH 7790048130 | BALUGAON 9338462764 | BHAWANIPATNA 9817834566 | RAYAGADA 7849012697 | JEYPORE 9817634566
ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ
ଚେତକ ଚିତ୍ରଟି କମ୍ପ୍ୟୁଟର ଗ୍ରାଫିକ୍ସ ସହାୟତାରେ ଦର୍ଶାଯାଇଛି, କେବଳ ବିଜ୍ଞାପନ ସକାଶେ । ବିଶେଷତାସବୁ, ବିବରଣୀସବୁ ଓ ପ୍ରଦର୍ଶିତ ସହ-ଉପକରଣସବୁ ମାନକ ଫିଟ୍‌ମେଣ୍ଟ'ର ଅଂଶ ନହୋଇ ଭିନ୍ନ ହୋଇପାରେ । ବାସ୍ତବିକ କଲର୍‌ଗୁଡ଼ିକ ଓ ଅପ୍‌ହୋଲ୍‌ଷ୍ଟ୍ରୀ ଭିନ୍ନ ହୋଇପାରେ । ଯାନ ଚାଳନା ବେଳେ ଆର୍‌ଟିଓ ମାର୍ଗଦର୍ଶିକା ପାଳନ କରନ୍ତୁ । #2 ବର୍ଷର ପେଡ୍ ପରିବର୍ଦ୍ଧିତ ୱାରେଣ୍ଟୀ ଅନ୍‌ଲାଇନ୍ ରେ କିଣାଯାଇ ପାରେ ।


MARUTI SUZUKI
NEXA
TIME TO INDULGE CONSCIOUSLY WITH
S-CNG
DRIVE SMART. CHOOSE GREEN.
CREATE. INSPIRE.
XL6
1.44 MILLION TONNES CO2 EMISSIONS SAVED
THE ALL-NEW XL6
TIME TO INDULGE
Factory-fitted CNG
Multi-information Display (Dedicated CNG Fuel Gauge)
Captain Seats
Quad Airbags
Suzuki Connect
NEXA Safety Shield
Standard Across All Variants
SUZUKI-TECT BODY
DUAL FRONT AIRBAGS
ESP
SEAT BELT PRE-TENSIONERS WITH FORCE LIMITERS
ISOFIX CHILD SEAT ANCHORAGES
PEDESTRIAN PROTECTION COMPLIANCE
COMPLIANT WITH - FULL FRONTAL IMPACT, FRONTAL OFFSET IMPACT, SIDE IMPACT
Feature and accessories shown may not be part of standard fitment. Black glass shade on the vehicle is due to lighting effect. Images used are for illustration purposes only. For details on functioning of safety features, including airbags, kindly refer Owner's Manual.
"VISIT YOUR NEAREST NEXA DEALERSHIP TO GET EXCITING OFFERS UP TO ₹ 25 000*"
Scan To Enter The World of Indulgent Comfort.
Scan to chat on WhatsApp
BHUBANESWAR: NEXA GAJAPATI NAGAR (TUSHI MOTORS PVT. LTD. PH: 6372932426), NEXA RAJ BHAVAN ROAD (NARAYANI MOTORS PH: 9583022008), NEXA CYBER CITY (JYOTE MOTORS PH: 9776615032), NEXA TWIN CITY (SKY AUTOMOBILES PH: 7064400101),
CUTTACK: NEXA STADIUM RD (JYOTE MOTORS PH: 7440005202).
Contact us at 1800-200-[6392], 1800-102-[NEXA] and visit www.nexaexperience.com to book online.
*Creative visualization. All offers are brought to you by NEXA dealers only. Offers may vary subject to the model and variant purchased. Maruti Suzuki reserves the right to withdraw offers at any point in time without any advance notice. All offers are applicable till 31st July'24 or till stocks last. Maruti Suzuki Smart Finance is now available pan-India. Maruti Suzuki Subscribe available only in selected cities.